# ମନସ୍ୱିନୀ ଆନି ବେସାନ୍ତ



ଡକ୍ଟର ଚିନ୍ମୟୀ ମହାପାତ୍ର

# ମନସ୍ୱିନୀ ଆନି ବେସାନ୍ତ୍

ଡକ୍ଟର ଚିନ୍ମୟୀ ମହାପାତ୍ର

**ସରସ୍ୱତୀ ପ୍ରକାଶନ**
ତଳତେଲେଙ୍ଗାବଜାର, କଟକ-୯

# ମନସ୍ୱିନୀ ଆନି ବେସାନ୍ତ୍

**ଡକ୍ଟର ଚିନ୍ମୟୀ ମହାପାତ୍ର**

ପ୍ରକାଶକ:
**ସରସ୍ୱତୀ ପ୍ରକାଶନ**
ତଳତେଲେଙ୍ଗାବଜାର, କଟକ-୯
ମୋ :୯୯୩୭୯୭୦୩୪୫
ପ୍ରଥମ ସଂସ୍କରଣ : ୨୦୨୬
ପ୍ରଚ୍ଛଦ: ଚୂଡ଼ାମଣି ଦାସ
ଅକ୍ଷର ସଜ୍ଜା : ପଣ୍ଡା ଗ୍ରାଫିକ୍ସ, କଟକ-୯
**ମୂଲ୍ୟ : ୧୩୦ଟଙ୍କା**

**MANASWINI ANIE BESANT**
**Dr. Chinmayee Mohapatra**
*Published by:*
**Saraswati Prakashan**
Tala Telenga Bazar, Cuttack-9
Mob:9937970345
1st Edition : 2026
*Type Set:* Panda Graphics, CTC-9

**Price : Rs. 130/-**

**ISBN:978-81-996798-3-2**

# ଅନ୍ତରର କଥା

ବିଶ୍ୱ-ଇତିହାସରେ 'ଆନି ବେସାନ୍ତ୍' ଏକ ଅବିସ୍ମରଣୀୟ ନାମ । ମାନବତା ଓ ଆଧ୍ୟାତ୍ମିକତାର ଆକାଶରେ ସେ ଏକ ଦିବ୍ୟଜ୍ୟୋତିଷ୍ମନ୍ତ ତାରକା । ଜୀବନକାଳ ମଧ୍ୟରେ ଅଜସ୍ର ଆଘାତ ସହି, ଯାତନାର ଅଗ୍ନିରେ ଦଗ୍ଧ ହୋଇ ସେ ଭସ୍ମୀଭୂତ ହୋଇ ନଥିଲେ; ତାଙ୍କର ଦୀପ୍ତିମାନ୍ ବ୍ୟକ୍ତିତ୍ୱ ଦଗ୍ଧ-ସୁବର୍ଣ୍ଣ ପରି ଅଧିକରୁ ଅଧିକ ଉର୍ଜସ୍ୱଳ ହୋଇଉଠିଥିଲା; ଅଧିକ ସଶକ୍ତ ହୋଇଥିଲା । ଜନ୍ମଭୂମି ଇଂଲଣ୍ଡରୁ ଆରମ୍ଭ କରି କର୍ମଭୂମି ଭାରତ ପର୍ଯ୍ୟନ୍ତ ସବୁଠି ଦୁଃସ୍ଥ ମଣିଷଙ୍କର ନ୍ୟାଯ୍ୟ ଅଧିକାର ଓ ସୁସ୍ଥ ଜୀବନଯାତ୍ରା ପାଇଁ ସେ ପ୍ରେରଣାଦାତ୍ରୀ ନେତ୍ରୀ ସାଜିଥିଲେ । ଉପନିବେଶବାଦୀ ବ୍ରିଟିଶ ଶାସନ କବଳରୁ ମୁକ୍ତ ହୋଇ ପୁଣ୍ୟଭୂମି ଭାରତ ପ୍ରାଚୀନ ଜ୍ଞାନ ଓ ଆଧ୍ୟାତ୍ମିକ ପରମ୍ପରାର ପୁନରୁଦ୍ଧାରଦ୍ୱାରା ବିଶ୍ୱ-ଦରବାରରେ ସ୍ୱମର୍ଯ୍ୟାଦାରେ ପ୍ରତିଷ୍ଠିତ ହେଉ ବୋଲି ସେ ଚାହୁଁଥିଲେ । ଏହି ମହାନ୍ ଐତିହ୍ୟସଂପନ୍ନ ଦେଶର ରାଜନୀତିକ, ସାମାଜିକ, ସାଂସ୍କୃତିକ ପୁନରୁତ୍‌ଥାନ ସମଗ୍ର ବିଶ୍ୱ ପାଇଁ ଶୁଭପ୍ରଦ ହେବ ବୋଲି ତାଙ୍କର ଆଶା ଥିଲା । ସେ ଏ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରି ସୂକ୍ଷ୍ମଦୃଷ୍ଟି ଓ ନିରପେକ୍ଷ ବିଚାରବତ୍ତାର ନିଦର୍ଶନ ରଖିଥିଲେ ।

ବ୍ରହ୍ମବିଦୂଷୀ ଆନି ବେସାନ୍ତ୍ ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର ପାଇଁ ସତତ ଉଦ୍ୟମ କରିଚାଲିଥିଲେ । ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ସଭାପତିରୂପେ ଦୀର୍ଘକାଳ ସୁଦକ୍ଷ ନେତୃତ୍ୱ ନେଇ ସେ ବିଶ୍ୱର ବିଭିନ୍ନ

ଦେଶରେ ଏହାର ଶାଖା, ପ୍ରତିଷ୍ଠା କରାଇ ଦିବ୍ୟଜ୍ଞାନର ଆଲୋକବର୍ତ୍ତିକା ଜଳାଇଥିଲେ । ବହୁମୁଖୀ ପ୍ରତିଭାର ଅଧିକାରିଣୀ ସେହି ମହୀୟସୀଙ୍କର ହୀରକ-ବ୍ୟକ୍ତିତ୍ୱ ଉଦ୍ଦେଶ୍ୟରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ ଏହି ପୁସ୍ତକର ଉଦ୍ଦେଶ୍ୟ । ତାଙ୍କର ଜୀବନଗାଥା ଉପରେ ଯତ୍‌କିଞ୍ଚିତ୍ ଆଲୋକପାତ ତଥା ତାଙ୍କର କେତୋଟି ରଚନା ସହିତ ଆଗ୍ରହୀ ପାଠକଙ୍କୁ ପରିଚିତ କରାଇବାର ପ୍ରୟାସ ଏଥିରେ କରାଯାଇଛି । ସେହି ଉଦ୍ଦେଶ୍ୟ ସିଦ୍ଧ ହେଲେ ଶ୍ରମ ସାର୍ଥକ ମଣିବି ।

ଉତ୍କଳ ବ୍ରହ୍ମବିଦ୍ୟା ସଂଘର ନୈତିକ ସମର୍ଥନ ପାଇଁ କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି । ପୁସ୍ତକ ପ୍ରକାଶନର ଦାୟିତ୍ୱ ନେଇଥିବା ସରସ୍ୱତୀ ପ୍ରକାଶନ ଓ ଅକ୍ଷରସଜ୍ଜା କରିଥିବା ପଣ୍ଡା ଗ୍ରାଫିକ୍ସ ଉଭୟଙ୍କୁ ଆନ୍ତରିକ ଧନ୍ୟବାଦ ।

**ଚିନ୍ମୟୀ ମହାପାତ୍ର**

❖❖❖

# ସୂଚୀପତ୍ର


- ❖ ମନସ୍ୱିନୀ ଆନି ବେସାନ୍ତ୍ ୭
- ❖ ବ୍ରହ୍ମବିଦ୍ୟା ସମିତିର ସାର୍ବଜନୀନ ପ୍ରାର୍ଥନା ୨୪
- ❖ ଯାତନାର ତାତ୍ପର୍ଯ୍ୟ ଓ ଉପଯୋଗ ୩୪
- ❖ ମୁକ୍ତି ୪୮
- ❖ 'ଇନ୍ ଦ ଆଉଟର୍ କୋର୍ଟ୍': ଏକ ଅନୁଶୀଳନ ୫୬
- ❖ ଭାରତର ସ୍ୱତନ୍ତ୍ରତା ଓ ଦ୍ରଷ୍ଟା ଆନି ବେସାନ୍ତ୍ ୧୦୧


❖❖❖

# ମନସ୍ୱିନୀ ଆନି ବେସାନ୍ତ୍

ସମଗ୍ର ବିଶ୍ୱକୁ ଜ୍ଞାନର ବର୍ତ୍ତିକା ଦେଖାଇଥିବା ଆର୍ଯ୍ୟଭୂମି ଭାରତବର୍ଷ ଶହଶହ ବର୍ଷର ପରାଧୀନତାର ଅନ୍ଧକାରରେ ଦିଗହରା ହୋଇପଡ଼ିଥିଲା । ଏ ମାଟିର ସନ୍ତାନମାନେ ଦୀର୍ଘ ଆଧ୍ୟାତ୍ମିକ ପରମ୍ପରାର ମହତ୍ତ୍ୱ, କର୍ମ, ଜ୍ଞାନ, ଭକ୍ତିର ମହନୀୟ ଦିଗ୍‌ଦର୍ଶନକୁ ବିସ୍ମୃତ ହୋଇ ହତଜ୍ଞାନ ହୋଇପଡ଼ିଥିଲେ । ଏମିତି ଏକ ଦୁଃସମୟରେ ଭାରତୀୟ ପ୍ରାଚୀନ ଜ୍ଞାନ (Ancient wisdom) ଓ ମାନବୀୟ ସତ୍ୟାଦର୍ଶର ପ୍ରତିଭୂ ସାଜି ଆଗକୁ ଆସିଥିଲେ ଜଣେ ବିଦେଶାଗତା ମହିଳା— ଆନି ବେସାନ୍ତ୍ । ଶରୀରର ଉଚ୍ଚତା କମ୍ ଥିଲେ ହେଁ ବ୍ୟକ୍ତିତ୍ୱର ଦୃଢ଼ତା ଓ ଚିନ୍ତନର ଉଚ୍ଚତା ତାଙ୍କୁ ଲକ୍ଷ ଲକ୍ଷ ହୃଦୟରେ ମା'ର ଆସନରେ ଅଧିଷ୍ଠିତ କରାଇଥିଲା । ଜନଜୀବନକୁ ମା'ର ମମତ୍ୱସ୍ନିଗ୍ଧ ଦିଗ୍‌ଦର୍ଶନ ଦେଇ, ଏକାଧାରରେ ଗୁରୁ ଓ ସଂସ୍କାରକର ଭୂମିକା ନିର୍ବାହ କରି ଏ ଜାତିର ଇତିହାସରେ ସେ ଅବିସ୍ମରଣୀୟ ହୋଇ ରହିଗଲେ ।

୧୮୪୭ ମସିହା ଅକ୍ଟୋବର ପହିଲା ଦିନ ଲଣ୍ଡନର କ୍ଲାପ୍‌ହାମ୍ ଟାଉନ୍‌ଠାରେ ୱିଲିୟମ୍ ଉଡ୍ ଓ ଏମିଲି ମୋରିସ୍‌ଙ୍କ କନ୍ୟା ଆନି ଉଡ୍‌ଙ୍କର ଜନ୍ମ ହୋଇଥିଲା । ପିତା ୱିଲିୟମ୍ ଜଣେ ବହୁଭାଷାବିତ୍ ଓ ପ୍ରବୀଣ ଗଣିତ ଶିକ୍ଷକ ଥିଲେ । ମାତ୍ର ଆନିଙ୍କ ବୟସ ମାତ୍ର ପାଞ୍ଚ ବର୍ଷ ଥିଲାବେଳେ ଯକ୍ଷ୍ମା ରୋଗରେ ପୀଡ଼ିତ ପିତାଙ୍କର ମୃତ୍ୟୁ ହେଲା । ମାତା ଏମିଲି ବହୁ କଷ୍ଟରେ କନ୍ୟାର ଭରଣପୋଷଣ କଲେ । କୋଡ଼ିଏ ବର୍ଷ ବୟସରେ ରେଭେରେଣ୍ଡ୍ ଫ୍ରାଙ୍କ୍ ବେସାନ୍ତ୍‌ଙ୍କ ସହ ବିବାହ ପରେ ଆନି ଉଡ୍‌ଙ୍କର ପରିବର୍ତ୍ତିତ ପରିଚୟ ହେଲା ଆନି ବେସାନ୍ତ୍ । ବିବାହର ତିନିବର୍ଷ ଭିତରେ ସେ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନର

ଜନନୀ ମଧ୍ୟ ହେଲେ । ମାତ୍ର ମାନବସମାଜର ବିପୁଳ ପରିସରକୁ ସେବା ଓ କଲ୍ୟାଣରେ ଧନ୍ୟ କରିବା ଯାହାଙ୍କ ଜୀବନର ଉଦ୍ଦେଶ୍ୟ, ଗୃହ-ପରିବାରର ସୀମିତ ପରିସର ତାଙ୍କ ପାଇଁ ଶାନ୍ତିପ୍ରଦ ହୁଅନ୍ତା କିପରି ?

ଆନି ନିଷ୍ପାପର ଖ୍ରୀଷ୍ଟିୟାନ୍ ଓ ଧର୍ମପ୍ରାଣ ଥିଲେ ହେଁ ସତ୍ୟାନୁସନ୍ଧିତ୍ସୁ ଓ ନୀତିନିଷ୍ଠ ଥିଲେ । ତାଙ୍କର ଜିଜ୍ଞାସା, ଅନୁସନ୍ଧିତ୍ସା, ଯୁକ୍ତିଶୀଳତା ଅନ୍ଧବିଶ୍ୱାସୀ ସ୍ୱାମୀଙ୍କର ଅହଂକାରକୁ ଆହତ କରିଥିଲା । ବାଇବେଲ୍‌ରେ କେତେକ ପରସ୍ପରବିରୋଧୀ ଚିନ୍ତାର ଉଲ୍ଲେଖ, ଅକ୍ଷୟ ସ୍ୱର୍ଗ ଓ ଅନନ୍ତ ନରକ ଭୋଗର କଥା, ପାପ ଓ ଦୁଃଖର କାରଣ ବିଷୟରେ ଯଥାର୍ଥ ପ୍ରତ୍ୟୟ ଉତ୍ପାଦକ ସ୍ପଷ୍ଟୀକରଣର ଅଭାବ, ଅକାରଣ ଅନୁତାପର ସାରଶୂନ୍ୟତା ଆଦି ଆନିଙ୍କ ମନରେ ସନ୍ତୋଷ ନ ଦେବାରୁ ସେ ତାଙ୍କର ପାଦ୍ରୀ ସ୍ୱାମୀଙ୍କୁ ନାନା ପ୍ରଶ୍ନ କରୁଥିଲେ । ସେସବୁର ଯଥାର୍ଥ ଉତ୍ତର ଦେଇ ନ ପାରି ଅହଂକାରପୀଡ଼ିତ ସ୍ୱାମୀ ଆନିଙ୍କୁ ନିନ୍ଦା, ଭର୍ତ୍ସନା ଓ ତାଡ଼ନାରେ ଜର୍ଜରିତ କରୁଥିଲେ । ଭ୍ରାନ୍ତ ଧାରଣା, ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ଆଚ୍ଛନ୍ନ ହୃଦୟ ଫ୍ରାଙ୍କ୍ ବେସାନ୍ତଙ୍କ ସହିତ ଆନିଙ୍କର ମନୋମାଳିନ୍ୟ କ୍ରମେ ଦାରୁଣ ଦୁଃଖ ଓ ନିର୍ଯାତନାର କାରଣ ହେଲା; ମାତ୍ର ଛଅଟି ବର୍ଷର ବୈବାହିକ ଜୀବନଯାପନ ପରେ ବିବାହ-ବିଚ୍ଛେଦ ହୋଇଗଲା । ପାଞ୍ଚବର୍ଷର ପୁଅକୁ ସ୍ୱାମୀଙ୍କ ପାଖରେ ଛାଡ଼ି ତିନିବର୍ଷର ଝିଅ ସହିତ ଆନି ଘର ଛାଡ଼ିଲେ । ସିଲେଇ କାମ, ଗଭର୍ଣ୍ଣେସ୍ କାମ କରି, ପୁଣି ମାତୃବିୟୋଗ ପରେ ଗୀର୍ଜାର ପ୍ରଚାରପତ୍ର ଲେଖି ସେ କନ୍ୟାଟିର ଲାଳନପାଳନ କରିବାକୁ ଲାଗିଲେ । ତଥାପି ନିର୍ମମ ସ୍ୱାମୀ ଚରମ ନିଷ୍ଠୁରତା ଓ ଦ୍ୱେଷର ପରିଚୟ ଦେଇ ମକଦ୍ଦମା କରି ଆନିଙ୍କଠାରୁ ଝିଅକୁ ଛଡ଼ାଇ ନେଲେ । ମର୍ମାହତ ଆନି ବିଷ ପାନକରି ଆତ୍ମହତ୍ୟା କରିବାକୁ ଉଦ୍ୟତ ହେଲାବେଳେ ଏକ ଅଶରୀରୀ ସ୍ୱର ତାଙ୍କୁ ଭର୍ତ୍ସନା କରି ସେହି ମହାପାପରୁ ନିବୃତ୍ତ କରାଇ ସାହସର ସହିତ ଜୀବନସଂଗ୍ରାମର ସମ୍ମୁଖୀନ ହେବାକୁ ପ୍ରବର୍ତ୍ତାଇଥିଲା ।

ସେହି ସମୟରେ ଧର୍ମାନ୍ଧତା ଓ କୁସଂସ୍କାର ବିରୁଦ୍ଧରେ ଲଢୁଥିବା ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ଚାର୍ଲସ୍ ବ୍ରାଡ୍‌ଲେଙ୍କ ଜ୍ଞାନଗର୍ଭକ ବକ୍ତୃତା ଆନିଙ୍କୁ ପ୍ରଭାବିତ କରିଥିଲା । ତାଙ୍କରି ପ୍ରଭାବରେ ଆନି ମୁକ୍ତଚିନ୍ତନ ଆନ୍ଦୋଳନ (Free thought movement) ରେ ଯୋଗଦେଲେ । ଶୋଷଣ ଓ ନିଷ୍ପେଷଣର ଶିକାର

ହୋଇଥିବା ଦରିଦ୍ର ମଣିଷଙ୍କର ସେବା କରିବା ସଙ୍ଗେସଙ୍ଗେ ସେମାନଙ୍କର ନ୍ୟାୟସଂଗତ ଦାବୀଗୁଡ଼ିକୁ ସମର୍ଥନ କରି ଖବରକାଗଜ ଓ ପ୍ରଚାରପତ୍ରରେ ଲେଖିବା, ସଂଗଠନ ଓ ସଭାସମିତି ମାଧ୍ୟମରେ ଜନମତ  ସୃଷ୍ଟି କରିବାରେ ସମର୍ଥ ହେଲେ । ସେଥିସହିତ ଉନ୍ମୁକ୍ତ ମାନସିକତା ନେଇ ସେ ଧର୍ମତତ୍ତ୍ୱର ଅନୁଶୀଳନରେ ମଧ୍ୟ ରତ ଥିଲେ । ବିଜ୍ଞାନ ଅଧ୍ୟୟନରେ ପ୍ରବଳ ଆଗ୍ରହ ଓ ପ୍ରଖର ମେଧାଶକ୍ତି ସତ୍ତ୍ୱେ ତାଙ୍କର ସ୍ୱାଧୀନ ଚିନ୍ତାଧାରା ଓ ଧର୍ମାନ୍ଧତାବିରୋଧୀ ମତବାଦ ହେତୁ କ୍ଷୁବ୍ଧ ହୋଇ ଜଣେ ଅଧ୍ୟାପକ ଆକ୍ରୋଶମୂଳକ ଭାବରେ ତାଙ୍କୁ ପରୀକ୍ଷାରେ କୃତକାର୍ଯ୍ୟ କରାଇ ନ ଦେବାପାଇଁ ବଦ୍ଧପରିକର ଥିଲେ । ତେଣୁ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଲାଭ କରିବା ତାଙ୍କ ପାଇଁ ସମ୍ଭବ ହେଲାନାହିଁ । ମାତ୍ର ସ୍ୱକୀୟ ଅଧ୍ୟୟନ ଓ ଜ୍ଞାନକୁ ସମ୍ବଳ କରି ସେ ଶ୍ରମଜୀବୀମାନଙ୍କୁ ବିଜ୍ଞାନର ଚମକପ୍ରଦ ଦିଗ ଓ ନୂତନ ନୂତନ ଆବିଷ୍କାର ସଂପର୍କରେ ବକ୍ତୃତା ଦେଇ ପ୍ରଭାବିତ କରିଥିଲେ ।

ସେତେବେଳେ ଲଣ୍ଡନର ଦିଆସିଲି କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ ମହିଳାମାନେ ନାନା ପ୍ରକାର ଶୋଷଣର ଶିକାର ହେଉଥିଲେ । ଦିଆସିଲି କାରଖାନାର କର୍ମକର୍ତ୍ତା ସଂଘର ସେକ୍ରେଟାରୀ ଭାବରେ ଶ୍ରୀମତୀ ବେସାନ୍ତ୍ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନ ଚଳାଇ ଦାବୀ ପୂରଣ କରାଇଥିଲେ । ସାମାଜିକ ବୈଷମ୍ୟର ବିଷରେ ଜର୍ଜରିତ, ଅତ୍ୟାଚାରିତ, ନିର୍ଯାତିତ, ନିଷ୍ପେସିତ ମଣିଷମାନଙ୍କର ସହାୟତା କରିବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଜୀବନର ଯାବତୀୟ ସମସ୍ୟା, ଘାତ-ପ୍ରତିଘାତ, ଦୁଃଖ, ଦ୍ୱନ୍ଦ୍ୱ, କୁତ୍ସା ସତ୍ତ୍ୱେ ସେ ଅବିରତ କର୍ମରତ ରହି ନିଜର ଉଦାତ୍ତ ବ୍ୟକ୍ତିତ୍ୱ, ଅନମନୀୟ ଆତ୍ମବିଶ୍ୱାସ, ଅଦମ୍ୟ ସାହସ ଓ ଆତ୍ମଶକ୍ତିର ପରିଚୟ ଦେଇଥିଲେ । ଭର୍ତ୍ତୃହରିଙ୍କ 'ନୀତିଶତକ'ରେ  କୁହାଯାଇଛି–

"ପ୍ରାରଭ୍ୟତେ ନ ଖଳୁ ବିଘ୍ନଭୟେନ ନୀଚୈଃ ।
ପ୍ରାରଭ୍ୟ ବିଘ୍ନବିହତାଃ ବିରମନ୍ତି ମଧ୍ୟାଃ ।
ବିଘ୍ନୈଃ ପୁନଃପୁନରପି ପ୍ରତିହନ୍ୟମାନାଃ
ପ୍ରାରବ୍ଧଂ ଉତ୍ତମଜନାଃ ନ ପରିତ୍ୟଜନ୍ତି ।।"

ନାନା ବାଧାବିଘ୍ନ ଭିତରେ ନିଃସ୍ୱାର୍ଥ ଓ ପରହିତ ସାଧନର ଉଦ୍ଦେଶ୍ୟ ନେଇ କର୍ମତତ୍ପର ରହିବା ଆନିଙ୍କ ଚରିତ୍ରର ଉତ୍ତମ ଓ ସମୁଚ୍ଚ ଦିଗ ଥିଲା । ତେବେ ସଂଗ୍ରାମ ଓ ସଂଘର୍ଷର ଝଞ୍ଜାଘାତ ମଧ୍ୟରେ ସେ ମାନସିକ ଭାରସାମ୍ୟ ହରାଇ ନ ଥିଲେ କି ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ପରମସତ୍ୟର ଉପଲବ୍ଧି ନିମିତ୍ତ ଉନ୍ମୁଖତାରୁ ନିବୃତ୍ତ ହୋଇ ନଥିଲେ ।

୧୮୮୫ ଠାରୁ ସେ 'ଫାବିଆନ୍ ସୋସାଇଟି' ସହ ସଂପୃକ୍ତ ହୋଇଥିଲେ । ଏହି ସଂସ୍ଥା ଆକସ୍ମିକ ବୈପ୍ଲବିକ ପରିବର୍ତ୍ତନ ପରିବର୍ତ୍ତେ ଧୀରେ ଧୀରେ ସଂସ୍କାର ଆଣି ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା ଉପରେ ଆସ୍ଥା ରଖୁଥିଲା । ସେତେବେଳେ ବର୍ଣ୍ଣାଡ୍ ଶ', ସିଡ୍‌ନି ୱେବ୍, ଲର୍ଡ୍ ଅଲିଭର୍, ରାମ୍‌ସେ, ମ୍ୟାକ୍ ଡୋନାଲ୍ଡ୍ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଏହାର ସଦସ୍ୟ ଥିଲେ । ସମାଜ-କଲ୍ୟାଣ ଓ ମୁକ୍ତଚିନ୍ତନ ଧାରା ପ୍ରତି ଆକୃଷ୍ଟ ହୋଇ କିଛି ବର୍ଷ କାର୍ଯ୍ୟ କରିଥିଲେ ହେଁ ନାସ୍ତିକତାବାଦୀ ଆନ୍ଦୋଳନର ନାସ୍ତିବାଚକ ଦିଗ ପ୍ରତି ଆନି କ୍ରମେ ବିତୃଷ୍ଣ ହୋଇପଡ଼ିଲେ । ପରେ ପରେ ସେ ମୃତ୍ୟୁ ପରବର୍ତ୍ତୀ ମାନବଜୀବନର ରହସ୍ୟ ଜାଣିବା ପାଇଁ ସମ୍ମୋହନ ବିଦ୍ୟା (Hypnotism), ମ୍ୟାଗ୍‌ନେଟିଜମ୍ ଆଦିର ପ୍ରୟୋଗ, ପ୍ରେତତତ୍ତ୍ୱର ଅଧ୍ୟୟନ କରିବା ସହିତ ଅଧ୍ୟାତ୍ମତତ୍ତ୍ୱ ପ୍ରତି ବିଶେଷ ଆଗ୍ରହ ପୋଷଣ କଲେ । ଦିନେ ଭାବାବିଷ୍ଟ ଅବସ୍ଥାରେ ବ୍ୟକ୍ତିଗତ ଜୀବନର ବିଫଳତା ଓ ପରମସତ୍ୟର ସନ୍ଧାନରେ ଅନିଶ୍ଚିତତା ବିଷୟରେ ଚିନ୍ତା କରୁଥିଲାବେଳେ ତାଙ୍କୁ ପୁଣି ସେହି ଅଶରୀରୀ ବାଣୀ ଶୁଭିଲା ଯାହା ତାଙ୍କ ଭବିଷ୍ୟତ ଜୀବନ ପାଇଁ ଆହ୍ୱାନ ଥିଲା – "ତୁମେ ସବୁକିଛି ତ୍ୟାଗକରି ଏକନିଷ୍ଠ ଭାବରେ ସତ୍ୟର ସନ୍ଧାନ କରିବା ପାଇଁ ଆଗ୍ରହୀ କି ?" ଆନିଙ୍କ କଣ୍ଠରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ୱୀକାରୋକ୍ତି ବାହାରିପଡ଼ିଲା । ଏହାପରେ ତାଙ୍କ ଜୀବନର ଗତିପଥ ବଦଳିଗଲା । ଚିନ୍ତାଧାରା ଓ କର୍ମପନ୍ଥା ମଧ୍ୟ ନୂତନ ମୋଡ଼ ନେଲା ।

କିଛିଦିନ ପରେ ତାଙ୍କପାଇଁ ଏକ ଅପ୍ରତ୍ୟାଶିତ ସୁଯୋଗ ଆସିଲା । 'Review of Review' ପତ୍ରିକାର ସଂପାଦକ W.T.Steed ବ୍ରହ୍ମବିଦ୍ୟା ସମିତି (Theosophical Society) ର ପ୍ରତିଷ୍ଠାତ୍ରୀ ହେଲେନା ପେଟ୍ରୋଭ୍‌ନା

ବ୍ଲାଭାଟସ୍କିକଙ୍କ ରଚିତ 'Secrete Doctrine' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗର ସମୀକ୍ଷା ଲେଖିବାର ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କଲେ । ସେ ପ୍ରକାଣ୍ଡ ପୁସ୍ତକକୁ ପଢ଼ି ଓ ସେଥିରେ ଲେଖାଯାଇଥିବା ବିଷୟକୁ ବୁଝି ସମୀକ୍ଷା କରିବା ସହଜ ବ୍ୟାପାର ନ ଥିଲା । ସେଥିପାଇଁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅନେକ ଚିନ୍ତାଶୀଳ ମନୀଷୀ ଓ ମହାତ୍ମାଙ୍କ ରଚନା ତଥା ବୈଜ୍ଞାନିକ ତତ୍ତ୍ୱର ଅନୁଶୀଳନ କରିବାକୁ ହୋଇଥିଲା । ତାହା ଅଧ୍ୟୟନ କରି ଆନି ଚିରଅଭୀପ୍‌ସିତ୍ ସତ୍ୟର ନିର୍ଯ୍ୟାସକୁ ମନ ମଧ୍ୟରେ ଉପଲବ୍ଧି କରିପାରିଥିଲେ ।

କିଶୋରୀ ଅବସ୍ଥାରୁ ହିଁ ଜଗତର କଲ୍ୟାଣସାଧନ ପାଇଁ ଆତ୍ମବଳୀ ଦେଇଥିବା ଅନେକ ମହାମାନବଙ୍କ ଜୀବନୀ ପାଠକରି ନିଜେ ସେହିପରି ହେବା ପାଇଁ ଅନୁପ୍ରେରିତ ହୋଇଥିବା ଆନି ମାଡାମ୍ ବ୍ଲାଭାଟସ୍କିଙ୍କ ପୁସ୍ତକ ପାଠକରି କୃତକୃତ୍ୟ ଅନୁଭବ କରିଥିଲେ । ନିଜ ଲକ୍ଷ୍ୟସ୍ଥଳର ସନ୍ଧାନ ପାଇଗଲା ପରି ବୋଧକରି ସେ ଲେଖିକାଙ୍କ ସହ ସାକ୍ଷାତକାରର ବ୍ୟବସ୍ଥା କରିବାପାଇଁ ପତ୍ରିକାର ସଂପାଦକଙ୍କୁ ଅନୁରୋଧ କରିଥିଲେ । ମାଡାମ୍ ବ୍ଲାଭାଟସ୍କିଙ୍କ ସହିତ ସାକ୍ଷାତ କରିବା ପରେ ଆନିଙ୍କ ଜୀବନର ଗତି ସଂପୂର୍ଣ୍ଣ ବଦଳିଗଲା ।

ମାଡାମ୍ ବ୍ଲାଭାଟସ୍କିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ବିରୁଦ୍ଧରେ ଥିବା ଲିଖିତ ବିବରଣୀ ପାଠ କରିବା ପରେ ଆନି ନିଜ ବିଚାରବୁଦ୍ଧି ବଳରେ ତାହାର ଅସାରତା ହୃଦୟଙ୍ଗମ କରିପାରିଥିଲେ । ବ୍ରହ୍ମବିଦ୍ୟା ସମିତିର ସଭ୍ୟତ୍ୱ ଗ୍ରହଣ କରି ୧୮୯୮ ମେ ୧୦ ତାରିଖରେ ମାଡାମ୍‌ଙ୍କୁ ସମ୍ମାନ ଜ୍ଞାପନ କରିଥିବା ସମୟରେ ମାଡାମ୍ ଭାବ ଗଦ୍‌ଗଦ ଲୋତକାପ୍ଳୁତ ନେତ୍ରରେ ଆନିଙ୍କୁ ଆଶୀର୍ବାଦ କରିଥିଲେ । ଆନି ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେଇଥିବାର ଜାଣି ପୁରୁଣା ବନ୍ଧୁ ଜର୍ଜ ବର୍ଣ୍ଣାଡ୍ ଶ ତାଙ୍କୁ ଦେଖାକରି ଥଟ୍ଟା କରିବାକୁ ଯାଇଥିଲେ । ସେ ସମୟର ଅନୁଭବ ସଂପର୍କରେ ଶ ଲେଖିଛନ୍ତି, "xxx She had after many explorations found her path and come to see the universe and herself in their real perspective." ସମିତିରେ ଯୋଗ ଦେବା ପରେ ଆନି ବ୍ରହ୍ମବିଦ୍ୟା ବିଷୟରେ ଲେଖିବା ଓ ଭାଷଣ ଦେବା ମଧ୍ୟ ଆରମ୍ଭ କରିଥିଲେ ।

ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର  ଚାରିତ୍ରିକ ମହତ୍ତ୍ୱ, ବ୍ୟକ୍ତିତ୍ୱର ଗରିମା, ନିଃସ୍ୱାର୍ଥ ଭାବନା ଓ କାର୍ଯ୍ୟକଳାପ ଆନିଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଝଡ଼କୁ ଅତିକ୍ରମ କରି ଏକ ଶାନ୍ତ ଇଲାକାରେ ପ୍ରବେଶ କଲେ ଯେପରି ଆଶ୍ୱସ୍ତ ଲାଗେ, ତାଙ୍କୁ ସେହିପରି ବୋଧ ହୋଇଥିଲା । ସେ ଶାନ୍ତି ବାହ୍ୟ ଜୀବନର ନ ଥିଲା; ଥିଲା ପୂର୍ଣ୍ଣତଃ ଆନ୍ତରିକ । ଆନିଙ୍କ ଭାଷାରେ, " x x x And thus I came through storm to peace, not to the peace of an untroubled sea of outer life... but to an inner peace that outer troubles may not avail to ruffle—-a peace that belongs to the eternal."

ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେବା ପରେ ଆନି ସମିତିର କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରି ଦେଇଥିଲେ । ପ୍ରତିଷ୍ଠାତା-ପ୍ରତିଷ୍ଠାତ୍ରୀଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ଅକ୍ଳାନ୍ତ ଉଦ୍ୟମ କରି ଚାଲିଥିଲେ । ଆଧ୍ୟାତ୍ମିକ ଜ୍ଞାନର ଗଭୀର ଅନୁଶୀଳନ ଓ ଧ୍ୟାନ ବଳରେ ବିଶ୍ୱରେ ସଂଘଟିତ ହେଉଥିବା ଯାବତୀୟ ସଂଘର୍ଷ, ସଂଗ୍ରାମ, ଅବିଦ୍ୟା, ଅନାଚାର, ଦୁର୍ନୀତି, ଦାରିଦ୍ର୍ୟ ଆଦି ଦୁଃଖର ଅନ୍ତରାଳରେ ନିହିତ କାରଣ, ସମଗ୍ର ବିଶ୍ୱକୁ ନିୟନ୍ତ୍ରିତ ଓ ସଞ୍ଚାଳିତ କରୁଥିବା ମୌଳିକ ନୀତିନିୟମ ସଂପର୍କରେ ତାଙ୍କର ଧାରଣା ଜନ୍ମିଥିଲା । ଏସବୁର ନିରାକରଣ ପାଇଁ ପନ୍ଥା ନିର୍ଦ୍ଦେଶ କରିବାର ଆନ୍ତରିକ ଅନୁପ୍ରେରଣାରେ ସେ ଉଦ୍‌ବୁଦ୍ଧ ହୋଇଥିଲେ । ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ଗୁରୁ ବ୍ରହ୍ମବିଦ୍ୟା ସମିତିର ଅନ୍ୟତମ ଅନ୍ତର୍ମୁଖ୍ୟ ଦିବ୍ୟଶକ୍ତିସମ୍ପନ୍ନ ସିଦ୍ଧପୁରୁଷ ମହାତ୍ମା ମୌର୍ଯ୍ୟଙ୍କ ନିକଟ ସଂପର୍କରେ ମଧ୍ୟ ଆସିଥିଲେ । ସେ ପୂର୍ବରୁ ଶୁଣିଥିବା ଅଶରୀରୀ ବାଣୀ ମହାତ୍ମା ମୌର୍ଯ୍ୟଙ୍କର ଥିଲା ବୋଲି ଜାଣିପାରିଥିଲେ ।

ଜନ୍ମାନ୍ତରଲବ୍ଧ ଶୁଦ୍ଧପୂତ ଆଧ୍ୟାତ୍ମିକ-ସଂସ୍କାରସମୃଦ୍ଧ ମାନସିକତାର ଅଧିକାରିଣୀ ଆନି ବ୍ରହ୍ମବିଦ୍ୟା ସମିତିରେ ଯୋଗ ଦେଲା ପରେ ଚିରବାଞ୍ଛିତ ଅଧ୍ୟାତ୍ମତତ୍ତ୍ୱ ଓ ପରମସତ୍ୟକୁ ଉପଲବ୍ଧି କରିବାର ସୁଯୋଗ ପାଇଲେ; ସେଥିସହିତ ମାନବସମାଜରୁ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଆଦି ମଳକୁ ଦୂରୀଭୂତ କରି ନୂତନ ଆଲୋକିତ ଜୀବନର ସନ୍ଧାନ ଦେବାକୁ ବଦ୍ଧପରିକର ହେଲେ । ମହାତ୍ମା ମୌର୍ଯ୍ୟଙ୍କ ସାନ୍ନିଧ୍ୟ ଓ ଆଧ୍ୟାତ୍ମିକ ସାଧନାରେ ନିଷ୍ଠା ତାଙ୍କୁ ଅତୀନ୍ଦ୍ରିୟ ଯୋଗଶକ୍ତିର ଅଧିକାରିଣୀ

କରାଇଥିଲା । ସେ ଭାରତକୁ ନିଜର ମାତୃଭୂମି ବୋଲି ଜ୍ଞାନ କରୁଥିଲେ । ଭାରତଭୂମି ଓ ଭାରତବାସୀଙ୍କ ପ୍ରତି ତାଙ୍କର ମମତ୍ୱବୋଧ ପୂର୍ବଜନ୍ମାର୍ଜିତ ଥିଲା । ପୂର୍ବ ପୂର୍ବ ଜନ୍ମମାନଙ୍କରେ ଆନି ବହୁବାର ଭାରତରେ ଜନ୍ମଗ୍ରହଣ କରିଥିଲେ ବୋଲି ଜାଣିପାରିଥିଲେ । ଠିକ୍ ପୂର୍ବବର୍ତ୍ତୀ ଜନ୍ମରେ ସେ ଥିଲେ ମହାତ୍ମା ମୌର୍ଯ୍ୟଙ୍କର ନାତୁଣୀ ଓ ମୃତ୍ୟୁର ତିନିବର୍ଷ ପରେ ସେ ଆନି ଉଡ୍ ରୂପେ ଇଂଲଣ୍ଡରେ ଜନ୍ମ ହୋଇଥିଲେ । ଜନ୍ମତଃ ଖ୍ରୀଷ୍ଟିୟାନ ହେଲେ ହେଁ ପ୍ରାଚ୍ୟ ପୁନର୍ଜନ୍ମବାଦରେ ତାଙ୍କର ବିଶ୍ୱାସ ସୁଦୃଢ଼ ଥିଲା ।

ଧର୍ମ-ଦର୍ଶନ-ବିଜ୍ଞାନର ତୁଳନାତ୍ମକ ଅଧ୍ୟୟନ ଓ ଅନୁଧ୍ୟାନ, ଜୀବନ ଓ ଜଗତର ରହସ୍ୟ ଉନ୍ମୋଚନ ତଥା ସମସ୍ୟା-ସମାଧାନ କ୍ଷେତ୍ରରେ ଅତିଲୌକିକ ଶକ୍ତିର ଭୂମିକା, ବିଭିନ୍ନ ଅଦୃଶ୍ୟ ଜଗତ ତଥା ନିୟମର ଅନୁସନ୍ଧାନ ତଥା ମାନବ ମଧ୍ୟରେ ଅନ୍ତର୍ନିହିତ ଦିବ୍ୟତ୍ୱର କ୍ରମ-ଉନ୍ମୋଚନକୁ ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ବ୍ରହ୍ମବିଦ୍ୟା ସମିତିରେ ସକ୍ରିୟ ଅଂଶଗ୍ରହଣ କରିବା ପରେ ଆନିଙ୍କର ପୂର୍ବଜନ୍ମାର୍ଜିତ ସଂସ୍କାର, ଅସାଧାରଣ ପ୍ରତିଭା ଓ କର୍ମନିଷ୍ଠା, ଆତ୍ମବିଶ୍ୱାସ ଓ ଆତ୍ମଶକ୍ତିର ଅଧିକୋଽଧିକ ବିକାଶ ହେବାକୁ ଲାଗିଲା । ତାଙ୍କର ଧୀମତ୍ତା, ବାଗ୍ମିତା, ସାଂଗଠନିକ ଶକ୍ତି, ବ୍ରହ୍ମବିଦ୍ୟାର ସାଧନା ଓ ପ୍ରଚାରରେ ନିଷ୍ଠାପରତା କ୍ରମେ ତାଙ୍କର ବ୍ୟକ୍ତିତ୍ୱକୁ ଅଧିକରୁ ଅଧିକ ପ୍ରଭାବଶାଳୀ ଓ ଆକର୍ଷଣୀୟ କରି ତୋଳିଲା ।

୧୮୯୧ ମସିହା ମେ’ ୮ ତାରିଖରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର ଦେହାନ୍ତ ବ୍ରହ୍ମବିଦ୍ୟା ସମିତି ପାଇଁ ଦାରୁଣ କ୍ଷୋଭର ବିଷୟ ଥିଲା । ମାତ୍ର ଆନି ବେସାନ୍ତ୍ ଗଭୀର ଆତ୍ମପ୍ରତ୍ୟୟ ତଥା ଧୈର୍ଯ୍ୟ ଓ ସାହସର ସହିତ ଅବିଚଳିତ ଭାବେ ଅଗ୍ରଗତି ଅବ୍ୟାହତ ରଖିଥିଲେ । ୧୮୯୨ରେ ସେ ୟୁରୋପରେ ବ୍ଲାଭାଟ୍‌ସ୍କି ଲଜ୍‌ର ସଭାପତି ହୋଇଥିଲେ । ୧୮୯୩ ମସିହା ସେପ୍ଟେମ୍ବର ମାସରେ ସେ ଆମେରିକାର ଚିକାଗୋ ଠାରେ ଆୟୋଜିତ ବିଶ୍ୱ ଧର୍ମସଭା (World Parliament of Religion’s)ରେ ଅଂଶଗ୍ରହଣ କରିଥିଲେ । ପରେପରେ କଲମ୍ବୋରେ ଅଭିଭାଷଣ ପ୍ରଦାନ କରି ସେଠାରୁ ଭାରତ ଆସିଥିଲେ । ଭାରତର ପବିତ୍ର ଭୂମି ପ୍ରତି ଆନି ବେସାନ୍ତ୍‌ଙ୍କର ପ୍ରବଳ ଆକର୍ଷଣ ଥିଲା । ଭାରତକୁ ଆସିବାର ଅନେକ ପୂର୍ବରୁ ସେ

ଇଂଲଣ୍ଡ, ଭାରତ ଓ ଆଫଗାନିସ୍ଥାନ ନାମକ ପୁସ୍ତିକା ପ୍ରକାଶ କରି ଭାରତ ସପକ୍ଷରେ ଜନମତ ସୃଷ୍ଟି କରିବାର ପ୍ରୟାସ କରିଥିଲେ । ୧୮୯୩ ମସିହା ନଭେମ୍ବର ୧୬ ତାରିଖରେ ଆନି ଭାରତ ମାଟିରେ ପଦାର୍ପଣ କରିଥିଲେ । ଏହି ଆଧ୍ୟାତ୍ମିକ ପରମ୍ପରାପୁଷ୍ଟ ମାଟିରେ ପହଞ୍ଚିବା ପରେ ସେ ଆଧ୍ୟାତ୍ମିକ ସାଧନା, ବିଶେଷତଃ ଯୋଗସାଧନାରେ ଅଧିକ ବ୍ୟାପୃତ ହୋଇଥିଲେ । କେବଳ ବିଜ୍ଞାନ-ଦର୍ଶନାଦିର ଅଧ୍ୟୟନ ଓ ମନନଦ୍ୱାରା ନୁହେଁ; ଚିତ୍ତବୃତ୍ତିର ନିରୋଧ ପୂର୍ବକ ଯୋଗସାଧନା, ଇନ୍ଦ୍ରିୟ-ମନ-ବୁଦ୍ଧି-ଅହଂକାରାଦି ଉପରେ ବିଜୟପ୍ରାପ୍ତିଦ୍ୱାରା ମନୁଷ୍ୟ ଦିବ୍ୟ-ଚେତନାରେ ପ୍ରତିଷ୍ଠିତ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ପୂର୍ବଜନ୍ମାର୍ଜିତ ଶୁଦ୍ଧ ସଂସ୍କାର ହେତୁ ସେ ଅତି ଅଳ୍ପ ସମୟରେ ଯୋଗର ଚରମ ପର୍ଯ୍ୟାୟ ସମାଧି ଅବସ୍ଥାରେ ଉପନୀତ ହୋଇପାରିଥିଲେ । ତାଙ୍କ ରଚିତ 'An Introduction to Yoga' ସାଧନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ।

ସେ ସମୟରେ ସନାତନ-ଧର୍ମଦର୍ଶନର ବଳିଷ୍ଠତା ଲୋକସମାଜରେ ବିସ୍ମୃତ ହୋଇଥିଲା । ଅସାଧାରଣ ବାଗ୍ମୀ ଓ ଉଚ୍ଚମାନର ଲେଖିକା ଶ୍ରୀମତୀ ବେସାନ୍ତ ଭାରତର ଐତିହ୍ୟ, ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ସନାତନ ଧର୍ମର ସାର୍ବଜନୀନତା ସଂପର୍କରେ ଏ ଦେଶର ଅଧିବାସୀଙ୍କୁ ଉଦ୍‌ବୁଦ୍ଧ କରାଇଥିଲେ । 'ଶ୍ରୀମଦ୍‌ଭଗବଦ୍‌ଗୀତା' ଉପରେ ତାଙ୍କର ପ୍ରବଚନ ଶୁଣି ଲୋକେ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ । ଉପନିଷଦ, ରାମାୟଣ ଓ ଗୀତା ସଂପର୍କରେ ତାଙ୍କର ବ୍ୟାଖ୍ୟାତ୍ମକ ପୁସ୍ତକଗୁଡ଼ିକ ଚିରକାଳ ଆଦୃତ ହେଉଛି ଓ ହେଉଥିବ । ଭାରତୀୟମାନଙ୍କ ମଧ୍ୟରେ ସ୍ୱାଭିମାନବୋଧ ଜାଗ୍ରତ କରାଇବା କ୍ଷେତ୍ରରେ ତାଙ୍କର ଭୂମିକା ଅବିସ୍ମରଣୀୟ ।

ଭାରତୀୟ ସଂସ୍କୃତି, ପରମ୍ପରା, ଜ୍ଞାନ, ଦର୍ଶନ, ଆଧ୍ୟାତ୍ମିକତାର ପୁନର୍ଜାଗରଣ ପାଇଁ ପରାଧୀନତା କବଳରୁ ମୁକ୍ତ ହେବା ଏକାନ୍ତ ଆବଶ୍ୟକ ବୋଲି ସେ ବୁଝିଥିଲେ । ଏହି ଲକ୍ଷ୍ୟ ସାଧନ ପାଇଁ ନିରକ୍ଷରତା ଦୂରୀକରଣ ଓ ଶିକ୍ଷାର ପ୍ରସାର, କୁସଂସ୍କାର ଓ ଅନ୍ଧବିଶ୍ୱାସର ଦୂରୀକରଣ, ନାରୀଶିକ୍ଷା ଓ ନାରୀମାନଙ୍କର ସାମାଜିକ ସମ୍ମାନର ପ୍ରତିଷ୍ଠାର ଆବଶ୍ୟକତା ମଧ୍ୟ ସେ ଉପଲବ୍ଧି କରିଥିଲେ । ଜାତିପ୍ରଥା ଓ ଅସ୍ପୃଶ୍ୟତାର

ନିରାକରଣ ପାଇଁ ତାଙ୍କର ପ୍ରୟାସ ଉଲ୍ଲେଖଯୋଗ୍ୟ । ଗାନ୍ଧିଜୀ ଅସ୍ପୃଶ୍ୟମାନଙ୍କୁ 'ହରିଜନ' ବୋଲି ଅଭିହିତ କରି ସମାଜରେ ସେମାନଙ୍କର ନ୍ୟାଯ୍ୟ ସ୍ଥାନ ନିରୂପଣ ପାଇଁ ଆନ୍ଦୋଳନ କରିବା ପୂର୍ବରୁ ଶ୍ରୀମତୀ ବେସାନ୍ତ୍ ସେମାନଙ୍କୁ ସମଅଧିକାର ଦେବାକୁ ଉଦ୍ୟମ କରିଥିଲେ । ଭାରତୀୟ ସମାଜର ପଚମାନ ଅଙ୍ଗଗୁଡ଼ିକର ଉପଯୁକ୍ତ ଚିକିତ୍ସା କରି ଅବକ୍ଷୟକୁ ରୋକିବା ଓ ଏକ ସୁସ୍ଥ ସୁନ୍ଦର ସୌଷ୍ଠବାନ୍ୱିତ ଭାରତବର୍ଷ ଗଢ଼ିବା ପାଇଁ ଶକ୍ତି ସଞ୍ଚାର କରିବା ଥିଲା ତାଙ୍କର ଲକ୍ଷ୍ୟ । ସାଂପ୍ରଦାୟିକ ଭେଦଭାବର ଦୂରୀକରଣ ଓ ହିମାଳୟଠାରୁ କେପ୍ କାମୋରିନ୍. ବଙ୍ଗଠାରୁ କାଥିଆବାଡ଼ (ଗୁଜୁରାଟ) ପର୍ଯ୍ୟନ୍ତ ଜାତୀୟ ଏକତାର ଭାବ ସଞ୍ଚାର କରାଇବା ପାଇଁ ସେ ପ୍ରେରଣା ଦେଇଥିଲେ ।

ଭାରତରେ ଶିକ୍ଷାର ପ୍ରସାର ପାଇଁ ଆନି ବେସାନ୍ତ ଅନେକ ଉଦ୍ୟମ କରିଥିଲେ । ସନାତନ ଧର୍ମର ମୌଳିକ ଧାରାକୁ ଭିତ୍ତି କରି ସେ ଏକ ନୂତନ ପ୍ରକାରର ଶିକ୍ଷା ପ୍ରବର୍ତ୍ତନ କରିଥିଲେ, ଯାହାର ମୁଖ୍ୟ ଆଭିମୁଖ୍ୟ ଥିଲା ଧର୍ମ-ଦର୍ଶନ-ବିଜ୍ଞାନର ସମନ୍ୱୟରେ ସତ୍ୟର ଅନୁସନ୍ଧାନ ଓ ବିଶ୍ୱଭ୍ରାତୃତ୍ୱବୋଧର ପ୍ରତିଷ୍ଠା । ବ୍ରହ୍ମବିଦ୍ୟାକୁ ଆଧାର କରି ପ୍ରତିଷ୍ଠିତ ବିଦ୍ୟାଳୟମାନଙ୍କରେ ସେ ଭାରତୀୟ ଜୀବନାଦର୍ଶ, ଦାର୍ଶନିକ ଚେତନା, ସାଂସ୍କୃତିକ ପରମ୍ପରାର ପ୍ରବର୍ତ୍ତନ ଓ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିଲେ । ଧର୍ମ, ନୈତିକତା ଓ ଦେଶାତ୍ମବୋଧର ସମନ୍ୱୟରେ ଶିକ୍ଷାକୁ ବଳିଷ୍ଠ କରିବାର ଆଭିମୁଖ୍ୟ ସହିତ ବ୍ରହ୍ମଚର୍ଯ୍ୟ ପାଳନ ଦିଗରେ ଛାତ୍ରମାନଙ୍କୁ ସଜାଗ କରାଉଥିଲେ । ଭାରତୀୟ ଯୁବଶକ୍ତିର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶର ଲକ୍ଷ୍ୟ ରଖି ସେ 'Sons and Daughters of India' ନାମକ ସଂଗଠନ ପ୍ରତିଷ୍ଠା କରିଥିଲେ । ଦରିଦ୍ର ଓ ମେଧାବୀ ଭାରତୀୟ ଛାତ୍ରମାନଙ୍କର ଇଂଲଣ୍ଡ ଓ ଆମେରିକାରେ ଉଚ୍ଚଶିକ୍ଷା ଲାଭରେ ସହାୟତା ପାଇଁ ସେ 'Young Men's India Association' ନାମକ ଅନୁଷ୍ଠାନ ମଧ୍ୟ ଗଢ଼ିଥିଲେ । ଭାରତର ଭବିଷ୍ୟତ ପିଢ଼ି ଭବିଷ୍ୟ ସମାଜର ଜନ୍ମଦାତା-ଜନ୍ମଦାତ୍ରୀମାନଙ୍କୁ ଅଶିକ୍ଷିତ କିମ୍ବା କୁଶିକ୍ଷିତ କରି ରଖିବା ଉଚିତ ନୁହେଁ ବୋଲି ସେ ମତପୋଷଣ କରୁଥିଲେ ।

ବନାରସଠାରେ କେନ୍ଦ୍ରୀୟ ହିନ୍ଦୁ କଲେଜ ସ୍ଥାପନ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ତାଙ୍କର ଅନ୍ୟତମ ବିଶିଷ୍ଟ ଅବଦାନ । ଏହି ମହତ୍ କାର୍ଯ୍ୟ ସଂପାଦନ କ୍ଷେତ୍ରରେ ଅନେକ ବିଶିଷ୍ଟ ଭାରତୀୟ ଜ୍ଞାନୀଗୁଣୀ ବ୍ୟକ୍ତି ତଥା ଇଂଲଣ୍ଡ ଓ ଆମେରିକାର କେତେକ ବିଶିଷ୍ଟ ବ୍ରହ୍ମବିଦ୍ୟାବିତ୍ ତାଙ୍କୁ ସାହାଯ୍ୟ ଓ ସହଯୋଗ କରିଥିଲେ । ସେମାନଙ୍କ ମଧ୍ୟରେ ଏହି ଅନୁଷ୍ଠାନର ପ୍ରଥମ ଅଧ୍ୟକ୍ଷ ଡକ୍ଟର ଏ. ରିଚାର୍ଡ୍‌ସନ୍ ଓ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜର୍ଜ୍ ସିଡ୍‌ନୀ ଅରୁଣ୍ଡେଲ୍, ଭଗବାନ ଦାସ, ଗୋବିନ୍ଦ ଦାସ, ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀ, ଉପେନ୍ଦ୍ରନାଥ ବସୁ, ଇକ୍‌ବଲ୍ ନାରାୟଣ ଗୁର୍ତ୍ତୁ ପ୍ରମୁଖଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଏହି ଉଚ୍ଚଶିକ୍ଷାନୁଷ୍ଠାନର ଏକାଦଶତମ ବାର୍ଷିକ ବିବରଣୀରେ ଶିକ୍ଷାର ଆଭିମୁଖ୍ୟ ସଂପର୍କରେ ଶ୍ରୀମତୀ ବେସାନ୍ତଙ୍କ ଉକ୍ତି ପ୍ରକାଶ ପାଇଥିଲା, "x x x education is no education when religion and morality do not form an integral part of it." ପରେ ପଣ୍ଡିତ ମଦନମୋହନ ମାଲବ୍ୟ ଏହି ଅନୁଷ୍ଠାନକୁ ଅଧିଗ୍ରହଣ କରି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ । ଭାରତର ଶିକ୍ଷାବିକାଶ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଏହି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡି.ଲିଟ୍, ଉପାଧିରେ ଭୂଷିତ କରିଥିଲେ । ଏହି ବିଶ୍ୱବିଦ୍ୟାଳୟର ଦାୟିତ୍ୱରୁ ମୁକ୍ତ ହେଲାପରେ ଆନି ବେସାନ୍ତ 'Theosphical Education Trust' ନାମରେ ଏକ ସଂସ୍ଥା ଗଢ଼ି ତା' ମାଧ୍ୟମରେ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଆନି ବେସାନ୍ତଙ୍କ ଉଦ୍ୟମରେ ସମଗ୍ର ଭାରତବର୍ଷରେ ବହୁ ନାରୀଶିକ୍ଷାନିକେତନ ପ୍ରତିଷ୍ଠିତ ହୋଇଥିଲା । ନାରୀ ଜାତିର ଉତ୍‌ଥାନ ଓ ସାମଗ୍ରିକ ବିକାଶ, ବାଲ୍ୟବିବାହ ଓ ଯୌତୁକ ପ୍ରଥାର ନିରାକରଣ, ବିଧବା ବିବାହର ପ୍ରଚଳନ, ସମ୍ପତ୍ତି ଉପରେ ନାରୀମାନଙ୍କର ଅଧିକାର ସାବ୍ୟସ୍ତ, ରାଜନୀତିକ ତଥା ଆର୍ଥନୀତିକ ସ୍ୱାତନ୍ତ୍ର୍ୟ ସହିତ ସେମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧିକାରବୋଧର ଜାଗରଣ ପାଇଁ ସେ ଅନେକ ଉଦ୍ୟମ କରିଥିଲେ । ସେ 'The Stal Warts' ନାମକ ଏକ ସଂସ୍ଥା ଗଢ଼ିଥିଲେ, ଯାହାର ସଦସ୍ୟମାନେ ଷୋହଳ ବର୍ଷ ବୟସ ପୂର୍ବରୁ ନିଜ ଝିଅମାନଙ୍କର ବିବାହ ନ କରାଇବା ପାଇଁ ଶପଥ ନେଉଥିଲେ । ୧୮୧୭ ମସିହା

ମେ ୮ ତାରିଖରେ ଶ୍ୱେତପଦ୍ମ ଦିବସରେ ସେ 'Women's Indian Association' ବା ଭାରତୀୟ ମହିଳା ସମିତିର ପ୍ରାରମ୍ଭ କରିଥିଲେ ଓ ତା'ର ପ୍ରଥମ ସଭାପତି ହୋଇଥିଲେ । ନାରୀମାନଙ୍କୁ ଦୟନୀୟ ଜୀବନ, ଅଯଥାର୍ଥ ପ୍ରଥା-ପରମ୍ପରାର ତାଡ଼ନାରୁ ମୁକ୍ତ କରି ନ୍ୟାଯ୍ୟ ସାମାଜିକ ଅଧିକାର ଦେବା ଏ ସମିତିର ଲକ୍ଷ୍ୟ ଥିଲା ।

ବ୍ରିଟିଶ ରାଜତ୍ୱର ସବୁଠାରୁ କ୍ଷତିକାରକ ପ୍ରଭାବ ଥିଲା ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟ, ଯୁଗ ଯୁଗ ଧରି କାଳଚକ୍ରର ଘୂର୍ଣ୍ଣନ ଭିତରେ ସ୍ୱମର୍ଯ୍ୟାଦାରେ ତିଷ୍ଠି ରହିଥିବା ସମୁନ୍ନତ ଆଦର୍ଶ ଓ ମୂଲ୍ୟବୋଧର ଅଧଃପତନ; ବ୍ୟକ୍ତିଚରିତ୍ର ଓ ଜାତୀୟ ଚରିତ୍ରର ଅବନମନ; ଆତ୍ମବିଶ୍ୱାସର ଅଭାବଜନିତ ପରମୁଖାପେକ୍ଷିତା । ଆନି ବେସାନ୍ତ୍ କହିଥିଲେ, 'The British found India a nation of warriors and turmed it into a nation of clerks." ନିଜ ଆଧ୍ୟାତ୍ମିକ ଜନ୍ମଭୂମି ଭାରତବର୍ଷର ପୁନରୁତ୍ଥାନ ପାଇଁ ସେ ସଂକଳ୍ପବଦ୍ଧ ଥିଲେ । ଭାରତୀୟମାନଙ୍କର ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନବୋଧ ଫେରାଇ ଆଣିବାର ଲକ୍ଷ୍ୟ ନେଇ ସେ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ । ୧୯୧୭ ମସିହା ଏପ୍ରିଲ୍ ୭ ତାରିଖରେ ତାଙ୍କଦ୍ୱାରା ପ୍ରତିଷ୍ଠିତ 'Order of Brothers of Service' ନାମକ ଅନୁଷ୍ଠାନ ଭାରତର ସର୍ବାଙ୍ଗୀନ ଉନ୍ନତି ଓ ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ଯତ୍ନଶୀଳ ଥିଲା । ଶିକ୍ଷା, ସମାଜସେବା, କୁସଂସ୍କାର ଦୂରୀକରଣ, ଜାତି-ବର୍ଣ୍ଣଭେଦର ଦୂରୀକରଣ, ସାଂସ୍କୃତିକ ଜାଗରଣ, ଉପନିବେଶବାଦୀ ଶାସନର ଉଚ୍ଛେଦ ଆଦି ଲକ୍ଷ୍ୟରେ ଏହି ଅନୁଷ୍ଠାନ ଅଭିଭାଷଣ ତଥା ପୁସ୍ତିକା ପ୍ରକାଶନ ମାଧ୍ୟମରେ ପ୍ରୟାସ କରୁଥିଲା । 'Wake up India' ପତ୍ରିକାରେ ଏହାର ଆଭିମୁଖ୍ୟ ପ୍ରକାଶ ପାଉଥିଲା । ଏ ଦେଶର ଧର୍ମୀୟ ପରମ୍ପରା ଓ ଦାର୍ଶନିକ ଉତ୍କର୍ଷ ସଂପର୍କରେ ସେ ବୈଦେଶିକମାନଙ୍କୁ ମଧ୍ୟ ଅବଗତ ଓ ଉଦ୍‌ବୁଦ୍ଧ କରାଇଥିଲେ । ଭାରତର ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ପରମ୍ପରାର ଉତ୍କର୍ଷକୁ ବିଶ୍ୱଦରବାରରେ ଉପସ୍ଥାପିତ କରାଇବା କ୍ଷେତ୍ରରେ ଡକ୍ଟର ବେସାନ୍ତ୍‌ଙ୍କ ଭୂମିକା ସ୍ୱାମୀ ବିବେକାନନ୍ଦଙ୍କ ସହ ତୁଳନୀୟ । ୧୯୧୦ ମସିହାରେ 'India's Awakening' ଶୀର୍ଷକ ଅଭିଭାଷଣରେ ଭାରତୀୟମାନଙ୍କ ପାଇଁ ସେ କହିଥିଲେ, "You ought to remember that your religion is the oldest of

all living religions, and the most perfect in its range and in its details.”

୧୯୧୩ ମସିହାରେ ସେ ଭାରତୀୟ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ । ବ୍ରିଟିଶ ଶାସନ ବ୍ୟବସ୍ଥା ବିରୋଧୀ ଜନଅସନ୍ତୋଷ ସଂପର୍କରେ ସଚେତନତା ସୃଷ୍ଟିକରି ଏ ଦେଶର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାରଙ୍କୁ ପ୍ରଭାବିତ କରିବା ଲକ୍ଷ୍ୟରେ ସେ ୧୯୧୪ ମସିହାରେ ‘The Common Well’ ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ ଆରମ୍ଭ କରିଥିଲେ । ପରେପରେ ସେ ‘Madras Standard’ ନାମକ ଦୈନିକ ସମ୍ବାଦପତ୍ରକୁ କିଣିନେଇ ନିଜ ସଂପାଦନାରେ ‘New India’ ନାମରେ ପ୍ରକାଶ କରିବାକୁ ଲାଗିଲେ । ସଂପାଦକ ଭାବରେ ସେ ଅତି ସଚ୍ଚୋଟ ଓ ନିରପେକ୍ଷ ଥିଲେ । ସେ ଜନସ୍ୱାର୍ଥବିରୋଧୀ ସରକାରୀ ନିୟମର ପ୍ରତିବାଦ କରୁଥିଲେ; ମାତ୍ର ଜନହିତକର ସରକାରୀ ପଦକ୍ଷେପଗୁଡ଼ିକୁ ମୁକ୍ତଭାବରେ ସମର୍ଥନ ଓ ପ୍ରଶଂସା କରୁଥିଲେ । ‘All India Home Rule League’ ପରାଧୀନ ଭାରତର ରାଜନୀତି–କ୍ଷେତ୍ରକୁ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିଲା । ଭାରତୀୟ ଜନତାର ସ୍ୱାୟତ୍ତଶାସନର ଦାବି ପ୍ରତି ବ୍ରିଟିଶମାନଙ୍କର ଅବଜ୍ଞା, ବିଦ୍ୱେଷପୂର୍ଣ୍ଣ ତାଚ୍ଛଲ୍ୟର ବିରୋଧ ତାଙ୍କୁ ସରକାରଙ୍କର ଚକ୍ଷୁଶୂଳ କରିଥିଲା ।

ଶିକ୍ଷାର ପ୍ରସାର ଓ ଭାରତର ରାଜନୀତିକ ସ୍ୱାଧୀନତା ସପକ୍ଷରେ ଅଗ୍ରନେତୃତ୍ୱ ପାଇଁ ସେ ସୁପରିଚିତା ଥିଲେ । ତାଙ୍କର ପ୍ରଭାବଶାଳୀ ବକ୍ତୃତା ଓ ସାଂଗଠନିକ ଦକ୍ଷତା ସଂପର୍କରେ ଅବହିତ ବ୍ରିଟିଶ ସରକାର ତାଙ୍କ ଗତିବିଧି ଉପରେ ବାଧା–ନିଷେଧର ଆଦେଶ ଜାରି କରିଥିଲେ । ସମୟ ବିଶେଷରେ ବମ୍ବେ ପ୍ରେସିଡେନ୍‌ସି ଓ ମଧ୍ୟପ୍ରଦେଶର ପ୍ରଶାସନ ତାଙ୍କର ପ୍ରବେଶ ଅଧିକାର ବାତିଲ କରିଥିଲେ । ତାଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ସେ ନିର୍ଦ୍ଦେଶ ନ ମାନିବାରୁ ଉତ୍‌କାମଣ୍ଡଠାରେ ତାଙ୍କୁ ଆନ୍ତରୀଣ ବନ୍ଦୀ କରି ରଖାଯାଇଥିଲା । ମାତ୍ର ତାଙ୍କ ପଛରେ ଥିଲା ଏ ଦେଶର ତଥା ଦେଶ ବାହାରର ବିପୁଳ ଜନସମର୍ଥନ । ୧୯୧୭ରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ଅନ୍ୟ ସଭାପତିମାନଙ୍କ ପରି ସେ କେବଳ ଚାରିଦିନିଆ ସମ୍ମିଳନୀରେ ସଭାପତିତ୍ୱ ନ କରି ସାରା ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ଚଳାଇ ରଖୁଥିଲେ ଓ ନିଜେ

ସମସ୍ତ କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଦେଉଥିଲେ । ଏ ପ୍ରସଙ୍ଗରେ ଉଲ୍ଲେଖ କରିବାର କଥା ଯେ ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିତ୍ୱ, ଜୀବନାଦର୍ଶ ଓ ସତ୍ୟନିଷ୍ଠା ପ୍ରତି ଗଭୀର ଶ୍ରଦ୍ଧା ସତ୍ତ୍ୱେ ଆଇନ-ଅମାନ୍ୟ ପନ୍ଥାକୁ ସେ ସମର୍ଥନ କରୁ ନ ଥିଲେ । ଏହାଦ୍ୱାରା ବିଶୃଙ୍ଖଳା ଓ ଅରାଜକତା ଉପୁଜିବା ଓ ଦେଶରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ସଂପର୍କରେ ସେ ସତର୍କ କରାଇ ଦେଇଥିଲେ । ତେବେ ଭାରତରେ ସ୍ୱାୟତ୍ତଶାସନର ପ୍ରବର୍ତ୍ତନ ପାଇଁ ସେ ଭାରତୀୟ ନେତୃବର୍ଗ ତଥା ବ୍ରିଟିଶ କର୍ମକର୍ତ୍ତାମାନଙ୍କ ସହ ବାରମ୍ବାର ଆଲୋଚନା କରୁଥିଲେ; ପ୍ରଥମ ଓ ଦ୍ୱିତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦେବା ପାଇଁ ଲଣ୍ଡନ ମଧ୍ୟ ଯାଇଥିଲେ ।

ଆମେରିକାନ୍ ସମାଜବାଦୀ ଚିନ୍ତାନାୟକ Edward Holton ଙ୍କ ସହ ଏକ ସାକ୍ଷାତକାରରେ ଆନି ବେସାନ୍ତ୍ ଦୁଃଖପ୍ରକାଶ କରି କହିଥିଲେ ଯେ, ବ୍ରିଟେନ୍ ନିଜ ଅନ୍ଧତାର ପରିଚୟ ଦେଇ ଭାରତରେ ନିଜର କଦର୍ଯ୍ୟତମ ଦିଗ ଦେଖାଉଛି । ଭାରତକୁ ଆସି ବ୍ରହ୍ମବିଦ୍ୟା ସମିତିର ଦାୟିତ୍ୱ ନେଲା ପରେ ସେ ପ୍ରାୟ ପ୍ରତିବର୍ଷ ସମିତିର ବାର୍ଷିକ ଆନ୍ତର୍ଜାତିକ ସମ୍ମେଳନକୁ ସମ୍ବୋଧନ କରି ଅଭିଭାଷଣ ଦେବାର ଦାୟିତ୍ୱ ନିର୍ବାହ କରୁଥିଲେ । ୧୯୦୦ ମସିହାରେ ପଞ୍ଚବିଂଶତମ ଆନ୍ତର୍ଜାତିକ ବାର୍ଷିକ ସମ୍ମିଳନୀରେ ବକ୍ତୃତା ଦେବା ଅବକାଶରେ ସେ କହିଥିଲେ ଯେ ତାଙ୍କର ଶେଷନିଃଶ୍ୱାସ ଚାଲୁଥିବା ପର୍ଯ୍ୟନ୍ତ ସେ ଭାରତର ସହାୟତା ପାଇଁ ଉଦ୍ୟମ କରିବେ। ତାଙ୍କ ବିବେଚନାରେ ଏ ଦେଶ – "x x x the greatest of all lands in the past, the greatest of all lands in the futuue." ତା'ର ଅନେକ ବର୍ଷ ପରେ ତ୍ରିଚିନୋପୋଲିଠାରେ ଅନୁଷ୍ଠିତ ଏକ ମାନବବାଦୀ ସମ୍ମିଳନୀ (Humanitarian conference) ରେ ସଭାପତିତ୍ୱ କରିବା ଅବକାଶରେ ୮୪ ବର୍ଷ ବୟସ୍କା ଆନିବେସାନ୍ତ ଭାବଗଦ୍‌ଗଦ ହୋଇ କହିଥିଲେ– "May I live untill Indians rule India. No nation can hold a high position among the nations of the world until she is free." ମାତ୍ର ଭାରତ ସ୍ୱାଧୀନତା ଲାଭ କରିବାର ୧୪ ବର୍ଷ ପୂର୍ବରୁ ୧୯୩୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ଏହି ମହୀୟସୀ ମହିଳାଙ୍କର ୮୬ ବର୍ଷର କର୍ମବହୁଳ ଜୀବନର ଅବସାନ ଘଟିଲା ।

ଆଜୀବନ ରାଜନୀତିକ ତଥା ସଂସ୍କାରମୂଳକ କାର୍ଯ୍ୟରେ ବ୍ୟାପୃତ ରହି ମଧ୍ୟ ସେ ଜୀବନର ମୌଳିକ ଲକ୍ଷ୍ୟ ସତ୍ୟାନୁସନ୍ଧିତ୍ସାରୁ ବିରତ ହୋଇ ନ ଥିଲେ । ଜୀବନର ଅଜସ୍ର ସଂଗ୍ରାମ ଓ ଘାତ-ପ୍ରତିଘାତ ଭିତରେ ବ୍ରହ୍ମବିଦ୍ୟା ହିଁ ତାଙ୍କ ହୃଦୟକୁ ଶାନ୍ତି ରସରେ ଆପ୍ଲୁତ କରି ରଖୁଥିଲା । 'ବ୍ରହ୍ମବିଦ୍ୟା ସମିତି' ସହ ସଂପର୍କ ସୂତ୍ରରେ ହିଁ ସେ ଭାରତକୁ ଆସିଥିଲେ । ଅନ୍ତର୍ନିହିତ ଅନୁରାଗବଶତଃ ଭାରତୀୟ ଜୀବନଶୈଳୀ, ପୋଷାକପରିଚ୍ଛଦକୁ ଆଦରି ନେବା ସଙ୍ଗେସଙ୍ଗେ ଭାରତର ପ୍ରାଚୀନ ଶାସ୍ତ୍ରୀୟ ଭାଷା ସଂସ୍କୃତ ଶିଖି ଏ ଦେଶର ଶାସ୍ତ୍ରଗ୍ରନ୍ଥମାନ ଅଧ୍ୟୟନ କରିଥିଲେ । ସେଥିରେ ନିହିତ ଉଚ୍ଚାଙ୍ଗ ଦର୍ଶନ ଓ ଆଧ୍ୟାତ୍ମିକ ଭାବଧାରାକୁ ହୃଦୟଙ୍ଗମ କରିଥିଲେ; ତାହା ବ୍ରହ୍ମବିଦ୍ୟାର ମୌଳିକ ତତ୍ତ୍ୱ ବୋଲି ମଧ୍ୟ ଉପଲବ୍ଧି କରିଥିଲେ । ସମ୍ଭବତଃ ସେହି କାରଣରୁ ପ୍ରଥମେ ଆମେରିକାରେ ପ୍ରତିଷ୍ଠିତ 'ବ୍ରହ୍ମବିଦ୍ୟା ସମିତି'ର ସଞ୍ଚାଳନ ପାଇଁ ଦିବ୍ୟଋଷିମାନେ ଭାରତଭୂମିକୁ ଏହାର ସ୍ଥାନାନ୍ତରଣର ନିର୍ଦ୍ଦେଶ ଦେଇଥିଲେ ।

୧୯୦୭ ମସିହାରେ ସମିତିର ପ୍ରଥମ ଆନ୍ତର୍ଜାତିକ ଅଧ୍ୟକ୍ଷ କର୍ଣ୍ଣେଲ୍ ହେନ୍‌ରୀ ଷ୍ଟିଲ୍ ଅଲ୍‌କଟ୍‌ଙ୍କ ଦେହାନ୍ତ ପରେ ଆନିଙ୍କ ଉପରେ ସେହି ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଥିଲା । ପୁନଃପୁନଃ ସେହି ପଦ ପାଇଁ ନିର୍ବାଚିତ ହୋଇ ସେ ଦୀର୍ଘ ସତେଇଶ ବର୍ଷ ଦକ୍ଷତାର ସହ କାର୍ଯ୍ୟକରି ବ୍ରହ୍ମବିଦ୍ୟାର ପ୍ରଚାର ଓ ପ୍ରସାର କରାଇଥିଲେ । ଏହି ଉଦ୍ଦେଶ୍ୟରେ ସେ ବହୁବାର ବିଦେଶ ଯାତ୍ରା କରିଥିଲେ । ଭାରତ ଓ ବ୍ରିଟେନ୍ ସମେତ ୟୁରୋପର ବିଭିନ୍ନ ଦେଶ, ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ଆଦି ଦେଶରେ ଅନେକ ସଭାସମିତିରେ ଯୋଗଦେଇ ଆଧ୍ୟାତ୍ମିକ ଉନ୍ନତିକଳ୍ପେ ଅଭିଭାଷଣ ଦେବା ସଙ୍ଗେସଙ୍ଗେ 'ବ୍ରହ୍ମବିଦ୍ୟା ସମିତି'ର ଅନେକ ନୂତନ ଜାତୀୟ ଶାଖା ପ୍ରତିଷ୍ଠା କରାଇଥିଲେ । ତାଙ୍କର ଓଜସ୍ୱିନୀ ବକ୍ତୃତାରେ ମୁଗ୍ଧ ଓ ଆକୃଷ୍ଟ ହୋଇ ଦେଶ-ବିଦେଶର ସହସ୍ର ସହସ୍ର ନରନାରୀ 'ବ୍ରହ୍ମବିଦ୍ୟା ସମିତି' ସହ ସଂପୃକ୍ତ ହୋଇ ନିଜନିଜ ଜୀବନକୁ ସନ୍ମାର୍ଗରେ ପରିଚାଳିତ କରିଥିଲେ । ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନା ଏହି ପ୍ରଜ୍ଞାଶୀଳା ମହିଳାଙ୍କ ରଚିତ 'A Study in Consciousness' ଓ 'Ancient Wisdom' ପରି ଉଚ୍ଚତର ଚେତନାର ଜ୍ଞାପକ ପୁସ୍ତକ, ହିନ୍ଦୁ ଶାସ୍ତ୍ରମାନଙ୍କର ଭାଷ୍ୟ, ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ 'The Voice

of the Silence' ପୁସ୍ତକର ବ୍ୟାଖ୍ୟା, ପୁସ୍ତକ ଆକାରରେ ପ୍ରକାଶିତ ତାଙ୍କର ଶତଶତ ବହୁମୂଲ୍ୟ ଅଭିଭାଷଣ ତାଙ୍କୁ କାଳଜୟୀ କରାଇଛି ।

୧୯୨୧ ଜୁଲାଇ ମାସ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ବ୍ରହ୍ମବିଦ୍ୟା ସମିତିର ପ୍ରଥମ ବିଶ୍ୱସ୍ତରୀୟ ମହାସମ୍ମେଳନ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ ଅନୁଷ୍ଠିତ ହୋଇଥିଲା । ପୃଥିବୀର ୩୯ଟି ଦେଶରୁ ୧୪୦୦ ସଭ୍ୟ ସେଥିରେ ଯୋଗ ଦେଇଥିଲେ । ତୃତୀୟ ଥର ପାଇଁ ଆନ୍ତର୍ଜାତିକ ସଭାପତି ଭାବେ ନିର୍ବାଚିତ ଆନି ବେସାନ୍ତ ସେହି ସମାବେଶରେ ସଭାପତିତ୍ୱ କରି ନିଜ ଚମତ୍କାର ବକ୍ତୃତା ଉପସ୍ଥାପନ କରିଥିଲେ । ସେହିବର୍ଷ ଡିସେମ୍ବର ୧୪ ତାରିଖରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧିରେ ଭୂଷିତ କରିଥିଲେ । ୧୯୨୩ରେ ସେ ବ୍ରହ୍ମବିଦ୍ୟା ସମିତିରେ ଯୁବଶାଖାର ଉଦ୍‌ଘାଟନ କରିଥିଲେ । ସେହିବର୍ଷ ହିଁ ଭ୍ରାତୃତ୍ୱଭାବନାର ପ୍ରସାରମୁଖୀ ଅଭିଯାନର ଶୁଭାରମ୍ଭ କରିବା ଅବକାଶରେ ପାଠ କରାଯିବା ପାଇଁ ସେ ସାର୍ବଜନୀନ ପ୍ରାର୍ଥନା (The Universal Prayer) 'O hidden life....' ରଚନା କରିଥିଲେ । ଏ ପ୍ରାର୍ଥନା ବସ୍ତୁତଃ ଦିବ୍ୟ ମାନସର ସ୍ଫୁରଣ । ୧୯୨୫ ରେ ବ୍ରହ୍ମବିଦ୍ୟା ସମିତିର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆଡୟାରସ୍ଥିତ ଆନ୍ତର୍ଜାତିକ ମୁଖ୍ୟାଳୟରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ୩୦୦୦ ସଭ୍ୟଙ୍କର ସମାଗମ ହୋଇଥିଲା । ଆଡାୟାର ପରିସରରେ ବିଭିନ୍ନ ଧର୍ମର ଉପାସନାଗୃହ ପ୍ରତିଷ୍ଠା ମଧ୍ୟ ହୋଇଥିଲା । ଭାରତରେ ବ୍ରହ୍ମବିଦ୍ୟା ସମିତିର ସର୍ବପୁରାତନ ଶାଖା 'ବ୍ଲାଭାଟ୍‌ସ୍କି ଲଜ୍'ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବମ୍ବେଠାରେ ୧୯୩୦ରେ, ୧୯୩୧ ଅଗଷ୍ଟ ମାସରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କର ଓ ୧୯୩୨ ଅଗଷ୍ଟରେ କଲୋନେଲ୍ ଅଲ୍‌କଟ୍‌ଙ୍କର ଶତବାର୍ଷିକୀ ଆଡ୍ୟାରଠାରେ ପାଳନ କରାଇଥିଲେ । ସେହିବର୍ଷ ସେ ସ୍କାଉଟ୍‌ର ଶ୍ରେଷ୍ଠ ସମ୍ମାନ 'Silver Wolf' ରେ ଭୂଷିତ ହୋଇଥିଲେ ।

ତେବେ ଭାରତର ମୁକ୍ତି ଓ ସମୁନ୍ନତି ତାଙ୍କ ଜୀବନର ବିଶେଷ ଉଦ୍ଦେଶ୍ୟ ଥିଲା । ଭାରତର ଅଧଃପତନରେ କ୍ଷୁବ୍ଧ ହୃଦୟ ନେଇ ସେ ଏଠିକାର ସାମାଜିକ ବ୍ୟବସ୍ଥାର ସକାରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ । ସନାତନ ଧର୍ମର

ଅନୁଗାମୀମାନଙ୍କ ଭିତରୁ ଅନ୍ଧବିଶ୍ୱାସ ଓ ଅଜ୍ଞତାକୁ ଦୂର କରି ଧାର୍ମିକ-ଜୀବନର ପୁନରୁତ୍‌ଥାନ କରାଇବା ତାଙ୍କର ଲକ୍ଷ୍ୟ ଥିଲା । ବିଦେଶରେ ଜନ୍ମିଥିବା ଏହି ମନସ୍ୱିନୀ ନାରୀ ଭାରତର ଶିକ୍ଷା, ସମାଜଜୀବନ, ରାଜନୀତିକ ଅବସ୍ଥା ତଥା ଆଧ୍ୟାତ୍ମିକ କ୍ଷେତ୍ରକୁ ନିଜ ବିସ୍ମୟକର ଅବଦାନରେ ଋଦ୍ଧିମନ୍ତ କରିଥିଲେ । ଭାରତୀୟ ନାରୀମାନଙ୍କର ସଂଯତ ଆଚରଣ, ସଂଭ୍ରମ ଓ ମର୍ଯ୍ୟାଦାବୋଧ, ପରିବାର ଓ ସମାଜ ପ୍ରତି ସମର୍ପିତ ମାନସିକତା, ତ୍ୟାଗପୂତ ନିଃସ୍ୱାର୍ଥଭାବ ଲକ୍ଷ୍ୟକରି ସେ ମୁଗ୍ଧ ହୋଇଥିଲେ; ଏହା ଆଧ୍ୟାତ୍ମିକତାର ନିଦର୍ଶନ ଓ ସମଗ୍ର ବିଶ୍ୱର ଅନୁକରଣୀୟ ବୋଲି ସ୍ୱୀକାର କରିଥିଲେ । କାଳକ୍ରମେ ନିଃସାର ଓ ଅହେତୁକ ମନେକରି ଭାରତୀୟମାନେ ଭୁଲି ବସିଥିବା ଅନେକ ପ୍ରାଚୀନ ପରମ୍ପରା ଓ ରୀତିନୀତିର ବିଲୁପ୍ତିର ମୂଳ କାରଣ ସେ ସ୍ୱକୀୟ ଅନ୍ତର୍ଦୃଷ୍ଟି ବଳରେ ଜାଣିପାରିଥିଲେ । ଏ ଦେଶର ପତନୋନ୍ମୁଖ ଧର୍ମ-ସଂସ୍କୃତିର ପୁନର୍ଜାଗରଣ ଲକ୍ଷ୍ୟରେ ସେ ଭଗବାନ ଦାସ ନାମକ ଉତ୍ସର୍ଗୀକୃତ ବ୍ରହ୍ମବିଦ୍ୟାବିଦ୍‌ଙ୍କ ସହାୟତାରେ ରଚନା କରିଥିବା 'ସନାତନ ଧର୍ମ ବାର୍ତ୍ତା' ପୁସ୍ତକଦ୍ୱାରା ଯୁବପିଢ଼ିକୁ ହିନ୍ଦୁ ସମାଜର ନୀତିନିୟମ ସଂପର୍କରେ ସଚେତନ କରାଇବାର ଚେଷ୍ଟା କରିଥିଲେ । ପ୍ରାଚୀନ ଭାରତୀୟ ଜ୍ଞାନ ଓ ଦର୍ଶନର ଅଧ୍ୟୟନ ତାଙ୍କର ଦୃଷ୍ଟିକୋଣକୁ ଅଧିକ ପ୍ରସାରିତ କରିଥିଲା; ମାନବ-ପ୍ରକୃତି ସମ୍ବନ୍ଧରେ ତାଙ୍କ ଅବବୋଧର ଅଭିବୃଦ୍ଧି ଘଟାଇଥିଲା । ସମଗ୍ର ବିଶ୍ୱରେ ଏହି ପୁଣ୍ୟଭୂମି ଶାନ୍ତି, ମୈତ୍ରୀ ଓ ପ୍ରଗତିର ଅଗ୍ରଦୂତ ହେବ ବୋଲି ତାଙ୍କର ଦୃଢ଼ବିଶ୍ୱାସ ଥିଲା । ଏ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କର ତତ୍ପରତା, ନିଃସ୍ୱାର୍ଥ ଜନସେବା, ଉତ୍ସର୍ଗୀକୃତ ମାନସିକତା ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ତାଙ୍କୁ ଅପାର ଜନପ୍ରିୟତାର ଅଧିକାରିଣୀ କରାଇଥିଲା । ଉଲ୍ଲେଖ କରିବା ଆବଶ୍ୟକ ଯେ ୧୯୨୧ରେ ମାନ୍ଦ୍ରାସଠାରେ ସେ ଯେଉଁ Political Club ଆରମ୍ଭ କରିଥିଲେ, ଭାରତର ସମ୍ବିଧାନ ପ୍ରଣୟନର ଚିନ୍ତାଧାରା ସେହିଠାରୁ ହିଁ ଜନ୍ମ ନେଇଥିଲା ।

ରାଗ-ଦ୍ୱେଷ ବର୍ଜିତ ଉଦାତ୍ତ ମନୋଭାବ, ପ୍ରତ୍ୟେକ ମନୁଷ୍ୟ ଓ ତାର ଆଚରଣକୁ ଉଦାର ଭାବେ ଦେଖିବାର ମହନୀୟତା ହେତୁ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅଧିକାଂଶ ମଣିଷ ତାଙ୍କୁ ମା'ର ମର୍ଯ୍ୟାଦା ଦେଉଥିଲେ । ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ବାଲ୍ୟକାଳରୁ ଜନ୍ମଦାତ୍ରୀ ମାତା ଆନିଙ୍କ ସାନ୍ନିଧ୍ୟରୁ ବଞ୍ଚିତ ପୁତ୍ର

ଆର୍ଥର ଡିଗ୍‌ବି ବେସାନ୍ତ୍ ଓ କନ୍ୟା ମାବେଲ୍ ବେସାନ୍ତ୍-ସ୍କଟ୍ ସାବାଳକ ହେଲା ପରେ ତାଙ୍କ ପ୍ରତି ଅନୁରକ୍ତ ଓ ତାଙ୍କର ଗୁଣମୁଗ୍ଧ ପ୍ରଶଂସକ ହୋଇଯାଇଥିଲେ ।

ଶ୍ରୀମତୀ ଆନି ଥିଲେ ଅନାସକ୍ତ କର୍ମଯୋଗିନୀ । ତାଙ୍କର ବୁଦ୍ଧି ଥିଲା ଈଶ୍ୱରାର୍ପିତ । ୧୯୨୪ ମସିହାରେ ଲଣ୍ଡନଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧନାର ଉତ୍ତର ଦେବା ଅବକାଶରେ ସେ କହିଥିଲେ ଯେ କୌଣସି ଆଦର୍ଶର ପ୍ରତିଷ୍ଠା ପାଇଁ ତ୍ୟାଗରେ ଯେଉଁ ଆନନ୍ଦ ନିହିତ, ତା'ଠାରୁ ବଳି ଅନ୍ୟ କୌଣସି ଆନନ୍ଦ ନାହିଁ । ଶରୀରକୁ ସେ ଦିବ୍ୟଚେତନାର ମନ୍ଦିର ବୋଲି ବିବେଚନା କରୁଥିଲେ ଓ ସେହି ଦିବ୍ୟଚେତନା ବା ପରମ ଶକ୍ତି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ନିହିତ ବୋଲି ଜାଣିଥିଲେ । ଜୀବାତ୍ମାଙ୍କୁ ପରମାତ୍ମା ସହିତ ନିକଟ ସଂପର୍କ ସ୍ଥାପନର ଦିଗ୍‌ଦର୍ଶନ ଦେବାପାଇଁ ଉପଯୁକ୍ତ ପରିବେଶ ପରି ବୋଧ ହେଉଥିବା ଆଡ୍‌ୟାର୍ ନଦୀର ପ୍ରଶସ୍ତ ଜଳବେଣୀ ଓ ସମୁଦ୍ର ସଂଗମର ସନ୍ନିକଟବର୍ତ୍ତୀ ସ୍ଥାନରେ ସ୍ଥାପିତ 'ବ୍ରହ୍ମବିଦ୍ୟା ସମିତି'ର ଆନ୍ତର୍ଜାତିକ ମୁଖ୍ୟାଳୟଠାରେ ଜଣେ ପୁଣ୍ୟାତ୍ମା ସାଧ୍ୱୀ ଭାବରେ ଆଜୀବନ କାର୍ଯ୍ୟରତ ରହି ସେ ସେହିଠାରେ ୧୯୩୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଥିଲେ ଶାନ୍ତି ଓ ସହଯୋଗ, କର୍ମ ଓ ତ୍ୟାଗର ମହିମାରେ ପ୍ରୋଜ୍ଜ୍ୱଳ ଆଦର୍ଶ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱର ଏକ ବିରଳ ଦୃଷ୍ଟାନ୍ତ । ସ୍ୱାର୍ଥକେନ୍ଦ୍ରୀ ଚିନ୍ତା ପରିହାର କରି ସାର୍ବଜନୀନ କଲ୍ୟାଣକାମିତା ଓ ଲୋକୋତ୍ତର ଚେତନାରେ ମଗ୍ନ ହୋଇ ବଞ୍ଚିବା ଓ କର୍ମ କରିବା ପାଇଁ ତାଙ୍କର ପ୍ରେରଣା ମାନବଜାତିକୁ ଚିରକାଳ ଉଦ୍‌ବୁଦ୍ଧ କରୁ ।

❖❖❖

# ବ୍ରହ୍ମବିଦ୍ୟା ସମିତିର ସାର୍ବଜନୀନ ପ୍ରାର୍ଥନା

ଊନବିଂଶ ଶତାବ୍ଦୀ ସମଗ୍ର ବିଶ୍ୱ-ଇତିହାସରେ କେବଳ ବିଭିନ୍ନ ରାଷ୍ଟ୍ରର ଜାତୀୟଜାଗରଣ, ମାର୍କସୀୟ ଶ୍ରେଣୀଚେତନା ଆଦି ସାମାଜିକ ବିପ୍ଳବର ସମୟ ନୁହେଁ । ସେହି ଶତାବ୍ଦୀରେ ମଣିଷର ଆଧ୍ୟାତ୍ମିକ ଜାଗରଣକୁ ମଧ୍ୟ ଅନେକ ଖୋରାକ ମିଳିଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ମହିମା ଗୋସାଇଁ ମହିମାଧର୍ମ ବା ଅଲେଖ ଧର୍ମର ପ୍ରଚାର କରିଥିଲେ । ବଙ୍ଗ ଭୂମିରେ 'ବ୍ରାହ୍ମ ସମାଜ'ର ପ୍ରତିଷ୍ଠା ହୋଇ ଭାରତର ବିଭିନ୍ନ ରାଜ୍ୟ, ସେହି କ୍ରମେ ଓଡ଼ିଶାରେ ମଧ୍ୟ ବ୍ରାହ୍ମଧର୍ମର ପ୍ରସାର ହୋଇଥିଲା । ଦୟାନନ୍ଦ ସରସ୍ୱତୀଙ୍କ 'ଆର୍ଯ୍ୟସମାଜ'ର ପ୍ରତିଷ୍ଠା ମଧ୍ୟ ସେହି ସମୟର କଥା । ସେହି ସମ ସମୟରେ ରୁଷିଆର ୟୁକ୍ରେନ୍ ଅଞ୍ଚଳରେ ଜନ୍ମିଥିବା ମାଡାମ୍ ହେଲେନା ପେଟ୍ରୋଭ୍ନା ବ୍ଲାଭାଟ୍‌ସ୍କି, ଆମେରିକାର ନିଉୟର୍କ ସହରରେ କଲୋନେଲ୍ ହେନେରି ଷ୍ଟିଲ୍ ଅଲ୍‌କଟ୍ ଓ ଅନ୍ୟ କେତେଜଣ ବୁଦ୍ଧିଜୀବୀଙ୍କ ସହିତ ମିଶି Theosophical Society ବା ବ୍ରହ୍ମବିଦ୍ୟା ସମିତିର ଶୁଭାରମ୍ଭ କରିଥିଲେ ୧୮୭୫ ମସିହା ନଭେମ୍ବର ୧୭ ତାରିଖରେ । ୧୮୭୯ରେ ମାଡାମ୍ ବ୍ଲାଭାଟ୍‌ସ୍କି ଓ କଲୋନେଲ୍ ଅଲ୍‌କଟ୍ ଭାରତରେ ପହଞ୍ଚି ପ୍ରଥମେ ବମ୍ବେରେ ଏହି ସମିତିର କାର୍ଯ୍ୟକ୍ରମ ଆରମ୍ଭ କଲେ । ୧୮୮୨ରେ ସମିତିର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଚେନ୍ନାଇ ନିକଟବର୍ତ୍ତୀ  ଅଡାୟାର ନଦୀର ମୁହାଣରେ ପ୍ରତିଷ୍ଠିତ ହେଲା । ସେତେବେଳେ ଏହି ସଂସ୍ଥାର ଆନ୍ତର୍ଜାତିକ ସଭାପତି ଥିଲେ କଲୋନେଲ୍ ଅଲ୍‌କଟ୍ ।

୧୯୦୭ରେ ଅଲ୍‌କଟ୍ ମରଶରୀର ଛାଡ଼ିଲା ବେଳେ ଇଚ୍ଛା ପ୍ରକାଶ କରିଥିଲେ ଯେ ତାଙ୍କ ଅନ୍ତେ ଆନି ବେସାନ୍ତ୍ ସଭାପତି ରୂପେ ଦାୟିତ୍ୱ ତୁଲାଇବେ। ୧୯୦୭ରୁ ଆରମ୍ଭ କରି ୧୯୩୩ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ କାଳ ଆନି ବେସାନ୍ତ୍ ଆନ୍ତର୍ଜାତିକ ସଭାପତି ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ଚେଷ୍ଟାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବ୍ରହ୍ମବିଦ୍ୟା ସମିତିର ଶାଖାମାନ ପ୍ରତିଷ୍ଠିତ ହୋଇଥିଲା ।

ଆନି ଲଣ୍ଡନ ନଗରୀରେ ଜନ୍ମ ହୋଇଥିଲେ । ପାରିବାରିକ ଜୀବନର ଦୁଃଖ, ଅଶାନ୍ତି ଓ ବିଫଳତା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ସେ ପ୍ରଥମେ Free Thought Movement ରେ ଯୋଗ ଦେଇଥିଲେ । କିନ୍ତୁ ପରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ 'ସିକ୍ରେଟ୍ ଡକ୍ଟ୍ରିନ୍' ପଢ଼ି ସେ ଏତେ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଯେ ତାଙ୍କ ନିକଟକୁ ଯାଇ ସାକ୍ଷାତ କରିଥିଲେ ଓ 'ବ୍ରହ୍ମବିଦ୍ୟା ସମିତି'ରେ ଯୋଗ ଦେଇଥିଲେ । ତାଙ୍କର ଧୀଶକ୍ତି ଓ ଏକନିଷ୍ଠତା ଲକ୍ଷ୍ୟକରି ମାଡାମ୍ ବ୍ଲାଭାଟ୍‌ସ୍କି ଓ କଲୋନେଲ୍ ଅଲକଟ୍ ତାଙ୍କ ଉପରେ ସମିତିର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ଅର୍ପଣ କରିଥିଲେ । ସେ ସୂଚାରୁ ରୂପେ ସେସବୁ ସମ୍ପାଦନ କରୁଥିଲେ ।

ଜନ୍ମତଃ ବ୍ରିଟେନ୍‌ର ନାଗରିକ ହେଲେ ହେଁ ଆନି ବେସାନ୍ତ୍ ଭାରତ ଭୂମିରେ ପାଦ ଦେବା ପରେ ଏହି ଦେଶ ହିଁ ତାଙ୍କର ଜନ୍ମଭୂମି ବୋଲି ସ୍ୱୀକାର କରିଥିଲେ । ଏ ଦେଶର ନର-ନାରୀ, ଯୁବକ-ଯୁବତୀଙ୍କର ହିତ ପାଇଁ ସେ ବିଭିନ୍ନ ସଂସ୍ଥା ପ୍ରତିଷ୍ଠା କରିଥିଲେ, ଅନେକ କଲ୍ୟାଣକର କାର୍ଯ୍ୟ କରିଥିଲେ । ବ୍ରିଟିଶ ଶାସନ କବଳରୁ ମୁକ୍ତ ହୋଇ ଭାରତୀୟମାନେ ନିଜର ପୂର୍ବ ଗୌରବରେ ପ୍ରତିଷ୍ଠିତ ହୁଅନ୍ତୁ, ଏହା ଥିଲା ତାଙ୍କର ଆନ୍ତରିକ ଇଚ୍ଛା ।

ଆନି ବେସାନ୍ତ୍ ସମାଜସଂସ୍କାର ଓ ରାଜନୀତି ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ । ବିଦେଶିନୀ, ପୁଣି ଶାସକଜାତିର ମହିଳା ହୋଇ ମଧ୍ୟ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରୂପେ ମଧ୍ୟ କାର୍ଯ୍ୟ କରିଥିଲେ। କିନ୍ତୁ ତାଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବିଶିଷ୍ଟ ଦିଗ ଥିଲା ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି ।

ଆନି ବେସାନ୍ତ୍ ମହାନ୍ ଯୋଗିନୀ ଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ମଦନମୋହନ ମାଲବ୍ୟ ତାଙ୍କର ମୁଖନିଃସୃତ ଓଁକାର ଧ୍ୱନି ଶୁଣି ସେ

ନିଶ୍ଚୟ ଜଣେ ଯୋଗସିଦ୍ଧ ବ୍ୟକ୍ତି ବୋଲି ସ୍ୱୀକାର କରିଥିଲେ । ଆମେ ଜାଣୁ ଯେ ପ୍ରାଚୀନ କାଳର ମୁନି-ଋଷିମାନେ ଥିଲେ ମନ୍ତ୍ରଦ୍ରଷ୍ଟା । ବେଦର ମନ୍ତ୍ରଗୁଡ଼ିକ କପୋଳକଳ୍ପିତ ବା ଭାବୋଚ୍ଛ୍ୱାସପୂର୍ଣ୍ଣ ରଚନା ନୁହେଁ । ଋଷିମାନଙ୍କର ଦିବ୍ୟଦୃଷ୍ଟିରେ ସେ ମନ୍ତ୍ରଗୁଡ଼ିକ ଉଦ୍‌ଭାସିତ ହୋଇ ଉଠୁଥିଲା । ସେମାନଙ୍କ ମୁଖରୁ ସେହି ମନ୍ତ୍ରଗୁଡ଼ିକର ଉଚ୍ଚାରଣ ଶୁଣି ଶିଷ୍ୟମାନେ ସ୍ମରଣ ରଖୁଥିଲେ ଓ ପ୍ରତ୍ୟହ ପାଠ କରୁଥିଲେ ।

ଆନି ବେସାନ୍ତ୍ ମଧ୍ୟ ସେହିପରି ଦ୍ରଷ୍ଟାତ୍ୱର ଅଧିକାରୀ ଥିଲେ । କୁହାଯାଏ ସେ ବକ୍ତୃତା ଦେଲାବେଳେ ମଧ୍ୟ ତାଙ୍କ ଆଖି ଆଗରେ ତାଙ୍କର ବକ୍ତବ୍ୟ ଭାସି ଉଠୁଥିଲା । 'ବ୍ରହ୍ମବିଦ୍ୟା ସମିତି'ରେ ଏକ Universal Prayer ବା ସାର୍ବଜନୀନ ପ୍ରାର୍ଥନା ରହିଛି । ପ୍ରାୟ ପ୍ରତ୍ୟେକ ଅଧିବେଶନର ଆରମ୍ଭରେ ଏହି ପ୍ରାର୍ଥନାର ଆବୃତ୍ତି ଅନୁସରଣାତ୍ମକ ରୀତିରେ କରାଯାଇଥାଏ । ସେ ପ୍ରାର୍ଥନାଟି ମଧ୍ୟ ଶ୍ରୀମତୀ ବେସାନ୍ତ୍‌ଙ୍କ ଦିବ୍ୟଦୃଷ୍ଟିରେ ପ୍ରକାଶିତ ହୋଇଥିଲା, ୧୯୨୩ ମସିହାର ପ୍ରଥମ ଭାଗରେ । ସେହି କ୍ଷୁଦ୍ର ପ୍ରାର୍ଥନାଟି ହେଲା–

"O Hidden Life, Vibrant in every atom;
O Hidden Light, Shining in every creature;
O Hidden Love, embracing all in Oneness;
May each who feels himself as one with Thee;
Know he is also one with every other."

ଏହା ବ୍ରହ୍ମବିଦ୍ୟାର ଏକ ପ୍ରଭାବଶାଳୀ ମନ୍ତ୍ର ବୋଲି କୁହାଯାଇପାରେ । ଏହା ଉଚ୍ଚାରଣ କରୁଥିବା ବ୍ୟକ୍ତିକୁ ଆନ୍ତରିକ ଶାନ୍ତି ଦିଏ ଓ ବ୍ୟାଧି ଜନିତ ପୀଡ଼ାର ଉପଶମ କରେ । ସେଥିସହିତ ପରିପାର୍ଶ୍ୱକୁ ପ୍ରଭାବିତ କରିଥାଏ । ଦିବ୍ୟଦୃଷ୍ଟିସଂପନ୍ନା ଆନି ବେଶାନ୍ତ ପ୍ରକାଶ କରିଛନ୍ତି– "It sends forth successive waves of colour, pulsing outwards from the speaker, if rythmically intoned or chanted, whether by the outer or the inner voice, and if some thousands would send these out over successive areas, we might create a very powerful effect on the mental atmosphere". ବୈଦିକ ମନ୍ତ୍ରଗୁଡ଼ିକର ସ୍ୱଳ୍ପ ଶବ୍ଦ ମଧ୍ୟରେ

ଯେପରି ଗୂଢ଼ ତାତ୍ପର୍ଯ୍ୟ ନିହିତ ଥାଏ, ଅତି ସରଳ ଭାଷାରେ ରଚିତ ଏଇ ପ୍ରାର୍ଥନାର ଅଳ୍ପ କେତୋଟି ଧାଡ଼ି ଭିତରେ ସେହିପରି ମହାନ୍ ଆଧ୍ୟାତ୍ମିକ ସତ୍ୟର ଉଦ୍‌ଘୋଷଣ ହୋଇଛି । ସେହି ଅନ୍ତର୍ନିହିତ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିବା ଆମର ଉଦ୍ଦେଶ୍ୟ ।

ଯେଉଁ ଶକ୍ତି ବା ସତ୍ତାକୁ ଆମେ ପରମାତ୍ମା, ପରଂବ୍ରହ୍ମ ପରମେଶ୍ୱର ବୋଲି କହୁ, ସେ କୌଣସି ନିର୍ଦ୍ଦିଷ୍ଟ ଉପାସନାଗୃହରେ, କ୍ଷୁଦ୍ର ବେଦୀ ଉପରେ ବିରାଜିତ ନୁହନ୍ତି । ବସ୍ତୁତଃ ସେ ଅସୀମ ଓ ଅନନ୍ତ । ବିଶ୍ୱବ୍ରହ୍ମାଣ୍ଡର ଅଣୁ-ପରମାଣୁରେ ସେ ହିଁ ସ୍ଫୁରିତ ହୋଇଛନ୍ତି । ତାଙ୍କ ବିନା କିଛି ନାହିଁ । ପ୍ରତ୍ୟେକ ପ୍ରକାଶିତ ସତ୍ତାରେ ତାଙ୍କର ଅଭିବ୍ୟକ୍ତି । କ୍ଷୁଦ୍ର ଏକକୋଷୀ ଆମୋଏବାଠାରୁ ବିଶାଳକାୟ ହାତୀ ପର୍ଯ୍ୟନ୍ତ, ସୃଷ୍ଟିର ଶ୍ରେଷ୍ଠ ଜୀବ ରୂପେ ପରିଗଣିତ ମନୁଷ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ମଧ୍ୟରେ ସେ ହିଁ ଜୀବନର ସ୍ପନ୍ଦନ । ଆମର ପ୍ରତି ଜୀବକୋଷ, ପ୍ରତି ରକ୍ତକଣିକାରେ ସେ ହିଁ ପୂରି ରହିଛନ୍ତି । ସନ୍ଥ ତୁଳସୀ ଦାସ ଗୋସ୍ୱାମୀଙ୍କ ଭାଷାରେ "ଈଶ୍ୱର ଅଂଶ ଜୀବ ଅବିନାଶୀ", ଅର୍ଥାତ୍ ଜୀବ ସ୍ୱୟଂ ଈଶ୍ୱରଙ୍କର ଅଂଶ ହୋଇଥିବାରୁ ସେ ମଧ୍ୟ ଈଶ୍ୱରଙ୍କ ପରି ଅବିନାଶୀ । ବିଶ୍ୱଜଗତର ଛତ୍ରେଛତ୍ରେ ସେହି ଏକ ହିଁ ବିଶ୍ୱଜୀବନ ଲୁକ୍କାୟିତ ଭାବେ ବିଦ୍ୟମାନ । ଅସଂଖ୍ୟ ଜଳପାତ୍ରରେ ସୂର୍ଯ୍ୟ-ବିମ୍ବର ପ୍ରତିଫଳନ ପରି ସେହି ଏକ ପରମସତ୍ତା ପ୍ରତ୍ୟେକ ସତ୍ତାରେ ପୂରି ରହିଛନ୍ତି ।

ଜୈବ ହେଉ କି ଅଜୈବ, ସକ୍ରିୟ ହେଉ କି ନିଷ୍କ୍ରିୟ, ସଚଳ ହେଉ କି ଅଚଳ, ସ୍ଥାବର ହେଉ କି ଜଙ୍ଗମ, ସକଳ ଜାଗତିକ ବସ୍ତୁର ଉତ୍ପତ୍ତି-ଉତ୍ସ ପରମାତ୍ମା । ତେଣୁ ତାଙ୍କୁ ପରମପିତା ବା 'ପାରମିତା' ବୋଲି କୁହାଯାଇଛି । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ତାଙ୍କରି କାୟା । 'ଈଶୋପନିଷଦ'ର ପ୍ରଥମ ମନ୍ତ୍ରରେ କୁହାଯାଇଛି–

"ଈଶାବାସ୍ୟଂ ଇଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ୍"

ଏହା ହିଁ ବିବିଧ ରୂପରେ ଅଭିବ୍ୟକ୍ତ ସକଳ ସତ୍ତାର ଏକତ୍ୱର ଅନ୍ତର୍ନିହିତ ରହସ୍ୟ । ଜୀବର ସ୍ଥୂଳ ଓ ସୂକ୍ଷ୍ମ ଶରୀର, ତା'ର ଚେତନା ସବୁଥିରେ ଈଶ୍ୱରଙ୍କର ସ୍ଥିତି । ପ୍ରତ୍ୟେକ ସତ୍ତାରେ ଚେତନାର ଉପସ୍ଥିତି ଓ ଚେତନା ବିକାଶର ସ୍ତର ସଂପର୍କରେ ଆନି ବେସାନ୍ତଙ୍କ "A Study in Consciousness' ପୁସ୍ତକରେ

ବିଶଦ ଆଲୋଚନା ହୋଇଛି । ଜର୍ମାନ ପଦାର୍ଥବିଜ୍ଞାନୀ Max Plank ମଧ୍ୟ ସ୍ୱୀକାର କରିଛନ୍ତି– “I regard consciousness as fundamental and matter as derivative from consciousness. We consnot get behind consciousness. Everything that we talk about, everything that we regard as existing, postulates as consciousness.” ସକଳ ସତ୍ତାରେ ବିଦ୍ୟମାନ ଚେତନା ଈଶ୍ୱରୀୟ ଶକ୍ତିର ଅଭିବ୍ୟକ୍ତି ମାତ୍ର । ବାହ୍ୟ ଜଗତର ପ୍ରତିଟି ସ୍ତରରେ ଗୁପ୍ତ ଭାବରେ ବିଦ୍ୟମାନ ଈଶ୍ୱର ଆମ ପ୍ରତ୍ୟେକଙ୍କ ଭିତରେ ମଧ୍ୟ ସଂଗୁପ୍ତ ହୋଇ ରହିଛନ୍ତି । ବିଶ୍ୱବ୍ରହ୍ମାଣ୍ଡର ସ୍ତରେ ସ୍ତରେ, ପ୍ରକୃତିର ଛତ୍ରେ ଛତ୍ରେ ପ୍ରତ୍ୟେକ ପ୍ରକାଶିତ ରୂପରେ ବିଦ୍ୟମାନ ଥିଲେ ହେଁ ସେ ମନୁଷ୍ୟର ଇନ୍ଦ୍ରିୟାନୁଭୂତିର ଊର୍ଦ୍ଧ୍ୱରେ, ଅବାଙ୍ମାନସଗୋଚର ଭାବରେ ନିହିତ । ସେହି ପରମସତ୍ତାର ସ୍ପନ୍ଦନ ହିଁ ସୃଷ୍ଟି-ସ୍ଥିତି-ବିଲୟର ନିୟାମକ । ଅନେକ ରୂପରେ ଅଭିବ୍ୟକ୍ତ ସେହି ଏକ ପରମସତ୍ତା (“ଏକୋଽହଂ ବହୁସ୍ୟାମ୍”, ଛାନ୍ଦୋଗ୍ୟ ଉପନିଷଦ, ୬-୨-୩) ସତତ ପରିପୂର୍ଣ୍ଣ । ତାଙ୍କଠାରୁ ଅଜସ୍ର ରୂପ ନିର୍ଗତ ହୋଇଥିଲେ ହେଁ, ହେଉଥିଲେ ହେଁ ସେ ଅବ୍ୟୟ, ଅକ୍ଷୟ–

“ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ।।”

ସେ ସୃଷ୍ଟି ଚକ୍ରର ଅତୀତ; କିନ୍ତୁ ସୃଷ୍ଟିର ପ୍ରତିଟି ସତ୍ତା ତାଙ୍କରି ଶକ୍ତିର ସ୍ଫୁରଣରେ ସ୍ପନ୍ଦିତ । ମାନବୀୟ ଚେତନାର ଆଧାରରେ ବିଚାର କଲେ ଏ ପ୍ରାର୍ଥନା ବସ୍ତୁତଃ ଅନେକ ଆବରଣର ଆଚ୍ଛାଦନ ମଧ୍ୟରେ ସ୍ୱରୂପରେ ନିହିତ ଆତ୍ମା ପାଇଁ ହିଁ ଉଦ୍ଦିଷ୍ଟ, ଯାହାର ସ୍ପନ୍ଦନ ପ୍ରତିଟି କୋଷରେ ଅନୁରଣିତ ହୋଇଥାଏ । ନିଜ ଅଭ୍ୟନ୍ତରର ନିଗୂଢ଼ତମ ସ୍ଥାନରେ ଜୀବାତ୍ମା ରୂପେ ବିଦ୍ୟମାନ ସେହି ପରମାତ୍ମାଙ୍କ ସାକ୍ଷାତକାର ଲାଭ ହିଁ ଶ୍ରେଷ୍ଠ ଜୀବ ମନୁଷ୍ୟର ଚରମ ଧ୍ୟେୟ ।

ତେବେ ଏହି ପୁସ୍ତକଗତ ଜ୍ଞାନକୁ ନିଜ ଅନ୍ତଃକରଣରେ ଉପଲବ୍ଧି କରିବା ଆବଶ୍ୟକ । ସେଥିପାଇଁ ବାହ୍ୟଜଗତରୁ ନିଜର ଜ୍ଞାନ-ଦୃଷ୍ଟିକୁ ନିବର୍ତ୍ତାଇ ଅନ୍ତର୍ମୁଖୀ କରିବା ଦରକାର । କ୍ରମେକ୍ରମେ ଏହି ଅନ୍ତର୍ମୁଖିତା ବଢ଼ିଲେ, ଧ୍ୟାନସ୍ଥ ହୋଇ ଅନ୍ତରର

ନିଭୃତତମ ପ୍ରଦେଶରେ ଅନ୍ୱେଷଣ କଲେ ସେହି ସର୍ବମୂଳାଧାର ଗହ୍ୱରେଷ୍ଠ ପରମାତ୍ମାଙ୍କର ଦର୍ଶନ ମିଳିବ । ତେବେ ଏ ଦର୍ଶନ ଚର୍ମଚକ୍ଷୁ ବା ଦର୍ଶନେନ୍ଦ୍ରିୟର ବ୍ୟାପାର ନୁହେଁ; ଅନ୍ତଃ-ଚକ୍ଷୁ ବା ଅନ୍ତର୍ମନର ଉପଲବ୍ଧିର ବିଷୟ । ଭକ୍ତକବି ମଧୁସୂଦନ ରାଓ ବ୍ରାହ୍ମ-ଭାବରେ ଆପ୍ଳୁତ ହୋଇ ଏହି ଉପଲବ୍ଧିର କଥା କବିତାରେ ପ୍ରକାଶ କରିଛନ୍ତି–

"ଅନାଇଣ ବାରେ ଦେଖରେ
ଜୀବ ନିଜ ଅନ୍ତରେ,
ଅନନ୍ତ ଜୀବନ ଆଧାର
ସତ୍ୟ-ଶିବ-ସୁନ୍ଦରେ ।"

(ନବବସନ୍ତ ଭାବନା - କୁସୁମାଞ୍ଜଳି)

ଏହି ଚିରନ୍ତନ ସତ୍ୟର ଉଦ୍‌ଘୋଷଣ ଉପନିଷଦରେ ଥିଲା । ଏହା ଉପନିଷଦୀୟ ଉପଲବ୍ଧିର ପ୍ରତିଧ୍ୱନି ମାତ୍ର ।

ସାଧାରଣ ମଣିଷର ବାହ୍ୟବିଷୟ-ଜ୍ଞାନ ଓ ଇନ୍ଦ୍ରିୟାନୁଭବ ଇନ୍ଦ୍ରିୟୋତ୍ତର ବିଷୟକୁ ବୁଝିବାକୁ ସକ୍ଷମ ହୁଏ ନାହିଁ । ତେଣୁ ଇନ୍ଦ୍ରିୟଗମ୍ୟ ବିଷୟ, ଯେପରିକି ଈଶ୍ୱରଙ୍କର ସାକାର ରୂପ କଳ୍ପନା, ସେହି କଳ୍ପନାକୁ ପ୍ରତିମା, ଚିତ୍ର କିମ୍ବା କୌଣସି ସ୍ଥୂଳ ବସ୍ତୁ ମଧ୍ୟରେ ପ୍ରତିବିମ୍ବିତ କରିବା ଓ ତା'ର ଉପାସନା କରିବାର ଧାରା ପ୍ରଚଳିତ ହୋଇଛି । କିନ୍ତୁ ପରମାତ୍ମ-ଶକ୍ତି ଦିବ୍ୟ ଜ୍ୟୋତି ରୂପରେ ସୃଷ୍ଟିର ଛତ୍ରେଛତ୍ରେ ପ୍ରକଟିତ । କ୍ଷୁଦ୍ର ଖଦ୍ୟୋତଠାରୁ ଆରମ୍ଭ କରି ଆଲୋକର ଉତ୍ସ ରୂପେ ଆଭାସିତ ହେଉଥିବା ସୂର୍ଯ୍ୟ ପର୍ଯ୍ୟନ୍ତ ସବୁଥିରେ ତାଙ୍କରି ଆଲୋକ । ତାଙ୍କୁ ଦେଖିବା ପାଇଁ ଅନ୍ୟ ଆଲୋକର ଆବଶ୍ୟକତା ପଡ଼େ ନାହିଁ । ସେ ସ୍ୱୟଂପ୍ରକାଶ ଜ୍ୟୋତିରୂପ । ତାଙ୍କରି ଜ୍ୟୋତିରେ ସବୁକିଛି ଦେଦୀପ୍ୟମାନ । ଉପନିଷଦୀୟ ମନ୍ତ୍ରରେ ଏହି ସତ୍ୟର ସ୍ୱୀକୃତି ରହିଛି–

"ନ ତତ୍ର ସୂର୍ଯ୍ୟୋ ଭାତି ନ ଚନ୍ଦ୍ରତାରକଂ /
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।

ତମେବ ଭାନ୍ତମନୁଭାତି ସର୍ବଂ

ତସ୍ୟ ଭାସା ସର୍ବମିଦଂ ବିଭାତି ।”

(ମୁଣ୍ଡକ ଉପ-୨/୧୦; କଠୋପନିଷଦ, ୨/୨/୧୫; ଶ୍ୱେତାଶ୍ୱତର ଉପ. ୬/୧୪)

ସେ ଜ୍ୟୋତି ଅନାହତ, ଅନିର୍ବାଣ । ପବନର ଆଘାତରେ ଘନଘୋର ବୃଷ୍ଟିପାତରେ ସେ ଜ୍ୟୋତି ଥରି ଉଠେ ନାହିଁ କି ଲିଭିଯାଏ ନାହିଁ । ପ୍ରତ୍ୟେକ ଜୀବସତ୍ତାର ଅଭ୍ୟନ୍ତରରେ ସେହି ପରମଜ୍ୟୋତି ଆତ୍ମା ରୂପେ ନିହିତ ରହିଛି । ସେ ଜ୍ୟୋତି ଦର୍ଶନେନ୍ଦ୍ରିୟର ଗୋଚର ନୁହେଁ; ଆନ୍ତରିକ ଅନୁଭବର ବିଷୟ । ତାହା ପ୍ରଜ୍ଞା ରୂପେ ଅନ୍ତଶ୍ଚେତନାକୁ ଉଦ୍ଦୀପିତ କରେ, ବୁଦ୍ଧିକୁ ଆତ୍ମା ସହିତ ସମନ୍ୱିତ କରାଏ । ଏହା ଶୁଦ୍ଧ ଚୈତନ୍ୟର ସ୍ୱଭାବ । ତାକୁ ଆବିଷ୍କାର କରିବା ହିଁ ଆଧ୍ୟାତ୍ମିକ ସାଧନାର ଲକ୍ଷ୍ୟ ।

ପରମାତ୍ମା କେବଳ ଜୀବନୀଶକ୍ତି ଓ ଜ୍ୟୋତିସ୍ୱରୂପ ନୁହନ୍ତି । ପରମ ପ୍ରେମର ଆଧାର ମଧ୍ୟ । ସବୁକିଛି ତ ତାଙ୍କରିଠାରୁ ଓ ତାଙ୍କରି ମଧ୍ୟରେ ଅଭିବ୍ୟକ୍ତ, ତାଙ୍କରି ଅଂଶ । ଆମେ ଯେପରି ନିଜର ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗକୁ ଭଲପାଉ, ତା’ର ଯତ୍ନ ନେଉ କିମ୍ବା ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଭଲ ପାଉ, ସେମାନଙ୍କର ମଙ୍ଗଳ ପାଇଁ କାର୍ଯ୍ୟ କରୁଁ, ପରମାତ୍ମା ସେହିପରି ତାଙ୍କର ସ୍ନେହ-ପ୍ରେମର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି । ତାଙ୍କ ପାଇଁ କେହି ଅପ୍ରିୟ ନୁହେଁ, କେହି ପର ନୁହେଁ । ଆମେ ଅନେକ ସମୟରେ ଅଭିଯୋଗ କରୁ ଯେ ଈଶ୍ୱର ଆମକୁ କଷ୍ଟ ଦେଉଛନ୍ତି; ଅନ୍ୟ କୌଣସି ମନ୍ଦ କର୍ମରେ ଲିପ୍ତ ମଣିଷଙ୍କୁ ଭଲରେ ରଖିଛନ୍ତି । କିନ୍ତୁ ପ୍ରକୃତ କଥାଟି ହେଲା ଈଶ୍ୱର କୌଣସି ପକ୍ଷପାତ କରନ୍ତି ନାହିଁ । ସମସ୍ତଙ୍କୁ ନିଜର କର୍ମର ଫଳ ହିଁ ଭୋଗ କରିବାକୁ ପଡ଼ିଥାଏ । ଏ ଜନ୍ମରେ ନ ହେଲେ ବି ପୂର୍ବ ପୂର୍ବ ଜନ୍ମମାନଙ୍କରେ କରିଥିବା ଭଲ ଅବା ମନ୍ଦ କର୍ମର ଫଳ ମନୁଷ୍ୟ ଭୋଗିଥାଏ; କିନ୍ତୁ ସେ ବିଷୟକ ସ୍ମୃତି ସଂଜୀବିତ ନ ଥିବାରୁ ବିଭ୍ରମ-ବିଭ୍ରମ ହୋଇଥାଏ । ମନେକରାଯାଉ ଗୋଟିଏ ଛାତ୍ର ବର୍ତ୍ତମାନ ବହୁତ ପରିଶ୍ରମ କରି ପାଠ ପଢୁଛି । କିନ୍ତୁ ତା’ର ପୂର୍ବବର୍ତ୍ତୀ ପରୀକ୍ଷାର ଫଳ ଖରାପ ହୋଇଛି । ତା’ର ଅର୍ଥ ପୂର୍ବ ପରୀକ୍ଷା ପାଇଁ ସେ ଭଲ ଭାବରେ ପାଠ ପଢ଼ି

ପ୍ରସ୍ତୁତ ହୋଇ ନ ଥିଲା । ବର୍ତ୍ତମାନ ସେ ଯେଉଁ ପରିଶ୍ରମ କରୁଛି, ତା'ର ଫଳ ପରବର୍ତ୍ତୀ ପରୀକ୍ଷାରେ ମିଳିବ ।

କର୍ମର ନିୟମ, କର୍ମଫଳ ଭୋଗର ଅନିବାର୍ଯ୍ୟତା ସମସ୍ତଙ୍କ ପାଇଁ ନିର୍ଦ୍ଧାରିତ । ଈଶ୍ୱରୀୟ ପ୍ରେମ, ସେ ନିର୍ମଳ ପ୍ରେମାବେଶର ମଧୁର ଆଶ୍ଳେଷରେ ସମସ୍ତେ ଆବଦ୍ଧ । ସେ ଆଲିଙ୍ଗନର ବାହାରେ କେହି ନାହାନ୍ତି । ତେଣୁ ଭଲ-ମନ୍ଦ, ଉଚ୍ଚ-ନୀଚର ଭେଦ ମଧ୍ୟ ନାହିଁ । ଉପନିଷଦ କହେ, "ପ୍ରେମମୂଳା ମେଦିନୀ । ପ୍ରେମମୂଳା ଜୀବନବୃତ୍ତି ।"

ଆସକ୍ତି ଓ ବିରକ୍ତି ରହିତ ପ୍ରେମ ଅଠା ପରି ସୃଷ୍ଟିର ପ୍ରତି ଅଂଶକୁ, ପ୍ରତ୍ୟେକ ପ୍ରକାଶିତ ସତ୍ତାକୁ ଏକତ୍ର କରି ଧରି ରଖେ । ଏହା ଦୁଇ ବିପରୀତମୁଖୀ, ବିପରୀତ ଗୁଣସମ୍ପନ୍ନ ସତ୍ତାକୁ ମଧ୍ୟ ଏକତ୍ର କରି ରଖିପାରେ । ଏକ ପରମସତ୍ତାରୁ ଉତ୍ସାରିତ ହୋଇ ବହୁଧା ବିଭକ୍ତ ରୂପରେ ବ୍ୟକ୍ତ ହୋଇଥିବା ବିଭିନ୍ନ ସତ୍ତା ପ୍ରେମର ନିର୍ମଳ ଭାବରେ ସଂଲଗ୍ନ ହୋଇଥିବା ହେତୁ ସୃଷ୍ଟିରେ ଭାରସାମ୍ୟ ବଜାୟ ରହେ । ଭେଦ-ବୁଦ୍ଧିର ଊର୍ଦ୍ଧ୍ୱକୁ ଉଠି ମନ ବୁଦ୍ଧି (intuition) ସହିତ ଏକାକାର ହେଲେ ଶାନ୍ତ ଅବସ୍ଥା ପ୍ରାପ୍ତ ହୁଏ । ଶାନ୍ତ ଅବିଚଳ ପ୍ରଜ୍ଞା ଅଦ୍ୱୈତର ଉପଲବ୍ଧି କରେ । ଫଳରେ ସବୁକିଛି ଏକ ଅଦ୍ୱିତୀୟ ପରମାତ୍ମସତ୍ତାର ଅବିଭକ୍ତ ଏକାକାର ରୂପ ବୋଲି ପ୍ରତିଭାତ ହୁଏ । ଇନ୍ଦ୍ରିୟ ଓ ମନର ଅଗମ୍ୟ ଏହି ନିଗୂଢ଼ତାକୁ ଯୋଗ ବଳରେ ହିଁ ଭେଦ କରିବା ସମ୍ଭବ । ଡକ୍ଟର ଆଇ.କେ.ଟଇମ୍‌ନିଙ୍କ "Glimpses into the Psychology of Yoga" ପୁସ୍ତକର ଉକ୍ତି ଉଦ୍ଧାର କରିବା ପ୍ରାସଙ୍ଗିକ ମନେହୁଏ । " x x x the individual consciousness becomes freed from the veil which separates the individual consciousness from the universal consciousness and knows this reality directly by becoming one with it." ଏକ ପରମସତ୍ତାର ଏହି ତ୍ରିବିଧ ସ୍ୱରୂପକୁ ଜାଣିବାରେ ସମର୍ଥ ହେବା ଆତ୍ମୋପଲବ୍ଧିର କଥା ।

ଆତ୍ମା ମନୁଷ୍ୟର ସାରସତ୍ତା, ତା'ର ସ୍ୱରୂପ । ସେ ଯେ ପରମସତ୍ତାଠାରୁ ଅଭିନ୍ନ, ଏହି ସତ୍ୟକୁ ଚେତନାର ଚରମ ଉତ୍ତରିତ ସ୍ତରରେ ହିଁ ଅନୁଭବ କରି ହୁଏ । ସେହି ନିମଗ୍ନ ଅବସ୍ଥାରେ ବାହାରର କୌଣସି ପ୍ରଭାବ ତାକୁ ବିଚଳିତ

କରିପାରେ ନାହିଁ । କେବଳ ଅଭିନ୍ନତାବୋଧ ପୂର୍ଣ୍ଣତାର ଅନୁଭବରେ ସମୁଦାୟ ସତ୍ତାକୁ ପ୍ଲାବିତ କରେ । ଏହା ହିଁ ଜୀବନ, ଜ୍ୟୋତି ଓ ଯୋଗ (ପ୍ରେମାଶ୍ଳେଷ)ର ସଂଶ୍ଳିଷ୍ଟ ଅଖଣ୍ଡ ଅବିଭାଜ୍ୟ ଚେତନାର ବିଶୁଦ୍ଧ ଅବବୋଧ । ଏହାହିଁ ପରମଜ୍ଞାନ, ପ୍ରଜ୍ଞା ବା ବୋଧିର ଉପଲବ୍ଧି, ଯାହା ଅନିର୍ବଚନୀୟ ।

ଏହା କେବଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ପାଇଁ ନୁହେଁ; ପ୍ରତ୍ୟେକଙ୍କ ପାଇଁ ପ୍ରଯୁଜ୍ୟ ମହାସତ୍ୟ, ମହାଜ୍ଞାନ, ଯାହା ମହାନନ୍ଦର ହେତୁ ହୋଇଥାଏ । ପ୍ରତିଟି ବିକୀରିତ ସତ୍ତା ସେହି ପରମସତ୍ତା ମଧ୍ୟରେ ବିଲୀନ; ପରମସତ୍ତା ଦ୍ୱାରା ସ୍ପନ୍ଦିତ, ଦୀପ୍ତ ଓ ଆଲିଙ୍ଗିତ ।

ଶେଷକଥା ଏହି ଯେ ସେହି ଚରମ ଓ ପରମ ସତ୍ୟର ଉପଲବ୍ଧି ପାଇଁ ଆମକୁ ଅଳସ-ବିଳାସର ପ୍ରେୟ-ପଥ ଛାଡ଼ି ଶ୍ରେୟର ପଥ ଅବଲମ୍ବନ କରିବାକୁ ପଡ଼ିବ । ଜୀବକୁ ବ୍ରହ୍ମ-ସନ୍ନିଧି ପାଇଁ ଉନ୍ମୁଖ କରିବାକୁ ପଡ଼ିବ । ପ୍ରଜ୍ଞାର ଆଲୋକରେ ଅନ୍ତର ଉଦ୍‌ଭାସିତ ହୋଇଗଲେ ସମଗ୍ର ବ୍ରହ୍ମାଣ୍ଡର ସ୍ଥିତି ପ୍ରେମ ଓ କରୁଣା ଉପରେ ଆଧାରିତ ବୋଲି ବିଶ୍ୱାସ ଦୃଢ଼ ହୋଇଯାଏ । ସର୍ବଭୂତ ପ୍ରତି ଏକାତ୍ମତାବୋଧ ଆସିଲେ କେହି ବା କିଛି କାହାରିଠାରୁ ଭିନ୍ନ ବୋଲି ବୋଧ ହୁଏ ନାହିଁ । ବ୍ରହ୍ମ ଓ ବ୍ରହ୍ମାଣ୍ଡର ପ୍ରତ୍ୟେକ ସତ୍ତା ସହିତ ନିଜେ ଏକାତ୍ମ ବୋଲି ଉପଲବ୍ଧି କରି ଆତ୍ମଲୀନ ହେବାରେ, ଅହଂବୋଧକୁ ହଜାଇ ସ୍ୱ-ପ୍ରାଣକୁ ବିଶ୍ୱପ୍ରାଣରେ ବିଲୀନ କରିବାରେ ପ୍ରେମର ନିଃସୀମ ସମୁଦ୍ର ଉଚ୍ଛଳ ହୋଇଉଠେ । ଏହା ସମଗ୍ର ସୃଷ୍ଟିକୁ ଆଲିଙ୍ଗନ-ପାଶରେ ବାନ୍ଧି ରଖିଥିବା ପ୍ରେମମୟ ସ୍ରଷ୍ଟାଙ୍କର ରହସ୍ୟାଚ୍ଛନ୍ନ ପ୍ରେମର ପରିପ୍ରକାଶ । ଏହି ରହସ୍ୟଘନ ପ୍ରେମର ସୀମାହୀନ ଆନନ୍ଦର ଉପଲବ୍ଧି ତ ବ୍ରହ୍ମାନନ୍ଦ ।

ସେହି ଉପଲବ୍ଧି ଆସିଲା ପରେ, ଆମର ଅନ୍ତଃସତ୍ତା ବା ଆତ୍ମା ବ୍ରହ୍ମଠାରୁ ଅଭିନ୍ନ ବୋଲି ବୋଧ ହେବ । 'ଅହଂ ବ୍ରହ୍ମୋଽସ୍ମି'ର ଭାବ ଆସିଗଲେ ସମଗ୍ର ଜଗତ ମଧ୍ୟ ବ୍ରହ୍ମମୟ ବୋଲି ଉପଲବ୍ଧି ହେବ । ଜଗତର ପ୍ରତିଟି ସତ୍ତା ବ୍ରହ୍ମଠାରୁ ଅଭିନ୍ନ । ତେଣୁ ଆମେ ମଧ୍ୟ ସେସବୁଠାରୁ ଅଭିନ୍ନ । ଏପରି ଚେତନା ଜାଗ୍ରତ ହେଲା ପରେ ଉଚ୍ଚ-ନୀଚ, ଛୋଟ-ବଡ଼, ଏପରିକି ଆତ୍ମ-ପର ଭେଦ ରହିବ ନାହିଁ । କାହାରି ପ୍ରତି ହିଂସା, ଦ୍ୱେଷ, ଅସୂୟା, ଘୃଣା ଆଦି ନକାରାତ୍ମକ ଭାବନା ଆସିବ

ନାହିଁ । ବରଂ ସମସ୍ତଙ୍କ ପ୍ରତି ପ୍ରେମ, କରୁଣା, ସୌହାର୍ଦ୍ଦ୍ୟ ଓ ସହାନୁଭୂତିର ସକାରାତ୍ମକ ଭାବ ହୃଦୟକୁ ଅଧିକାର କରି ବସିବ; ତାହା ଆଚରଣ ଓ ବ୍ୟବହାରରେ ମଧ୍ୟ ପ୍ରକାଶ ପାଇବ । ମନେରଖିବାକୁ ହେବ ଯେ ଅନ୍ୟର ଦୁଃଖ, କଷ୍ଟ, ପୀଡ଼ା, ଅଭାବ, ଅସୁବିଧାକୁ ବୁଝିପାରିବା; ତାହା ଦୂର କରିବାକୁ ଚେଷ୍ଟା କରିବା ହିଁ ଯଥାର୍ଥ ଆଧ୍ୟାତ୍ମିକତା । ସେ ଚେଷ୍ଟାରେ ସଫଳ ହେବାର ଶକ୍ତି ହିଁ ଯଥାର୍ଥ ଅତୀନ୍ଦ୍ରିୟ ଶକ୍ତି । ଏହା ହିଁ 'ପାରମିତା' ବା ପୂର୍ଣ୍ଣତାର ପ୍ରକାଶିତ ରୂପ । ଏହା ହିଁ ଅଜ୍ଞାନର ଅନ୍ଧକାରରୁ ଦିବ୍ୟଜ୍ଞାନର ଆଲୋକ ଆଡ଼କୁ ଯାତ୍ରା, ଅସତ୍ୟକୁ ଛାଡ଼ି ସତ୍ୟ ପ୍ରତି ଉନ୍ମୁଖତା । ଏହି ଜ୍ଞାନ ଓ ସତ୍ୟର ଉଦ୍‌ଭାସିତ ଆଲୋକ ହିଁ ମର୍ତ୍ତ୍ୟର ଚେତନାକୁ ଅମୃତତତ୍ତ୍ୱର ଅଲୌକିକ ଆସ୍ୱାଦନ କରାଇବାକୁ ସମର୍ଥ ।

ଓଁ ଅସତୋଽମା ସଦ୍‌ଗମୟ ।

ତମସୋଽମା ଜ୍ୟୋତିର୍ଗମୟ ।

ମୃତ୍ୟୋର୍ମାଽମୃତଂ ଗମୟ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

❖❖❖

# ଯାତନାର ତାତ୍ପର୍ଯ୍ୟ ଓ ଉପଯୋଗ

*(ଶ୍ରୀମତୀ ଆନି ବେସାନ୍ତ୍‌ଙ୍କ 'Pain, its Meaning and Use' ପୁସ୍ତିକାର ମର୍ମ)*

ବ୍ରହ୍ମବିଦୂଷୀ ଶ୍ରୀମତୀ ଆନିବେଶାନ୍ତ ସବୁବେଳେ ମାନବର ଅନ୍ତର୍ନିହିତ ସତ୍ତାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ମଣିଷର ଅନ୍ତର୍ନିହିତ ନିଗୂଢ଼ ସତ୍ତା ହିଁ ତା'ର ପ୍ରକୃତ ସତ୍ତା, ଯାହା ବିଭିନ୍ନ ଶରୀର ବା ଆବରଣ ମଧ୍ୟରେ କାର୍ଯ୍ୟ କରିଥାଏ ଓ ନାନା ଉପାୟରେ ତା'ର ଚେତନତ୍ୱର ପରିପ୍ରକାଶ କରାଇଥାଏ । ମନୁଷ୍ୟର ଗଠନ ପ୍ରକ୍ରିୟାକୁ ବୁଝିବାର ପ୍ରୟାସ କଲେ ଉପଲବ୍ଧି କରିହୁଏ ଯେ ସକଳ କର୍ମର ମୂଳରେ ଆତ୍ମସତ୍ତା ହିଁ ବିଦ୍ୟମାନ; ମାତ୍ର କର୍ମଗୁଡ଼ିକର ବିବିଧ ପ୍ରକୃତି ମାଧ୍ୟମର ବିବିଧତା ଓ ଗୁଣାବଳୀର ପାର୍ଥକ୍ୟ ଉପରେ ନିର୍ଭର କରେ, ଯାହା ସାହାଯ୍ୟରେ ଆତ୍ମା କାର୍ଯ୍ୟ କରିଥାଏ ।

ଆତ୍ମା ତା'ର ନିଜ ସ୍ତରରେ ପ୍ରାରମ୍ଭରୁ ହିଁ ସଚେତନ ଥାଏ । ମାତ୍ର ପ୍ରକାଶମାନ ଜଗତକୁ ଅବତରଣ କଲେ ଶରୀର ପରେ ଶରୀର, ଆବରଣ ପରେ ଆବରଣଦ୍ୱାରା ଆବୃତ ହୋଇ ତା'ର ସେହି ଚୈତନ୍ୟ-ଦୃଷ୍ଟି ଅନ୍ଧୀଭୂତ ହୋଇଯାଏ । ନିମ୍ନତମ ସ୍ତରରେ, ଆମେ ବାସ କରୁଥିବା ଏହି ସ୍ଥୂଳ ପାର୍ଥିବ ଜଗତରେ ପହଞ୍ଚି ସେ ବସ୍ତୁ ଦ୍ୱାରା ଅନ୍ଧୀଭୂତ ହୋଇଯାଏ; ତା'ର ନିଜସ୍ୱ ଉଚ୍ଚ ସ୍ତର ବା ନିଜସ୍ୱ ପ୍ରକୃତି ସଂପର୍କରେ ଆଉ ସଚେତନ ରହିପାରେ ନାହିଁ ।

ଏହି ଅନ୍ଧୀଭୂତ ଆତ୍ମସତ୍ତା ଅନୁଭୂତି ଓ ଶିକ୍ଷା ଲାଭ କରିବା ନିମିତ୍ତ ବ୍ୟକ୍ତ ଜଗତକୁ ଆସିଥାଏ । ସେତେବେଳକୁ ସେ ଅନେକ ଆବରଣରେ ଆଚ୍ଛାଦିତ ହୋଇସାରିଥାଏ, ଯେପରିକି ମନ ବା ମାନସ-ଶରୀର (ଯାହାଦ୍ୱାରା ସେ ଚିନ୍ତା କରେ), ଭାବଶରୀର (ଯାହାଦ୍ୱାରା ସେ ଅନୁଭବ କରେ) ଇତ୍ୟାଦି । ଅନୁଭବ

ଓ କାମନା ଅତି ଓତପ୍ରୋତ ଭାବେ ପରସ୍ପର ଜଡ଼ିତ ହୋଇଥିବାରୁ ଆନନ୍ଦ ଓ ଯନ୍ତ୍ରଣାର ଅନୁଭବ ଭାବଶରୀର ସହ ସଂପୃକ୍ତ ହୋଇ ଏହାକୁ ବାହ୍ୟ ବସ୍ତୁସମୂହ ପ୍ରତି ଆକୃଷ୍ଟ ବା ବିତୃଷ୍ଣ କରାଇଥାଏ ।

କାମନାର ଆବରଣରେ ଆବୃତ, ନିଜର ପ୍ରକୃତି ଓ ପ୍ରକୃତ ଅବସ୍ଥା ସମ୍ବନ୍ଧରେ ଅଜ୍ଞ ଅନ୍ଧୀଭୂତ ଆତ୍ମସତ୍ତା (ଜୀବାତ୍ମା) ସୁଖାନୁଭୂତି ଦେଉଥିବା ବାହ୍ୟବସ୍ତୁସମୂହ ପ୍ରତି ଅନୁରକ୍ତ ଓ ଯନ୍ତ୍ରଣା ବା ଦୁଃଖାନୁଭୂତିଦାୟକ ବସ୍ତୁସମୂହ ପ୍ରତି ବିରକ୍ତ ହୋଇଥାଏ । ଇହଜଗତ (ଯାହା ବିଷୟରେ ଆତ୍ମା କିଛି ହେଲେ ଜାଣି ନ ଥାଏ)କୁ ଆସିବାର ପ୍ରାଥମିକ ଅବସ୍ଥାରେ ସେ ସ୍ୱାଭାବିକ ଭାବରେ ସୁଖପ୍ରଦ ବସ୍ତୁଗୁଡ଼ିକ ପ୍ରତି ଅତ୍ୟଧିକ ଆକୃଷ୍ଟ ଥାଏ । ସୁଖ ଲୋଭରେ ବାଞ୍ଛନୀୟ ବସ୍ତୁ ପ୍ରତି ଆକୃଷ୍ଟ ହୋଇ ତା'ର ପ୍ରାପ୍ତି ଅଥବା ସଂସ୍ପର୍ଶ ଲାଭ ପାଇଁ ଯଥାଶକ୍ତି ପ୍ରୟାସ କରେ । କାରଣ ଯଥାର୍ଥ ପରିଗ୍ରାହ୍ୟ ଓ ପରିତ୍ୟଜ୍ୟକୁ ପ୍ରଭିନ୍ନ କରି ପାରିବାର ବିବେଚନା ପାଇଁ ତା'ର ଯଥେଷ୍ଟ ଅଭିଜ୍ଞତା ହୋଇ ନ ଥାଏ । ମାତ୍ର ଏହି ଆପାତସୁଖଦାୟକ ବସ୍ତୁ-ସମ୍ବନ୍ଧରୁ ଦୁଃଖର ଉଦ୍ଭବ ଓ ଅଭିବୃଦ୍ଧି ହୁଏ । ସେଥିରୁ ସେ ବୁଝିପାରେ ଯେ ସେ ଯାହା ପ୍ରତି ଆକୃଷ୍ଟ ହୋଇ ଧାଇଁଥିଲା, ତାହା ବାଞ୍ଛନୀୟ ନୁହେଁ; ବର୍ଜନୀୟ । ବାରମ୍ବାର, ବାରମ୍ବାର ଏହି ପ୍ରକାର ଅନୁଭବଦ୍ୱାରା ସେ ବାହ୍ୟବିଶ୍ୱରୁ ପ୍ରୟୋଜନୀୟ ଶିକ୍ଷା ଲାଭ କରିଥାଏ ।

ଏହି ବିଷୟର ବ୍ୟାଖ୍ୟା କରିବା ପାଇଁ ଆନିବେଶାନ୍ତ ପ୍ରାୟତଃ ଏକ ପ୍ରାଚ୍ୟ ଉପମାର ପ୍ରୟୋଗ କରୁଥିଲେ । ତାହା ହେଲା; ଇନ୍ଦ୍ରିୟସମୂହ (Senses) ହେଉଛନ୍ତି ଶରୀର ରୂପକ ରଥରେ ସଂଯୁକ୍ତ ଅଶ୍ୱ, ଯେଉଁମାନେ ସେହି ରଥରେ ଆରୂଢ଼ ଆତ୍ମାକୁ ଭୋଗ୍ୟ ବା ଇପ୍‌ସିତ ବସ୍ତୁସମୂହ ଆଡ଼କୁ ବହନ କରିନିଅନ୍ତି । ଇନ୍ଦ୍ରିୟତୃପ୍ତି ପାଇଁ ପ୍ରୟାସର ପରିଣାମରେ ଦୁଃଖ ହିଁ ମିଳେ । ଦୃଷ୍ଟାନ୍ତ ସ୍ୱରୂପ ସ୍ୱାଦେନ୍ଦ୍ରିୟକୁ ତୃପ୍ତ କରିବା ପାଇଁ ଅତ୍ୟାହାର ଓ ଅତିପାନ କରି ଲାଳସାର ପରିତୃପ୍ତି କରି ସାରିବା ପରେ ଯନ୍ତ୍ରଣା ହୋଇଥାଏ । ବାରମ୍ବାର ଏହି ପ୍ରକ୍ରିୟାର ପୁନରାବୃତ୍ତି ହେଲେ ଆତ୍ମା (ଯାହାକି ମନ ଭାବରେ ଚିନ୍ତା କରିବା ପାଇଁ ସମର୍ଥ) ଏସବୁକୁ ସଂପୃକ୍ତ କରି ଦେଖେ । ବାସନା-ତୃପ୍ତି ସହ ତାକୁ ଅନୁସରଣ କରୁଥିବା ଦୁଃଖର ସଂପର୍କକୁ ବୁଝେ । ଏହିପରି କ୍ରମେ ବୁଝିପାରେ ଯେ ଜାଗତିକ ନିୟମନିଚୟ ତା'ର ଶରୀର ସହ

ସଂପୃକ୍ତ । ଯଦି ସେ ସେହିସବୁ ନିୟମର ବିରୁଦ୍ଧାଚରଣ କରିବାକୁ ଚେଷ୍ଟା କରେ, ତେବେ ତାକୁ କଷ୍ଟଭୋଗ କରିବାକୁ ପଡ଼ିବ । ଯଦି ଜଣେ ବ୍ୟକ୍ତି ଏକ ଅଦୃଶ୍ୟ ପ୍ରାଚୀର (କାଚର ପ୍ରାଚୀର ପରି)ର ଆରପାଖେ ଥିବା କୌଣସି ଦୃଶ୍ୟମାନ (ଇନ୍ଦ୍ରିୟଗ୍ରାହ୍ୟ) ବସ୍ତୁ ପ୍ରତି ଆକୃଷ୍ଟ ହୋଇ ବାରମ୍ବାର ତା' ଆଡ଼କୁ ପ୍ରଧାବିତ ହୁଏ ଓ ଆହତ ହୁଏ, ତେବେ ସେହି ବସ୍ତୁ ପଛରେ ଧାଇଁବା ଓ ସେହି ହେତୁ ପାଇଥିବା ଯନ୍ତ୍ରଣାକୁ ସମ୍ବନ୍ଧିତ କରି ଚିନ୍ତା କରେ । ଫଳରେ ତା' ମନରେ କାରଣ ଓ କାର୍ଯ୍ୟର, ବାସନାତୃପ୍ତି ଓ ତା'ର ପରବର୍ତ୍ତୀ ଯନ୍ତ୍ରଣା ମଧ୍ୟରେ ଥିବା ସଂପର୍କର ଧାରଣା ଜନ୍ମେ । ଶିଶୁ ଅବସ୍ଥାରେ ଥିବା ମନ ଏହିପରି ଧୀରେଧୀରେ ଶିକ୍ଷା ଲାଭ କରେ ଯେ ଏ ଜଗତରେ ତା'ଠାରୁ ଶକ୍ତିଶାଳୀ କିଛି ଅଛି । ତାହା ହେଉଛି ଏକ ନିୟମ, ଯାହାକୁ ସେ ଭାଙ୍ଗି ପାରିବ ନାହିଁ; ଯାହାର ବିରୁଦ୍ଧାଚରଣ କରିବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହୋଇ ପାରିବ ନାହିଁ । ତା'ର ନିଜ ସ୍ଥିତି ସହ ସଂଘର୍ଷରେ ଆହତ ହେବାର ଅନୁଭୂତିରୁ ହିଁ ଏହା ସିଦ୍ଧ ହୋଇଥାଏ । ଏହିପରି ଦୁଃଖ-ଯନ୍ତ୍ରଣାର ପର୍ଯ୍ୟାପ୍ତ ଅନୁଭବରୁ ଆତ୍ମା କ୍ରମେକ୍ରମେ କାମନା-ବାସନାକୁ ନିୟନ୍ତ୍ରିତ କରିବାକୁ ଶିଖେ । ସେ ଆଉ ଇନ୍ଦ୍ରିୟାସକ୍ତି ବା କାମନାର ଅଶ୍ୱମାନଙ୍କୁ ଇଚ୍ଛାମତେ କ୍ଷିପ୍ର ଗତିରେ ଧାଇଁବାକୁ ଛାଡ଼ି ଦିଏ ନାହିଁ; ବରଂ ସେମାନଙ୍କୁ ଲଗାମ ଦେବାକୁ ଓ ଶାସନ କରିବାକୁ ଶିଖେ ଏବଂ କେବଳ ପ୍ରକୃତ ଗନ୍ତବ୍ୟ ପଥରେ ଚାଲିବାକୁ ଅନୁମତି ଦିଏ । ଏହିପରି ଭାବରେ ଦୁଃଖପୂର୍ଣ୍ଣ ଅନୁଭବର ଫଳ ହୋଇଥାଏ ଆତ୍ମ-ନିୟନ୍ତ୍ରଣର ଶିକ୍ଷା ।

ଉଭୟ ପଶୁ ଓ ମନୁଷ୍ୟଠାରେ ଭାବଶରୀର ବିଦ୍ୟମାନ ଥିଲେ ହେଁ ଉଭୟ ମଧ୍ୟରେ କୌତୂହଳପ୍ରଦ ପାର୍ଥକ୍ୟ ଥାଏ । ମଣିଷ ଆତ୍ମନିୟନ୍ତ୍ରଣର ଶିକ୍ଷା ନ ଲଭିବା ଯାଏ ବାରମ୍ବାର ଦୁଃଖଦାୟକ ଅନୁଭବର ସମ୍ମୁଖୀନ ହେଉଥାଏ । ମାତ୍ର ପଶୁମାନେ ଏକ ସ୍ୱାଭାବିକ ସହଜାତ ଅନୁଭବ(ଯାହାକୁ ପ୍ରବୃତ୍ତି କୁହାଯାଏ)ଦ୍ୱାରା ପୂର୍ଣ୍ଣତଃ ବା ଅତିକମ୍‌ରେ ବହୁଳାଂଶରେ ସେ ପ୍ରକାର ଅନୁଭବରୁ ନିଜକୁ ଦୂରେଇ ରଖନ୍ତି । ଏହାର କାରଣ ଏହି ଯେ ନିମ୍ନଶ୍ରେଣୀର ପଶୁମାନଙ୍କଠାରେ ପ୍ରବୃତ୍ତିର ଶାସନ ପୂର୍ଣ୍ଣଭାବରେ ଥାଏ । ମାତ୍ର ଉଚ୍ଚଶ୍ରେଣୀର ପ୍ରାଣୀ ମନୁଷ୍ୟଠାରେ ଏହା ଅପେକ୍ଷାକୃତ ଅପୂର୍ଣ୍ଣ । ପ୍ରବୃତ୍ତି ସେମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ନିରାପଦ ପ୍ରହରୀ ହେବା ପର୍ଯ୍ୟନ୍ତ ସେମାନଙ୍କର କିଛି ଅନୁଭୂତି ଆବଶ୍ୟକ ହୋଇଥାଏ । ତେବେ ମଣିଷ କେବଳ

ଏହି ଭାବଶରୀର ସହ ସଂପୃକ୍ତ ନୁହେଁ ଯେ ଏକ ବାହ୍ୟ ନିୟମ ଦ୍ୱାରା ନିୟନ୍ତ୍ରିତ ହେବ, ଯାହା ତାକୁ ସ୍ୱାସ୍ଥ୍ୟପ୍ରଦ (healthy) ବସ୍ତୁ ବା ବିଷୟ ଆଡ଼କୁ ସଞ୍ଚାଳିତ କରିବ; କ୍ଷତିକାରକ ବା ବିପଜ୍ଜନକ ବସ୍ତୁସମୂହଠାରୁ ଦୂରେଇ ରଖିବ । ମଣିଷ ଭିତରେ ଅନ୍ତର୍ନିହିତ ରହିଛି ଜୀବାତ୍ମା (Soul), ଅର୍ଥାତ୍ ବ୍ୟକ୍ତିଭୂତ ଆତ୍ମା (Individualised spirit), ଯାହା କୌଣସି ବାହ୍ୟ ନିୟମଦ୍ୱାରା ବାଧ୍ୟ ନୁହେଁ; ବରଂ ନିଜ ଭିତରୁ ସ୍ୱତନ୍ତ୍ର ନିୟମରେ ପ୍ରକଟିତ ହୁଏ । ଧାତବ ଜଗତ, ଉଦ୍ଭିଦଜଗତ ଓ ପ୍ରାଣୀଜଗତ ପରି ଏହା ସିଧାସଳଖ ବାହ୍ୟ ପ୍ରାକୃତିକ ଶକ୍ତିର ବାଧ୍ୟବାଧକତାରେ ଏକ ସଂଗତିକୁ ଗ୍ରହଣ କରି ନେଇ ନ ଥାଏ । ଏ ସ୍ତରରେ ଆଉ ବାହ୍ୟ ନିୟମ ନିୟନ୍ତ୍ରିତ ସାମୂହିକ ଉଦ୍‌ବର୍ତ୍ତନ କାର୍ଯ୍ୟକାରୀ ହୁଏ ନାହିଁ । ମଣିଷକୁ ତା'ର ନିଜର ଉଦ୍‌ବର୍ତ୍ତନ ନିଜ ହାତକୁ ନେବାକୁ (ନିଜେ ନିୟନ୍ତ୍ରଣ କରିବାକୁ) ହୁଏ । ତା'ର ଉଦ୍‌ବର୍ତ୍ତନ ବାଧ୍ୟବାଧକତାରେ ନୁହେଁ, ଅନୁଭବଦ୍ୱାରା ହୋଇଥାଏ । ଏତେବେଳକୁ ଆତ୍ମା ମାନସଶରୀର ବା ମନର ଆବରଣଦ୍ୱାରା ବ୍ୟକ୍ତୀଭୂତ ହୋଇସାରିଥାଏ । ବାରମ୍ବାର ଜନ୍ମ ନେଉଥିବା ଜୀବାତ୍ମାର ଅଭିଜ୍ଞତା ବା ଅନୁଭବ ପ୍ରକୃତିର ନିମ୍ନସ୍ତରରେ କାର୍ଯ୍ୟ କରୁଥିବା ବାଧ୍ୟତାମୂଳକ ଶିକ୍ଷାର ସ୍ଥାନ ଗ୍ରହଣ କରିଥାଏ ।

ମଣିଷଠାରେ ମାନସ ବା ମନର ସ୍ଥିତି ଦୁଃଖଦାୟକ ବସ୍ତୁକୁ ଶିକ୍ଷାର ଏକ ଅଙ୍ଗରେ ପରିଣତ କରିଥାଏ । ସେ ସ୍ମରଣ ରଖିବାକୁ, ତୁଳନା କରିବାକୁ, ଘଟଣା ଓ ସଂଘଟକ ବସ୍ତୁ ବା ବିଷୟ ମଧ୍ୟରେ ସଂପର୍କର ରେଖା ଟାଣିବାକୁ ସମର୍ଥ ହୋଇଥାଏ । ଏହି ଚିନ୍ତନଶକ୍ତି ବା ମନର ଅଧିକାରୀ ହୋଇଥିବାରୁ ସେ ତା' ନିଜର ଅଭିବୃଦ୍ଧି ନିଜ ହାତକୁ ନେବାକୁ ସମର୍ଥ ହୋଇଥାଏ । ସେ ପ୍ରକୃତିର ସହକାରୀ ହୋଇପାରେ । ପ୍ରକୃତିର ହର୍ମ୍ୟ ନିର୍ମାଣରେ ସେ ସାମାନ୍ୟ ଇଷ୍ଟକଖଣ୍ଡ ନୁହେଁ; ଏକ ଆତ୍ମସଚେତନ ନିର୍ମାତା, ଯେ କି ସମଗ୍ର ହର୍ମ୍ୟ ନିର୍ମାଣରେ ଅଂଶଗ୍ରହଣ କରିପାରେ ।

ଏହିପରି ଭାବଶରୀରର ମାଧ୍ୟମରେ ମନ ଉପରେ ପ୍ରଭାବ ପକାଉଥିବା ଯନ୍ତ୍ରଣାରୁ ଲବ୍ଧ ଶିକ୍ଷାଦ୍ୱାରା କ୍ରମେ ଜାଗତିକ ନିୟମର ଜ୍ଞାନ ବଢ଼ିଥାଏ । ସୁତରାଂ, ଏଠାରେ ଦୁଃଖ ବା ଯାତନାର ଅର୍ଥ ହେଉଛି ନିୟମ ସହ ପ୍ରତିକୂଳ ସଂପର୍କ, ନିୟମ ଭାଙ୍ଗିବାର ପ୍ରୟାସ, ଯାହା କେବେ ସଫଳ ହେବା ସମ୍ଭବ ନୁହେଁ । ଯାତନାର

ଉପଯୋଗ ହେଉଛି ନିୟମ ସଂପର୍କିତ ଜ୍ଞାନର ଆହରଣ; ଅର୍ଥାତ୍ ନ୍ୟାୟସଙ୍ଗତ ଧୀଶକ୍ତିଦ୍ୱାରା ନିମ୍ନତର ପ୍ରକୃତିର ତତ୍ତ୍ୱାବଧାନ ଓ ପ୍ରଶିକ୍ଷଣ ।

ଦୁଃଖ ବା ଯନ୍ତ୍ରଣାର ଆଉ ଏକ ଗଭୀରତର (ମହତ୍ତର) ଉପଯୋଗ ରହିଛି । ଦୁଃଖଦ୍ୱାରା ବାହ୍ୟଜଗତର ପ୍ରତ୍ୟେକ ବସ୍ତୁ ପ୍ରତି ଥିବା କାମନା ନିର୍ମୂଳ ହୁଏ । କାମନା ହିଁ ବିଶ୍ୱଜଗତର ପରିପ୍ରକାଶର ମୂଳ କାରଣ । ଶାଶ୍ୱତ ସନାତନ ପରମସତ୍ତାର କାମନା ବା ଇଚ୍ଛାରୁ ହିଁ ପ୍ରଥମେ ଜଗତର ସୃଷ୍ଟି ହୋଇଥିଲା । ସେହି କାମନା ହିଁ ଜୀବାତ୍ମାକୁ ପୁନଃପୁନଃ ପୃଥିବୀ ଆଡ଼କୁ ଟାଣେ । କାମନା ହିଁ ତାକୁ ସଦାସର୍ବଦା ବାହ୍ୟଜଗତ ପ୍ରତି ଆକୃଷ୍ଟ କରାଏ । ସେ ଏହି ବହିର୍ମୁଖୀ ବିଚରଣରୁ ଶିକ୍ଷା ଆହରଣ କରି, ଅନୁଭୂତି ସଂଗ୍ରହ କରି ବାହ୍ୟ ବିଷୟ ପ୍ରତି ଆକର୍ଷଣ ହରାଏ ଓ ଲାଭ କରିଥିବା ଜ୍ଞାନକୁ ଅନ୍ତର୍ମୁଖୀ କରାଏ । କାମନା ବା ବାହ୍ୟବସ୍ତୁ ପ୍ରତି ଲାଳସା ଥିବା ପର୍ଯ୍ୟନ୍ତ ଜନ୍ମ-ମୃତ୍ୟୁଚକ୍ରର ଅନ୍ତ ହୁଏ ନାହିଁ । ସେ ପର୍ଯ୍ୟନ୍ତ ଆହୃତ ହୋଇଥିବା ଜ୍ଞାନର ସଞ୍ଚୟ ହୋଇପାରେ ନାହିଁ; କି ଉଚ୍ଚତମ ସମ୍ଭାବନାଗୁଡ଼ିକର ଯଥାର୍ଥ ବିକାଶ ହୋଇପାରେ ନାହିଁ ।

ମନେରଖିବାକୁ ହେବ ଯେ ମାନବୀୟ ପୂର୍ଣ୍ଣତା ଆମ ଅଭିବୃଦ୍ଧିର ଅନ୍ତ ନୁହେଁ । ଏହା କେବଳ ଏହି ଚକ୍ରର ଅନ୍ତ; ମାତ୍ର ଅନ୍ୟ ଏକ ଚକ୍ର ପାଇଁ ଏହା ପ୍ରସ୍ତୁତି ମାତ୍ର । ଯେଉଁମାନେ ଏହି ଚକ୍ରରେ ପୂର୍ଣ୍ଣତା ଲାଭ କରିଥା'ନ୍ତି, ସେମାନେ ନିର୍ବାଣର ଶାନ୍ତି ଲାଭ କରନ୍ତି । ସୃଷ୍ଟିର ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷା ଲାଭ ପାଇଁ ଆଉ ମନୁଷ୍ୟ ହୋଇ ଜନ୍ମନ୍ତି ନାହିଁ । ବରଂ ଉଚ୍ଚତର କର୍ମକ୍ଷେତ୍ରକୁ ଉନ୍ନୀତ ହୋଇ ଓ ପୂର୍ବଲବ୍ଧ ଅଭିଜ୍ଞତାର ସଦୁପଯୋଗ କରି ପରବର୍ତ୍ତୀ ପ୍ରକାଶମାନ ଜଗତର ନିର୍ମାଣ ବା ତତ୍ତ୍ୱାବଧାରକ ଦେବତା ହୋଇଥା'ନ୍ତି । ତେଣୁ ବର୍ତ୍ତମାନ ମାନବ ରୂପେ ଜନ୍ମିଥିବା ଜୀବାତ୍ମାସମୂହ, ଯେଉଁମାନଙ୍କୁ କି ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱର୍ଗୀୟ ସତ୍ତାରେ ବା ଦିବ୍ୟସତ୍ତାରେ ପରିଣତ ହେବାକୁ ହେବ, ସେମାନଙ୍କ ପକ୍ଷରେ କେବଳ ଜ୍ଞାନ ଆହରଣ କରିବା ନୁହେଁ, ସେହି ଜ୍ଞାନକୁ ନିଜ ଭବିଷ୍ୟତ ଜୀବନର ଅଂଶ ରୂପେ ବହନ କରି ନେବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ସେମାନଙ୍କର କାମନା ବା ଇଚ୍ଛାର ପ୍ରକୃତି କ୍ରମଶଃ ପରିବର୍ତ୍ତିତ ହୋଇ ପରିଶେଷରେ ଅନ୍ତର୍ହିତ ହୋଇଯିବା ଉଚିତ । ଜ୍ଞାନ ଲାଭ କରିଥିବା ଜୀବାତ୍ମାର ବାହ୍ୟଜଗତର ପ୍ରତ୍ୟେକ ପଦାର୍ଥ (ସ୍ଥୂଳ ହେଉ

ବା ସୂକ୍ଷ୍ମ ହେଉ) ପ୍ରତି ଆକର୍ଷଣ ବା ବାସନାର ନିବୃତ୍ତି ହୋଇ କେବଳ ଶାଶ୍ୱତତତ୍ତ୍ୱର ଅବଶେଷ ରହିବା ଉଚିତ, ଯାହାକି ତା' ନିଜର ମୌଳିକ ଉପାଦାନ ବା ସାରତତ୍ତ୍ୱ । ଏହିପରି ଭାବରେ ଜୀବାତ୍ମା ଦୁଃଖର ଅନୁଭବଦ୍ୱାରା ସ୍ଥୂଳଜଗତର ବାସନାରୁ ମୁକ୍ତ ହେବାକୁ ଶିକ୍ଷା କରେ ।

ବାସନାକୁ ଜୟ କରିବାର ଅନ୍ୟ କୌଣସି ପଥ ନାହିଁ । ଯଦି ବାସନା-ପୂର୍ତ୍ତିରେ ଦୁଃଖର ଅନୁଭବ ନ ଥା'ନ୍ତା, ତୁମେ ହୁଏତ ଦୃଢ଼-ମନୋବଳଦ୍ୱାରା ଅଶ୍ୱମାନଙ୍କୁ ପଛରୁ ଟାଣି ତୁମେ ଚାହୁଁ ନ ଥିବା ମାର୍ଗରେ ପ୍ରଧାବିତ ହେବାରୁ ନିବର୍ତ୍ତାଇ ପାରନ୍ତ । କିନ୍ତୁ ତୁମେ ସେମାନଙ୍କୁ ପଛରୁ ଟାଣି ଧରିବାଠାରୁ ଅଧିକ କିଛି କରିବାକୁ ଚାହଁ । ତାହା ହେଉଛି ଆତ୍ମୋନ୍ନତିର ପ୍ରାଥମିକ ସ୍ତର । ତୁମେ ଚାହଁ ଯେ ସେମାନେ ଆଉ ଏହି ବସ୍ତୁସମୂହର ପଛରେ ଧାଇଁବାର ବାସନା ପୋଷଣ ନ କରନ୍ତୁ । ଅର୍ଥାତ୍ ତୁମେ ବାସନାର ମୂଳ ଉତ୍ପାଟନ କରିବାକୁ ଚାହଁ । ତାହା କେବଳ ଆକୃଷ୍ଟ କରୁଥିବା ବସ୍ତୁର ଆକର୍ଷଣ-ଶକ୍ତିର ହାନିରେ ହିଁ ସମ୍ଭବ, ଯଦ୍ଦ୍ୱାରା ସେମାନେ ଜୀବାତ୍ମାକୁ ଆଉ ବହିର୍ମୁଖୀ କରାଇପାରିବେ ନାହିଁ । ସେତେବେଳେ ଯାଇ ଜୀବାତ୍ମା ଏସବୁରେ ଅବସାଦ ବୋଧ କରିବ, ଏସବୁରୁ କ୍ଷାନ୍ତ ବା ନିରସ୍ତ ହେବ । ବସ୍ତୁଗତ ସମ୍ଭୋଗର ଅନ୍ତରେ ତଜ୍ଜନିତ ଦୁଃଖକୁ ଉପଲବ୍ଧି କରି ପୁନଶ୍ଚ ଏହାକୁ ବାଞ୍ଛନୀୟ ବୋଲି ମନେକରିବ ନାହିଁ । ବରଂ ସେ ଏହାକୁ ପରିତ୍ୟାଗ କରି କେବଳ ଲାଭ କରିଥିବା ଜ୍ଞାନକୁ ନିଜ ସହିତ ବହନ କରି ନେବ । କାରଣ ଜୀବାତ୍ମା ହେଉଛି ଫୁଲ ନିକଟକୁ ଯାଉଥିବା ମଧୁମକ୍ଷିକା ତୁଲ୍ୟ । ସେ ସବୁବେଳେ ଫୁଲ ନିକଟରେ ରହିବା ଆବଶ୍ୟକ ମଣେ ନାହିଁ । ତା'ର ଆବଶ୍ୟକ କେବଳ ଫୁଲର ମଧୁ । ମଧୁ ସଂଗ୍ରହ କରିସାରିବା ପରେ ଫୁଲ ପ୍ରତି ତା'ର ଆଉ ଆସକ୍ତି ନ ଥାଏ । ଯେତେବେଳେ ଜୀବାତ୍ମା ସଂସାର ରୂପକ ଫୁଲରୁ ଜ୍ଞାନ-ମଧୁ ଆହରଣ କରି ସାରେ, ତା'ର ଆଉ ସଂସାରମୁଖୀ ବାସନା ଜାଗେ ନାହିଁ । ସେ ତା'ର ଆବଶ୍ୟକୀୟ ଶିକ୍ଷା ପ୍ରାପ୍ତ ହୋଇସାରିଥାଏ । ଦୁଃଖ ଜୀବାତ୍ମାର ବାସନାକୁ ବିନଷ୍ଟ କରି ତାକୁ ଅନ୍ତର୍ମୁଖୀ କରାଏ । ବାସନାରୁ ମୁକ୍ତି ପାଇବାର ଅନ୍ୟ ଉପାୟ ନାହିଁ; ସ୍ଥୂଳଜଗତର ବାସନାରୁ ମୁକ୍ତ ନ ହେଲେ ମନକୁ ଓ ପରେପରେ ଉଚ୍ଚତର ଜୀବନକୁ ଗତି କରିବାର ଅନ୍ତର୍ମୁଖୀ ଅନୁଭବ ଆସିବ ନାହିଁ, ଯାହା ଜୀବାତ୍ମାର ଉଦ୍‌ବର୍ତ୍ତନର ଲକ୍ଷ୍ୟ ।

ଦୁଃଖରୁ ଲାଭ ହେଉଥିବା ଅନ୍ୟତମ ଶିକ୍ଷା ହେଉଛି ପ୍ରତ୍ୟେକ ବସ୍ତୁର ନଶ୍ୱରତା ସମ୍ବନ୍ଧୀୟ ଜ୍ଞାନ, ଯାହା ଆତ୍ମାର ସାରଧର୍ମ ନୁହେଁ । ହିନ୍ଦୁ ଧର୍ମଗ୍ରନ୍ଥମାନଙ୍କର ଅନେକ ରୂପକ କଥା ମଧ୍ୟରୁ ଗୋଟିକରେ  ବର୍ଣ୍ଣିତ ହୋଇଛି ଯେ ମୃତ୍ୟୁର ଦେବତା ଯମ ମଣିଷମାନଙ୍କୁ ଚାହିଁ, ସେମାନଙ୍କ ବିଷୟରେ ଚିନ୍ତା କରି, ସେମାନଙ୍କ ଦୁଃଖରେ ଦୁଃଖିତ ହୋଇ କାନ୍ଦି ପକାଇଲେ ଓ ତାଙ୍କର ଅଶ୍ରୁ ପୃଥିବୀରେ ପଡ଼ିଲା ମାତ୍ରେ ବ୍ୟାଧି ଓ ଦାରିଦ୍ର୍ୟରେ ପରିଣତ ହୋଇ ମନୁଷ୍ୟ ଜାତିକୁ ଆହୁରି ଅଧିକ ଦୁଃଖ ଓ ପୀଡ଼ା ଦେଲା । ଦେବତାର କରୁଣା କାହିଁକି ମଣିଷକୁ ଯନ୍ତ୍ରଣା ଦେବାପାଇଁ ଶାସ୍ତିରେ ପରିଣତ ହେଲା ? ଏହି ରୂପକଗୁଡ଼ିକର ଆବରଣ ମଧ୍ୟରେ କିଛି ସତ୍ୟ ଲୁକ୍କାୟିତ ରହିଥାଏ, ଯାହା ବିଷୟରେ ଗଭୀର ଚିନ୍ତା କରିବା ଆବଶ୍ୟକ । ମୃତ୍ୟୁର ଦେବତା ଯମ ହେଉଛନ୍ତି ପରିବର୍ତ୍ତନର ପ୍ରତିଭୂ । ସେ ଅନେକ ସ୍ଥଳରେ ବିନାଶକାରୀ ରୂପେ ବର୍ଣ୍ଣିତ । ତେବେ ତାଙ୍କ ପାଇଁ ପ୍ରଯୁଜ୍ୟ ପ୍ରକୃତ ଶବ୍ଦ ହେଉଛି ପୁନର୍ଜନୟିତା । କାରଣ ପ୍ରକାଶମାନ ବିଶ୍ୱରେ ବିନାଶ ବୋଲି କିଛି ନାହିଁ । ଏ ସଂସାରରେ ଯାହା ଗୋଟିଏ ଦିଗରୁ ମୃତ୍ୟୁ ବୋଲି ଦେଖାଯାଏ, ତା'ର ଅନ୍ୟ ଦିଗଟି ହେଲା ଜନ୍ମ । ଯାହା ଧ୍ୱଂସ ବା ବିନାଶ ବୋଲି ଦେଖାଯାଏ, ତାହା ନୂତନ ରୂପ, ନୂତନ ଆକାର ପ୍ରଦାନର ଅନ୍ୟତମ ଦିଗ । ତେଣୁ ପରିବର୍ତ୍ତନ ଓ ପୁନର୍ନିର୍ମାଣର ପ୍ରତିଭୂ ଯମଙ୍କର ଅଶ୍ରୁ ମଣିଷଜାତି ପାଇଁ ତା'ର ଚତୁପାର୍ଶ୍ୱସ୍ଥ ସକଳ ବସ୍ତୁର ନଶ୍ୱରତା ସଂପର୍କରେ ଶିକ୍ଷାପ୍ରଦ ହେବା ସ୍ୱାଭାବିକ । ବ୍ୟାଧି ଓ ଦାରିଦ୍ର୍ୟରେ ପରିଣତ ହୋଇଥିବା ମୃତ୍ୟୁଦେବତା ଯମଙ୍କର ଅଶ୍ରୁ ହେଉଛି ଯାତନାର ଛଦ୍ମରୂପ ଧାରଣ କରିଥିବା ଶିକ୍ଷା, ଏହା ଏହି କଥା ଶିକ୍ଷା ଦିଏ ଯେ କୌଣସି ନଶ୍ୱର ପଦାର୍ଥ ଜୀବାତ୍ମାକୁ ସନ୍ତୋଷ ବା ତୃପ୍ତି ଦେଇ ନ ପାରେ । ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରୟୋଜନୀୟ ଶିକ୍ଷା ।

କେବଳ ନିମ୍ନତର ଜୀବନର ନଶ୍ୱରତା ସମ୍ବନ୍ଧୀୟ ଜ୍ଞାନ ଲାଭଦ୍ୱାରା ହିଁ ଜୀବାତ୍ମା ଏପରି ଏକ ଅବସ୍ଥାରେ ପହଞ୍ଚି ପାରିବ, ଯେଉଁଥିରେ ଯଥାର୍ଥ ସୁଖ ଓ ସନ୍ତୋଷ ରହିଛି । ଏହିପରି ଭାବରେ ବ୍ୟାଧି ଓ ଦୁର୍ଦ୍ଦଶା, ଦୁଃଖ ଓ ଦାରିଦ୍ର୍ୟ ଆମକୁ ଶିକ୍ଷାଦିଏ ଯେ ଆମ ପରିପାର୍ଶ୍ୱର ପ୍ରତ୍ୟେକ ବସ୍ତୁ, କେବଳ ସ୍ଥୂଳ ଜଗତର ନୁହେଁ, କାମନାର ପରିସର ଭିତରେ ଓ ମନର ପରିସର ଭିତରେ ଥିବା ପ୍ରତ୍ୟେକ ବିଷୟ

ପରିବର୍ତ୍ତନଶୀଳ । ଏ ସକଳ ପରିବର୍ତ୍ତନଶୀଳତା ଭିତରେ ଯିଏ ଅପରିବର୍ତ୍ତନଶୀଳ ବା ଶାଶ୍ୱତ, ସେ ଶାନ୍ତି ପାଇପାରିବ ନାହିଁ । ଆମ ପ୍ରାଣର କେନ୍ଦ୍ର, ଆମର ଅନ୍ତର୍ନିହିତ ସତ୍ତା ଅମୃତ ଓ ଚିରନ୍ତନ । ସେ ପରିବର୍ତ୍ତିତ ହୁଏ ନାହିଁ କିମ୍ବା ମରେ ନାହିଁ । ତେଣୁ କୌଣସି ପରିବର୍ତ୍ତନଶୀଳ ବସ୍ତୁ ତାକୁ ତୃପ୍ତି ଦେଇ ପାରେ ନାହିଁ, କୌଣସି ମରଣଶୀଳ ସତ୍ତା ତାକୁ ସୁଖ ବା ଶାନ୍ତି ଦେଇପାରେ ନାହିଁ । କିନ୍ତୁ ଦୁଃଖ-ଯନ୍ତ୍ରଣା ମାଧ୍ୟମରେ ହିଁ ତାକୁ ଏହି ଶିକ୍ଷାଲାଭ କରିବାକୁ ହୁଏ ଓ କେବଳ ସେହି ଶିକ୍ଷାରେ ହିଁ ଯଥାର୍ଥ ଆନନ୍ଦର ସମ୍ଭାବନା ଥାଏ । ଏହିପରି ଭାବରେ ଜୀବାତ୍ମା ନଶ୍ୱରତାର ନାନା ଅବସ୍ଥା ବା ସ୍ତର ସଂପର୍କରେ ମଧ୍ୟ ଶିକ୍ଷାଲାଭ କରେ । ଏହି ଶିକ୍ଷା ଲାଭର ପ୍ରକ୍ରିୟା ଅତି ମନ୍ଥର ଓ ଏହା ପୂର୍ଣ୍ଣ ହେବାକୁ ଅନେକ ଜନ୍ମ ଲାଗେ ।

ପ୍ରାଥମିକ ଅବସ୍ଥାରେ ଜୀବାତ୍ମା ତା'ର ଚିରନ୍ତନ ସତ୍ତା ସଂପର୍କରେ ଚିନ୍ତା କରେ ନାହିଁ । ବରଂ ସ୍ଥୂଳ ବା ଶରୀରସମ୍ବନ୍ଧୀ ବିଷୟରୁ ମାନସିକ ଜଗତ ଆଡ଼କୁ ଅଗ୍ରସର ହେବାକୁ ଶିଖେ, ଅନୁଭୂତିସର୍ବସ୍ୱତାରୁ ବୌଦ୍ଧିକତା ଆଡ଼କୁ ଅଗ୍ରସର ହେବାକୁ ଶିଖେ । କାରଣ ଗୋଟିଏ ଅନ୍ୟଟିଠାରୁ ଅପେକ୍ଷାକୃତ ସ୍ଥାୟୀ । ମାନସିକ ସୁଖର ସ୍ଥାୟିତ୍ୱ ଶାରୀରିକ ସୁଖର ସ୍ଥାୟିତ୍ୱଠାରୁ ଅଧିକ । ବିବର୍ତ୍ତନର ମନ୍ଥର ପ୍ରକ୍ରିୟାରେ ପରମାତ୍ମଜ୍ଞାନ ବା ଆତ୍ମଜ୍ଞାନ ପ୍ରାପ୍ତ ହେବାର ଅନେକ ପୂର୍ବରୁ ଏ ଶିକ୍ଷା ଲାଭ ହୋଇଥାଏ । ମଣିଷ ଯେତେବେଳେ ପଶୁ-ପ୍ରବୃତ୍ତିକୁ ଅବଦମିତ କରି ମନ ଓ ବୁଦ୍ଧି ବା ଜ୍ଞାନରେ ସନ୍ତୋଷ ପାଏ, ତା'ର ପ୍ରଜ୍ଞା ଓ ଧୀଶକ୍ତିଜନିତ ଆନନ୍ଦ ପ୍ରତି ଅନ୍ୟ ନିମ୍ନକୋଟୀର ଆନନ୍ଦ ଅପେକ୍ଷା ଅଧିକ ଆକର୍ଷଣ ଅନୁଭବ କରେ, ସେତେବେଳେ ସେ ଉଚ୍ଚତର ଜୀବରେ ପରିଣତ ହୁଏ ।

ଆଧୁନିକ ମଣିଷମାନେ ନିଜର କାମନା-ବାସନାର ସୁଖକୁ, ନଶ୍ୱର ବସ୍ତୁ ଆଡୁ ଆପାତସ୍ଥାୟୀ ବିଷୟ ଆଡ଼କୁ ଉନ୍ମୁଖ କରାଇବା, ଅନ୍ୟ ଭାବରେ କହିବାକୁ ଗଲେ ନିମ୍ନକୋଟୀର ପ୍ରାଣୀମାନଙ୍କ ପରି ଇନ୍ଦ୍ରିୟତୃପ୍ତି ନ ଖୋଜି ମନ, ଧୀଶକ୍ତି ଓ ପ୍ରକୃତିର କଳାତ୍ମକ ଦିଗର କର୍ଷଣ କରିବା ଉଚିତ । ଯେଉଁମାନେ ସ୍ଥୂଳଶରୀରର ଜୀବନରୁ ଉନ୍ନୀତ ହୋଇ ମାନସଶରୀରର ଜୀବନରେ ନିଜକୁ ପ୍ରଶିକ୍ଷିତ କରାଉଛନ୍ତି, ସେମାନେ ଅପେକ୍ଷାକୃତ ସ୍ଥାୟୀ କିଛିର ସନ୍ଧାନ କରୁଛନ୍ତି । ଯଦିଓ ପରବର୍ତ୍ତୀ କାଳରେ ଏହା ଅସ୍ଥାୟୀ ବୋଲି ଜଣାଯିବ, ତଥାପି ଏହା ଏକ ଉଚ୍ଚତର ପାବଛ; ବାସନାକୁ

ଶରୀରରୁ ମନୋମୁଖୀ କରାଇବାର, ଇନ୍ଦ୍ରିୟାନୁଭୂତିକୁ ଅନ୍ତର୍ମୁଖୀ କରାଇବାର ପ୍ରକ୍ରିୟା । ତାହା ହିଁ ଅନ୍ତର୍ମୁଖୀ ଜୀବାତ୍ମାର ଅନୁଭବର ଅଂଶ, ଯାହା ତା' ନିଜକୁ ଇନ୍ଦ୍ରିୟାନୁଭବଠାରୁ ଦୂରେଇ ନେଇ କିୟତ୍‌କାଳ ମନର ଅଭ୍ୟନ୍ତର ଭାଗରେ ସ୍ଥାପନ କରେ । ପୁଣି ପରେ ସେହି ଅଭ୍ୟନ୍ତର ଭାଗ ମଧ୍ୟ କେବଳ ନଶ୍ୱର ବିଷୟ ପ୍ରଦାୟକ ବୋଧ ହୁଏ । କିନ୍ତୁ ତଥାପି ଲାଭ ପ୍ରଚୁର । କାରଣ ବାସନା ପ୍ରଜ୍ଞାରେ ରୂପାନ୍ତରିତ ହୋଇଗଲେ, ଇନ୍ଦ୍ରିୟଭୋଗ୍ୟ ବାହ୍ୟ ବିଷୟରୁ ନିବର୍ତ୍ତି ଅନ୍ତର୍ମୁଖୀ ହେଲେ ମଣିଷ ମଣିଷ ଭିତରେ ଦ୍ୱନ୍ଦ୍ୱର ଅବସାନ ହୁଏ ।

ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ସୀମିତ ଓ ମଣିଷ ସେଥିରୁ ତାଙ୍କର ପରିମିତ ଅଂଶ ପାଇବା ପାଇଁ ପରସ୍ପର ସଂଗ୍ରାମରତ ହୁଅନ୍ତି । ମାତ୍ର ଉଚ୍ଚତର ରୁଚି ବା ପ୍ରଜ୍ଞାର ବିଷୟ ବସ୍ତୁତଃ ଅସୀମ ଓ ସେଥିପାଇଁ ମଣିଷ କଳହ କରେ ନାହିଁ । ସେ କ୍ଷେତ୍ରରେ କେହି ଦରିଦ୍ର ନୁହେଁ, କାରଣ ତା'ର ଭାଇ କଳା ବା ଜ୍ଞାନର ଧନରେ ଧନୀ । କାହାରି ଭାଗ କମେ ନାହିଁ, କାରଣ ତା'ର ଭାଇ ବଡ଼ ଅଂଶ ପାଇଥାଏ । ଏହିପରି ମାନବସମାଜ ପ୍ରତିଯୋଗିତାରୁ ସହଯୋଗିତା ଆଡ଼କୁ ଅଗ୍ରସର ହୋଇଥାଏ ଓ ଭ୍ରାତୃତ୍ୱବୋଧର ଶିକ୍ଷା ପାଇଥାଏ । ପ୍ରଜ୍ଞା ଯେତେ ଅଧିକ ଓ ଉଚ୍ଚତର ହେବ, ଦେବାର କ୍ଷମତା ସେତେ ବଢ଼ିବ; ଈର୍ଷା ଓ ଆକ୍ରୋଶର ଆବଶ୍ୟକତା କ୍ରମଶଃ ହ୍ରାସ ପାଇବ । କାରଣ ଆମେ ଦେଖିବା ଯେ କ୍ରମଶଃ ଉଚ୍ଚତର ଜୀବନକୁ ଆମର ଊର୍ଦ୍ଧ୍ୱଗତି ହେଉଛି, ଯେଉଁଠି କେହି ନିଜ ପାଇଁ ଧରି ରଖିବାକୁ ଚାହୁଁ ନାହିଁ; ସମସ୍ତେ ଦେଉଛନ୍ତି। କାରଣ ପ୍ରଜ୍ଞା ଏବଂ ଉଚ୍ଚତର ରୁଚି ଓ ପ୍ରବଣତାର ଏହି ମଧ୍ୟବର୍ତ୍ତୀ ସ୍ଥଳରେ ଈର୍ଷାର ଆବଶ୍ୟକତା ନ ଥାଏ । ବରଂ ଯାହା ଅଛି ତାକୁ ସମସ୍ତେ ବାି ନେଇ ପାରିବେ ଓ ବାି ନେବା ପରେ ଦେଇ ଦେଇଥିବାରୁ ନିଜେ ଦରିଦ୍ରତର ନ ହୋଇ ଅଧିକତର ସମ୍ପନ୍ନ ହୋଇଥିବାର ଦେଖିବେ ।

କିନ୍ତୁ ତଥାପି ବାସନା ବା ଇଚ୍ଛାର ଅବଶେଷ ଥିବାରୁ ଏହି ଅବସ୍ଥାରେ ମଧ୍ୟ ପରିପୂର୍ଣ୍ଣ ପରିତୃପ୍ତି ମିଳିବ ନାହିଁ । କାମନାର ପରିତୃପ୍ତି ଖୋଜୁଥିବା ଯାଏ ସୁଖ ମିଳିପାରିବ ନାହିଁ । କାରଣ ପ୍ରତ୍ୟେକ କାମନାର ପୂର୍ତ୍ତି ଅନ୍ୟ ଏକ ନୂତନ କାମନାକୁ ଜନ୍ମ ଦେଇଥାଏ । ଏହିପରି ଯେତେ ଅଧିକ କାମନାର ପରିପୂର୍ତ୍ତି କରାଯାଏ, କାମନାର ଉନ୍ମୁକ୍ତ ମୁଖଗହ୍ୱର ସେତେ ଅଧିକ ପରିପୂର୍ଣ୍ଣତା ଖୋଜେ । ଏକ ପ୍ରାଚୀନ ଲିପିରେ

କୁହାଯାଇଛି, "କାମନାକୁ ଆକାଙ୍କ୍ଷିତ ବସ୍ତୁ ଦ୍ୱାରା ପୂର୍ଣ୍ଣ କରି ସେଥିରୁ ମୁକ୍ତ ହେବାକୁ ଚାହିଁବା ଯାହା, ଅଗ୍ନି ଉପରେ ତରଳ ଲହୁଣି ଢାଳି ତାକୁ ଲିଭାଇବାକୁ ଚେଷ୍ଟା କରିବା ତାହା ।" ସୁତରାଂ ଅଧିକାଂଶ ଲୋକ, ବିଶେଷତଃ ସଭ୍ୟ ଦେଶମାନଙ୍କର ଲୋକେ ସୁଖ ଅନ୍ୱେଷଣରେ ଭ୍ରାନ୍ତ ପଥରେ ଚାଲିଛନ୍ତି । ସେ ପଥରେ ଏହା ମିଳିବ ନାହିଁ । ଆଧୁନିକ ଜୀବନର ଆଶା-ଆକାଙ୍କ୍ଷାକୁ ଲକ୍ଷ୍ୟ କଲେ ସବୁ କ୍ଷେତ୍ରରେ ଯାହା ଅଛି ତାହାର ଅଭିବୃଦ୍ଧି, ଅର୍ଥାତ୍ ବାସନାମୟ ବସ୍ତୁ ବା ବିଷୟସମୂହର କ୍ରମାଗତ ବୃଦ୍ଧି ହିଁ ପରିଲକ୍ଷିତ ହୁଏ ।

ଲୋକମାନେ ବୁଝିପାରନ୍ତି ନାହିଁ ଯେ ବାସନା-ତୃପ୍ତିର ଏହି କ୍ରମବର୍ଦ୍ଧନରେ ପ୍ରକୃତ ସୁଖ ନ ଥାଏ; ଥାଏ ନଶ୍ୱର ବିଷୟ ପ୍ରତି ଆସକ୍ତିକୁ ଶାଶ୍ୱତର ପ୍ରାପ୍ତି ପାଇଁ ଆକାଙ୍କ୍ଷାରେ ପରିଣତ କରାଇବାରେ । ବସ୍ତୁତଃ ଆମେ ଏକ ଅନନ୍ତ ବୃତ୍ତାକାର ପଥରେ ଗତି କରି ଚାଲିଛୁ, ଯାହାକି ସର୍ବଦା ଆମକୁ ଅତୃପ୍ତି ହିଁ ଦେଉଥିବ; ଚିରନ୍ତନ କି ପ୍ରକୃତ ଆନନ୍ଦ ଦେଇ ପାରିବ ନାହିଁ, ଯାହା ମନୁଷ୍ୟର ଅନ୍ତର୍ନିହିତ ଆତ୍ମାର ସ୍ୱାଭାବିକ ଲକ୍ଷ୍ୟ । ପ୍ରକୃତ ପରିତୃପ୍ତିର ଅଭାବ (ଯାହା ଦୁଃଖ ରୂପେ ଅଭିହିତ) ହେତୁ ଜୀବାତ୍ମା ଉପଲବ୍ଧି କରିପାରେ ଯେ ଏହା ପ୍ରକୃତ ପଥ ନୁହେଁ ଓ ସେ ପରିବର୍ତ୍ତନ ପାଇଁ ସଚେତନ ହୁଏ । ଶରୀର ଓ ମନର ଏହିସବୁ ବାହ୍ୟ ବିଷୟ ତା'ର ଆକର୍ଷଣ ଶକ୍ତି ହରାଏ । ନିମ୍ନଜଗତର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ବିଷୟରେ ସଚେତନ ହେବାରୁ ସେ ଆଉ ବହିର୍ମୁଖୀ ହୁଏ ନାହିଁ; ବରଂ ଅନ୍ତର୍ମୁଖୀ ଓ ଊର୍ଦ୍ଧ୍ୱମୁଖୀ ହୁଏ । ସେ ବହିର୍ମୁଖୀ ବା ଇନ୍ଦ୍ରିୟମୁଖୀ ହୋଇ (ଆନନ୍ଦ ପ୍ରାପ୍ତିରେ) ଅସଫଳ ହେବାରୁ ମନୋମୁଖୀ ହୁଏ । ମାତ୍ର ମନ ଆତ୍ମାର ଯଥାର୍ଥ ସ୍ଥିତିର ବାହାରେ । ତେଣୁ ପୁଣି ଅସଫଳ ହୁଏ । ଏହିପରି ସବୁବେଳେ ବା ବାରମ୍ବାର ଦୁଃଖ ଓ ଅସନ୍ତୋଷର ଆଘାତ ପାଇ (ଯାହାକି ସର୍ବାପେକ୍ଷା ଦୁଃସହ ଦୁଃଖ) ସେ ସେହି ପଥରୁ ପଛେଇ ଆସେ । ସର୍ବଶେଷରେ ସେ ବର୍ହିବିଷୟରୁ ନିବୃତ୍ତ ହୋଇ ଅନ୍ତର୍ମୁଖୀ ହେବାକୁ ଶିକ୍ଷା ଲାଭ କରେ ଓ ତା'ପରେ ଯାଇ ଶାନ୍ତିର ପ୍ରାରମ୍ଭିକ ସନ୍ଧାନ ପାଏ, ସାରଭୂତ ସନ୍ତୋଷ ବା ଯଥାର୍ଥ ତୃପ୍ତିର ପ୍ରଥମ ସ୍ପର୍ଶ ଲାଭ କରେ ।

ଭାବଶରୀର, ଏପରିକି ମାନସଶରୀରରୁ ନିଜକୁ ସ୍ୱତନ୍ତ୍ର କରି ଦେଖି ସାରିବା ପରେ ମଧ୍ୟ ଜୀବାତ୍ମାର ଦୁଃଖର ଅପନୋଦନ ହୋଇପାରେ ନାହିଁ । କାରଣ ସେ

ତଥାପି ନିଜ କେନ୍ଦ୍ରର ସନ୍ଧାନ ପାଇ ପାରିନଥାଏ, କେବଳ ତାକୁ ଖୋଜୁଥାଏ । ଯଦିଓ ସେ ଜାଣିଥାଏ ଯେ ସେ ଶରୀର ନୁହେଁ, ଇନ୍ଦ୍ରିୟାନୁଭବ ନୁହେଁ, ମନ ମଧ୍ୟ ନୁହେଁ; ତଥାପି ଏକ ଅନ୍ତର୍ନିସୃତ ଦୁଃଖର ଶିକାର ହେଉଥାଏ । ଚିନ୍ତା, ଅନୁଭବ, ଅନ୍ୟମାନଙ୍କର ବିଚାର ବା ମନ୍ତବ୍ୟ ଆଦି ବିଷୟମାନଙ୍କର ସଂସ୍ପର୍ଶରେ ଭ୍ରାନ୍ତବିଚାର ଓ ଭ୍ରାନ୍ତତର୍ଜମାର ରଙ୍ଗରେ ରଞ୍ଜିତ ହେଉଥିବାର ଲକ୍ଷ୍ୟ କରେ । ଯଦି ଜୀବାତ୍ମା ସେତେବେଳକୁ ଜ୍ଞାନ ଲାଭ କରିଥାଏ, ତେବେ ନିଜକୁ ପଚାରିବାକୁ ଆରମ୍ଭ କରେ– "ମୁଁ ତଥାପି ଦୁଃଖ ପାଉଛି କାହିଁକି ? ବାହାରେ ନୁହେଁ, ମୋ'ରି ଭିତରେ ହିଁ କ'ଣ ରହିଛି, ଯାହା ଦୁଃଖର ଉଦ୍ରେକ କରାଉଛି ।" ସେ ସେତେବେଳକୁ ବାହ୍ୟ ବସ୍ତୁସମୂହକୁ ଯନ୍ତ୍ରଣାର ରୋପଣକାରୀ ବୋଲି ବୋଧ କରିବାର ଅଭିଜ୍ଞତାକୁ ଅତିକ୍ରମ କରିସାରିଥାଏ । ଯନ୍ତ୍ରଣାର କାରଣ ହୋଇଥିବା ବସ୍ତୁକୁ ନିଜ ସହିତ ସଂପୃକ୍ତ କରି ସେ ଉପଲବ୍ଧି କରେ ଯେ ତା' ନିଜ ବ୍ୟତୀତ କିଛି ହେଲେ ତାକୁ ସ୍ପର୍ଶ କରିପାରିବ ନାହିଁ । ଯଦି ସେ ଦୁଃଖ ଅନୁଭବ କରୁଛି ସେ ଦୁଃଖର କାରଣ କୌଣସି ବାହ୍ୟବସ୍ତୁରେ ନୁହେଁ, ତା' ନିଜ ଭିତରେ ହିଁ ଅଛି । ଯଦି ଜୀବାତ୍ମା ବିଶୁଦ୍ଧ ବା ପୂର୍ଣ୍ଣତାପ୍ରାପ୍ତ ହୋଇଥା'ନ୍ତା, ବାହାରର କୌଣସି ବିଷୟ ତାକୁ ଦୁଃଖ ଦେବାକୁ ସମର୍ଥ ହୁଅନ୍ତା ନାହିଁ । ଦୁଃଖ ଅନୁଭବ କରିବା ତା'ର ଅପୂର୍ଣ୍ଣତାର ସୂଚକ, ଅର୍ଥାତ୍ ସେ ନିମ୍ନତର ପ୍ରକୃତିରୁ ସଂପୂର୍ଣ୍ଣ ନିବୃତ୍ତ ହୋଇ ନାହିଁ, ଯାହା କି ତା'ର ନିଜସ୍ୱ ନୁହେଁ ।

ତା'ପରେ ସେ ଦୁଃଖକୁ କେବଳ ଅନୁଭବ ନ କରି ତା'ର ଉପଯୋଗ କରିବାକୁ ଆରମ୍ଭ କରେ । ସେ ଆଉ ଦୁଃଖର ଦୟା ଉପରେ ନିର୍ଭର କରେ ନାହିଁ । ବରଂ ଦୁଃଖକୁ ଏକ ହତିଆର ରୂପେ ନିଜ ହାତକୁ ନିଏ ଓ ନିଜର ଲକ୍ଷ୍ୟସିଦ୍ଧି ଲାଗି ତାକୁ ବ୍ୟବହାର କରେ । ଜୀବାତ୍ମା ଜଣେ ଭସ୍କର ବା ଖୋଦକ ପରି ଦୁଃଖକୁ ନିହାଣ ବା ବଟାଳି ପରି ଗ୍ରହଣ କରି ସେହି ହତିଆରଦ୍ୱାରା ନିଜର ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ଆଘାତ କରି ସ୍ୱାର୍ଥପରତା, ବ୍ୟକ୍ତିଗତ ଦୁର୍ବଳତାର ମୂଳଚ୍ଛେଦନ କରିପାରେ । ତଦ୍ଦ୍ୱାରା ସେ ସଂସାରର ସକଳ ଦ୍ୱନ୍ଦ୍ୱ ଭିତରେ ସ୍ଥିର ଓ ଅବିଚଳ ରହିପାରେ ।

ମହାନ୍ ଓ ମୁକ୍ତାତ୍ମା, ବ୍ୟକ୍ତିତାର ଅହଂବୋଧରୁ ବିମୁକ୍ତ ମହାପୁରୁଷମାନଙ୍କ ମଧ୍ୟରୁ ଜଣେ କହିଥିଲେ, "ଉତ୍ତୁଙ୍ଗ ହିମାଳୟ ତା'ର ପାଦଦେଶରେ ଚଳମାନ ସର୍ପମାନଙ୍କର ସିସିକାର ଶବ୍ଦକୁ ଯେପରି ମଣେ, ଆମ୍ଭେମାନେ ମନୁଷ୍ୟମାନଙ୍କର

କୁତ୍ସା ଓ ସମାଲୋଚନାକୁ ସେହିପରି ଅନୁଭବ କରୁ ।” (We feel the slanders and the criticisms of mankind just as much as the height of the Himalayas feel the hissing of the serpents that glide around their feet.) ଚନ୍ଦ୍ରକୁ କାଦୁଅ ଫିଙ୍ଗିଲେ ସେ କଳଙ୍କିତ ହୁଏ ନାହିଁ । ଚନ୍ଦ୍ର ଓ ଚନ୍ଦ୍ରିକା ନିର୍ମଳ ରହେ; ପୃଥିବୀର କର୍ଦ୍ଦମରେ ଲିପ୍ତ ହୁଏ ନାହିଁ । ବରଂ କାଦୁଅର ଟେଳା ଫିଙ୍ଗିଥିବା ଲୋକ ଉପରକୁ ହିଁ ଖସିପଡ଼େ ଓ ତା’ର ପରିଧାନକୁ କର୍ଦ୍ଦମାକ୍ତ କରେ । ଦୁଃଖ-ଯାତନା ହିଁ ସବୁଠାରୁ କରୁଣାପୂର୍ଣ୍ଣ ବାର୍ତ୍ତା (merciful of messages), ଯାହା ମଣିଷକୁ ତା’ର ଦୋଷ-ଦୁର୍ବଳତା, ଭୁଲ୍-ଭ୍ରାନ୍ତି ସଂପର୍କରେ ସୂଚାଇଦିଏ ।

ମଣିଷର ସବୁଠାରୁ ବଡ଼ ଶତ୍ରୁ ବାହାରର କେହି ବା କିଛି ନୁହେଁ; ତାହା ହେଉଛି ତା’ ଭିତରର ଅନ୍ଧତ୍ୱ, ଯାହାକି ବିପଜ୍ଜନକ ସ୍ଥଳକୁ ଦେଖିପାରି ନ ଥାଏ, ଅଥଚ ସେ ଦେଖି ପାରୁ ନାହିଁ ବୋଲି ଜାଣେ ନାହିଁ । ଯେତେବେଳେ ଆମେ ପଡ଼ିଯାଉ ଓ ପଡ଼ିଯାଇଛୁ ବୋଲି ଜାଣିପାରୁ, ସେତେବେଳେ ବିପଦଟି ଛୋଟ । କିନ୍ତୁ ଯେତେବେଳେ ପଡ଼ିଯାଇଥିଲେ ମଧ୍ୟ ସେ କଥା ଜାଣିପାରୁନା, ସେତେବେଳେ ଆତ୍ମାର ଶତ୍ରୁମାନେ ଅତିଶୟ ଆନନ୍ଦିତ ହୁଅନ୍ତି । ତେଣୁ ପଡ଼ିବାର ଦୁଃଖକୁ ସ୍ୱାଗତ କରିବା ଉଚିତ, ଯେହେତୁ ତାହା ଆମକୁ ବିପଦ ବିଷୟରେ ସୂଚାଇଦିଏ ଓ ଆମର ଅନ୍ଧୀଭୂତ ଚକ୍ଷୁକୁ ମଧ୍ୟ ସଂଘଟିତ ପତନ ବିଷୟରେ ସଚେତନ କରାଇ ପାରେ।

ଯନ୍ତ୍ରଣାକୁ ବାଧ୍ୟ ହୋଇ ସହିବା ନୁହେଁ, ଏହାକୁ ବନ୍ଧୁ ପରି ସ୍ୱାଗତ କରି ଏକ ଆବଶ୍ୟକୀୟ ହତିଆର ରୂପେ ବ୍ୟବହାର କରିବା ଉଚିତ ଓ ଦକ୍ଷ ଅସ୍ତ୍ରୋପଚାରକ ପରି ଦୁଃଖର ମୂଳକୁ କାଟି ଫିଙ୍ଗି ଦେବା ଉଚିତ ।

ଯେଉଁ ଜୀବାତ୍ମା ଅନୁଭବ କରେ ଯେ ତାକୁ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ବଞ୍ଚିବାକୁ ହେବ, ସେ ନିଜ ପାଇଁ ଯନ୍ତ୍ରଣା ବା ଦୁଃଖ ହିଁ ବାଛିନେବ । କାରଣ କେବଳ ତଦ୍ୱାରା ହିଁ ସେ ସହନଶୀଳତା ଓ ଧୈର୍ଯ୍ୟ ଶିକ୍ଷା କରିପାରିବ । କେବଳ ନିଜେ ସୁଦୃଢ଼ ଓ ଶକ୍ତ ହେଲେ ହିଁ ସେ ଅନ୍ୟମାନଙ୍କ ପାଇଁ ବଞ୍ଚିବାକୁ ଶିଖିପାରିବ । ଯେଉଁମାନେ ଦୁଃଖ ଭୋଗନ୍ତି ନାହିଁ, ସେମାନେ ସର୍ବଦା ଦୁର୍ବଳ ହୋଇ ରହନ୍ତି । କେବଳ ସଂଘର୍ଷ ଓ ସଂଘାତର ଚାପ ଓ ଦୁଃଖରେ ହିଁ

ଜୀବାତ୍ମା ସହିବାକୁ ଶିଖେ । ଅବଶ୍ୟ ମନେରଖିବାକୁ ହେବ ଯେ ସଂଘର୍ଷ ମଧ୍ୟ ଦୁର୍ବଳତାର ଏକ ଚିହ୍ନ । ଆମେ ଦୃଢ଼ ହେଲେ ସଂଗ୍ରାମ କରିବାର ଆବଶ୍ୟକତା ଅନୁଭବ କରନ୍ତେ ନାହିଁ । କିନ୍ତୁ ଏତଦ୍ଦ୍ୱାରା ଆମେ କେବଳ ଶକ୍ତି ଲାଭ କରିପାରିବା, ଯାହାକି ସଂଘର୍ଷର ଦୁଃଖ ମଧ୍ୟରେ ସଂଗ୍ରାମ କରିବାର ଆବଶ୍ୟକତା ଅନୁଭବ କରିବ ନାହିଁ । ଏହିପରି ଭାବରେ କ୍ରମଶଃ ଜୀବାତ୍ମାର ଶକ୍ତି ସ୍ୱତଃ ସଞ୍ଚାରିତ ହୋଇଯିବ ଏବଂ ଉଦ୍‌ବେଗ ଓ ସଂଗ୍ରାମ ସ୍ଥାନରେ ପ୍ରକୃତ ପରିପୂର୍ଣ୍ଣ ଶକ୍ତିର ଶାନ୍ତ ଅବିଚଳଭାବ ଉପଲବ୍ଧି କରି ହେବ ।

ଅନ୍ୟ ଏକ କାରଣରୁ ମଧ୍ୟ ଜୀବାତ୍ମା ଦୁଃଖକୁ ବରଣ କରିନିଏ, ତାହା ହେଉଛି ସହାନୁଭୂତି । ସହାନୁଭୂତି ବା ସମବେଦନା ଶିକ୍ଷା ବ୍ୟତିରେକେ ଜୀବାତ୍ମାର ଶକ୍ତି ନିଷ୍ଫଳ । ଯଦି ଜୀବାତ୍ମା କରୁଣା ବିନା ଶକ୍ତିଶାଳୀ ହୋଇଥାଏ, ଶକ୍ତିକୁ ଠିକ୍ ରୂପେ ସଞ୍ଚାଳିତ କରିବାକୁ ନ ଶିଖି ଶକ୍ତିମାନ ହୋଇଥାଏ, ତେବେ ସେ ସବୁଠାରୁ ଅଧିକ ବିପଜ୍ଜନକ । ପ୍ରବଳ, ଅଥଚ ନିଷ୍କରୁଣ ଶକ୍ତି ଉତ୍‌ଥାନ ପରିବର୍ତ୍ତେ ପତନର କାରଣ ହୋଇପାରେ ।

ସହାନୁଭୂତି ସମସ୍ତ ପ୍ରକାର ଦୃଷ୍ଟି ଅପେକ୍ଷା ତୀକ୍ଷ୍ଣ ବା ପ୍ରଖର; ଏହା ଆତ୍ମାର ଯଥାର୍ଥ ଅନ୍ତର୍ଦୃଷ୍ଟି । ଏହାର ସ୍ପର୍ଶ ବିନା ଶକ୍ତିର ପ୍ରୟୋଗ ସହାୟକ ହେବା ପରିବର୍ତ୍ତେ ଅନିଷ୍ଟକର ହୋଇପାରେ । ସାହାଯ୍ୟ କରିବାକୁ ଚାହିଁ ଆଘାତ ଦେଇପାରେ । ଉଠାଇବାକୁ ଚାହିଁଥିଲେ ହେଁ ବିଚୂର୍ଣ୍ଣିତ କରି ଦେଇପାରେ । ତେଣୁ ଶକ୍ତିଶାଳୀ ଜୀବାତ୍ମା ଅଧିକ ଆଗ୍ରହର ସହିତ ଏହି ଦୁଃଖୋଦ୍ଭୂତ ଶିକ୍ଷା ଚାହିଁବ, ଯେପରିକି ଦୁଃଖାନୁଭବ ଦ୍ୱାରା ସେ ଅନ୍ୟର ଦୁଃଖ ବୁଝିବାକୁ ସମର୍ଥ ହେବ ଓ ନିଜର ଦୁଃଖ ଦ୍ୱାରା ସେ ସଂସାରର ଦୁଃଖକୁ ଭରଣା କରିବାକୁ ଶିଖିବ, ଯାହା ହୁଏତ ଅନ୍ୟଥା ଶିକ୍ଷା କରି ହେବ ନାହିଁ । ଅପୂର୍ଣ୍ଣତାର ସ୍ତରରେ ଥିବା ଜୀବାତ୍ମାର ସକଳ ଦୁଃଖ ପୂର୍ଣ୍ଣତାସମ୍ପନ୍ନ ଆତ୍ମାରୂପକ ମନ୍ଦିର ଗଠନ ପାଇଁ ବ୍ୟବହୃତ ଶିଳାଖଣ୍ଡସମୂହ ସହ ତୁଳନୀୟ । ଏହିପରି ପରିପୂର୍ଣ୍ଣ ଆତ୍ମାର ଅଧିକାରୀ ମଣିଷ ବିଶ୍ୱଜଗତର ନିରାମୟତା ପାଇଁ ଫଳପ୍ରସୂ ଭାବତରଙ୍ଗ ପଠାଇବାକୁ ସକ୍ଷମ ହେବ, ଯାହା ପ୍ରକାଶମାନ ସକଳ ପ୍ରାଣସତ୍ତା ମଧ୍ୟରେ ପ୍ରବେଶ କରି ସେମାନଙ୍କଠାରେ ସାହାଯ୍ୟପରାୟଣତା ଓ ଶକ୍ତିର ବାର୍ତ୍ତା ପହଞ୍ଚାଇବ ।

ଦୁଃଖ-ଯାତନାର ଆହୁରି ନାନାବିଧ ଉପଯୋଗିତାର ସନ୍ଧାନ କରାଯାଇପାରେ । ଏ ତ କେତୋଟି ସ୍ପଷ୍ଟ ଓ ସରଳ ଦୃଷ୍ଟାନ୍ତ ମାତ୍ର । କିନ୍ତୁ ଏହାହିଁ କ'ଣ ଶେଷ ? ଏହାହିଁ କ'ଣ ଜୀବାତ୍ମାର ଭାଗ୍ୟର ଚରମ ପର୍ଯ୍ୟାୟ ? ଏହା ଆତ୍ମାର ସ୍ୱାଭାବିକ ବାତାବରଣ କି ? ଅନେକେ ଦୁଃଖକୁ ସର୍ବଶେଷ ଉପାଦାନ ବୋଲି ଭାବି ଭୁଲ୍ କରିଥା'ନ୍ତି । ସେମାନେ ଯନ୍ତ୍ରଣା ଓ ଦୁଃଖକୁ ଆତ୍ମାର ସ୍ୱାଭାବିକ ପରିବେଶ ବୋଲି ବିଶ୍ୱାସ କରିବାର ଭୁଲ୍ କରିଥା'ନ୍ତି । ଆତ୍ମା ଆନନ୍ଦସ୍ୱରୂପ, ଦୁଃଖ ନୁହେଁ; ଆତ୍ମା ଉଲ୍ଲାସ, ଯନ୍ତ୍ରଣା ନୁହେଁ; ଆତ୍ମା ଶାନ୍ତି, ସଂଗ୍ରାମ ନୁହେଁ । ପ୍ରେମ, ଉଲ୍ଲାସ ଓ ଶାନ୍ତି ହିଁ ପ୍ରତ୍ୟେକ ପଦାର୍ଥର ସାର ଓ ହୃତ୍ପିଣ୍ଡ ସ୍ୱରୂପ । ଦୁଃଖର ପଥ ପଥ ମାତ୍ର; ଲକ୍ଷ୍ୟ ନୁହେଁ । ଏହା ମାଧ୍ୟମ ମାତ୍ର, ଅନ୍ତ ନୁହେଁ । ଆନନ୍ଦର ମହାସମୁଦ୍ରରୁ ବିଶ୍ୱଜଗତ ସ୍ଫୁରିତ ହେବା ସହିତ ପ୍ରେମ, ଶାନ୍ତି ଓ ଉଲ୍ଲାସ ମଧ୍ୟ ଅବିରାମ ସ୍ଫୁରିତ ହେଲେ । ସେଗୁଡ଼ିକ ହିଁ ହେଉଛନ୍ତି ଆତ୍ମାର ଯଥାର୍ଥ ଉତ୍ତରାଧିକାର । ଦୁଃଖ ତା'ର ପରିହିତ ଗୋଟିଗୋଟି ଆବରଣରେ ହିଁ ଥାଏ; ତା'ର ସାରତତ୍ତ୍ୱରେ ନ ଥାଏ । ଜୀବନ-ସଂଗ୍ରାମ କ୍ଷେତ୍ରରେ ଏ କଥା ଭୁଲିଗଲେ ହେବ ନାହିଁ ।

ଦୁଃଖ ତୁମର ଆତ୍ମାକୁ ସୁଖମୁଖୀ କରି ଅନ୍ଧୀଭୂତ ନ କରୁ । ଅତିକ୍ରାନ୍ତ ହେଉଥିବା ଉଦ୍‌ବେଗସମୂହ ତୁମକୁ ତୁମ ସାରସତ୍ତାର ହୃତ୍ପିଣ୍ଡ ସ୍ୱରୂପ ଅନ୍ତର୍ନିହିତ ଆନନ୍ଦ ସଂପର୍କରେ ଅନବହିତ କରି ନ ରଖୁ । ଦୁଃଖ ଅତିକ୍ରାନ୍ତ ହୋଇଯିବ; ମାତ୍ର ଆନନ୍ଦ ଚିରନ୍ତନ, ଶାଶ୍ୱତ । କାରଣ ଆନନ୍ଦ ହିଁ ସବୁକିଛି ମଧ୍ୟରେ ନିହିତ ସାରସତ୍ତା, ବ୍ରହ୍ମର ଅନ୍ତର୍ନିହିତ ସାର । ତେଣୁ ଆତ୍ମାର ଉନ୍ନତି ହେବା ସହିତ ଏହା ଉନ୍ନତତର ହୁଏ । ଶାନ୍ତି ସଂଗ୍ରାମର ସ୍ଥାନ ଗ୍ରହଣ କରେ, ଦୁଃଖ ସ୍ଥାନରେ ଆନନ୍ଦ ଆସେ । ଉଚ୍ଚତମ ସ୍ତରରେ ଦୁଃଖ ଅତିକ୍ରାନ୍ତ ହୋଇଯାଇଥାଏ । ତାହା ଶକ୍ତି, ସହାନୁଭୂତି, କରୁଣା ଓ ଏକ ଅନନ୍ତ ସୁଗଭୀର ଆନନ୍ଦରେ ରୂପାନ୍ତରିତ ହୋଇଯାଇଥାଏ । ବିଶ୍ୱର ଚରମ ଶବ୍ଦ ହେଉଛି ଆନନ୍ଦ; ମାନବତାର ଚରମ ପ୍ରାପ୍ତି ବିରାମ । ଚୈତନ୍ୟ ସୁଖରେ ହିଁ ବିରାମ କରେ । ପ୍ରତିଟି ଦୁଃଖର ବାର୍ତ୍ତା ହେଉଛି ଆତ୍ମାର ବିମୁକ୍ତି । ପରିସମାପ୍ତି ହେଉଛି ଶାନ୍ତି ଓ ଶାନ୍ତିର ପରିପ୍ରକାଶ ହେଉଛି ଆନନ୍ଦ ।

❖❖❖

# ମୁକ୍ତି

(ଶ୍ରୀମତୀ ଆନି ବେସାନ୍ତ୍‌ଙ୍କ Liberation or Salvation ପୁସ୍ତିକାର ମର୍ମ)

ଖ୍ରୀଷ୍ଟଧର୍ମର ମୁକ୍ତି (salvation), ହିନ୍ଦୁଧର୍ମର ମୋକ୍ଷ, ବୌଦ୍ଧଧର୍ମର ନିର୍ବାଣ ଆଦି ଶବ୍ଦଗୁଡ଼ିକ ପ୍ରାୟ ଏକାପରି ମନେହୁଏ। ଏ ସବୁଥିରେ ମାନବ-ଜନ୍ମର ଉଦ୍‌ବର୍ତ୍ତନ (evolution) ର ପରିପୂର୍ଣ୍ଣତା, ଦିବ୍ୟତାର ଦ୍ୱାର ଅତିକ୍ରମଣ, ମନୁଷ୍ୟର ଆତ୍ମୋପଲବ୍‌ଧି ଓ ସଚେତନ ଭାବେ ପରମ ସତ୍ତା ସହ ଏକୀଭୂତ ହେବାର କଥା ସୂଚିତ ହୋଇଛି। ଏତେବେଳକୁ ମନୁଷ୍ୟର ହୃଦୟରୁ ଭ୍ରାନ୍ତି ବା ମାୟାର କୁହେଳିକା ଅପସରି ଯାଇଥାଏ ଓ ସୂକ୍ଷ୍ମ ଦୃଷ୍ଟି ଲାଭ ହୋଇସାରିଥାଏ। ମାତ୍ର ଆଜିକାଲି ଏହି ଶବ୍ଦଗୁଡ଼ିକୁ ଅନ୍ତଃସାରଶୂନ୍ୟ ଭାବେ ବ୍ୟବହାର କରାଯାଉଛି। ଖ୍ରୀଷ୍ଟିଆନ୍‌ମାନେ ମୁକ୍ତିର ଅର୍ଥ ଚିରନ୍ତନ ନରକରୁ ମୁକ୍ତି ଓ ଚିରନ୍ତନ ସ୍ୱର୍ଗରାଜ୍ୟକୁ ପ୍ରବେଶ ବୋଲି ଧରିନେଇଛନ୍ତି। ହିନ୍ଦୁମାନେ ମେକ୍ଷକୁ ପାର୍ଥିବ ଦୁଃଖ ସମୂହର ନିବୃତ୍ତି ବୋଲି ମନେକରୁଛନ୍ତି। ମାତ୍ର ମୁକ୍ତି ବା ମୋକ୍ଷ ବାହ୍ୟ ଅବସ୍ଥାସମୂହର ପରିବର୍ତ୍ତନ ନୁହେଁ; ମଣିଷ ମନର ସଂସ୍କାରମୁକ୍ତ ଅବସ୍ଥା । ଏହା ବୀଜାବରଣ ମଧ୍ୟରେ ନିହିତ ନିଗୂଢ଼ ସତ୍ୟର ଅଙ୍କୁରୋଦଗମ। ଏହା ବାହ୍ୟ ପରିବେଶର ପରିବର୍ତ୍ତନ ନୁହେ; ଆଭ୍ୟନ୍ତରୀଣ ଉଦ୍‌ବର୍ତ୍ତନ।

ମୁକ୍ତିର ଅର୍ଥ ବାହ୍ୟ ଶୃଙ୍ଖଳ ବା ବନ୍ଧନକୁ ଛିନ୍ନ କରିଦେବା ନୁହେଁ। ବରଂ ଏହା ହେଉଛି ସେହି ଆଲୋକ, ଯାହା ଆମକୁ ଚିରନ୍ତନ ଶାନ୍ତି ବା ମୁକ୍ତିର ସ୍ୱରୂପକୁ ଦେଖିପାରିବାର ସାମର୍ଥ୍ୟ ଦିଏ। ଅନ୍ଧକାର କାରାକକ୍ଷରେ ଆବଦ୍ଧ ବନ୍ଦୀ ମଧ୍ୟ ଯଦି

ନିଜର ସତ୍ତାକୁ ଉପଲବ୍ଧି କରେ, ତେବେ ଜୀବନ୍ମୁକ୍ତ ହୋଇଯାଇପାରେ। ମାତ୍ର ଜଣେ ସ୍ୱୟଂଶାସକ ହୋଇ ମଧ୍ୟ ଅସତ୍ ବସ୍ତୁକୁ ସତ୍ ବୋଲି ଗ୍ରହଣ କରିନେବା ବନ୍ଧନ। ମନୁଷ୍ୟ ରାଜା ହେଉ ବା କୃଷକ ହେଉ, ଧର୍ମଯାଜକ ହେଉ ବା ବଣିକ ହେଉ, ଧନୀ ହେଉ ବା ଦରିଦ୍ର ହେଉ, ସନ୍ନ୍ୟାସୀ ହେଉ ବା ସଂସାରୀ ହେଉ, ଏସବୁ ତ ଇହସଂସାରର ନଶ୍ୱର ଅବସ୍ଥା। ଆତ୍ମିକ ସ୍ତରରେ ଅବସ୍ଥାନ କରୁଥିବା ମନୁଷ୍ୟ ହିଁ ମୁକ୍ତ; ଆତ୍ମୋପଲବ୍ଧି ନ ହେବାପର୍ଯ୍ୟନ୍ତ ସେ ବଦ୍ଧଜୀବ। ମୁକ୍ତ ମାନବ ଶାଶ୍ୱତ ବା ସନାତନରେ ଅବିଚଳିତ ଭାବେ ଅବସ୍ଥାନ କରେ; ବଦ୍ଧ ମନୁଷ୍ୟ କାଳର ଧ୍ୱଂସଶୀଳ ପ୍ରବାହ ମଧ୍ୟରେ ଗତି କରୁଥାଏ।

ମୁକ୍ତି ଆତ୍ମାର ଏକ ଅବସ୍ଥା ମାତ୍ର। ମନୁଷ୍ୟ ଯେତେବେଳେ ନିଜକୁ ଗତିଶୀଳ ସଂସାରର ଏକ ଗତିଶୀଳ ବସ୍ତୁ ମାତ୍ର ନୁହେଁ, ସତ୍-ସ୍ୱରୂପ ଓ ସ୍ୱଭାବତଃ ସନାତନ ବୋଲି ଉପଲବ୍ଧି କରେ, ସେତେବେଳେ ମୁକ୍ତାବସ୍ଥା ପ୍ରାପ୍ତ ହୁଏ। ଏଥିପୂର୍ବରୁ ସେ ଦୀର୍ଘକାଳ ଧରି ସଂସାରର କ୍ଷଣଭଙ୍ଗୁର ବସ୍ତୁସମୂହ ସହିତ ଜଡ଼ିତ ରହିଥାଏ; ବସ୍ତୁର ଜଳ-ଦର୍ପଣରେ ନିଜର ପ୍ରତିବିମ୍ବ ଦେଖି ମୋହମୁଗ୍ଧତା ହେତୁ ସେହି ବିଶ୍ୱକୁ ନିଜ ସତ୍ତା ବୋଲି ମାନି ନେଇଥାଏ। ସେ ବସ୍ତୁଗତ ସୁଖ ଅନୁଭବ କରି ସେହି ସୁଖପ୍ରଦ ବସ୍ତୁ ସହିତ ନିଜକୁ ଜଡ଼ିତ କରିପକାଇଥାଏ; ସାଂସାରିକ ଆନନ୍ଦର ରସ ପାନ କରି ସେହି ରସର ଆଧାର ସହ ନିବିଡ଼ ସଂପର୍କ ସ୍ଥାପନ କରିଥାଏ। କାମନା-ବାସନା, ଧନ-ସମ୍ପଦର ବନ୍ଧନ, ରୂପ-ସୌନ୍ଦର୍ଯ୍ୟର ଆକର୍ଷଣ ଓ ମୋହରେ ଜଡ଼ିତ ହୋଇ ସେଗୁଡ଼ିକୁ କାଳକ୍ରମେ ଭ୍ରାନ୍ତିଯୁକ୍ତ ଅସାର ଛାୟା ବୋଲି ଜାଣିସାରିଥାଏ। ତେଣୁ ଅନ୍ଧକାରରେ ଭ୍ରମି ଭ୍ରମି ବୃଥାରେ ଏକ ବିରାମର ସ୍ଥଳ ଖୋଜି ଚାଲିଥାଏ। ଶେଷରେ ତା'ର ଅନ୍ତର ଭିତରେ ଆଲୋକ ପ୍ରଜ୍ୱଳିତ ହୁଏ, ଛାୟାରାଜି ଦୂରୀଭୂତ ହୁଅନ୍ତି ଓ ସେ ନିଜକୁ ମୁକ୍ତ ବୋଲି ଅନୁଭବ କରେ।

ମୁକ୍ତି କୌଣସି ଏକ ପରିଚ୍ଛନ୍ନ ଜଗତରେ ଅବସ୍ଥାନକୁ ବୁଝାଏ ନାହିଁ; ଏହା ସମୟର କୌଣସି ନିର୍ଦ୍ଦିଷ୍ଟ ପରିସରରେ ଆବଦ୍ଧ ନୁହେଁ। ସଚେତନ-ଜଗତର କୌଣସି ଅବସ୍ଥାରେ ଏହା ନ ଥାଏ, ତାହା ଯେତେ ଆନନ୍ଦମୟ ହେଉ ପଛେ। ପରିବର୍ତ୍ତନଶୀଳ

ଜଗତର ପ୍ରତ୍ୟେକ ବସ୍ତୁରୂପଠାରୁ, ଜାଗତିକ ସଚେତନତାଠାରୁ ଊର୍ଦ୍ଧ୍ୱକୁ ଗତିକରି ଆତ୍ମାନୁଭବ କରିବା ହିଁ ମୁକ୍ତି। 'ଈଶ୍ୱର ତୁମରି ଭିତରେ ଅଛନ୍ତି', ଯୀଶୁଖ୍ରୀଷ୍ଟଙ୍କ ଏହି ଉକ୍ତିର ତାତ୍ପର୍ଯ୍ୟ ଏହା ହିଁ।

ଉପନିଷଦରେ କୁହାଯାଇଛି ଯେ ଆତ୍ମାନୁସନ୍ଧିତ୍ସାର ପ୍ରଥମ ସୋପାନ ହେଉଛି କୁମାର୍ଗରୁ ନିବୃତ୍ତ ହେବା। ଦୃଢ଼ ଇଚ୍ଛାଶକ୍ତି, ଅଟଳ ସିଦ୍ଧାନ୍ତ ଓ ପୂର୍ଣ୍ଣ ପ୍ରୟାସ ଦ୍ୱାରା ସବୁ ପ୍ରକାର ଦୋଷର ଦୂରୀକରଣ ନ ହେବା ପର୍ଯ୍ୟନ୍ତ ଆତ୍ମ-ଅନ୍ୱେଷଣର ପ୍ରାରମ୍ଭ ହୋଇ ନ ପାରେ। ପାପ-ପଥରେ ଅଧୋଗାମୀ ପାଦ ପୁଣ୍ୟ-ପଥରେ ଅଗ୍ରସର ହେବା ପ୍ରଥମେ କଷ୍ଟକର ହୁଏ। ପ୍ରକୃତ ଲକ୍ଷ୍ୟ ପଥରେ ଉପନୀତ ହେବାପାଇଁ ଗୋଟିଏ ମାତ୍ର ଉପାୟ ଅଛି– ପବିତ୍ର ନିଶୁଣିର ସର୍ବନିମ୍ନ ପାହାଚରେ ପାଦକୁ ସ୍ଥିର ଭାବରେ ଥାପି ରଖିବାକୁ ଚେଷ୍ଟାକର। କେହି ଏହାର ଗୋଟିଏ ହେଲେ ପାହାଚକୁ ପାପ-କ୍ଲିନ୍ନ ପାଦରେ ମଳିନ କରିବାର ଦୁଃସାହସ କଲେ, ତା'ପାଇଁ କ୍ଷୋଭ କର। ଆତ୍ମାନୁସନ୍ଧିତ୍ସୁ ମନୁଷ୍ୟ ହୁଏତ କୌଣସି ବଡ଼ଧରଣର ଭୁଲ୍ କରିପାରେ, ସାଧନାର ପଥରୁ ବହୁବାର ଭ୍ରଷ୍ଟ ହୋଇପାରେ; କିନ୍ତୁ ସେ ପ୍ରବଳ ଇଚ୍ଛାଶକ୍ତି ପ୍ରୟୋଗ କରି କାୟମନୋବାକ୍ୟରେ ପରିଶୁଦ୍ଧ ରହିବା ଉଚିତ୍। ଦିଗ୍‌ନିର୍ଣ୍ଣାୟକ ଯନ୍ତ୍ରର ସୂଚୀମୁଖ ଯେପରି ସର୍ବଦା ଉତ୍ତରମୁଖୀ ହୋଇ ରହେ, ଯେତେ ହଲାଇଲେ ମଧ୍ୟ ପୁଣି ନିଜର ପୂର୍ବସ୍ଥିତି ବଜାୟ ରଖେ, ଆତ୍ମାନୁସନ୍ଧିତ୍ସୁର ମନ (ଇଚ୍ଛା ଓ ଚିନ୍ତା) ସେହିପରି ସଦାସର୍ବଦା ଉତ୍ତମରେ ନିବଦ୍ଧ ରହିବା ଆବଶ୍ୟକ। ଏପରିକି ଦୁଷ୍କର୍ମରେ ଲିପ୍ତ ମନୁଷ୍ୟ ନିଜର ଉତ୍ତମ ସିଦ୍ଧାନ୍ତ ବଳରେ ପୁଣ୍ୟବାନ୍ ରୂପେ ପରିଗଣିତ ହୋଇପାରେ। କାରଣ ମନୁଷ୍ୟର ଦୃଢ଼ ଇଚ୍ଛାଶକ୍ତି ହିଁ ତା'ର ବ୍ୟକ୍ତିତ୍ୱ ବା ଚରିତ୍ରର ନିୟାମକ। କେବଳ ରକ୍ତମାଂସର ଶରୀର ଦ୍ୱାରା ଦୁଷ୍କର୍ମ କରାଯାଏ ନାହିଁ। କାମନା ଓ ଚିନ୍ତାଦ୍ୱାରା ମଧ୍ୟ କୁକର୍ମ କରାଯାଇପାରେ। ତେଣୁ ମନ୍ଦ ଚିନ୍ତାରୁ ନିବୃତ୍ତ ରହିବା, ମୁହୂର୍ତ୍ତଟିଏ ପାଇଁ ମଧ୍ୟ ଚିନ୍ତାକୁ ଅପରିଚ୍ଛନ୍ନ ହେବାକୁ ନ ଦେବା ଉଚିତ। ଅଧିକାଂଶ ମନ ମାଛି ପରି ଗୋଲାପ ଅପେକ୍ଷା ମଳରେ ବସିବାକୁ ଅଧିକ ପସନ୍ଦ କରନ୍ତି। ମନ ପବିତ୍ର ଓ ଶୁଦ୍ଧ ହେଲେ କୁକର୍ମର ପଥ ରୁଦ୍ଧ ହୋଇଯାଏ। କୁଚିନ୍ତାସମୂହ ପ୍ରସୂତ, ପ୍ରବର୍ଦ୍ଧିତ ଓ ସମର୍ଥିତ ନ ହେଲେ ମନ୍ଦ କାମନା-ବାସନା ମଧ୍ୟ ଧୀରେ ଧୀରେ ପରିସମାପ୍ତ ହୋଇଯା'ନ୍ତି। ମାନସ-ଶରୀର

ପରିଶୁଦ୍ଧ ଓ ନିର୍ମଳ ହେଲେ କାମ-ଶରୀର ଓ ସ୍ଥୂଳ-ଶରୀର ମଧ୍ୟ ଶୁଦ୍ଧ ହୋଇଯାଏ। ଏହିପରି ଦୃଢ଼ ଭାବରେ ନିଜକୁ ପରିମାର୍ଜିତ କରିବାଦ୍ୱାରା ଅନୁସନ୍ଧିତ୍ସୁ ଧୀରେ ଧୀରେ କୁମାର୍ଗରୁ ନିବୃତ୍ତ ହୁଏ ଓ ସତ୍‌କର୍ମ କରିବାକୁ ତତ୍ପର ହୋଇଉଠେ।

ଯେ ଆତ୍ମଜ୍ଞାନର ଅଧିକାରୀ ହୁଏ, ସେ ପ୍ରତ୍ୟେକ ଅମଙ୍ଗଳ ଭିତରେ ମଙ୍ଗଳର ସଂକେତ ଅନୁଭବ କରେ। କୁକର୍ମ ଭେଦବୁଦ୍ଧିକୁ ପ୍ରବଳ କରିଥାଏ; ମାତ୍ର ସତ୍‌କର୍ମ ଏକତ୍ୱବୋଧକୁ ସବଳ କରିଥାଏ। ସକଳ କୁକର୍ମର ମୂଳ ଜୁଗୁପ୍ସାରେ ଓ ଜୁଗୁପ୍ସା ହିଁ ଭେଦଭାବ ସୃଷ୍ଟି କରାଏ; ଅପର ପକ୍ଷରେ ସକଳ ସତ୍‌କର୍ମର ମୂଳ ପ୍ରେମରେ ଓ ପ୍ରେମ  ଅଭେଦଭାବନା ଜାଗ୍ରତ କରାଏ।

ସାଧନାର ପଥରେ ପ୍ରବେଶ କରିବାକୁ ହେଲେ ପ୍ରଥମେ ସତ୍-ବିବେକ ଆବଶ୍ୟକ। ଆତ୍ମାନୁସନ୍ଧିତ୍ସୁ ଅନ୍ୟମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରେ, ଅନ୍ୟମାନଙ୍କର ମଙ୍ଗଳ ଚାହେଁ, ନିଜର ଶକ୍ତି-ସାମର୍ଥ୍ୟ ଦେଇ ସେମାନଙ୍କ ସହିତ ସହଯୋଗ କରେ। ଏତଦ୍ୱାରା ତା'ର ଅନ୍ତର୍ଲୋକରେ ସତ୍-ବିବେକର ଉଦୟ ହୁଏ ଓ ଯଥାର୍ଥ ମାର୍ଗରେ ପ୍ରବେଶର ଉପାୟ ଦିଶିଯାଏ। ସେ ଅସତ୍‌ଠାରୁ ସତ୍‌ର, ନଶ୍ୱରଠାରୁ ଶାଶ୍ୱତର ପାର୍ଥକ୍ୟ ବୁଝିବାକୁ ସମର୍ଥ ହୁଏ। ଫଳରେ ତା' ମନରେ ଅସାର ଓ ନଶ୍ୱର ପ୍ରତି ବିତୃଷ୍ଣା ଜାଗ୍ରତ ହୁଏ। ତା'ର ଖାଦ୍ୟ ପ୍ରତି ଆଗ୍ରହ, ବସ୍ତୁ ପ୍ରତି ଆସକ୍ତି, ନାମ-ରୂପାଦି ପ୍ରତି ଆକର୍ଷଣ ଧୀରେ ଧୀରେ ନଷ୍ଟ ହୋଇଯାଏ। ଏହି ବିତୃଷ୍ଣା ଓ ଅନାସକ୍ତି କ୍ରମେ ନିଷ୍କାମତା ଓ ବୈରାଗ୍ୟରେ ପରିଣତ ହୁଏ। ସେ ମନକୁ ଇଚ୍ଛାଶକ୍ତି ଦ୍ୱାରା ନିୟନ୍ତ୍ରଣ କରେ, ଯାହାକୁ 'ଶମ' କୁହାଯାଏ। ଏହି ନିୟନ୍ତ୍ରିତ ମନଦ୍ୱାରା ସେ ନିଜର କାମନା-ବାସନା ଓ କର୍ମକୁ ନିୟନ୍ତ୍ରିତ କରେ। ଏହା ହେଉଛି 'ଦମ'। ଏହି ଶାନ୍ତ, ସ୍ଥିର ମନ ଭିତରେ ସେ ଏକ ନିଃଶବ୍ଦ ସ୍ୱର ଶୁଣିପାରେ, ନିଜର ଆତ୍ମସତ୍ତାକୁ, ନିଜର ସ୍ୱରୂପକୁ ବିଦ୍ୟୁତର ଝଲକ ପରି ଦେଖିପାରେ, ଫଳରେ ପରମ ଆନନ୍ଦ ଓ ଶାନ୍ତି ଅନୁଭବ କରେ। ସେ ପ୍ରଭୁ ବୁଦ୍ଧଙ୍କର ସତ୍ୟବାଣୀକୁ ଉପଲବ୍ଧି କରେ– "ତୁମେ ଶୃଙ୍ଖଳ-ବଦ୍ଧ ନୁହେ। ପ୍ରତ୍ୟେକ ବସ୍ତୁର ଆତ୍ମା ମାଧୁର୍ଯ୍ୟମୟ । ପ୍ରତ୍ୟେକ ଜୀବର ଅନ୍ତର ଦିବ୍ୟତା ଓ ଶାଶ୍ୱତତା ତା'ର ବିରାମସ୍ଥଳ।"

ମାତ୍ର, ତା'ପରେ ପୁଣି ବାଦଲର ଘଟା ଓହ୍ଲାଇ ଆସେ। ଆଲୋକ ଲୁଚିଯାଏ; ଅନ୍ଧକାର ଛାଇଯାଏ। ତଥାପି ସେ ତ ଦେଖିସାରିଥାଏ। ତେଣୁ ତା'ର ପଥ ସୁଗମ

ହୋଇସାରିଥାଏ। ସେ ଆତ୍ମସତ୍ତାର ଆଲୋକ ଦେଖିସାରିଥାଏ ଓ ସେହି ଆଲୋକରେ ସମସ୍ତ ପାର୍ଥିବ ପଦାର୍ଥ ତୁଚ୍ଛ ଦେଖାଯାଏ। ଏତେବେଳକୁ ନିଷ୍କାମତା ଓ ବୈରାଗ୍ୟ ଦୃଢ଼ ହୋଇସାରିଥାଏ; ସାଧକର ଚରିତ୍ରରେ ଉପରତି (ସହନଶୀଳତା) ଓ ତିତିକ୍ଷା (ଧୈର୍ଯ୍ୟ) ଅଙ୍ଗୀଭୂତ ହୋଇସାରିଥାଏ। ଉପରତି କାହାକୁ ଘୃଣା ମଧ୍ୟ କରେ ନାହିଁ, ସମସ୍ତଙ୍କୁ ସାହାଯ୍ୟ କରେ। ତିତିକ୍ଷା ସବୁ କିଛି ସହିପାରେ, ସବୁ ଭାର ବହନ କରିପାରେ। ତେଣିକି ନିଜର ଦିବ୍ୟତ୍ୱ ଉପରେ ଦୃଢ଼ ଆସ୍ଥା ବା 'ଶ୍ରଦ୍ଧା' ଜାତ ହୁଏ। ଏହା ସର୍ବାଧିକାରର ସଚେତନତା, ଶକ୍ତିର ଅଟଳତା ବା ଅଚଳତା, ସମାଧାନ ବା ସମତା ପ୍ରଦାନ କରେ।

ପରମସତ୍ତା ସହିତ ମିଶିଯିବାର ବାସନା ଓ ସଂକଳ୍ପ ନେଇ ପବିତ୍ରତାର ଦ୍ୱାର ଅତିକ୍ରମ କରିବା ପରେ ସାଧକ ମୁକ୍ତି-ପଥରେ ଅଗ୍ରସର ହୁଏ। ଏହି ପଥରେ ଅଗ୍ରସର ହେବାବେଳେ ତାକୁ ଦଶଗୋଟି ଶୃଙ୍ଖଳ ଛିନ୍ନ କରିବାକୁ ପଡ଼େ। ସେଗୁଡ଼ିକ ହେଲା – ମାୟା ବା ବ୍ୟକ୍ତିତ୍ୱର ଭ୍ରାନ୍ତି, ସଂଶୟ, କୁସଂସ୍କାର, ବାସନା, ବିରୋଧିତା, ରୂପଗତ ବା ଦୈହିକ ଜୀବନ ପାଇଁ ଇଚ୍ଛା, ଅରୂପ ବା ଦେହବିହୀନ ଜୀବନ ପାଇଁ ଇଚ୍ଛା, ଗର୍ବ, ଚପଳତା ଓ ଅଜ୍ଞତା। ଅଜ୍ଞତାର ଅନ୍ଧ-ପଟ୍ଟିକା ଆଖିରୁ ଖସିପଡ଼ିବା ପରେ ସେ ଜାଣେ ଯେ ସେ ମୁକ୍ତ। ସେ ଚିରମୁକ୍ତ; କେବଳ ମାୟା ବା ଭ୍ରାନ୍ତିରେ ବାନ୍ଧି ହୋଇଥିଲା। ମନ୍ତ୍ରମୁଗ୍ଧ ରୋଗୀର ମନରେ ସେ ଚାଲିପାରିବ ନାହିଁ ବୋଲି ଦୃଢ଼ ଧାରଣା ସୃଷ୍ଟି କରାଯାଇଥିବା ହେତୁ ସେ ଚଳତ୍‌ଶକ୍ତିରହିତ ହୋଇଯାଇଥାଏ। ସେହିପରି ଆମେ ମାନବଜନ୍ମର ସମଗ୍ର ଯାତ୍ରାପଥରେ ନିଜକୁ ଶୃଙ୍ଖଳ-ବଦ୍ଧ ବୋଲି ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇଥାଉଁ। ଏହି ଭ୍ରାନ୍ତି ଦୂରୀଭୂତ ନ ହେଲେ ଅବସ୍ଥାର ପରିବର୍ତ୍ତନ ହୁଏ ନାହିଁ। ସୁତରାଂ ମୁକ୍ତି ପାଇବା ପାଇଁ ଅବିଦ୍ୟାର ବନ୍ଧନକୁ ମୋଚନ କରିବା ଅତ୍ୟନ୍ତ ଆବଶ୍ୟକ। ଏହାପରେ ଆକସ୍ମିକ ଭାବରେ ଦିବ୍ୟାଲୋକ ଦିଶିଯାଏ ଓ ଆମ ସତ୍ତାର ଅନ୍ତର୍ନିହିତ ଶାଶ୍ୱତ ବିମୁକ୍ତଭାବକୁ ଆମେ ଉପଲବ୍ଧି କରିପାରୁ।

ଆମେ ଚିରକାଳ ମୁକ୍ତ। କେହି ଆମକୁ ମୁକ୍ତି ଦେଇପାରିବ ନାହିଁ, କି କେହି ଆମକୁ ସେଥିରୁ ବଞ୍ଚିତ କରିପାରିବ ନାହିଁ। କିନ୍ତୁ ଆମେ ଶୃଙ୍ଖଳ-ବଦ୍ଧ ବୋଲି ଭ୍ରାନ୍ତିକୁ କେବଳ ଦୀର୍ଘ ଅନୁଭୂତି, ଅଭିଜ୍ଞତା ଓ ସାଧନା ଦ୍ୱାରା ହିଁ ଦୂରୀଭୂତ କରାଯାଇପାରିବ। ଶୁଦ୍ଧତାର ସକଳ ସାଧନା କେବଳ ବତୀର ଆଲୋକକୁ ଘୋଡ଼ାଇ ରଖିଥିବା ମଳିନ

କାଚର ପରିଷ୍କରଣ କ୍ରିୟା ତୁଲ୍ୟ। ଏହି ପରିଷ୍କରଣ ଆଲୋକ ଜଳାଏ ନାହିଁ; କେବଳ ଜଳୁଥିବା ଆଲୋକର ରେଖା ଅଗ୍ରସର ହେବାର ପଥ ଖୋଲିଦିଏ। ସେହିପରି ସାଧନା ମୁକ୍ତି ଦିଏ ନାହିଁ; କେବଳ ବନ୍ଧନର ଭ୍ରାନ୍ତିକୁ ଦୂରୀଭୂତ କରେ। ଆତ୍ମାର ସତ୍ତା ତ ଚିରବିମୁକ୍ତ। ତା'ର ଅବସ୍ଥାନ ସ୍ତର, ଅବସ୍ଥା ଓ ସମୟର ଉର୍ଦ୍ଧ୍ୱରେ - ଶାଶ୍ୱତରେ।

ପ୍ରଚଳିତ ଧର୍ମଧାରଣାରେ ଥିବା ଦିବ୍ୟାନନ୍ଦ-ଲାଭ ବା ଅଲୌକିକ ସୁଖର ରାଜ୍ୟରେ ଅବସ୍ଥାନର ଧାରଣା ମୁକ୍ତି ବା ନିର୍ବାଣ ନୁହେ। ଯେଉଁ ମଣିଷ ପାର୍ଥିବ ଆନନ୍ଦ, କାମଲୋକର ଆନନ୍ଦ, ସ୍ୱର୍ଗଲୋକର ଆନନ୍ଦ, ଏସବୁର ଉର୍ଦ୍ଧ୍ୱକୁ ଉଠିପାରିଥାଏ, ସେ ମୃତ୍ୟୁପରେ ଏଥିମଧ୍ୟରୁ କୌଣସିଠାରେ ସାମାନ୍ୟ ସମୟ ବିଳମ୍ବ କରିବାର ଆସକ୍ତି ରଖି ନ ଥାଏ। କାମଲୋକର ସମୃଦ୍ଧି, ସ୍ୱର୍ଗଲୋକର ସମ୍ଭୋଗ, କେଉଁଥିରେ ହେଲେ ତା'ର ରୁଚି ନ ଥାଏ। ସେ ସ୍ଥୁଳଶରୀର ପରି କାମ-ଶରୀର ଓ ମାନସ-ଶରୀରକୁ ପରିତ୍ୟାଗ କରି ଉର୍ଦ୍ଧ୍ୱକୁ ଚାଲିଯାଏ। ତାକୁ ଆସକ୍ତ କରି ବାନ୍ଧି ରଖିବା ପାଇଁ, ପ୍ରଲୁବ୍ଧ କରି ଫେରାଇ ଆଣିବା ପାଇଁ ସେଠାରେ କିଛି ହିଁ ନ ଥାଏ। ପକ୍ଷୀ ବ୍ୟାଧର ଜାଲ ଛିଣ୍ଡାଇ ଉଡ଼ିଗଲା ପରି ପ୍ରାଣ-ପକ୍ଷୀ ଆଉ କେବେ ଏହି ତିନି ଲୋକରେ ବସା ବାନ୍ଧେ ନାହିଁ। ତେଣିକି ସେ ମୁକ୍ତ ଆକାଶ ପରି ଅରୂପଲୋକ (ମହଃ ଓ ଜନଲୋକ)ରେ ଦୀର୍ଘକାଳ ଗଭୀର ଧ୍ୟାନରେ ରହିପାରେ। ତେବେ କୌଣସି ସୁଦୂର ଭବିଷ୍ୟତ କାଳରେ ସେହି ଲୋକରେ ବସବାସର ସୀମା ଅତିକ୍ରାନ୍ତ ହୁଏ ଓ ତାହାର ଅଧିବାସୀ ନିଷ୍କ୍ରିୟ ଓ ନିଶ୍ଚେତନ ଅବସ୍ଥା ଭୋଗ କରେ। କୌଣସି ଆରାଧ୍ୟ ଦେବତାର ଆରାଧନାରେ ଅତ୍ୟଧିକ ଆନନ୍ଦାନୁଭବ ମଧ୍ୟରେ ତପଲୋକରେ ଭକ୍ତର ଅବସ୍ଥାନ ମଧ୍ୟ କେବେ ନା କେବେ ଶେଷ ହୁଏ। ଆତ୍ମସତ୍ତାକୁ ଉପଲବ୍ଧି ନ କରିବା ପର୍ଯ୍ୟନ୍ତ ମନୁଷ୍ୟ ରକ୍ତ-ମାଂସ ଦେହ ଧରି ସଂସାରକୁ ଫେରିବାକୁ ବାଧ୍ୟ ହେଉଥାଏ। ମନୁଷ୍ୟର ଚେତନା କେବଳ ତା'ର କର୍ମକ୍ଷମତାର ଉପଯୋଗୀ ବିଷୟରେ ତତ୍ପର ହୋଇଥାଏ। ଯେତେବେଳେ ସେ ପ୍ରକାର ବିଷୟ ବିନଷ୍ଟ ହୋଇଯାଏ, ସେତେବେଳେ ସେ କେବଳ ସୂକ୍ଷ୍ମତର ରୂପରେ ରହେ। ଅନ୍ୟ କୌଣସି ଜଗତରେ କାର୍ଯ୍ୟ କରିବାର ଉପଯୁକ୍ତ ସୁଯୋଗ ନ ପାଇବା ପର୍ଯ୍ୟନ୍ତ ସେ ଅଚେତନ ଭାବରେ ରହିଥାଏ। ଯେତେବେଳେ ସେ ନିଜର ସତ୍ତାକୁ ଉପଲବ୍ଧି କରିବାକୁ ସମର୍ଥ ହୁଏ, ସେତେବେଳେ ଯାଇ ଆତ୍ମସଚେତନତାର ଶୀର୍ଷ ବିନ୍ଦୁରେ ଉପନୀତ ହୋଇପାରେ।

ଏହାକୁ ପଢ଼ି କେହି କେହି ଭାବିପାରନ୍ତି ଯେ ମୁକ୍ତି ସୁଦୂରପରାହତ– ସେମାନଙ୍କ ପହୁଞ୍ଚର ବାହାରେ। ଏତେ ଉଚ୍ଚ ଚିନ୍ତା ଦୈନନ୍ଦିନ ଜୀବନର ଖୋରାକ୍ ହେବା ସମ୍ଭବ ନୁହେ। ମାତ୍ର ପ୍ରକୃତରେ ସେପରି ନୁହେ। ଏହାର କାରଣ ମଧ୍ୟ ଅତି ସରଳ। ଆମ ମଧ୍ୟରେ ନିହିତ ଆତ୍ମସତ୍ତା ହେତୁ ଆମେ ପ୍ରତ୍ୟେକେ ସାରତଃ ଦିବ୍ୟ। ମନ୍ଦକର୍ମ ବା ମନ୍ଦ ଚିନ୍ତାରୁ ନିବୃତ୍ତ ହେବା ଏହାର ଉପଲବ୍ଧି ଦିଗରେ ପ୍ରଥମ ପଦକ୍ଷେପ। ଏହା ସୌରରଶ୍ମିର ପ୍ରବେଶ ପଥ ରୁଦ୍ଧ କରୁଥିବା ବାତାୟନର ମଳିନତା–ପରିଷ୍କରଣ ବୋଲି ମନେକରାଯାଇପାରେ। ଆନନ୍ଦରେ ଅନ୍ୟର ସେବା କରିବା, ଅନ୍ୟକୁ ସାହାଯ୍ୟ କରିବା ପାଇଁ ନିଜର ସୁଖ–ସମ୍ଭୋଗକୁ ଉତ୍ସର୍ଗ କରିଦେବା ଦ୍ୱାରା ମଣିଷ ଆତ୍ମସତ୍ତାର ଅଭିନ୍ନତା ଆଡ଼କୁ ଆଉ ପାଦଟିଏ ଅଗ୍ରସର ହୁଏ। ସ୍ୱପରତନ୍ତ୍ରହୀନତା ଯେଉଁ ଆନନ୍ଦର ଅନୁଭବ ଦିଏ, ତାହ ଦିବ୍ୟାନନ୍ଦର ଏକ ରଶ୍ମି। ପ୍ରତ୍ୟେକ ବାର ଆମେ ଏକ ନିମ୍ନତର ସୁଖ ଅପେକ୍ଷା ଏକ ଉଚ୍ଚତର ସୁଖ ବାଛିଥାଉଁ। ଉପଯୁକ୍ତ ବା ସତ୍ କର୍ତ୍ତବ୍ୟର ପାଳନ ପାଇଁ କଷ୍ଟବରଣ କରୁଁ, ଯଦିଓ ସେଥିରେ ଅବହେଳା କଲେ ଏକ ସୁଗମ ପଥରେ ଗତି କରିହୁଅନ୍ତା। ବିବେକର ପ୍ରଚ୍ଛେଦନାରେ ଆମେ ଯେତେବେଳେ କୌଣସି ଅତୃପ୍ତ ବାସନାକୁ ଚପିଦେଇ ପରାଭବକ୍ଳିଷ୍ଟ ମୁହଁରେ ଆନନ୍ଦର ହସ ଫୁଟାଉ, ସେତେବେଳେ ଆମେ ନିଷ୍କାମଭାବର ଅଧିକାରୀ ବୋଲି ସୂଚିତ ହୋଇଥାଏ।

ଯେତେବେଳେ ଆମେ ନିଜର କର୍ତ୍ତବ୍ୟ–କର୍ମରୁ ତିଳେହେଲେ ବିଚ୍ୟୁତ ନ ହୋଇ ପୂର୍ଣ୍ଣ ମନୋଯୋଗର ସହିତ ତାହା ସଂପାଦନ କରିଥାଉଁ ତାହା ମାନସିକ ସଂଯମର ସାଧନା ବୋଲି କୁହାଯାଇପାରେ। ଯେତେବେଳେ ଆମେ କ୍ରୋଧପ୍ରଣୋଦିତ କ୍ରୂର ଶବ୍ଦପ୍ରୟୋଗରୁ ନିଜକୁ ନିବୃତ୍ତ କରାଉ, ତାହା କର୍ମର ନିୟନ୍ତ୍ରଣ ହିଁ ହୋଇଥାଏ। ଅନ୍ୟମାନଙ୍କର ସମାଲୋଚନା କରିବା ଛାଡ଼ି ଜୀବନର ନାନା ସମସ୍ୟାକୁ ଆନନ୍ଦରେ ମୁହାଁମୁହିଁ ଭେଟିବାକୁ ଶିଖିଲେ ଆମର ଧୈର୍ଯ୍ୟ ଓ ସହନଶୀଳତା ବଢ଼ିଥାଏ। ପ୍ରାତ୍ୟହିକ ପ୍ରାର୍ଥନା ଓ ଧ୍ୟାନ ଆମକୁ ଶାନ୍ତି ଓ ଶକ୍ତି ପ୍ରଦାନ କରେ; ଆମର ଅନ୍ତର୍ନିହିତ ପରମ ସତ୍ତା ବିଷୟରେ ଆମକୁ ଅବହିତ କରାଇଥାଏ।

ଏପରି କୌଣସି ଦିନ ନାହିଁ, ଯେଉଁଦିନ କି ଆମେ ଚିରନ୍ତନ ସମଭାବର ସୁମହତ ଅଭ୍ୟାସ କରିବାର ସୁଯୋଗ ପାଉନା। ଆମ ପରିପାର୍ଶ୍ୱରେ ପ୍ରତିଦିନ ଏ

ସୁଯୋଗ ଘଟୁଥିଲେ ମଧ୍ୟ ଆମେ ସେସବୁକୁ ନ ଦେଖିଲା ପରି ଅତିକ୍ରମ କରିଯାଉ। ପ୍ରକୃତରେ ଆମ ଚତୁଃପାର୍ଶ୍ୱରେ ଅତି ତୁଚ୍ଛ, ସାଧାରଣ ବୋଧ ହେଉଥିବା ପରିସ୍ଥିତିରେ ଆମର କ୍ରିୟା-ପ୍ରତିକ୍ରିୟା ମଧ୍ୟରେ ହିଁ ଆମର ସବୁ ପ୍ରଶ୍ନ, ସକଳ ଜିଜ୍ଞାସାର ଉତ୍ତର ନିହିତ ଥାଏ। ସେହି ଉତ୍ତର ଆମକୁ ଉତ୍ତରଣର ପଥ ଦେଖାଏ। ବାହ୍ୟ ସତ୍ତାର ଅସତ୍-ତ୍ୱ ପ୍ରମାଣିତ କରି ଆମକୁ ସତ୍ ବା ଈଶ୍ୱରୀୟ ସତ୍ତାର ନିକଟବର୍ତ୍ତୀ କରାଏ।

ବ୍ୟବସାୟିକ କାର୍ଯ୍ୟାଳୟରେ, ବିଚାରାଳୟରେ, ହାଟ-ବଜାର ଓ ବନ୍ଦରରେ, ପୀଡ଼ିତର ଶଯ୍ୟାଧାରରେ, ଶିଶୁର ଦୋଳି ନିକଟରେ, ଯେକୌଣସି ସ୍ଥାନରେ ଆତ୍ମସତ୍ତାର ସାକ୍ଷାତ୍କାର ହୋଇପାରେ। ଯେକୌଣସି ସ୍ଥାନରେ ମୁକ୍ତି ପ୍ରାପ୍ତ ହୋଇପାରେ। ଜନୈକ ଇସଲାମ୍ ଧର୍ମଗୁରୁ ଗେହାଜିଙ୍କର ବିଶ୍ୱସ୍ତ ଭୃତ୍ୟ କହିଥିଲେ– "ହେ ମୋର ପ୍ରଭୁ! ଯଦି ପୟଗମ୍ବର ଆପଣଙ୍କୁ କୌଣସି ମହତ୍ କାର୍ଯ୍ୟରେ ନିୟୋଜିତ କରିଥା'ନ୍ତେ, ଆପଣ କ'ଣ ତାହା ସମ୍ପାଦନ କରି ନ ଥା'ନ୍ତେ?" ପ୍ରକୃତରେ ଦେଖିବାକୁ ଗଲେ ସାଧାରଣ ଜୀବନର ପ୍ରତିଟି ମୁହୂର୍ତ୍ତ ଦୁର୍ଲ୍ଲଭ ସୁଯୋଗରେ ପୂର୍ଣ୍ଣ। ଆମର ନିକଟତମ ବିଷୟଗୁଡ଼ିକ ହିଁ ମହତ୍ତମ ବିଷୟ। ଯେପରି ସୂର୍ଯ୍ୟାସ୍ତ ପୃଥିବୀର ସୁନ୍ଦରତମ ଦୃଶ୍ୟଠାରୁ ମଧ୍ୟ ସୁନ୍ଦରତର ହୋଇଥିଲେ ହେଁ ଦୈନନ୍ଦିନ ହୋଇଥିବାରୁ ସାଧାରଣ ଓ ଅପାଂକ୍ତେୟ ବୋଧ ହୋଇଥାଏ, ଆତ୍ମସତ୍ତା ଓ ତା'ର ସାକ୍ଷାତ୍କାରର ମାର୍ଗ ମଧ୍ୟ ସେହିପରି।

ତୁମେ ହିଁ ମାର୍ଗ। ନିଜ ଅଭ୍ୟନ୍ତରକୁ ଚାହଁ, ତୁମେ ହିଁ ବୁଦ୍ଧ। ସେହି ଦିବ୍ୟ ଧ୍ୱନି ତୁମର ଅନ୍ତରତମ। ତୁମରି ମୁଖରେ, ତୁମରି ହୃଦୟରେ ତା'ର ସ୍ଥିତି। ଭାଇ ମୋର! ଚକ୍ଷୁ ମେଲି ଚାହଁ, ତୁମେ ଦେଖିପାରିବ।

❖❖❖

# 'ଇନ୍ ଦ ଆଉଟର୍ କୋର୍ଟ୍': ଏକ ଅନୁଶୀଳନ

ଉପମା, ରୂପକ, ପ୍ରତୀକ, ଚିତ୍ରକଳ୍ପ ଇତ୍ୟାଦି ସାହିତ୍ୟର ଆଙ୍ଗିକ ତଥା ଆତ୍ମିକ ଉଭୟବିଧ ମୂଲ୍ୟକୁ ବହୁଗୁଣରେ ବଢ଼ାଇ ଦିଅନ୍ତି । ଆଧ୍ୟାତ୍ମିକ ସାହିତ୍ୟରେ ମଧ୍ୟ ଜନମାନସକୁ ପ୍ରଭାବିତ କରିବା ପାଇଁ ରହସ୍ୟବାଦିତା ସହିତ ଏହିପରି ଉପାଦାନମାନଙ୍କୁ ଆୟୁଧ ରୂପେ ବ୍ୟବହାର କରାଯାଇଥାଏ । ବ୍ରହ୍ମବିଦୂଷୀ ଆନି ବେସାନ୍ତ୍ ଅନେକ କାବ୍ୟିକ ଉପାଦାନର ପ୍ରୟୋଗରେ ତାଙ୍କର ରଚନା ଓ ଅଭିଭାଷଣଗୁଡ଼ିକୁ ସମୃଦ୍ଧ ଓ ରୋଚକ କରି ତୋଳୁଥିଲେ । 'In the Outer Court' ରେ ମନୁଷ୍ୟମାନଙ୍କର ଉଦ୍‌ବର୍ତ୍ତନ ବା କ୍ରମବିକାଶ ସଂପର୍କରେ ଅନୁଶୀଳନ କରିବାକୁ ଯାଇ ସେ ପ୍ରଥମରୁ ରୂପକ ଆଧାରିତ ଏକ ସୁନ୍ଦର ଚିତ୍ରକଳ୍ପ ସୃଷ୍ଟି କରିଛନ୍ତି । ସାମଗ୍ରିକ ଦୃଷ୍ଟିପାତ ପାଇଁ କୌଣସି ଏକ ସୁଉଚ୍ଚ ସ୍ଥାନରେ ରହି ତଳକୁ ଲକ୍ଷ୍ୟ କରିବା ଦରକାର ହୁଏ । ତଳକୁ ଓ ଦୂରକୁ ଦେଖିବା ପାଇଁ ଲୋକେ ସାଧାରଣତଃ କୌଣସି ଉଚ୍ଚ ମିନାର ବା କୋଠାର ଛାତ, ଉଚ୍ଚ ବୃକ୍ଷର ଶୀର୍ଷାଶାଖା ଉପରେ ଚଢ଼ିଥାନ୍ତି । ବିକାଶଶୀଳ ମାନବତାକୁ ସଂପୂର୍ଣ୍ଣ ରୂପେ ଦେଖିବାକୁ ସମର୍ଥ ହେବାପାଇଁ ଆନି ବେସାନ୍ତ୍ ଏକ ଉଚ୍ଚତର ଜଗତରେ ଥାଇ ନିମ୍ନତର ଜଗତର ଗତିବିଧି ଲକ୍ଷ୍ୟ କରିବାର କଥା କହିଛନ୍ତି । ଶବ୍ଦରେ ଶବ୍ଦରେ ସୃଷ୍ଟି କରିଛନ୍ତି ଏକ ସୁନ୍ଦର ଚିତ୍ର । ଚିତ୍ରଟି ଏହିପରି–

ଏକ ବିରାଟ ପର୍ବତ । ତା'ର ଚାରିପଟେ ବୁଲାଣି ରାସ୍ତାଟିଏ କ୍ରମଶଃ ଉଠିଉଠି ଯାଇଛି ପର୍ବତର ଉତ୍ତୁଙ୍ଗ ଶୀର୍ଷ ପର୍ଯ୍ୟନ୍ତ । ସତେକି ଅତି ଦୀର୍ଘକାୟ ସର୍ପଟିଏ

ପର୍ବତର ଚାରିପାଖେ ଘେର କାଟିକାଟି ଚଢ଼ିଛି ଉପରକୁ । ଲାଞ୍ଜ ତା'ର ପର୍ବତର ପାଦଦେଶରେ ମୁଣ୍ଡଟି ଶୃଙ୍ଗ ଉପରେ ମାର୍ଗରେ ସାତଟି ମୋଡ଼ ରହିଛି, ସତେଯେମିତି ସାପଟି ସାତ ଘେରା ପର୍ବତକୁ ଗୁଡ଼ାଇ ତା'ର ଶୀର୍ଷରେ ମୁଣ୍ଡ ଥୋଇପାରିଛି । ମାର୍ଗର ଏହି ସାତ ମୋଡ଼ରେ ରହିଛି ସାତଟି ଲେଖାଏଁ ବିଶ୍ରାମ ସ୍ଥଳ, ଯେଉଁଠି କିଛିସମୟ ବିଶ୍ରାମ ନେଇ ଯାତ୍ରୀମାନେ ପୁଣି ଊର୍ଦ୍ଧ୍ୱମୁଖୀ ପାର୍ବତ୍ୟ-ସରଣୀରେ ଅଗ୍ରସର ହୋଇଥା'ନ୍ତି । ଲକ୍ଷ୍ୟସ୍ଥଳ ପର୍ବତର ଶିଖର ଦେଶରେ ନୀଳଆକାଶର ପୃଷ୍ଠଭୂମିରେ ଶଙ୍ଖମର୍ମର ପରି ଧବଳ ଉଜ୍ଜ୍ୱଳ ଏକ ଭବ୍ୟ ଓ ଦିବ୍ୟ ମନ୍ଦିର, ଯା'ର ଅଭ୍ୟନ୍ତରରେ କେନ୍ଦ୍ରସ୍ଥଳରେ ବିରାଜିତ ପବିତ୍ରତମ ବିଗ୍ରହ । ପ୍ରତ୍ୟେକ ମନୁଷ୍ୟର ଚରମ ଓ ପରମ ଲକ୍ଷ୍ୟ ସେହି ଭବ୍ୟ ମନ୍ଦିର ମଧ୍ୟରେ ଯେଉଁମାନେ ପ୍ରବେଶ କରିସାରିଛନ୍ତି, ସେମାନେ ତା' ଭିତରେ ଅପେକ୍ଷା କରି ରହିଛନ୍ତି ପଛରେ ଆସୁଥିବା ଯାତ୍ରୀମାନଙ୍କର ସହାୟତା କରିବା ପାଇଁ ।

ବର୍ତ୍ତମାନ ଏହି କଳ୍ପିତ ଚିତ୍ରଟିର ତାତ୍ପର୍ଯ୍ୟ ବୁଝିବା ଆବଶ୍ୟକ । ବ୍ରହ୍ମବିଦ୍ୟା କହେ ଯେ ମନୁଷ୍ୟ ସାଧାରଣତଃ ସାତଶହ ସତସ୍ତରି ଜନ୍ମ ନେବାପରେ ତା'ର ମୌଳିକ ସ୍ୱରୂପକୁ ପ୍ରତ୍ୟାବର୍ତ୍ତନ କରିଥାଏ, ବ୍ରହ୍ମସାରୂପ୍ୟ ବା ମୁକ୍ତି ବା ନିର୍ବାଣ ଲାଭ କରିଥାଏ । ତନ୍ମଧ୍ୟରୁ ଶେଷ ସାତଜନ୍ମ ବେଳକୁ ସେ ନାନା ସାଂସାରିକ ମଳରୁ ମୁକ୍ତ ହୋଇ କ୍ରମଶଃ ଶୁଦ୍ଧଚିତ୍ତ, ମୁକ୍ତମନ, ଲବ୍ଧଜ୍ଞାନ, ପ୍ରଜ୍ଞାଶୀଳ, ପ୍ରେମସ୍ନିଗ୍ଧ କରୁଣାର୍ଦ୍ର-ହୃଦୟ ହୋଇଯାଇଥାଏ । ପର୍ବତକୁ ଘେରିଘେରି ଉଠିଥିବା ମାର୍ଗର ସାତଟି ମୋଡ଼ ହୁଏତ ସେହି ଶେଷ ସାତଟି ଜନ୍ମ । ସେହି ପ୍ରତ୍ୟେକଟି ଜନ୍ମର ଜୀବନକାଳର ସମାପ୍ତି ଓ ପରବର୍ତ୍ତୀ ଜନ୍ମଗ୍ରହଣର ମଧ୍ୟରେ ସାତଟି ବିଶ୍ରାମସ୍ଥଳ ।

ବିଭିନ୍ନ ଧର୍ମରେ ୭ ସଂଖ୍ୟାକୁ ବିଶେଷ ମହତ୍ତ୍ୱ ଦିଆଯାଇଛି । ବ୍ରହ୍ମବିଦ୍ୟା ପୁସ୍ତକଗୁଡ଼ିକରେ ମଧ୍ୟ ଆମକୁ ସପ୍ତଲୋକର କଥା କୁହାଯାଇଛି । ଯଥା-୧. ଆଦିଲୋକ, ୨. ଅନୁପାଦକ ଲୋକ, ୩. ଆତ୍ମାଲୋକ ବା ନିର୍ବାଣଲୋକ, ୪. ବୌଦ୍ଧିକ ଲୋକ, ୫. ମାନସଲୋକ, ୬. କାମଲୋକ ଓ ୭. ଭୂଲୋକ । ଏହି ସପ୍ତଲୋକ ବା ସାତଟି ଜଗତ ଆମକୁ ଘେରି ରହିଥିଲେ ହେଁ ଆମେ କେବଳ ଭୂଲୋକର ସୀମିତ ଅଂଶକୁ ଇନ୍ଦ୍ରିୟ ମାଧ୍ୟମରେ ଜାଣିପାରୁ । ଏହା ନିମ୍ନତମ ଓ ସ୍ଥୂଳତମ ଜଗତ । ଏ ପ୍ରତ୍ୟେକ ଲୋକର ପୁଣି ୭ଟି ଲେଖାଏଁ ଉପସ୍ତର ରହିଛି ।

ଏହି ସାତଟିଯାକ ସମକେନ୍ଦ୍ରୀ ଅନ୍ତର୍ଭେଦୀ ଜଗତର ପଦାର୍ଥଗୁଡ଼ିକ ତଳେ ସ୍ଥୂଳତମ ଓ ଉପର ଆଡ଼କୁ କ୍ରମଶଃ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇଥା'ନ୍ତି । ପ୍ରତ୍ୟେକ ସ୍ତରର ଉପସ୍ତରଗୁଡ଼ିକ ମଧ୍ୟ ସେହିପରି ଉପର ଆଡ଼କୁ କ୍ରମସୂକ୍ଷ୍ମ ହୋଇଥା'ନ୍ତି ।

ଆଦିଲୋକ (Divine World) ର ବ୍ରହ୍ମଙ୍କଠାରୁ ଉତ୍ପନ୍ନ ଜୀବାତ୍ମା (Monad) ପ୍ରଥମେ ଅନୁପାଦକ ଲୋକ (Monadic world) ରେ ବ୍ୟକ୍ତ ହୋଇଥାଏ । ମାତ୍ର ଭୂଲୋକ ବା ଭୌତିକଜଗତର ସ୍ଥୂଳ ପରିସର ମଧ୍ୟକୁ ଅବତରଣ ନ କଲେ ତା' ମଧ୍ୟରେ ସୁପ୍ତ ଭାବରେ ନିହିତ ଈଶ୍ୱରୀୟ ଶକ୍ତି ଓ ଗୁଣସମୂହର ପ୍ରକାଶ ହୋଇପାରେ ନାହିଁ । ତେଣୁ ମୋନାଡ଼୍ ନିମ୍ନତର ଜଗତ ଆତ୍ମାଲୋକ ବା ନିର୍ବାଣଲୋକ (Spiritual world) ରେ ପ୍ରବେଶ କରି ଆତ୍ମା ରୂପେ ପରିଚିତ ହୁଏ ଓ ତ୍ରିଧା (Threefold spirit) ପ୍ରକାଶିତ ହୁଏ । ତା'ର ସେହି ରୂପତ୍ରୟ ହେଲା - (୧) ଆତ୍ମା (Spirit), (୨) ପ୍ରଜ୍ଞା ବା ସ୍ୱତଃସ୍ଫୂର୍ତ୍ତ ବୁଦ୍ଧି (Intuition) ଓ (୩) ବିଚାରବୁଦ୍ଧି (Intelligence) ।

ଏଥିମଧ୍ୟରୁ ମୋନାଡ୍‌ର 'ଆତ୍ମା'ଭାବ (ଯାହା ମନୁଷ୍ୟର ଜୀବାତ୍ମା ରୂପେ ପରିଚିତ), ତାହା ଆତ୍ମାଲୋକରେ ରହେ; 'ସ୍ୱତଃସ୍ଫୁର୍ତ୍ତ ବୁଦ୍ଧି' ବୌଦ୍ଧିକ ଲୋକରେ ଓ 'ବିଚାରବୁଦ୍ଧି' ଉଚ୍ଚମାନସ ଲୋକରେ ପ୍ରକାଶିତ ହୁଏ । ଉଚ୍ଚମାନସ ଲୋକରେ ଏହି ତିନିଟିର ସମାହାରରେ ଜୀବ (Ego) ଗଠିତ ହୁଏ, ଯାହା ଉଚ୍ଚମାନସ ଜଗତର ସୂକ୍ଷ୍ମ ଉପାଦାନରେ ଗଠିତ ଏକ ଅପେକ୍ଷାକୃତ ସ୍ଥାୟୀ ଶରୀର ଧାରଣ କରି ରହେ । ଏହାକୁ 'କାରଣ ଶରୀର' (Causal body) କୁହାଯାଏ । ଏହି ଜୀବ ଅନୁଭୂତି ଓ ଜ୍ଞାନର ଆହରଣ ଲାଗି ଭୌତିକ ଜଗତକୁ ଓହ୍ଲାଇଲାବେଳେ ନିମ୍ନମାନସ ଲୋକର ଉପାଦାନରେ ନିର୍ମିତ 'ମାନସ ଶରୀର', ଭାବଜଗତର ଉପାଦାନରେ ନିର୍ମିତ 'ଭାବଶରୀର' ଓ ଶେଷରେ 'ଭୌତିକ ଜଗତ'ର ପାର୍ଥିବ ଉପାଦାନ (ପଞ୍ଚମହାଭୂତ)ରେ ନିର୍ମିତ ସ୍ଥୂଳ 'ଭୌତିକ ଶରୀର' ଧାରଣ କରି ଶିଶୁ ରୂପରେ ଜନ୍ମ ନିଏ । ଏହି ତିନିଟିଯାକ ଜୀବର ଅସ୍ଥାୟୀ ବା ନଶ୍ୱର ଶରୀର । ଭୌତିକ ଜଗତରେ ଜୀବ ବା ପ୍ରକୃତ ମଣିଷକୁ ବ୍ୟକ୍ତି ଭାବରେ ବ୍ୟକ୍ତ ବା ପ୍ରକାଶିତ କରାଉଥିବା ଏହି ଅଂଶ ହିଁ ତା'ର ବ୍ୟକ୍ତିତ୍ୱ (Personality) ।

ସଂସାରରେ ରହି ନାନା କାର୍ଯ୍ୟ କରି, ନାନା ଅନୁଭବ ଓ ସେଥିରୁ ଉପଲବ୍ଧ ଜ୍ଞାନ ସଂଗ୍ରହ କରି ଧୀରେ ଧୀରେ ଉପରକୁ ଉଠି ନିଜ ମୂଳସ୍ୱରୂପକୁ ଫେରିବା ହିଁ ମାନବ ଜୀବନର ଲକ୍ଷ୍ୟ । ସେଥିପାଇଁ ନିଜର ସ୍ଥୂଳଶରୀର ଓ ତାକୁ ଘେରିଥିବା ଇଥରୀୟ ଶରୀର (ଛାୟା ଶରୀର), ଭାବଶରୀର, ମାନସଶରୀର ଆଦି ନଶ୍ୱର ବ୍ୟକ୍ତିତ୍ୱ (Personality) କୁ ଅତିକ୍ରମ କରି ଆପାତତଃ ସ୍ଥାୟୀ କାରଣ ଶରୀର ଓ ବୌଦ୍ଧିକ ସତ୍ତାର ଊର୍ଦ୍ଧ୍ୱରେ ଆତ୍ମିକ ସତ୍ତାରେ ଅବସ୍ଥିତ ହେବାକୁ ହୁଏ । ଉତ୍ତୁଙ୍ଗ ପାହାଡ଼କୁ ଘେରିଥିବା କ୍ରମଊର୍ଦ୍ଧ୍ୱମୁଖୀ ପଥର ସାତଟି ମୋଡ଼ ଓ ପ୍ରତି ମୋଡ଼ର ସାତଟି ଲେଖାଏଁ ବିଶ୍ରାମସ୍ଥଳ ହୁଏତ ଏହି ରହସ୍ୟକୁ ସୂଚିତ କରେ ।

ନିଜର ଯାତ୍ରା ଶେଷ କରି ମନ୍ଦିର ମଧ୍ୟରେ ପଛରେ ଆସୁଥିବା ଅନ୍ୟମାନଙ୍କର ସହାୟତା ପାଇଁ ଅଟକିଥିବା ମହାନ୍ ସିଦ୍ଧମାନେ 'ଅନଗାମୀ' ସ୍ତରର । ସେମାନଙ୍କର ଆଉ କର୍ମବନ୍ଧନ ନ ଥାଏ । ସେମାନେ ମନ୍ଦିର ବାହାରକୁ ଆସିବା ବା ପୁନର୍ଜନ୍ମ ନେବାର ଆବଶ୍ୟକତା ନ ଥାଏ । ମାତ୍ର ଆବଶ୍ୟକ ହେଲେ ଲୋକ-କଲ୍ୟାଣ ପାଇଁ, ଉପରକୁ ଉଠିବାକୁ ଚେଷ୍ଟିତ ମଣିଷଙ୍କର ବିଶେଷ କୌଣସି କାର୍ଯ୍ୟ ଓ ସାଧନାରେ ସହାୟକ ହେବାପାଇଁ ସେମାନେ ଶରୀର ଧାରଣ କରିଥା'ନ୍ତି । ଏଠାରେ 'Light on the Path' ର ବିଂଶତମ ସୂତ୍ର ଉପରେ ମହାତ୍ମା ହିଲାରିଆନ୍‌ଙ୍କ ବ୍ୟାଖ୍ୟାର କିଛି ଅଂଶ ଉଦ୍ଧାର କରିବା ପ୍ରାସଙ୍ଗିକ ବୋଧହୁଏ–

"But let the darkness within help you to understand the helplessness of those who have seen no light, whose souls are in profound gloom."

ଗଭୀର ଅନ୍ଧକାରରେ ବୁଡ଼ି ରହିଥିବା; କାମନା-ବାସନା, କାମ-କ୍ରୋଧ-ଲୋଭ-ମୋହ ଇତ୍ୟାଦିର ଜାଲରେ ବାନ୍ଧି ହୋଇ ଛଟପଟ ହେଉଥିବା, କର୍ମର ଗୁରୁଭାର ତଳେ ଚାପି ହୋଇ ଅସହାୟ ଭାବେ ସଢୁଥିବା ମଣିଷମାନଙ୍କୁ ସେହି ବନ୍ଧନକୁ ଶିଥିଳ କରି, ସେହି ପଥର ଚାପାରୁ ମୁକୁଳିବା ପାଇଁ, ସେହି ନିରନ୍ଧ୍ର ଅନ୍ଧକାର ଇଲାକାରୁ ବାହାରି କ୍ରମେ ଆଲୋକ ଆଡ଼କୁ ମୁହଁ କରି ଚାଲିବାର ପ୍ରେରଣା ଦେବା ଏକ ଗୁରୁଦାୟିତ୍ୱ । ଉପରକୁ ଉଠିବାକୁ ପ୍ରୟାସ କରୁଥିବା, ଆଲୋକର ଉତ୍ସ ଖୋଜିବାର ସଂକଳ୍ପ ନେଇଥିବା ମଣିଷଙ୍କୁ ସାହାଯ୍ୟ କରିବା ମଧ୍ୟ ଆବଶ୍ୟକ ।

ଏହା ହିଁ ଆଧ୍ୟାତ୍ମିକତାର ଏକ ମହତ୍ତ୍ୱପୂର୍ଣ୍ଣ ସଂକେତ । ଅନ୍ୟମାନଙ୍କର ସହାୟତା ନ କରି କେବଳ ନିଜର ଉନ୍ନତି ପାଇଁ ସାଧନା କରୁଥିବା ବ୍ୟକ୍ତି ଯଥାର୍ଥ ଆଧ୍ୟାତ୍ମିକ ସାଧକ ନୁହେଁ ।

ମନ୍ଦିରର କେନ୍ଦ୍ରରେ ପବିତ୍ରତମ ମୂର୍ତ୍ତି ଥିବାର କଥା ଉଲ୍ଲେଖ କରାଯାଇଛି ।

ସେହି ମୂର୍ତ୍ତିକୁ ଘେରି କାନ୍ଥଦ୍ୱାରା ପରସ୍ପରଠାରୁ ପୃଥକ୍ ହୋଇଥିବା ଚାରିଟି ପରସ୍ତର କଥା କୁହାଯାଇଛି, ଯାହା ମଧ୍ୟକୁ ପ୍ରବେଶ କରିବା ପାଇଁ ମାତ୍ର ଗୋଟିଏ ଲେଖାଏଁ ଦ୍ୱାର ଥାଏ । ଏହି ଯେଉଁ ପରସ୍ତ ଚାରିଟିକୁ ଅତିକ୍ରମ କରି ମନ୍ଦିରର କେନ୍ଦ୍ରରେ ପହଞ୍ଚିବାକୁ ହୁଏ, ବ୍ୟକ୍ତିକୁ ପୂର୍ଣ୍ଣତା ଲାଭର ଅବସ୍ଥା ପ୍ରାପ୍ତ ହୋଇଥାଏ, ସେଗୁଡ଼ିକ ପ୍ରଥମରୁ ଚତୁର୍ଥ ପର୍ଯ୍ୟନ୍ତ ମହାଦୀକ୍ଷା ଲାଭର ସୁଯୋଗ । ପ୍ରତ୍ୟେକ କାନ୍ଥରେ ଗୋଟିଏ ମାତ୍ର ଦ୍ୱାର ଏକନିଷ୍ଠ ସାଧନା ଓ ଉତ୍ସର୍ଗୀକୃତ ଭାବନା ବଳରେ ଗୋଟିଏ ଗୋଟିଏ କରି ମହାଦୀକ୍ଷାର ସ୍ତରକୁ ଅତିକ୍ରମ କରିବା ପାଇଁ ଯୋଗ୍ୟ ହେବାର ସୂଚକ ।

'At the Feet of the Master' ରେ ବିବେକ (Discrimination), ବୈରାଗ୍ୟ ବା ନିଷ୍କାମତା (Desirelessness), ସଦାଚାର (Good conduct) ଓ ପ୍ରେମ (Love) ଆଦି ଚାରିଟି ଯୋଗ୍ୟତାର କଥା କୁହାଯାଇଛି । ମନ୍ଦିରକୁ ଘେରି ରହିଥିବା ପରିସର ଭିତରେ ଏହିସବୁ ଯୋଗ୍ୟତାକୁ ଆୟତ୍ତ କରିବା ପରେ ଯାଇ ସାଧକ ମହାଦୀକ୍ଷା ଗ୍ରହଣ ପାଇଁ ପ୍ରସ୍ତୁତ ବୋଲି ମନେକରାଯିବ । ଦୀକ୍ଷା ଲାଭ ପରେ ଜୀବ ସୂକ୍ଷ୍ମସ୍ତରରେ ଏକ ମହାନ୍ ସଂଗଠନର ଅଂଶରେ ପରିଣତ ହୁଏ, ମହାତ୍ମାମାନଙ୍କର ଛତ୍ରଛାୟା ତଳେ ଆଶ୍ରିତ ଓ ସୁରକ୍ଷିତ ହୋଇଯାଏ । ତଥାପି ପ୍ରଲୋଭନର ଶିକାର ହେଲେ କିମ୍ବା ନିୟମ ଭଙ୍ଗ କରି ସ୍ୱେଚ୍ଛାଚାରୀ ହେଲେ ସାମୟିକ ପତନ ଘଟେ । ନିଜର ଦୋଷତ୍ରୁଟି, ପତନ ବା ସ୍ଖଳନର କାରଣ ବୁଝି ତା'ର ସଂଶୋଧନ କରିବା ପରେ ପୁଣି ସେ ସଂଗଠନରେ ସାମିଲ ହୋଇପାରନ୍ତି ।

Outer Court ର ଅର୍ଥ ମନ୍ଦିର ବାହାରର ପ୍ରାଙ୍ଗଣ । ଏହି ବାହାର ପ୍ରାଙ୍ଗଣକୁ ଆମ ପରମ୍ପରାରେ 'ବେଢ଼ା' ବୋଲି କୁହାଯାଏ । ଏହି ବେଢ଼ା ଭିତରକୁ ପ୍ରବେଶ କରିବାର ଅର୍ଥ ଆଧ୍ୟାତ୍ମିକ ସାଧନାର କ୍ଷେତ୍ର ମଧ୍ୟରେ ପ୍ରବେଶ କରିବା । ବେଢ଼ା

ମଧ୍ୟରେ ପ୍ରବେଶ କରିସାରି ମନ୍ଦିର ଭିତରକୁ ପ୍ରବେଶ କରିବାକୁ ପ୍ରୟାସ କରୁଥିବା ଏହି ଯାତ୍ରୀମାନଙ୍କର ସଂଖ୍ୟା ମନ୍ଦିର ଭିତରକୁ ପ୍ରବେଶ କରିଥିବା, ଯାତ୍ରୀଙ୍କ ଅପେକ୍ଷା ଯଥେଷ୍ଟ ଅଧିକ । ଅର୍ଥାତ୍ ଯଥାର୍ଥ ଆଧ୍ୟାତ୍ମିକ ମାର୍ଗରେ ଉପନୀତ ହୋଇ ମହାତ୍ମାମାନଙ୍କ ତତ୍ତ୍ୱାବଧାନରେ ରହି କାର୍ଯ୍ୟ କରିବାର ବା ଦୀକ୍ଷାଗ୍ରହଣ କରିବାର ଯୋଗ୍ୟ ହୋଇଥିବା ମଣିଷଙ୍କ ଅପେକ୍ଷା ସେ ଦିଗରେ ପ୍ରୟାସ ଆରମ୍ଭ କରିଥିବା ମଣିଷଙ୍କ ସଂଖ୍ୟା ବହୁତ ବେଶି ।

ମନ୍ଦିରକୁ ଘେରିଥିବା ବେଢ଼ା ମଧ୍ୟରେ ପ୍ରବେଶ କରିବା ପାଇଁ ପୂର୍ବବର୍ଣ୍ଣିତ ବୁଲାଣି ରାସ୍ତା ବ୍ୟତୀତ ଆହୁରି ଅନେକ ପଥ ରହିଛି, ଯାହାକୁ ଅବଲମ୍ବନ କରି ଯେକୌଣସି ସ୍ଥାନରୁ ଉପରକୁ ଉଠି ମନ୍ଦିର ନିକଟରେ ପହଞ୍ଚି ହେବ । ମାତ୍ର ସାଧାରଣ ଲୋକ ସେ ପଥରେ ଉଠିବା ସମ୍ଭବ ନୁହେଁ । ଦୃଢ଼ପ୍ରତିଜ୍ଞ, ଅଦମ୍ୟ ସାହସ ଓ ଶକ୍ତିର ଅଧିକାରୀ, ସହିଷ୍ଣୁ ଓ ଧୈର୍ଯ୍ୟବନ୍ତ ସାଧାକମାନେ ହିଁ ଏହି କଠିନ ଓ ପିଚ୍ଛିଳ ପଥରେ ଗତି କରି ପର୍ବତଶିଖରର ଦିବ୍ୟ ମନ୍ଦିର ସମ୍ମୁଖରେ ପହଞ୍ଚିପାରନ୍ତି । 'Light of Asia' ରେ ମଧ୍ୟ ଏହିପରି ପଥରେ ଶକ୍ତିଶାଳୀ, ଦୃଢ଼ପ୍ରତିଜ୍ଞମାନେ ପର୍ବତ ଶିଖରକୁ  ଉଠିପାରିବାର କଥା କାବ୍ୟିକ ଶୈଳୀରେ ବର୍ଣ୍ଣିତ ହୋଇଛି ।

ଏପରି ପଥର ସଂକେତ ମନ୍ଦିରରୁ ବାହାରୁଥିବା ଆଲୋକରଶ୍ମିର ଝଲକରୁ ହିଁ ମିଳିଥାଏ । ଏ ଝଲକ ବିଦ୍ୟୁତ୍‌ରେଖା ପରି ଥରଟିଏ ଦିଶି ଲୁଚିଯାଏ; କିନ୍ତୁ ବାରମ୍ବାର ଓ ଶୀଘ୍ରଶୀଘ୍ର ଦିଶେ; ପ୍ରତ୍ୟେକ ଥର ଅଧିକରୁ ଅଧିକ ଉଜ୍ଜ୍ୱଳ ହୋଇ ଦିଶେ । କଠିନ ଓ ପିଚ୍ଛିଳ ପଥରେ ଅଗ୍ରସର ହେବାପାଇଁ ଏହି ଆଲୋକର ଝଲକ ହିଁ ମାର୍ଗଦର୍ଶନ କରାଏ । ଏଠାରେ ମହାତ୍ମା ଭେନେସିଆନ୍ 'Light on the Path' ପୁସ୍ତକର ବିଂଶତମ ସୂତ୍ରରେ ଲେଖିଥିବା ପାଠର ଆଂଶିକ ଉଦ୍ଧୃତି ଦିଆଯାଇପାରେ–

"Seek it by plunging into the mysterious and glorious depths of your inmost being.  x x x Seek it by study of the laws of being, the laws of Nature, the laws of the supernatural, and seek it by making the profound obeisance of the soul to the dim star that burns within. Steadily, as you watch and worship, its light will grow stronger.

Then you may know you have found the beginng of the way. And when you have found the end its light will suddenly become the infinite light.”

ଏଥିରେ ଯେଉଁ ତାରକା (star) ର କଥା କୁହାଯାଇଛି, ସେ ହିଁ ଆଲୋକର ଉତ୍ସ । ଏହି ଆଲୋକର ଝଲକରେ ସେବାର ସଳଖ (Short cut) ପଥ ଦିଶିଯାଏ; ପ୍ରବେଶଦ୍ୱାରରେ ମଧ୍ୟ ସ୍ୱର୍ଣ୍ଣାକ୍ଷରରେ ‘ମାନବସେବା’ ବୋଲି ଲେଖାଯାଇଥାଏ ।

‘At the Feet of the Master’ ରେ J.Krishnamurty ଲେଖିଥିବା ଉପଦେଶବାଣୀ ଏଠାରେ ସ୍ମରଣ କରାଯାଇପାରେ–

“You must be so filled with the intense desire of service that you are ever on the watch to render it to all around you — not to man alone, but even to animals and plants.”

ଲକ୍ଷ୍ୟସ୍ଥଳଟି ଚିହ୍ନିଗଲା ପରେ ଯାତ୍ରୀ ସେଠାରେ ପହଞ୍ଚିବାପାଇଁ ଶୀଘ୍ରଶୀଘ୍ର ଚାଲିବାକୁ ଲାଗେ । ବୁଲାଣି ରାସ୍ତାରେ ଚାଲିଲେ ବି ଧର୍ମର ଅନୁସରଣ ଓ ସଦ୍‌ଗୁଣର ଅଭ୍ୟାସରେ ରତ ଥାଏ । ଏହି ବିଶିଷ୍ଟତା ଅନ୍ୟମାନଙ୍କ ଅପେକ୍ଷା ତାଙ୍କୁ ତେଜସ୍ୱୀ ଓ ଅଗ୍ରଣୀ କରି ତୋଳିଥାଏ । ନିଜେ ଆଗକୁ ଆଗକୁ ବଢ଼ିବା ସଙ୍ଗେସଙ୍ଗେ ସେ ପଛରେ ପଡ଼ିଯାଉଥିବା ସାଥୀମାନଙ୍କୁ ଆଗକୁ ଚାଲିବାରେ ସାହାଯ୍ୟ କରିଥାଏ । ଅନ୍ୟମାନଙ୍କୁ ଆଗକୁ ବଢ଼ିବାରେ ସହାୟତା କରିବା ହିଁ ନିଜେ ଅଗ୍ରସର ହେବାର ଉପାୟ ।

ପାହାଡ଼ିଆ ରାସ୍ତାରେ ଉପରକୁ ଉଠୁଥିଲାବେଳେ ରାସ୍ତାକଡ଼ରେ କିଛି ଲୋଭନୀୟ ପଦାର୍ଥ ଦେଖି ପାଇବାକୁ ଚେଷ୍ଟା କଲେ ଖସିପଡ଼ି ଆହତ ହେବା ଅବଶ୍ୟମ୍ଭାବୀ । ଆଧ୍ୟାତ୍ମିକ ମାର୍ଗରେ ଉର୍ଦ୍ଧ୍ୱକୁ ଗତି କରୁଥିବା ବ୍ୟକ୍ତି ଲୌକିକ ବାସନା, ଇନ୍ଦ୍ରିୟଲାଳସା, ଧନସମ୍ପଦ, ପଦପଦବୀର ମୋହରେ ପଡ଼ିଲେ ତା’ର ସ୍ଖଳନ ହେବା ସ୍ୱାଭାବିକ । ପଥଭ୍ରଷ୍ଟ ହେଲେ ତା’ର କୁପରିଣାମ ନିଶ୍ଚୟ ଭୋଗିବାକୁ ପଡ଼ିଥାଏ ।

ପଥ ପାର୍ଶ୍ୱରେ ଥିବା ବିଭିନ୍ନ ଆକର୍ଷଣ ଓ ପ୍ରଲୋଭନ ପ୍ରତି ବିମୁଖ ହୋଇପଡ଼ିଥିବା, ଅର୍ଥାତ୍ ପ୍ରକୃଷ୍ଟ ଆଧ୍ୟାତ୍ମିକମାର୍ଗ ବ୍ୟତୀତ ସମସ୍ତ ସାଂସାରିକ ମୋହ-ମାୟା ପ୍ରତି ବୀତସ୍ପୃହ ହୋଇ ବୈରାଗ୍ୟର ଅଧିକାରୀ ହୋଇଥିବା ଯାତ୍ରୀ ଶୀଘ୍ରଶୀଘ୍ର ଆଗକୁ ବଢ଼ିଥାଏ । ସେତେବେଳେ ପଥ ମଧ୍ୟରେ ଏକ ସୁନ୍ଦର ଅଥଚ କଠୋର

ବୋଧ ହେଉଥିବା ଆକୃତି ସହ ସାକ୍ଷାତ ହୁଏ । ସେହି ଆକୃତି ହେଉଛି 'ଜ୍ଞାନ', ଯାହା ଆପାତତଃ ଶକ୍ତ; ମାତ୍ର ପ୍ରକୃତରେ କମନୀୟ । ଜ୍ଞାନ ପ୍ରତି ଆକର୍ଷଣ, ଜ୍ଞାନର ଦୁର୍ନିବାର ଅଭୀପ୍ସା ଓ ପ୍ରାପ୍ତି ହିଁ ମନୁଷ୍ୟକୁ ସମୟକ୍ରମେ ଅଧିକ ଶୀଘ୍ର ଉପରକୁ ଉଠିବାର ସଳଖ ପଥ ଦେଖାଇଦିଏ । 'Light on the Path' ର ପ୍ରଥମ ଭାଗର ଶେଷପର୍ଯ୍ୟାୟରେ ମହାତ୍ମା ହିଲାରିଆନ୍ କହିଛନ୍ତି–

"When the disciple is ready to learn, then he is accepted, acknowledged, recognized. It must be so, for he has lit his lamp, and it cannot be hidden."

କର୍ମ, ଜ୍ଞାନ ଓ ସେବାକୁ ଶ୍ରୀମତୀ ବେସାନ୍ତ୍ ତିନି ଭଉଣୀ ବୋଲି କହିଛନ୍ତି, ଯେଉଁମାନଙ୍କର ମାର୍ଗଦର୍ଶନରେ ଆଧ୍ୟାତ୍ମିକତାର ପଥରେ ମଣିଷ ଆଗକୁ ଆଗକୁ ବଢ଼େ ଓ ମାନବସେବାରେ ନିଜକୁ ଉତ୍ସର୍ଗୀକୃତ କରିବାର ପଣ କରେ । ଭଗବାନ ବୁଦ୍ଧ ମଧ୍ୟ ଏହି ସଂକଳ୍ପ ନେଇ ମାନବ-କଲ୍ୟାଣର ମାର୍ଗରେ ଅଗ୍ରସର ହୋଇ ବୋଧିପ୍ରାପ୍ତ ହୋଇଥିଲେ । ଦୁଃଖ-ନିବୃତ୍ତିର ଉପାୟ ଆବିଷ୍କାର କରି ମାନବଜାତିର ପଥ-ପ୍ରଦର୍ଶକ ସାଜିଥିଲେ । ଅଧ୍ୟାତ୍ମବିଦ୍ୟା (Occultism) ର ପ୍ରକୃତ ସାଧକ ନିଃସ୍ୱାର୍ଥପର ଓ ଜ୍ଞାନୀ ହେବା ଆବଶ୍ୟକ ବୋଲି ମାଡାମ୍ ବ୍ଲାଭାଟ୍ସ୍କିଙ୍କ 'Practical Occultism' ପୁସ୍ତକରେ ମଧ୍ୟ କୁହାଯାଇଛି ।

ଏହି ସଂକଳ୍ପ ହିଁ ଯାତ୍ରୀକୁ (ତା'ର ଜୀବାତ୍ମାକୁ), ତା'ଠାରୁ ଅନେକ ଆଗକୁ ଚାଲିଯାଇଥିବା ମହାନ୍ ଜୀବାତ୍ମାଙ୍କ ସହିତ ସଂପର୍କରେ ଯୋଡ଼ିଥାଏ, ସଂକ୍ଷିପ୍ତ ପଥର ସନ୍ଧାନ ଦେଇଥାଏ । ଅନେକ ଜନ୍ମର କଠିନ, ନିରଳସ ଯାତ୍ରା ପରେ ପବିତ୍ରତା, ବିଦ୍‌ବତ୍ତା (ଜ୍ଞାନ) ଓ ଶ୍ରେଷ୍ଠତାର ଖୁବ୍ ଉଚ୍ଚସ୍ତରରେ ପହଞ୍ଚିଥିବା ଜୀବାତ୍ମାର ପ୍ରବଳ ଇଚ୍ଛାଶକ୍ତି ତାକୁ ପୂର୍ବୋକ୍ତ ମନ୍ଦିରକୁ ବେଷ୍ଟନ କରିଥିବା ପ୍ରାଚୀରର ଦ୍ୱାରଦେଶରେ ପହଞ୍ଚାଇଦିଏ । ଦୃଢ଼ପରିକର ଯାତ୍ରୀର ତୀବ୍ର କରାଘାତରେ ଦ୍ୱାର ଖୋଲିଯାଏ ଓ ସେ ମନ୍ଦିର-ପ୍ରାଙ୍ଗଣ ମଧ୍ୟରେ ପ୍ରବେଶ କରେ । ସେତେବେଳକୁ ସେ ନିଜ ଭିତରେ ଲୁକ୍କାୟିତ ଦୈବୀଶକ୍ତିକୁ ଚିହ୍ନି ପାରିଥାଏ, ଯାହା ପୂର୍ଣ୍ଣତା ଲାଭ ଆଡ଼କୁ ଅଗ୍ରସର ହେଉଥାଏ । ସେତେବେଳେ ଯାତ୍ରୀ ସଂସାରର ନଶ୍ୱର ପଦାର୍ଥମାନଙ୍କର ମୋହକୁ ପରିତ୍ୟାଗ କରି ଚିରକାଳ ଲାଗି ଶାଶ୍ୱତକୁ ଅବଲମ୍ବନ କରେ । ନିଜ ଭାଗ୍ୟର

ନିର୍ଣ୍ଣୟ କରିସାରିଥିବା ଯାତ୍ରୀ ସଂକଳ୍ପ ଭଙ୍ଗ କରି ଆଉ ସେହି ପରିସରରୁ ବାହାରକୁ ବାହାରିବାର ଇଚ୍ଛା କରେନାହିଁ । ବରଂ ଦୃଢ଼ ପଦକ୍ଷେପରେ ଅଗ୍ରସର ହୋଇ ମନ୍ଦିରର ପ୍ରବେଶଦ୍ୱାରରେ ପହଞ୍ଚେ, ଯେଉଁଠି ତା'ର ପ୍ରଥମ ଦୀକ୍ଷା ହୁଏ ।

ମନ୍ଦିରର ପ୍ରଥମ ଦ୍ୱାରରେ ପହଞ୍ଚିବା କିଛି ସହଜ କଥା ନୁହେଁ । ଏହା ପୂର୍ବରୁ ସାତଟି ସିଢ଼ି ଚଢ଼ିବାକୁ ହୁଏ । ବେଢ଼ା ଭିତରେ ଥିବା ସମୟରେ ହିଁ ଏଥିପାଇଁ ନିଜକୁ ଯୋଗ୍ୟ ସିଦ୍ଧ କରିବାକୁ ହୁଏ । ଖୁବ୍ କମ୍ ସମୟ ମଧ୍ୟରେ ଅନେକ କଠିନ କାର୍ଯ୍ୟ ସଂପାଦନ କରିବାକୁ ହୁଏ । ଅଳୀକ ସୁଖର ମୋହ, କଷ୍ଟ ବା ପରିଶ୍ରମ ପ୍ରତି କାତର ମନୋଭାବ ପରିତ୍ୟାଗ କରି ସେବା କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବାକୁ ପଡ଼େ ।

ମନ୍ଦିର ଦ୍ୱାରରେ ଉପନୀତ ହେବାପାଇଁ ସାତଟି ସିଢ଼ି ଚଢ଼ିବାର କଥା କୁହାଯାଇଛି । ଏ ପ୍ରସଙ୍ଗରେ 'The Voice of the Silence' ର Fragment III ରେ ବର୍ଣ୍ଣିତ 'Seven Portals' ବା ସାତଟି ଦ୍ୱାର ଓ ସେହି ସାତ ଦ୍ୱାରକୁ ଖୋଲିବା ପାଇଁ ସାତଗୋଟି ସୁବର୍ଣ୍ଣ ଚାବିକାଠି (Golden key) ର କଥା ମନକୁ ଆସେ । ସେଗୁଡ଼ିକ ହେଲା–

(୧) ଦାନ (ସ୍ୱେଚ୍ଛାକୃତ ସହାୟତା ଓ ଅକ୍ଷୟ ଅବିନାଶୀ ପ୍ରେମର ଚାବିକାଠି)

(୨) ଶୀଳ (ଚିନ୍ତା, ବାକ୍ୟ ଓ କର୍ମ ମଧ୍ୟରେ ସାମଞ୍ଜସ୍ୟ ବା ସମରସତା ରକ୍ଷା, ଯାହା କ୍ରିୟା ଓ ପରିଣାମ ମଧ୍ୟରେ ସମନ୍ୱୟ ଆଣି କର୍ମଫଳ ଖଣ୍ଡନର ଚାବିକାଠି ହୁଏ)

(୩) କ୍ଷାନ୍ତି (ମାଧୁର୍ଯ୍ୟସଂପନ୍ନ ଧୈର୍ଯ୍ୟ ଓ ସହନଶୀଳତା, ଯାହାକୁ କିଛି ହେଲେ ବିଚଳିତ ବା ବିକ୍ଷୁବ୍ଧ କରିପାରେ ନାହିଁ)

(୪) ବିରାମ (ସୁଖରେ ନିସ୍ପୃହ, ଦୁଃଖରେ ଅନୁଦ୍‌ବିଗ୍ନ ରହିବା, ମାୟାକୁ ଅତିକ୍ରମ କରି ସତ୍ୟର ଉପଲବ୍ଧି କରିବା)

(୫) ବୀର୍ଯ୍ୟ (ସଂସାରର ଅଳୀକତାର କର୍ଦ୍ଦମ ମଧ୍ୟରୁ ବାହାରି ଅତିଲୌକିକ ସତ୍ୟ ଆଡ଼କୁ ଅଗ୍ରସର ହେବା ଦିଗରେ ସଂଘର୍ଷ କରିବା ନିମନ୍ତେ ନିର୍ଭୀକ ଓ ଅଦମ୍ୟ ଶକ୍ତି)

(୬) ଧ୍ୟାନ (ଯାହାର ସୁବର୍ଣ୍ଣ ଦ୍ୱାର ଥରେ ଖୋଲିଗଲେ ସତ୍ର ଶାଶ୍ୱତ ସାମ୍ରାଜ୍ୟ ଓ ତାହାର ନିରନ୍ତର ଚିନ୍ତନ ଆଡ଼କୁ ଘେନିଯାଏ)

(୭) ପ୍ରଜ୍ଞା (ଯେଉଁ ଚାବି ଖୋଲିଗଲେ ମଣିଷ ଦେବତା ବା ବୋଧିସତ୍ତ୍ୱରେ ପରିଣତ ହୁଏ)

ଏଠାରେ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ଉକ୍ତି ଉଦ୍ଧାର କରିବାର ଲୋଭ ସମ୍ବରଣ କରିପାରୁନାହିଁ । "Yea, Lord, I see the path; its foot in mire, its summits lost in glorious light Nirvanic. And now I see the ever-narrowing Portals on the hard and thorny way to Jnana."

ଡକ୍ଟର ବେସାନ୍ତ୍ ମଧ୍ୟ ପ୍ରଥମେ ମାଟି ଉପରେ ଠିଆ ହୋଇ ଆକାଶର ଉଚ୍ଚତା ଆଡ଼କୁ ମୁଣ୍ଡ ଟେକିଥିବା, ଆକାଶର ଅନନ୍ତ ନୀଳିମା ଭିତରେ ଝଟଝଟ ଝଟକୁଥିବା ଦିବ୍ୟ ମନ୍ଦିରକୁ ଶୀର୍ଷରେ ଧାରଣ କରିଥିବା ଏକ ପର୍ବତକୁ ଆରୋହଣ କରି ବେଢ଼ା ଭିତରେ ପ୍ରବେଶ କରିବାର କଥା କହିଛନ୍ତି । ଏହା ସଂସାରର ଜଞ୍ଜାଳ-ଜମ୍ବାଳରୁ ଉପରକୁ ଉଠି ଆଧ୍ୟାତ୍ମିକତା ପ୍ରତି ଉନ୍ମୁଖ ହେବାକୁ ସୂଚିତ କରେ । ତା'ପରେ ପୁଣି କଠିନ, କଣ୍ଟକିତ ଓ କ୍ରମଶଃ ସଂକୀର୍ଣ୍ଣ ହୋଇ ମନ୍ଦିରର ପ୍ରବେଶଦ୍ୱାର ଆଡ଼କୁ ଯାଇଥିବା ସାତଟି ପାହାଚକୁ ଆରୋହଣ କରିବାର କଥା କହିଛନ୍ତି ।

ମନ୍ଦିର ଦ୍ୱାର ପର୍ଯ୍ୟନ୍ତ ପହଞ୍ଚିବାର ପ୍ରକ୍ରିୟାକୁ ଆନି ବେସାନ୍ତ୍ ପାଞ୍ଚଟି ପର୍ଯ୍ୟାୟରେ ବିଭକ୍ତ କରି ଆଲୋଚନା କରିଛନ୍ତି । ସେଗୁଡ଼ିକ ହେଲା– (୧) ଆତ୍ମଶୁଦ୍ଧି, (୨) ଭାବନାର ନିୟନ୍ତ୍ରଣ, (୩) ଚରିତ୍ର ନିର୍ମାଣ, (୪) ଆଧ୍ୟାତ୍ମିକ ରୂପାନ୍ତରଣ ଓ (୫) ମନ୍ଦିରର ପ୍ରବେଶ ଦ୍ୱାରରେ ଉପସ୍ଥିତି । ତେବେ ଏ ବିଭାଜନ କେବଳ ବୁଝିବାର ସୁବିଧା ପାଇଁ କରାଯାଇଛି । ବସ୍ତୁତଃ ଏ ସମସ୍ତ ପ୍ରକ୍ରିୟା ଗୋଟିଏ ପରେ ଗୋଟିଏ ହୋଇ ପର୍ଯ୍ୟାୟକ୍ରମିକ ଭାବରେ ନୁହେଁ, ବରଂ ଏକକାଳୀନ ଚାଲିଥାଏ । ପୂର୍ଣ୍ଣ ମନୋଯୋଗ ଓ ଉତ୍ସାହର ସହିତ ଏହା ସଂପାଦନ କରୁକରୁ ଯାତ୍ରୀ ମନ୍ଦିରର କେନ୍ଦ୍ରରେ ପହଞ୍ଚି ସାରିଥାଏ । ବର୍ତ୍ତମାନ ପ୍ରକ୍ରିୟାଗୁଡ଼ିକ ସଂପର୍କରେ ଆଲୋଚନା କରିବା ।

**(୧)** ପ୍ରଥମେ ନିଜର ନିମ୍ନ ସ୍ୱଭାବକୁ ଶୁଦ୍ଧ କରିବାକୁ ହୁଏ । ଜୀବାତ୍ମା ସଂସାରକୁ ଆସିଲା ପରେ ନିମ୍ନତର ଶରୀର ବା ଆବରଣଦ୍ୱାରା ଆଚ୍ଛନ୍ନ ହୋଇ ନିଜର ସ୍ୱଭାବଶୁଦ୍ଧ ସ୍ୱରୂପକୁ ଭୁଲିଯାଇଥାଏ । ନିମ୍ନତର ଶରୀର, ହୀନ ବାସନା ସହିତ ଏକତ୍ୱ ଭାବନାର ବଶବର୍ତ୍ତୀ ହୋଇ ନଶ୍ୱର, ଅବାସ୍ତବ ବସ୍ତୁସମୂହର ମୋହରେ ପଡ଼ିଥାଏ । ସେହି ମୋହରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ଉନ୍ନତିର ମାର୍ଗରେ ଅଗ୍ରସର ହେବା ପାଇଁ ନିଜକୁ ପରିଶୁଦ୍ଧ କରିବା ହିଁ ପ୍ରାଥମିକ ଆବଶ୍ୟକତା । ମନେ ରଖିବାକୁ ହେବ ଯେ ମନ ହିଁ ପାର୍ଥିବ ମଣିଷ ଓ ଉଚ୍ଚତର ସତ୍ତା ମଧ୍ୟରେ ସଂଯୋଗର ସୂତ୍ର । ସେଥିପାଇଁ ସ୍ୱଚ୍ଛ ଜୀବନଯାପନ (clean life) ସହିତ open mind ଓ pure heart, ଅର୍ଥାତ୍ କୁସଂସ୍କାର, ଅନ୍ଧବିଶ୍ୱାସ, ପୂର୍ବପ୍ରଭାବ ଇତ୍ୟାଦିରୁ ମୁକ୍ତ ମନ ଓ ନିର୍ମଳ ହୃଦୟ ତଥା eager intellect ବା ଜ୍ଞାନ ଲାଭ ପାଇଁ ଅଦମ୍ୟ ଆଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ନିଜର ଶରୀରସମୂହକୁ ବାହ୍ୟ ପ୍ରଭାବରୁ ମୁକ୍ତ କରି ମନକୁ ପ୍ରକୃତ ସତ୍ୟଜ୍ଞାନ ବ୍ୟତୀତ ଅନ୍ୟ ସବୁକିଛି ପାଇଁ ନିର୍ବେଦ କରିଦେବା ଆବଶ୍ୟକ । ଆତ୍ମଶୁଦ୍ଧିର ପ୍ରୟାସ ଫଳରେ ମଣିଷ ନିଜର ଭୌତିକ ଅସ୍ତିତ୍ୱକୁ ନିଜ ଉଚ୍ଚତର ସତ୍ତାର ଏକ ଅଂଶ, ଜୀବାତ୍ମାର ଏକ ହତିଆର ବୋଲି ବୁଝିପାରେ । ସାସଂାରିକ ଅନୁଭବସମୂହରୁ ଶିକ୍ଷା ଲାଭ କରି ସେ ନିଜର ବିକାଶ ଘଟାଇବା, କ୍ଷଣିକ ଓ ଦୂଷିତ ବାସନାମାନଙ୍କୁ ଦୂର କରି ଦେଇ ଆତ୍ମଶୁଦ୍ଧି ସଂପାଦନ କରିବା, ଧୀରେଧୀରେ ଉଚ୍ଚତର ଶାଶ୍ୱତ ସତ୍ତା ସହିତ ଏକାତ୍ମତା ସ୍ଥାପନ କରିବା ପାଇଁ ନିଷ୍ଠାପର ସାଧନାରେ, ସମର୍ପିତ ଭାବରେ ମଗ୍ନ ହୋଇଯାଏ ।

ବେଢ଼ା ଭିତରେ ପ୍ରବେଶ କରିବା ବେଳକୁ ଅର୍ଥାତ୍ ଆଧ୍ୟାତ୍ମିକ ସାଧନାରେ ଏକନିଷ୍ଠ ହେଲାବେଳକୁ କୁପ୍ରବୃତ୍ତିଗୁଡ଼ିକ ଦୂର ହୋଇଯାଇଥାଏ । ସଂସାରର ଦୂଷିତ ବାତାବରଣ ଓ ନିମ୍ନ ପ୍ରବୃତ୍ତିମାନଙ୍କର ଚରିତାର୍ଥତା ଆଉ ଆନନ୍ଦ ଦିଏନାହିଁ । ତଥାପି ଦୈବାତ୍ ପାଦ ଖସିଗଲେ ତା'ର ଚେତନା ତାକୁ ସତର୍କ କରାଇଦିଏ ଓ ସେ ପୁଣି ଠିକ୍ ବାଟକୁ ଫେରେ । ତା'ର ନିମ୍ନତର ବ୍ୟକ୍ତିତ୍ୱ ଆତ୍ମାର ଆଦେଶ ଉଲ୍ଲଂଘନ କରିପାରେ ନାହିଁ । ଯଦି ଏପରି ହୁଏ, ତେବେ ସେ ବେଢ଼ାର ପରିସର ମଧ୍ୟକୁ ଆସି ନାହିଁ ବୋଲି ବୁଝିବାକୁ ହେବ ।

ବେଢ଼ା ଭିତରେ ପ୍ରବେଶ କରି ମନ୍ଦିର-ଦ୍ୱାର ପର୍ଯ୍ୟନ୍ତ ଅଗ୍ରସର ହେବାବେଳେ ଭୌତିକ ପ୍ରଲୋଭନ ବାକି ନ ଥିଲେ ହେଁ ବୌଦ୍ଧିକ ସ୍ତରର ସୂକ୍ଷ୍ମ ପ୍ରଲୋଭନମାନ ଘେରି ଯା'ନ୍ତି । ଆଗକୁ ବଢ଼ିବା ପାଇଁ ସେଗୁଡ଼ିକ ସହିତ ସଂଘର୍ଷ କରି ବିଜୟ ଲାଭ କରିବାକୁ ହୁଏ । ବୌଦ୍ଧିକ ଆକାଂକ୍ଷା ଓ ଅଭିମାନ, ନିଜର ଜ୍ଞାନ ଓ ଅନୁଭବକୁ ନେଇ ଗର୍ବ, ଜ୍ଞାନୀ ବୋଲାଇବାର ଅଭୀପ୍ସା, ଜ୍ଞାନ ବିତରଣ କରିବା କି ଜ୍ଞାନର ପ୍ରୟୋଗ କରି ଅନ୍ୟମାନଙ୍କର ସେବା ଓ ସହାୟତା କରିବା ପରିବର୍ତ୍ତେ ନିଜେ ଲାଭ କରିଥିବା ଜ୍ଞାନକୁ ନିଜ ଭିତରେ ସୀମିତ ରଖିବାର କୃପଣତା ଅଗ୍ରଗାମୀ ସାଧକ ଓ ପଛରେ ପଡ଼ିଥିବା, ତଳେ ରହିଥିବା ସାନଭାଇମାନଙ୍କ ଭିତରେ ପ୍ରାଚୀର ସୃଷ୍ଟି କରେ । ସେଥିସହିତ ଆଗରେ ଓ ଉପରେ ଥିବା ବଡ଼ଭାଇ ଓ ସେହି କୃପଣ ସାଧକ ଭିତରେ ସ୍ୱତଃ ପ୍ରାଚୀର ଠିଆ ହୋଇଯାଏ; ଉପରୁ ସାହାଯ୍ୟ ମିଳିବା ବନ୍ଦ ହୋଇଯାଏ । ନିଜଦ୍ୱାରା ନିର୍ମିତ ପୃଥକତ୍ୱର ଭାବନା କାରାଗୃହର ପରିସର ପରି ତାକୁ ଘେରିଯାଏ । ଅନ୍ୟମାନଙ୍କଠାରୁ  ସ୍ୱତନ୍ତ୍ର ବୋଲି ଦିଶିବାର ଇଚ୍ଛା ଓ ଗର୍ବ ହିଁ ତା'ର ବନ୍ଧନ ହୋଇଯାଏ, ତା'ର ବିକାଶକୁ ବ୍ୟାହତ କରେ । କେବଳ ନିଜର ଉନ୍ନତିର ଆକାଂକ୍ଷା ବେଢ଼ା ପରିସରର ସବୁଠାରୁ ବଡ଼ ପ୍ରଲୋଭନ, ଯାହା ପ୍ରେମର ସୁନ୍ଦର ଆବରଣରେ ସାଜି ହୋଇ ମଣିଷକୁ ମୁଗ୍ଧ ଓ ବିଭ୍ରାନ୍ତ କରେ । ଅନ୍ୟମାନଙ୍କର ହିତ ସାଧନ ପ୍ରତି ବୀତସ୍ପୃହ ରହି ଜ୍ଞାନ ପାଇଁ ଜ୍ଞାନର ପ୍ରେମ, ସତ୍ୟ ପାଇଁ ସତ୍ୟର ପ୍ରେମରେ ପ୍ରମତ୍ତ ହେବା ଏକ ବିଭ୍ରାନ୍ତି ମାତ୍ର ।

ଧୀରେଧୀରେ ସେ ବୁଝିପାରେ ଯେ ମନ୍ଦିରର ଦ୍ୱାର ପର୍ଯ୍ୟନ୍ତ ଯିବାକୁ ହେଲେ ତାକୁ ସ୍ୱାର୍ଥମୟୀ ଭାବନା, ନିଜର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିବାର ଇଚ୍ଛା ତ୍ୟାଗ କରିବାକୁ ହେବ; ଜୀବନ ଓ ଚେତନାକୁ କର୍ଦ୍ଦମମୁକ୍ତ ସ୍ୱଚ୍ଛ ନିର୍ଝରରେ ପରିଣତ କରିବା ପାଇଁ ନିଜ ବୌଦ୍ଧିକ ଭାବନାର ଶୁଦ୍ଧି କରିବାକୁ ହେବ । ମନ୍ଦିରରୁ ବାହାରୁଥିବା ଆଲୋକରଶ୍ମିରେ ସେ ନିଜ ଅଭ୍ୟନ୍ତରକୁ ଓ କାର୍ଯ୍ୟ କରିବା ପଛରେ ନିହିତ ନିଜର ଉଦ୍ଦେଶ୍ୟମାନଙ୍କୁ ଦେଖିବାକୁ ଆରମ୍ଭ କରେ ।

ସାଂସାରିକ ଦୃଷ୍ଟିରେ ଅତି ସୁନ୍ଦର, ଉଜ୍ଜ୍ୱଳ ଦିଶୁଥିବା କାର୍ଯ୍ୟ ମଧ୍ୟ ସେହି ଆଧ୍ୟାତ୍ମିକତାର ଆଲୋକରେ ନିଷ୍ପ୍ରଭ ଓ ମଳିନ ଦିଶେ । ନିମ୍ନତର ବାସନାର ତତ୍ତ୍ୱ ବୁଦ୍ଧିତତ୍ତ୍ୱ ସହିତ ମିଶିଯାଇଥିବା କଥା ବୁଝିପାରିବାରୁ ସାଧକ ନିଜର ବୁଦ୍ଧିକୁ

ସ୍ୱାର୍ଥପ୍ରବଣତାରୁ ମୁକ୍ତ କରିବାକୁ ପ୍ରବଳ ଚେଷ୍ଟା କରେ । ବେଢ଼ା ଭିତରେ ତାକୁ ଶିକ୍ଷା ମିଳେ ଯେ ଯେଉଁ ବ୍ୟକ୍ତି ମନ୍ଦିର ଭିତରେ ପ୍ରବେଶ କରିବାର ଦୃଢ଼ ଇଚ୍ଛାରେ ପ୍ରତ୍ୟେକ ବନ୍ଧନକୁ ଭାଙ୍ଗି ନିଜେ ପ୍ରାପ୍ତ କରିଥିବା ସବୁକିଛି ସମସ୍ତଙ୍କ ସହିତ ବାଣ୍ଟିବାକୁ ପ୍ରସ୍ତୁତ ହୋଇଥାଏ, କେବଳ ତା'ରି ପାଇଁ ମନ୍ଦିରର ଦ୍ୱାର ଖୋଲେ । ତା'ପରେ ସେ ତା'ଠାରୁ ଛୋଟ ଭାଇମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର ଓ ବଡ଼ ବୋଲି ଦେଖାଇବା ପାଇଁ ତୋଳିଥିବା ପ୍ରାଚୀରକୁ ସ୍ୱେଚ୍ଛାରେ ଭାଙ୍ଗିଦିଏ । ସେଥିସହିତ ତା'ଠାରୁ ବଡ଼ ଭାଇଙ୍କ ସହିତ ତା'ର ସଂପର୍କ ଛିନ୍ନ କରିଦେଇଥିବା ପ୍ରାଚୀର ଆପେ ଉଭେଇଯାଏ । ଏଠାରେ H.P. Blavatsky ଙ୍କ 'Practical Occultism' ର ଉକ୍ତି ସ୍ମରଣକୁ ଆସେ– "It (the heart) must be full of the feeling of its non-separateness from the rest of beings as from all in nature; otherwise no success can follow." ଏକତ୍ୱ-ଭାବନା ବିନା ଆଧ୍ୟାତ୍ମିକ ସାଧନା ଅର୍ଥହୀନ । ଆଧ୍ୟାତ୍ମିକ ଅଭୀପ୍ସା, ଆଧ୍ୟାତ୍ମିକ ସିଦ୍ଧି ପାଇଁ ଦୃଢ଼ସଂକଳ୍ପ ସହିତ ବିଶ୍ୱଜଗତର ସମସ୍ତ ସତ୍ତା ପ୍ରତି ଅଛିଦ୍ର ପ୍ରେମଭାବ ମଧ୍ୟ ଆବଶ୍ୟକ ।

ନିମ୍ନତର ପ୍ରକୃତିରେ ଥିବା ସ୍ୱାର୍ଥପ୍ରବଣତାକୁ ପରିଶୁଦ୍ଧ କରିବାର ଅର୍ଥ ନୁହେଁ ପୁରୁଣାସବୁକୁ ନଷ୍ଟ କରିଦେବା । ନଷ୍ଟ କରିଦେଲେ ସେ ଶୂନ୍ୟହସ୍ତ ହୋଇଯିବ ଓ ମନ୍ଦିରକୁ ଖାଲି ହାତରେ ଯିବ ନାହିଁ । ଅନେକ ଭୁଲ-ଭ୍ରାନ୍ତି ଭିତରେ ପୂର୍ବ ପୂର୍ବ ଜନ୍ମମାନଙ୍କର ଅନୁଭୂତିରୁ ଲବ୍ଧ ଜ୍ଞାନ ଓ ଗୁଣମାନଙ୍କୁ ଶକ୍ତିରେ ପରିଣତ କରି, ପୁଣି ଶୁଦ୍ଧ ସୁବର୍ଣ୍ଣ ପରି ଉଜ୍ଜ୍ୱଳ ରୂପରେ ସାଙ୍ଗରେ  ନେଇ ହିଁ ସେ ମନ୍ଦିର ପ୍ରାଙ୍ଗଣରେ ପ୍ରବେଶ କରିବେ । ବିଭିନ୍ନ ମନୋବୃତ୍ତିକୁ ସୁବ୍ୟବବସ୍ଥିତ ରୂପେ ପରିଶୁଦ୍ଧ କରି ନେବାକୁ ହେବ । ଏଠାରେ ସ୍ମରଣ କରାଯାଇପାରେ ଯେ, 'Light on the Path' ରେ ପାପ ଓ ପୁଣ୍ୟ ଉଭୟକୁ ଉନ୍ନତିର ପଥରେ ଗତି କରିବାର ପାହାଚ ବୋଲି କୁହାଯାଇଛି ।

ସ୍ୱାର୍ଥକୈନ୍ଦ୍ରିକ ଭାବନାର ବଶବର୍ତ୍ତୀ ହୋଇ ମଣିଷ ତାକୁ ଆଘାତ ଦେଇଥିବା କି ନିନ୍ଦା କରିଥିବା, ଅଥବା ତା'ର କ୍ଷତି ସାଧନ କରିଥିବା ବ୍ୟକ୍ତିମାନଙ୍କ ପ୍ରତି କ୍ରୋଧଭାବ ପୋଷଣ କରିଥାଏ । ଯେସାକୁ ତେସା ବା Tit for Tat' ନୀତି ଅବଲମ୍ବନ କରିଥାଏ; ମାତ୍ର ସେବାଧର୍ମର ମହତ୍ତ୍ୱ ବୁଝିବା ପରେ ସେ ନିଜକୁ

ସୁଧାରେ । ନିଜ ପାଇଁ କ୍ରୋଧ ନ କରି ଅନ୍ୟାୟ, ଅନୀତି, ଶୋଷଣର କବଳିତ ହେଉଥିବା ଅନ୍ୟମାନଙ୍କ ପାଇଁ, ସେମାନଙ୍କୁ ରକ୍ଷା କରିବା ପାଇଁ କ୍ରୋଧ ଓ ପ୍ରତିରୋଧର ଅସ୍ତ୍ର ପ୍ରୟୋଗ କରେ । ମାତ୍ର ବେଢ଼ା  ଭିତରର ଶାନ୍ତ ବାତାବରଣରେ ପହଞ୍ଚିଲା ପରେ ଏପରି କ୍ରୋଧ ବି ଅନୁଚିତ ବୋଲି ବୁଝିପାରେ । ଅପରାଧୀ ଓ ଆତତାୟୀମାନଙ୍କୁ ବି ନିଜର ଭାଇ ପରି କ୍ଷମା ଓ କରୁଣାର ଦୃଷ୍ଟିରେ ଦେଖେ । କ୍ରୋଧର ଉଦ୍ଦେଶ୍ୟ ଭଲ ହେଲେ ବି ତାହା ବିକାଶମୁଖୀ ଆତ୍ମାର ପ୍ରକୃତ ଗୁଣ ନୁହେଁ ବୋଲି ବୁଝିପାରେ । ପ୍ରତ୍ୟେକ ସତ୍ତାରେ ନିହିତ ଦିବ୍ୟତାକୁ ଚିହ୍ନି ସାରିବା ପରେ ଦିବ୍ୟପ୍ରେମରେ ତା'ର ହୃଦୟ ଆପ୍ଲୁତ ହୁଏ । କ୍ରୋଧ ଶକ୍ତିରେ ରୂପାନ୍ତରିତ ହୋଇ ଉଚ୍ଚ-ନୀଚ, ଭଲ-ମନ୍ଦ ନିର୍ବିଶେଷରେ ସମସ୍ତଙ୍କର ସହାୟତା ଓ ସେବାରେ ବ୍ୟାପୃତ ହୁଏ । ଦୁର୍ବଳର ରକ୍ଷା କରିବା ସହିତ ଦୁଷ୍ଟ-ଦୁର୍ଜନମାନଙ୍କୁ ଉତ୍ତେଜନାହୀନ ଭାବେ ବିରୋଧ କରେ । କ୍ରମେକ୍ରମେ ସଂଘର୍ଷ ଓ ସଂଗ୍ରାମ କରିବାର ପ୍ରବୃତ୍ତି ଲୋପ ପାଏ । କାରଣ ସଂଘର୍ଷ ମଧ୍ୟ ଦୁର୍ବଳତାର ଚିହ୍ନ । ଶକ୍ତିମାନ୍ ଜୀବାତ୍ମା ଉଦ୍‌ବେଗ ଓ ସଂଗ୍ରାମ ପରିବର୍ତ୍ତେ ପରିପୂର୍ଣ୍ଣ ଶକ୍ତିର ସହିତ ଶାନ୍ତ, ଅବିଚଳ ଭାବ ନେଇ କେବଳ ସେବା ଓ ସହାୟତାର ମାର୍ଗ ଅବଲମ୍ବନ କରେ । 'Pain, its Mening and Use' ରେ ଶ୍ରୀମତୀ ବେସାନ୍ତ୍ ଅହଂବୋଧରୁ ବିମୁକ୍ତ ଜଣେ ମହାତ୍ମାଙ୍କର ଉକ୍ତି ଉଦ୍ଧାର କରିଛନ୍ତି– "We feel the sladnders and the criticisms of mankind just as much as the height of the Himalayas feel the hissing of the serepents that glide around their feet."

ପ୍ରେମଭାବର ମଧ୍ୟ ବିକାଶ ଘଟାଇବାର ଆବଶ୍ୟକତା ଥାଏ । ପ୍ରଥମେ ପ୍ରେମ କାମ-ବାସନା ପର୍ଯ୍ୟୁଷିତ ଥାଏ, ନିଜର ସୁଖ ପାଇଁ ପ୍ରିୟକୁ କଷ୍ଟ ଦେବାକୁ ବି କୁଣ୍ଠିତ ହେଉ ନ ଥାଏ । ଏପରି ନିମ୍ନସ୍ତରର ସ୍ୱାର୍ଥଜଡ଼ିତ ପ୍ରେମ କ୍ରମେ ଉଚ୍ଚକୁ ଉଠି ପ୍ରିୟର ଶରୀର ପରିବର୍ତ୍ତେ ଗୁଣକୁ ଭଲପାଏ, ପ୍ରିୟର ସୁଖ-ଦୁଃଖ ପ୍ରତି ସଚେତନ ହୁଏ । ବେଢ଼ା ଭିତରେ ପ୍ରବେଶ କରିବା ପରେ ତା' ଭିତରେ ବାସନାରହିତ ଶୁଦ୍ଧ ନିଃସ୍ୱାର୍ଥ ପ୍ରେମର ଜ୍ୟୋତି ପ୍ରଜ୍ଜ୍ୱଳିତ ହୁଏ । ସେ ବିନା ପ୍ରତ୍ୟାଶାରେ  ପ୍ରିୟର ସେବା ଓ ସୁଖ ସଂପାଦନରେ ଲାଗିଯାଏ । କ୍ରମେ ସେ ସଂପୂର୍ଣ୍ଣ ମାନବଜାତିକୁ, ସମଗ୍ର ବିଶ୍ୱର ପ୍ରତିଟି ସତ୍ତାକୁ ପ୍ରେମ କରିବାକୁ ଲାଗେ । ପ୍ରେମ ପୁଣି ଏପରି

ଆତ୍ମୋତ୍ସର୍ଗ ଓ ଏକତ୍ୱବୋଧର ଭାବନାରେ ଓତଃପ୍ରୋତ ହେବା ଆବଶ୍ୟକ ଯେ ଅନ୍ୟର ପୀଡ଼ାରେ ନିଜକୁ କଷ୍ଟ ବୋଧ ହେବ, ଅନ୍ୟର ସୁଖରେ ନିଜେ ଉଲ୍ଲସିତ ହେବ ।

ଏପରି ଭାବସଂଶୁଦ୍ଧିର ପ୍ରୟାସ କରୁଥିବା ମଣିଷ ନିଜ ଅଭ୍ୟନ୍ତରକୁ ନିରୀକ୍ଷଣ କରିବାକୁ ଲାଗେ । ନିଜ କାର୍ଯ୍ୟର ଉଦ୍ଦେଶ୍ୟକୁ ଅନୁଧ୍ୟାନ କରେ । ଅନ୍ୟ କେହି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନ କରି ସଫଳ ଓ ପ୍ରଶଂସାଭାଜନ ହୋଇଥିବାର ଦେଖି ସେ ନିଜେ ତାହା କରି କାହିଁକି ସୁନାମ ଅର୍ଜନ କଲା ନାହିଁ ବୋଲି ପରିତାପ ଆସୁଥିଲେ, ପ୍ରେମର ପ୍ରତିଦାନରେ ପ୍ରେମ ନ ପାଇଲେ ତା'ର ପ୍ରେମ କମି ଯାଉଥିବାର ଦେଖିଲେ, ସେ ବୁଝିପାରେ ଯେ ତା' ଭିତରେ ସ୍ୱାର୍ଥଚିନ୍ତା ରହିଛି । ତେଣୁ ସେ ସ୍ୱାର୍ଥଚିନ୍ତା ପରିହାର କରିବାକୁ ଚେଷ୍ଟା କରେ ।

ସଂପୂର୍ଣ୍ଣ ନିଃସ୍ୱାର୍ଥ ନ ହେବାପର୍ଯ୍ୟନ୍ତ ସେ ଶାନ୍ତିରେ ରହିପାରେ ନାହିଁ । ପ୍ରେମର ପ୍ରତିଦାନରେ ପ୍ରେମ ଦେଇ ପାରୁ ନ ଥିବା ମଣିଷ ପାଇଁ ପ୍ରେମର ଆବଶ୍ୟକତା ସବୁଠାରୁ ଅଧିକ ବୋଲି ସେ ବୁଝିପାରେ ।

ସିଡ଼ିର ତଳ ପାହାଚରେ ଥିବା ମଣିଷଙ୍କର କୁକର୍ମ ଓ କୁପ୍ରବୃତ୍ତି ଆଡ଼କୁ ଦୃଷ୍ଟି ନ ଦେଇ ଉପର ପାହାଚକୁ ଯାଇଥିବା ଉନ୍ନତ, ମହାନ୍ ମଣିଷଙ୍କର ଚରିତ୍ର ଓ କର୍ମପନ୍ଥାକୁ ଲକ୍ଷ୍ୟ କରି ସେମାନଙ୍କ ପରି ହେବାପାଇଁ ସେ ନିଷ୍ଠାର ସହିତ ଅବିରାମ ଚେଷ୍ଟା କରେ । ଲକ୍ଷ୍ୟ ପ୍ରାପ୍ତ ହୋଇଥିବା ମହାତ୍ମାମାନଙ୍କର ଦିବ୍ୟଜ୍ୟୋତି ତା' ଭିତର ଦେଇ ଅବାଧରେ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସେ ଶାନ୍ତିରେ ରହିପାରେ ନାହିଁ ।

ବେଢ଼ା ଭିତରେ ପ୍ରବେଶ କରିଥିବା ବ୍ୟକ୍ତିର ଦୁର୍ଗୁଣ ଓ ଦୁଷ୍ପ୍ରବୃତ୍ତିଗୁଡ଼ିକ ତ ନଷ୍ଟ ହୋଇ ଯାଇଥାଏ । ମାତ୍ର ତା' ଭିତରେ ଥିବା ଭଲଗୁଣଗୁଡ଼ିକ ହିଁ ତା'ର ପ୍ରଲୋଭନର କାରଣ ହୋଇଥା'ନ୍ତି । ସ୍ୱାର୍ଥ ଓ ଗର୍ବର ଭାବନା ମିଶିଲେ ଭଲଗୁଣ ଦୂଷିତ ହୁଏ, ବ୍ୟକ୍ତିକୁ ମାର୍ଗଭ୍ରଷ୍ଟ କରାଏ । ତାହା ବିକାଶ ପାଇଁ ଉନ୍ମୁଖ ଆତ୍ମାର ପତନର କାରଣ ହୋଇପାରେ । ସାମାନ୍ୟ ମାତ୍ର ଦୋଷ ବା କଳଙ୍କ ଦିବ୍ୟଜ୍ୟୋତି ସମ୍ମୁଖରେ ତାକୁ କୁତ୍ସିତ, ଅସୁନ୍ଦର, ଅପୂର୍ଣ୍ଣ ବୋଲି ସିଦ୍ଧ କରିଦିଏ । ତେଣୁ ସେ

ନିଜକୁ ଅଧିକରୁ ଅଧିକ ବିଶୁଦ୍ଧ ଓ ସ୍ୱଚ୍ଛ (transparent) କରିବା ପାଇଁ ଯତ୍ନଶୀଳ ହୁଏ, ଯେପରିକି ଉଚ୍ଚମାନସର ଆଲୋକ ତା' ମଧ୍ୟ ଦେଇ ଗତି କରିପାରିବ । ସେ ନିଜକୁ ପବିତ୍ରରୁ ପବିତ୍ରତର କରିବାକୁ ଚାହେଁ, ଯେପରିକି ଗୁରୁଦେବଙ୍କ ପବିତ୍ର ଦୃଷ୍ଟି ତାକୁ ଅକ୍ଳେଶରେ ଦେଖିପାରିବ ।

ମନ୍ଦିରର ଦ୍ୱାର ସମ୍ମୁଖରେ ଗୁରୁଦେବ ସଦାସର୍ବଦା ଉପସ୍ଥିତ ରହିଥା'ନ୍ତି । ହୃଦୟ ମଧ୍ୟରେ ନିଭୃତତମ କୋଣରେ ମଧ୍ୟ ଯଦି କୌଣସି ମନ୍ଦଗୁଣ ବା ମନ୍ଦ ପ୍ରବୃତ୍ତି ଅବଶିଷ୍ଟ ଥାଏ, ତାହା ଗୁରୁଦେବଙ୍କ ଚରଣରୁ ନିର୍ଗତ ଅଗ୍ନିରେ ଜଳି ଭସ୍ମୀଭୂତ ହୋଇଯାଏ ଓ ସେ ମନ୍ଦିରର ସୁରକ୍ଷିତ ଅଭ୍ୟନ୍ତରରେ ପ୍ରବେଶ କରେ । ତା' ଭିତରେ ସେବାଧର୍ମ ଛଡ଼ା ଅନ୍ୟ କିଛି ପ୍ରତି ଆକର୍ଷଣ ରହେନାହିଁ । ମନୁଷ୍ୟଜାତିର ମୁକ୍ତି ପାଇଁ କାର୍ଯ୍ୟ କରିବା ଛଡ଼ା ଅନ୍ୟକିଛି ଇଚ୍ଛା ରହେ ନାହିଁ । ଗୁରୁଦେବଙ୍କ ଦର୍ଶନ ପରେ ତାଙ୍କ ଜ୍ୟୋତି ସମ୍ମୁଖରେ ସଂସାରର ସବୁ ବସ୍ତୁ, ସବୁ ରୂପ, ସବୁ ଆଲୋକ ନିଷ୍ପ୍ରଭ, ଆକର୍ଷଣଶକ୍ତିହୀନ ବୋଧହୁଏ ।

**(୨)** ସାଧାରଣ ଭାବରେ ସଦ୍‌ଗୁଣସଂପନ୍ନ, ବିଚାରବନ୍ତ, ସନ୍ତୁଳିତ ବ୍ୟକ୍ତିତ୍ୱସଂପନ୍ନ ମଣିଷ ଓ ବେଢ଼ା ଭିତରେ ପ୍ରବେଶ କରିଥିବା ଯୋଗୀଙ୍କ ଦୃଷ୍ଟିକୋଣ ଭିତରେ ପାର୍ଥକ୍ୟ ବହୁତ ବେଶି ।

ସଦାଚାରୀ, ସଦ୍‌ଗୁଣୀ, ଧାର୍ମିକ ବ୍ୟକ୍ତିମାନଙ୍କର ଦୃଷ୍ଟିକୋଣ, କର୍ତ୍ତବ୍ୟବୋଧ ସମକାଳର ସାମାଜିକ ଅବସ୍ଥାକୁ ଚାହିଁ ତାଙ୍କ ବିବେଚନାରେ ପ୍ରକୃଷ୍ଟ ବୋଧ ହେଉଥିବା କୌଣସି ନିର୍ଦ୍ଦିଷ୍ଟ ନୀତି ବା ଆଦର୍ଶକୁ ଆଧାର କରିଥାଏ । ମାତ୍ର ଆଧ୍ୟାତ୍ମିକ ମାର୍ଗର ଅନ୍ୱେଷଣରେ ବାହାରିଥିବା ଯାତ୍ରୀ ଜାଣିପାରେ ଯେ ଇନ୍ଦ୍ରିୟଲାଳସା, ଭାବନାଶରୀର ଓ ନିମ୍ନମାନସର କାମନା-ବାସନା, ଇଚ୍ଛାସମୂହ ଇତ୍ୟାଦି ନୀଚ ପ୍ରକୃତିର ଅଂଶ ମନୁଷ୍ୟକୁ ବଶୀଭୂତ କରି ରଖିଲେ ମନୁଷ୍ୟ ନିଜର ବିଚାରଶକ୍ତି ହରାଇଥାଏ । ତେଣୁ ନୀଚ ପ୍ରକୃତି ଅଧୀନରେ ନ ରହି ତାକୁ ଉଚ୍ଚମନର ଶାସନାଧୀନ କରି ରଖିବାକୁ ଯତ୍ନଶୀଳ ରହେ । ଅର୍ଥାତ୍ ଆତ୍ମସଂଯମୀ ବ୍ୟକ୍ତିର ଉଚ୍ଚମନ ତା'ର ଇଚ୍ଛା ଓ ନିମ୍ନପ୍ରକୃତିକୁ ଶାସନ କରି ରଖିଥାଏ ।

ଆତ୍ମା ହିଁ ମଣିଷର ପ୍ରକୃତ ସତ୍ତା । ଆତ୍ମାର ଅନୁଶାସନରେ ଥିବା ଦୃଢ଼ ଇଚ୍ଛାଶକ୍ତି ହିଁ କଠିନରୁ କଠିନ ପରିସ୍ଥିତିରେ ବି ମନୁଷ୍ୟକୁ ଉଚିତ ମାର୍ଗଦର୍ଶନ ଦିଏ । ସଦାଚାରର ନିୟମରେ ସଞ୍ଚାଳିତ ଚରିତ୍ର ହିଁ ଦୃଢ଼ ଚରିତ୍ର । କୌଣସି ବାହ୍ୟ ପରିସ୍ଥିତି ବା ବାହ୍ୟ ଆକର୍ଷଣର ପ୍ରଭାବରେ ନୁହେଁ, ବରଂ କୌଣସି ଶାନ୍ତ ମୁହୂର୍ତ୍ତରେ ସାବଧାନତାର ସହିତ ବିଚାର କରି ତିଆରି କରିଥିବା ନିୟମଦ୍ୱାରା ପରିଚାଳିତ ହୋଇ ସେ କାର୍ଯ୍ୟ କରିଥାଏ । ନିଜର ସମସ୍ତ ଅନୁଭବ ଓ ସେସବୁର ପରିଣାମର ତୁଳନା କରି ବୁଦ୍ଧି ଓ ତର୍କ ବଳରେ ସେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଥାଏ, ଯେଉଁ ନିୟମ ଗଢ଼ିଥାଏ, ଯେକୌଣସି ଜଟିଳ ପରିସ୍ଥିତିରେ ବିଚଳିତ ବା ମାର୍ଗଚ୍ୟୁତ ନ ହୋଇ ସେହି ନିୟମର ଅନୁବର୍ତ୍ତନ କରିଥାଏ । ଏପରି ବ୍ୟକ୍ତି ବିକାଶ ବା ଉଦ୍‌ବର୍ତ୍ତନର ଉଚ୍ଚ ସୋପାନରେ ପହଞ୍ଚି ସାରିଥାଏ, ଯେଉଁଠି ସେ ନିଜର ନିମ୍ନସ୍ତରର ବାସନାସମୂହକୁ ନିଜ ବଶରେ ରଖିଥାଏ । ଯେକୌଣସି ପରିସ୍ଥିତିରେ ବି ସମସ୍ତ ବାହ୍ୟ ଆକର୍ଷଣ ଓ ପ୍ରଲୋଭନକୁ ଜୟ କରି ଆତ୍ମା ପାଇଁ ପ୍ରକୃତ ସତ୍‌ମାର୍ଗ ଖୋଜି ନେଇଥାଏ ।

ସ୍ୱଦେଶରୁ ହେଉ କି ବିଦେଶରୁ ହେଉ, ପ୍ରାଚୀନ ଗ୍ରନ୍ଥରୁ ହେଉ କି ନୂତନ ପୁସ୍ତକରୁ ହେଉ ବ୍ରହ୍ମବିଦ୍ୟା ବା ଆତ୍ମଜ୍ଞାନ ସଂପର୍କରେ ଅଧ୍ୟୟନ କରିଥିବା ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ଓ କ୍ରିୟାକଳାପ ସେଥିରୁ ମିଳିଥିବା ନୂତନ ଦିଗ୍‌ଦର୍ଶନଦ୍ୱାରା ପ୍ରଭାବିତ ଓ ପରିଚାଳିତ ହୋଇଥାଏ । ମାନସତତ୍ତ୍ୱର ଏକତ୍ୱ ତଥା ବିଚାରଶକ୍ତିର ମହତ୍ତ୍ୱ ସଂପର୍କରେ ମଧ୍ୟ ସେ ବୁଝିବାକୁ ସମର୍ଥ ହୁଏ । ସେ ଜାଣିପାରେ ଯେ ମନ ଚିନ୍ତନକ୍ରିୟା କରୁଥିବା ବେଳେ ତା'ର ସର୍ଜନାତ୍ମକ ଶକ୍ତିଦ୍ୱାରା ଅନେକ ସୂକ୍ଷ୍ମ ଅଥଚ ସଜୀବ ଆକୃତି ସୃଷ୍ଟି ହୋଇଥାଏ । ସେଗୁଡ଼ିକ ଚିନ୍ତା କରୁଥିବା ବ୍ୟକ୍ତିର ମାନସଶରୀରରୁ ବାହାରି ଅନ୍ୟମାନଙ୍କର ମାନସଶରୀର ଉପରେ ପ୍ରଭାବ ପକାଇଥାଏ । ପଢ଼ିଥିବା ଓ ଶୁଣିଥିବା କଥା ଅପେକ୍ଷା, କୌଣସି ଆଦର୍ଶ ବା ନୀତିନିୟମ ନିର୍ଦ୍ଧାରଣ ଅପେକ୍ଷା ଏହି ଚିନ୍ତାଜନିତ ପ୍ରଭାବ ଅଧିକ ଶକ୍ତିଶାଳୀ ହୋଇଥାଏ । କାହା ସମ୍ମୁଖକୁ କି ନିକଟକୁ ନ ଯାଇ, କୌଣସି କଥା ବା ଲେଖାର ପ୍ରୟୋଗ ନ କରି ମଧ୍ୟ ଏପରି ପ୍ରଭାବ ପକାଇ ହୁଏ । ସଂସାରର କୌଣସି ନିଭୃତ ଅଂଶରେ ଥାଇ ଅଜ୍ଞାତକୁଳଶୀଳ ମଣିଷଟିଏ ମଧ୍ୟ ନିଜର ସମସାମୟିକ ମଣିଷମାନଙ୍କ ମନ ଉପରେ ପ୍ରଭାବ ପକାଇପାରେ, ସେମାନଙ୍କୁ ଭଲ ବା ମନ୍ଦରେ ପରିଣତ କରି ଦେଇପାରେ ।

ଗୋଟିଏ ଗୋଟିଏ ମଣିଷଙ୍କର ଚିନ୍ତା ନିଜ ପିଢ଼ିର ଉନ୍ନତିରେ ସହାୟକ ବା ବାଧକ ହୋଇପାରେ । ନିଜ ଜାତିକୁ କିଛି ଉପରକୁ ଉଠାଇପାରେ ବା ତଳକୁ ଖସାଇପାରେ । ଭାରତର ମହାତ୍ମାଗାନ୍ଧୀ ଓ ଜର୍ମାନୀର ହିଟ୍‌ଲର୍ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଚିନ୍ତାର ରୂପ ସୂକ୍ଷ୍ମ ଓ ଅଦୃଶ୍ୟ ହୋଇଥିବାରୁ ମଣିଷର ଅଜାଣତରେ ହିଁ ତାକୁ ପ୍ରଭାବିତ କରିଥା'ନ୍ତି; ସେ ତାଙ୍କୁ ପ୍ରତିରୋଧ କି ପ୍ରତିହତ କରିପାରେ ନାହିଁ ।

ଅଧ୍ୟୟନ ଓ ଜ୍ଞାନ ବଢ଼ିବା ସହିତ ମଣିଷ ବିଚାରର ବା ଚିନ୍ତନର ମହତ୍ତ୍ୱକୁ ଅଧିକରୁ ଅଧିକ ସ୍ପଷ୍ଟ ଭାବେ ବୁଝିପାରେ । ସେଥିସହିତ ନିଜର ଉତ୍ତରଦାୟିତ୍ୱ ସଂପର୍କରେ ମଧ୍ୟ ଅଧିକରୁ ଅଧିକ ସଚେତନ ହୁଏ । ସେ ସ୍ପଷ୍ଟ ରୂପେ ବୁଝିପାରେ ଯେ କୌଣସି ଭଲ ବା ମନ୍ଦ କାର୍ଯ୍ୟର ଉତ୍ତରଦାୟିତ୍ୱ କେବଳ ସେହି ବ୍ୟକ୍ତିର ନୁହେଁ, ବରଂ ସେହିପ୍ରକାର ବିଚାର ପୋଷଣ କରୁଥିବା ସବୁ ମଣିଷଙ୍କର । ଭିନ୍ନଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ସମୟରେ ନିଜନିଜ ମସ୍ତିଷ୍କରେ ଯେଉଁ ଚିନ୍ତା ବା ବିଚାର ଉତ୍ପନ୍ନ କରି ସଂସାରକୁ ପଠାଇଥା'ନ୍ତି, ସେସବୁର ସ୍ଥୂଳ ରୂପାୟନ ହିଁ କାର୍ଯ୍ୟରେ ପରିଣତ ହୋଇଥାଏ । ସମସ୍ତଙ୍କ ଚିନ୍ତାର ସୂକ୍ଷ୍ମ ରୂପ ଏକାଠି ମିଶି ଏକ ଶକ୍ତିଶାଳୀ ମାନସିକ ଆକୃତି ଗଢ଼ି ହୋଇଯାଏ । ତାହାର ପ୍ରବଳ ପ୍ରଭାବ କୌଣସି ଏକ ବା ଏକାଧିକ ବ୍ୟକ୍ତିଙ୍କଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରାଇନିଏ । ଏ କଥା ଜାଣିଯିବା ପରେ ମଣିଷ ନିଜର ଚିନ୍ତା ସଂପର୍କରେ ସତର୍କ ହୋଇଯାଏ; ନିଜ ମନଃସ୍ଥିତି, ମାନସିକ କ୍ରିୟା-ପ୍ରତିକ୍ରିୟା ସଂପର୍କରେ ସଚେତନ ହୋଇ ତାକୁ ସୁଧାରିବା ପାଇଁ ପାରୁପର୍ଯ୍ୟନ୍ତ ପ୍ରୟାସ କରେ ।

ସେ ଏହା ମଧ୍ୟ ବୁଝିପାରେ ଯେ ଜଣେ ଯେଉଁ ପ୍ରକାରର ଚିନ୍ତା ନିଜ ମନରେ ଉତ୍ପନ୍ନ କରି ବାହାରକୁ ପଠାଏ, ସେହି ପ୍ରକାର ଚିନ୍ତାକୁ ହିଁ ଚୁମ୍ବକ ପରି ଆକର୍ଷଣ କରି ନିଜ ଆଡ଼କୁ ଆଣିଥାଏ । ଭଲ ଚିନ୍ତା କରିବାଦ୍ୱାରା ସେ କେବଳ ତା' ଚାରିପାଖରେ ଥିବା, ତା' ସଂପର୍କରେ ଆସୁଥିବା ମଣିଷଙ୍କର ଉପକାର କରି ନ ଥାଏ; ନିଜର ମଧ୍ୟ ଉପକାର କରିଥାଏ । ତା' ମନର ଭଲ ଚିନ୍ତା ଚୁମ୍ବକୀୟ କେନ୍ଦ୍ରଟିଏ ପରି ଚାରିଆଡୁ ଭଲ ବିଚାରସମୂହକୁ ନିଜ ଆଡ଼କୁ ଟାଣି ଆଣିଥାଏ । ସେହିପରି ମନ୍ଦ ଚିନ୍ତା କଲେ ତାହା ମନ୍ଦ ଭାବନାଗୁଡ଼ିକୁ ହିଁ ଟାଣି ଏକାଠି କରିଥାଏ ।

ଏ ରହସ୍ୟ ବୁଝିସାରିଲା ପରେ ବି ଯଦି ମନରେ ଖରାପ ଚିନ୍ତା ଆସେ, ତେବେ ସେ ଲଜ୍ଜା ଓ ଦୁଃଖ ଅନୁଭବ କରେ; ନିଜର ବିଚାରବୋଧ ପ୍ରତି ଅଧିକରୁ ଅଧିକ ସତର୍କ ହୋଇଯାଏ ।

ମାନସିକ ଏକତ୍ୱର ଅନୁଭୂତି ନିଜ ହୃଦୟ ଭିତରେ ତୀବ୍ର ହେବା ସଙ୍ଗେସଙ୍ଗେ ଆଧ୍ୟାତ୍ମିକ ମାର୍ଗର ଯାତ୍ରୀ ତାକୁ ଅନ୍ୟମାନଙ୍କ ସହିତ ଯୋଡ଼ିଥିବା ଯୋଗସୂତ୍ରକୁ ଚିହ୍ନିବାକୁ ଲାଗେ, ନିଜର ଉତ୍ତରଦାୟିତ୍ୱକୁ ଅଧିକରୁ ଅଧିକ ବୁଝିବାକୁ ଲାଗେ । ନିଜର ଦୈନନ୍ଦିନ କାର୍ଯ୍ୟ ଅପେକ୍ଷା ଚିନ୍ତା ବା ବିଚାରଧାରା ଉପରେ ଅଧିକ ଧ୍ୟାନ ଦିଏ । ସେ ଭଲଭାବରେ ବୁଝିଯାଏ ଯେ ଚିନ୍ତା-ବିଚାରର ଅଦୃଶ୍ୟ ଜଗତରେ ହିଁ ସୂକ୍ଷ୍ମ ଓ ସ୍ଥୂଳ ଉଭୟ ପ୍ରକାର ଜୀବନରେ ପ୍ରକାଶ ପାଉଥିବା ଶକ୍ତିସମୂହର ଉତ୍ପତ୍ତି ହୋଇଥାଏ ।

ବେଢ଼ା ମଧ୍ୟରେ ପ୍ରବେଶ କରି ପ୍ରଶିକ୍ଷାର୍ଥୀ ଭାବେ ପରିଚିତ ହେଲା ପରେ ଆଉ ପାଦେ ଆଗକୁ ଯାଇ ସେ ଅନୁଭବ କରେ ଯେ ମନର ଆଗକୁ ଆହୁରି କିଛି ବଡ଼ ଜିନିଷ ଅଛି, ଯାହାକୁ ଆତ୍ମା କୁହାଯାଏ । ଆଗେ ମନକୁ ଇଚ୍ଛାମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବାର ଚେଷ୍ଟା କରାଯାଇଥିଲା; ଏବେ ସେହି ମନକୁ ଆତ୍ମାର ଶାସନରେ ରଖିବାର ଚେଷ୍ଟା କରିବାକୁ ହୁଏ । ମନଠାରୁ ମଧ୍ୟ ଆହୁରି ସୂକ୍ଷ୍ମ ଓ ବ୍ୟାପକ ଏହି ଆତ୍ମା ହିଁ ମଣିଷର ପ୍ରକୃତ ସତ୍ତା ।

ଆତ୍ମା କ୍ଷଣକ ପାଇଁ ଝଲସିଉଠି ପୁଣି ଲୁଚିଯାଏ । ପ୍ରଶିକ୍ଷାର୍ଥୀ ଅବୋଧପଣର ଅନ୍ଧାରରେ ନିଜର ଅନ୍ତର୍ନିହିତ ସେଇ ସତ୍ତାକୁ ବ୍ୟାକୁଳ ଭାବେ ଖୋଜି ବୁଲୁଥାଏ କସ୍ତୁରୀମୃଗ ନିଜ ନାଭିରେ ଥିବା କସ୍ତୁରୀର ଗନ୍ଧରେ ମୁଗ୍ଧ ହୋଇ ଅରଣ୍ୟ-ପ୍ରାନ୍ତରରେ ତା'ର ଅନ୍ୱେଷଣ କଲା ପରି । ଆତ୍ମାର ସେ ଅନୁପମ ଜ୍ୟୋତି କେଉଁଠାରୁ ଆସୁଛି, ତାହା ବାସ୍ତବ କି ସ୍ୱପ୍ନ, ପ୍ରାରମ୍ଭିକ ଅବସ୍ଥାରେ ସେ ତାହା ମଧ୍ୟ ବୁଝିପାରେ ନାହିଁ ।

ଆତ୍ମା, ମନ ଓ ଚେତନା ସଂପର୍କରେ କିଛି ଧାରଣା ଏକାନ୍ତ ଆବଶ୍ୟକ । ଆଧ୍ୟାତ୍ମିକ ଚିନ୍ତନ ଓ ଅଗ୍ରଗତି ପାଇଁ ଏହା ଅପରିହାର୍ଯ୍ୟ ।

ପ୍ରତ୍ୟେକ ଆତ୍ମା ପରମାତ୍ମାଙ୍କର ଅଂଶ ମାତ୍ର । ଆଲୋକର ଅନନ୍ତ ଅପରିମେୟ ଉତ୍ସର ଏହା ଏକଏକ ସ୍ଫୁଲିଙ୍ଗ । ସାକାର ହେଉଥିବା ନିରାକାର, ସାନ୍ତ (ସୀମାୟିତ)

ହେଉଥିବା ଅନନ୍ତ (ଏକ ହିଁ ପରମାତ୍ମା) ଅନେକ ଆତ୍ମାରେ ପରିଣତ ହୋଇଥା'ନ୍ତି । ଶ୍ରୀମତୀ ବେସାନ୍ତ୍ ଏହାକୁ ଏକ ପାତ୍ର ସହିତ ତୁଳନା କରିଛନ୍ତି, ଯେଉଁଥିରେ ଅନନ୍ତ ଶକ୍ତି ଆସି ପୂରିଯାଏ ଓ ସେହି ପାତ୍ରର ଆକାର ଧାରଣ କରିନିଏ । ତେବେ ନିର୍ଦ୍ଦିଷ୍ଟ ପାତ୍ର ମଧ୍ୟରେ ଆବଦ୍ଧ ଆକାଶ ଓ ବାୟୁର ପ୍ରକୃତି ତ ସମଗ୍ର ଆକାଶ ଓ ବାୟୁମଣ୍ଡଳର ପ୍ରକୃତିଠାରୁ ଭିନ୍ନ ନୁହେଁ । ଘଟ ମଧ୍ୟରେ ଥିବା ଜଳର ଧର୍ମ ଜଳ ଉତ୍ସରେ ଥିବା ଜଳର ଧର୍ମଠାରୁ ଭିନ୍ନ ନୁହେଁ । ତତ୍ତ୍ୱତଃ ଏକ ହେଲେହେଁ ସ୍ଥୂଳତଃ ପ୍ରତ୍ୟେକ ଆତ୍ମା ଭିନ୍ନଭିନ୍ନ ପ୍ରତୀତ ହୁଅନ୍ତି । ଏହି ପୃଥକତ୍ୱରୁ ହିଁ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱର ବିକାଶ ଆରମ୍ଭ ହୋଇଥାଏ ।

ଆତ୍ମାର ଶରୀର ଧାରଣ ପ୍ରକ୍ରିୟାକୁ ଡକ୍ଟର ଆନି ବେସାନ୍ତ୍ ସୌରମଣ୍ଡଳର ଗଠନ ବିଧିର ଅନୁରୂପ ବୋଲି ସୂଚାଇଛନ୍ତି । ସବୁକିଛିର ମୂଳାଧାର ସ୍ୱରୂପ ଆକାଶ ପ୍ରଥମେ ଶୂନ୍ୟ ଥିଲା, କ୍ରମେ ସେଥିରେ ପ୍ରତିଭାତ ଅସ୍ପଷ୍ଟ ଛାୟାଗୁଡ଼ିକ ଘନକୁହୁଡ଼ି ପରି ଓ କ୍ରମେ ଆହୁରି ସ୍ପଷ୍ଟ ଆକାର ନେଇ ସ୍ଥୂଳଜଗତ ରୂପେ ଆଭାସିତ ହେଲା । ସେହିପରି ବ୍ୟକ୍ତିଗତ ଆତ୍ମା ତଳ ସ୍ତରରେ ସ୍ଥୂଳ ଶରୀରରେ ପ୍ରକାଶିତ ହୋଇଥାଏ । ଥରଟିଏ ଶରୀର ଘେନି ଜନ୍ମ ନେଲା ପରେ ପରବର୍ତ୍ତୀ ଅନେକ ଜନ୍ମରେ ଅନନ୍ତକାଳ ପର୍ଯ୍ୟନ୍ତ ସେ ଏକ ବିକାଶଶୀଳ ଜୀବାତ୍ମା ରୂପେ ରହେ ।

ପୁନଃପୁନଃ ଜନ୍ମଗ୍ରହଣ ବେଳେ ଆତ୍ମା ନୂତନ ନୂତନ ଶରୀର ମାଧ୍ୟମରେ ନିମ୍ନସ୍ତରମାନଙ୍କୁ ଅବତରଣ କରେ । ବିଭିନ୍ନ ସ୍ତରରୁ ନୂଆ ନୂଆ ଅନୁଭବ ଓ ଜ୍ଞାନ ଅର୍ଜନ କରି ନିଜକୁ ଅଧିକରୁ ଅଧିକ ବିକଶିତ ଓ ଶକ୍ତିଶାଳୀ କରିବା ହିଁ ତା'ର ଉଦ୍ଦେଶ୍ୟ ଥାଏ । ସ୍ଥୂଳ ଜଗତରେ ଆତ୍ମା ହିଁ ମଣିଷର ମନ ରୂପେ ମସ୍ତିଷ୍କ ମାଧ୍ୟମରେ କାର୍ଯ୍ୟ କରିଥାଏ । ମନ ହିଁ ନିଜର କ୍ରିୟାଶୀଳତା ଦ୍ୱାରା ଆତ୍ମାର ଶକ୍ତିକୁ ପ୍ରକାଶ କରେ । ଆତ୍ମାର ସମସ୍ତ ଗୁଣ ମନ ମଧ୍ୟରେ ନିହିତ ରହିଥାଏ; ତାହା କେତେବେଳେ ଅଳ୍ପ ତ କେତେବେଳେ ଅଧିକ ପ୍ରକଟ ହୋଇଥାଏ । ବେଡ଼ା ପର୍ଯ୍ୟନ୍ତ ପହଞ୍ଚିସାରିଥିବା ବ୍ୟକ୍ତି ଆତ୍ମାକୁ  ବୁଝିବାକୁ ଲାଗେ । ସେ ବୁଝିଥାଏ ଯେ ମନ ଆତ୍ମାର ଏକ ହତିଆର, ଯାହାଦ୍ୱାରା ଆତ୍ମା କାର୍ଯ୍ୟ କରିଥାଏ, ସ୍ଥୂଳ ଜଗତର ସଂପର୍କରେ ଆସି ଅନୁଭବଦ୍ୱାରା ଜ୍ଞାନପ୍ରାପ୍ତ କରିଥାଏ । ସେତେବେଳେ ସେ ଭଲକରି ବୁଝି ସାରିଥାଏ

ଯେ ଯେପରି ଇଚ୍ଛାକୁ ମନର ବଶୀଭୂତ କରାଯାଇଥିଲା, ସେହିପରି ମନକୁ ଆତ୍ମାର ଅଧୀନ କରିବାକୁ ପଡ଼ିବ ।

ମନ ନିଜର ଅନୁଭବସମୂହର ପରିଣାମକୁ ଆତ୍ମାକୁ ସମର୍ପିତ କରିଦିଏ । ଆତ୍ମା ତାହାକୁ ଜ୍ଞାନରେ ପରିଣତ କରିଦିଏ । ଗୁରୁଦେବଙ୍କ ନିର୍ଦ୍ଦେଶରେ ହିଁ ମଣିଷ ଆତ୍ମଜ୍ଞାନର ପବନରେ ଅଜ୍ଞାନର ଧୂଳି ସଫା କରି ସ୍ୱଚ୍ଛ ଦର୍ପଣ ପରି ମନ ନେଇ ମାର୍ଗ ଖୋଜିଥାଏ; ସତ୍ ଓ ଅସତ୍, କ୍ଷଣିକ ଓ ଶାଶ୍ୱତ ମଧ୍ୟରେ ବିବେଚନା କରିଥାଏ । ଗୁରୁଦେବଙ୍କଠାରୁ ସେ ପୂର୍ବରୁ ଜାଣିଥାଏ ଯେ ମନ ହିଁ ଇନ୍ଦ୍ରିୟମାନଙ୍କର ରାଜା । ଭ୍ରାନ୍ତ ବିଚାର ଓ ଅଜ୍ଞାନକୁ ଜନ୍ମ ଦେଉଥିବା ମନକୁ ଖୋଜିବାକୁ ଓ ବୁଝିବାକୁ ହେବ । ସତ୍ୟର ହତ୍ୟା କରୁଥିବା ମନକୁ ହତ୍ୟା କରିବାକୁ ପଡ଼ିବ । 'The Voice of the Silence' ରେ ମାଡାମ୍ ବ୍ଲାଭାଟ୍‌ସ୍କି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି– "The mind is the great slayer of the real. Let the disciple slay the slayer."

ଗୁରୁଦେବଙ୍କ ଆଜ୍ଞାନୁଯାୟୀ ବ୍ୟକ୍ତି ନୀଚ ମନର ପରିବର୍ତ୍ତନ କରେ । ଅଜ୍ଞାନକୁ ଦୂର କରି ମନକୁ ଆତ୍ମାରେ ମିଶାଇଦିଏ । ନିଜର ପିତା ବା ମୂଳଉତ୍ସ ଆତ୍ମାକୁ ଚିହ୍ନିଲା ପରେ ପିତା–ପୁତ୍ର (ଜୀବ–ପରମ) ଏକ ହୋଇଯା'ନ୍ତି ।

ଘୋଡ଼ାକୁ ପ୍ରଶିକ୍ଷିତ କରିବା ପାଇଁ ସଚେଷ୍ଟ ଅଶ୍ୱାରୋହୀ ପରି ଆତ୍ମା ମନକୁ ଅବାଟରୁ ବା ଏଣେତେଣେ ଯିବାରୁ ନିବର୍ତ୍ତାଇ ସିଧା ରାସ୍ତାରେ ଚଲାଇବା ପାଇଁ ଲଗାମ୍‌କୁ କଷି କରି ରଖେ । ଜୀବନକାଳ ମଧ୍ୟରେ ହିଁ ମନକୁ ବିବେକଦ୍ୱାରା ପରିଚାଳିତ କରିବାକୁ ହୁଏ । ମନକୁ ଚାରିପାଖର ପ୍ରଲୋଭନରୁ ମୁକ୍ତ କରି ବିବେକର ସହ ଅଧ୍ୟୟନ କରିବାକୁ ପଡ଼େ । ଅଧ୍ୟୟନ ମାନବ ଜୀବନର ବଡ଼ ସୁଯୋଗ । ସନ୍ଥ ତୁଳସୀ ଦାସ କହିଥିଲେ– "ବଡ଼େ ଭାଗ୍ ମାନୁଷ୍ ତନ୍ ପାଇ / ଦେବଦୁର୍ଲଭ ନାନା ଗ୍ରନ୍ଥନ ଗାଇ ।" ଅଧ୍ୟୟନଦ୍ୱାରା ବିଚାରର ପ୍ରଶିକ୍ଷଣ ହୋଇଥାଏ । ଗୋଟିଏ ବିଷୟରେ ଦୀର୍ଘ ତର୍କ–ବିତର୍କ ବା ବିଚାର–ବିମର୍ଷ କରି ମନକୁ ଚଞ୍ଚଳ ବା ବିକ୍ଷିପ୍ତ ହେବାରୁ ନିବର୍ତ୍ତାଇ ଏକମୁଖୀ, ଅଚଞ୍ଚଳ ଓ ସ୍ଥିର କରିବାକୁ ହୁଏ । ବିପତ୍ତି ଅପେକ୍ଷା ବିପତ୍ତିର ଚିନ୍ତା ହିଁ ମନକୁ ବେଶି ବିଚଳିତ ଓ ଅଧୀର କରି ଦେଉଥିବାର ଲକ୍ଷ୍ୟ କରାଯାଏ । ମନକୁ ଚିନ୍ତାମୁକ୍ତ କରିବା ଖୁବ୍ ଆୟାସସାଧ୍ୟ । ଏହା ଦୀର୍ଘ ଓ କଠୋର

ସାଧନାର ଅପେକ୍ଷା ରଖେ । ଅର୍ଜ୍ଜୁନ ସ୍ୱଭାବତଃ ଚଞ୍ଚଳ ମନକୁ ସଂଯତ କରିବା ପବନକୁ ଫାଶରେ ବାନ୍ଧିବା ପରି ଦୁଷ୍କର ବ୍ୟାପାର ବୋଲି ଉପଲବ୍ଧି କରି ଯୋଗେଶ୍ୱର ଭଗବାନଙ୍କୁ ଉପାୟ ଜିଜ୍ଞାସା କରିଥିଲେ । ଉତ୍ତର ମିଳିଥିଲା–

"ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।

ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।" (୬/୩୫) ।

ରାଗ-ଦ୍ୱେଷାଦି ପରିହାର କରି ନିରନ୍ତର ଅଭ୍ୟାସ କଲେ ହିଁ ମନକୁ ସଂଯତ କରାଯାଇ ପାରିବ, ଚିତ୍ତବୃତ୍ତିର ନିରୋଧ କରାଯାଇପାରିବ । ପ୍ରଥମେ ପ୍ରଥମେ ମନ ଭିତରକୁ ଅନାହୂତ ଭାବେ ପଶି ଆସୁଥିବା ମନ୍ଦ ଅଥବା ତୁଚ୍ଛ ବିଚାରଗୁଡ଼ିକୁ ବହିଷ୍କୃତ କରିବା ପାଇଁ ମନକୁ ଉତ୍ତମ ଉତ୍କୃଷ୍ଟ ଚିନ୍ତାସମୂହରେ ପୂର୍ଣ୍ଣ କରିବା ଆବଶ୍ୟକ ହୁଏ । ବ୍ୟକ୍ତି ଯେତେ ଉନ୍ନତି କରେ, ତା'ର ମନକୁ ଅବାଞ୍ଛିତ ଚିନ୍ତା-ଭାବନାରୁ ମୁକ୍ତ ରଖି ଶାଶ୍ୱତର ଭାବନାରେ ମଗ୍ନ ରହେ, ଯାହା ଶାନ୍ତିରେ ରହି ପାରିବାର ଉପାୟ ।

ନିରନ୍ତର ଅଭ୍ୟାସଦ୍ୱାରା ଅଧ୍ୟାତ୍ମମାର୍ଗର ଯାତ୍ରୀ ନିଜକୁ ମନର ଊର୍ଦ୍ଧ୍ୱକୁ ଉଠାଇ ଆତ୍ମଚେତନାର ଗଭୀରତା ଅନୁଭବ କରେ । ଆତ୍ମାରୁ ସ୍ଫୁରିତ ଶକ୍ତି ତା' ମଧ୍ୟରେ ଯେଉଁ ତୀବ୍ର ପ୍ରବାହ ସୃଷ୍ଟି କରେ, ତାହା ସ୍ଥୂଳ ମସ୍ତିଷ୍କରେ ରହି ନ ପାରି ଆତ୍ମାର ଚେତନାରେ ପରିଣତ ହୋଇଯାଉଥିବାର ସେ ବୁଝିପାରେ । ମନକୁ ଆତ୍ମାର ଅଧୀନରେ ଓ ଆତ୍ମାକୁ ପରମାତ୍ମାଙ୍କ ଅଧୀନରେ ରଖିବା ପାଇଁ ଗୁରୁଦେବଙ୍କ ନିର୍ଦ୍ଦେଶର ତାତ୍ପର୍ଯ୍ୟ ସେ ଧୀରେଧୀରେ ବୁଝିବାକୁ ସମର୍ଥ ହୁଏ । ମନ୍ଦିର ମଧ୍ୟରେ ପ୍ରବେଶ କରିବା ପରେ ଏହି ଦିବ୍ୟ ଅନୁଭବ ଆସେ । ମାତ୍ର ତା' ପୂର୍ବର ପରୀକ୍ଷା ଅତି କଠିନ । ଏକାକୀତ୍ୱବୋଧ, ବାହ୍ୟ ଓ ଆଭ୍ୟନ୍ତର ଶୂନ୍ୟତାବୋଧ ଭିତରେ ସେ ଅସହାୟ ବୋଧ କରୁଥାଏ । ଅନେକ ବୌଦ୍ଧିକ ପ୍ରଲୋଭନ ତାକୁ ଘେରିଥା'ନ୍ତି । ସେହି ପ୍ରଲୋଭନସମୂହର ନକାରାତ୍ମକ ପ୍ରଭାବ ତାକୁ ଚାରିପଟୁ ଘେରି ତଳକୁ ଖସାଇ ପକାଇବାକୁ ଚେଷ୍ଟିତ ଥା'ନ୍ତି । ସେସବୁ ସହିତ ସଂଘର୍ଷ କରି ବିଜୟ ଲାଭ ନ କଲେ ମନ୍ଦିର ଭିତରକୁ ପଶିବା ସମ୍ଭବ ନୁହେଁ । ଶତ ଝଡ଼-ଝଞ୍ଜା, ବାଧା-ବିପଦରେ ବିଚଳିତ ହେଉ ନ ଥିବା ମନର ସ୍ଥିରତାରୁ ଉତ୍ପନ୍ନ ଶକ୍ତିଦ୍ୱାରା ହିଁ ଏହି

ବିଜୟ ହାସଲ କରାଯାଇଥିଲା । ଏହି ସ୍ଥିର, ଶାନ୍ତ ଅବସ୍ଥାକୁ ହିଁ ଗୀତାରେ ନିବାତ ଭବନର ଦୀପଶିଖା ତୁଲ୍ୟ ଅବିଚଳ, ସ୍ଥିତପ୍ରଜ୍ଞର ଅବସ୍ଥା ବୋଲି କୁହାଯାଇଛି ।

ପ୍ରଜ୍ଞା ସ୍ଥିର ହେଲେ ଆଉ ମନକୁ ମାରିବାକୁ ପଡ଼େ ନାହିଁ । ବାହାରର ଅବାଞ୍ଛିତ ବସ୍ତୁ ବା ଭାବନା ତାକୁ ସ୍ପର୍ଶ କଲେ ସ୍ୱତଃ ନଷ୍ଟ ହୋଇଯାଏ । ଦୀପର ଅଗ୍ନିଶିଖା ମଧ୍ୟକୁ ପ୍ରବେଶ କରିବାର ଧୃଷ୍ଟତା ପତଙ୍ଗକୁ ଭସ୍ମୀଭୂତ କରିଦେଲା ପରି ଆତ୍ମାର ଆଜ୍ଞାକାରୀ ପବିତ୍ର ମନରେ ପଶୁଥିବା ଅଶୁଚି ଭାବନା ସ୍ୱତଃ ନଷ୍ଟ ହୋଇଯାଏ । ମନ୍ଦିରର ଛାୟାରେ ଥିବା ମନ ଆତ୍ମସାକ୍ଷାତକାର ଲାଭ କରିଥାଏ, ଆତ୍ମା ସହିତ ଏକାକାର ହୋଇଯାଇଥାଏ । ଶାନ୍ତ ହ୍ରଦଟିଏ ଅଥବା ଉଜ୍ଜ୍ୱଳ ଦର୍ପଣଟିଏ ପରି ସ୍ୱଚ୍ଛ ହୋଇଥିବା ମନରେ ମଣିଷର ବାସ୍ତବସ୍ୱରୂପ ଝଟକି ଦିଶିଥାଏ ।

ମନ୍ଦିର ଦ୍ୱାରରେ ପହଞ୍ଚି ମନ୍ଦିର ଭିତରକୁ ପଶିବାକୁ ପାଦ ବଢ଼ାଉଥିବା ସମୟର ସଂଘର୍ଷ ଅତି କଠିନ । ପ୍ରକୃତିର ସମସ୍ତ ଶକ୍ତି ଏକତ୍ର ହୋଇ ତା' ଉପରେ ଆକ୍ରମଣ କରିଦିଅନ୍ତି । ମନ ଓ ଆତ୍ମାର ଏହି ଶେଷ ସଂଘର୍ଷ କାଳରେ ନୀଚମାନସ ନିଜର ସମସ୍ତ ଶକ୍ତି ଖଟାଇ ଆତ୍ମା ଉପରେ ନିଜର ଆଧିପତ୍ୟ ଜମାଇ ରଖିବାର ଚେଷ୍ଟା କରିଥାଏ । ଆହୁରି ଆହୁରି ଉପରକୁ ଉଠିବା ସମୟର ସଂଘର୍ଷ ବୁଦ୍ଧଙ୍କ ଜୀବନଗାଥାରେ ସୁସ୍ପଷ୍ଟ । ମାରର ପ୍ରଲୋଭନାତ୍ମକ ଆକ୍ରମଣକୁ ପ୍ରତିହତ କରି ଗୌତମ ନିଜର ଆତ୍ମିକ ଶକ୍ତି ବଳରେ ବୋଧି ପ୍ରାପ୍ତ ହୋଇ ବିଶ୍ୱଗୁରୁ ବୁଦ୍ଧରେ ପରିଣତ ହୋଇପାରିଥିଲେ ।

ଏହି ସଂଘର୍ଷରେ ବିଜୟୀ ହେବାପାଇଁ ଗୁରୁଦେବଙ୍କ ନିର୍ଦ୍ଦେଶ ହିଁ ସହାୟକ ହୋଇଥାଏ । ହୀରକ ପରି ଜ୍ୟୋତିଷ୍ମନ୍ତ, ସ୍ୱଚ୍ଛ, ପବିତ୍ର ଆତ୍ମାକୁ ନିଜର ବାସ୍ତବିକ ସ୍ୱରୂପ ବୋଲି ଚିହ୍ନି ବ୍ୟକ୍ତି ନିଜକୁ ତା' ସହିତ ମିଶାଇଦିଏ । ଏହି ସ୍ୱଚ୍ଛ ଆତ୍ମା ମଧ୍ୟ ଦେଇ ପରମାତ୍ମଜ୍ୟୋତି ମନୁଷ୍ୟକୁ ସ୍ପର୍ଶ କରିପାରେ । ଏପରି ସ୍ୱଚ୍ଛ ଆତ୍ମା ନାନା ଆବରଣରେ ଆଚ୍ଛନ୍ନ ଅନ୍ୟ ଆତ୍ମାମାନଙ୍କୁ ପଛରେ ପକାଇ ଖୁବ୍ ଆଗକୁ ବଢ଼ିଯାଇଥାଏ । ଫୁଲ ସୂର୍ଯ୍ୟାଲୋକ ଆଡ଼କୁ ଉନ୍ମୁଖ ହେଲାପରି ଆତ୍ମା ନିଜର ସ୍ୱରୂପ ଆଡ଼କୁ ହିଁ ଅଗ୍ରସର ହୋଇଥାଏ । ସେଥିରୁ ନିର୍ଗତ ହେଉଥିବା ଦିବ୍ୟଜ୍ୟୋତି ତାକୁ ନିଜ ଆଡ଼କୁ ଟାଣିଥାଏ ଓ ନିଜ ସହିତ ମିଶାଇ ଦେଇଥାଏ ।

ସାଧକର ଜ୍ଞାନ ବଢ଼ିବା ସଙ୍ଗେସଙ୍ଗେ ସେ କ୍ରମେ ଅନୁଭବ କରେ ଯେ ନିଜ ଭିତରେ ହିଁ ପବିତ୍ର ଆତ୍ମାର ସାକ୍ଷାତକାର ସମ୍ଭବ । ଗୁରୁଦେବଙ୍କଠାରୁ ନିର୍ଦ୍ଦେଶ ମିଳିଥାଏ, "ନିଜ ଭିତରକୁ ଦେଖ । ତୁମେ ନିଜେ ହିଁ ବୁଦ୍ଧ ।"

ମନ ଆତ୍ମାର ସେବକ ଓ ସ୍ୱାମୀର କାର୍ଯ୍ୟ ସାଧନରେ ତା'ର ସାର୍ଥକତା ବୋଲି ବୁଝିଗଲା ପରେ ବ୍ୟକ୍ତି ମନର ତାରମାନଙ୍କୁ ଆତ୍ମା ସହିତ ମିଶାଇଦିଏ । ଭକ୍ତିର ଶକ୍ତିରେ ମନକୁ ଆତ୍ମା ସହିତ ମିଶାଇଦେଲେ ସେ ଗୁରୁଦେବଙ୍କ କାର୍ଯ୍ୟରେ ଲାଗିବା ପାଇଁ ଉପଯୁକ୍ତ ସିଦ୍ଧ ହୁଏ । ଗୁରୁ ଯେଉଁ ସ୍ୱର, ତାନ, ଲୟରେ ଚାହିଁବେ ଶିଷ୍ୟ ବା ଆଧ୍ୟାତ୍ମିକ ପଥରେ ଅଗ୍ରସର ହେଉଥିବା ସାଧନଶୀଳ ମଣିଷର ହୃଦୟ-ବୀଣାର ତାର ସେହି ଅନୁସାରେ ବାଜିବା ଦରକାର । ଶିଷ୍ୟର ଏହି ସମର୍ପିତ ଭାବ ମଧ୍ୟରେ ପୃଥିବୀ ଓ ଆକାଶରେ ଧ୍ୱନିତ ସକଳ ରାଗ ନିନାଦିତ ହୁଏ ।

ମନ୍ଦିରର ଦ୍ୱାରଦେଶରେ ଉପନୀତ ହୋଇ ଆତ୍ମସାକ୍ଷାତକାର ଲାଭ କରିବା ପରେ ସାଧକର ଲକ୍ଷ୍ୟ ଆହୁରି ଉଚ୍ଚ ହୋଇଯାଏ, ଯାହାର ସିଦ୍ଧି ମନ୍ଦିର ଭିତରେ ହିଁ ସମ୍ଭବ । ସେ ଲକ୍ଷ୍ୟ ହେଲା ମନକୁ ଆତ୍ମା ସହିତ ମିଶାଇ ପାରିଥିବା ସାଧକକୁ ନିଜର ଆତ୍ମାକୁ ପରମାତ୍ମା ସହିତ ମିଶାଇବାକୁ ହେବ । ମନ୍ଦିର ମଧ୍ୟରେ ପରଂବ୍ରହ୍ମଙ୍କର ଉପାସନା କରିବା ସହିତ ସେ ଏକଥା ମଧ୍ୟ ବୁଝିପାରେ ଯେ ତା'ର ସ୍ଥୂଳ ଶରୀର, ଭାବନା, ମନ ବେଢ଼ା ଭିତରେ ଅଥବା ବାହ୍ୟଜଗତରେ ରହି ମାନବସେବାରେ ନିୟୋଜିତ ଥିଲେ ବି ଆତ୍ମା ସଦାସର୍ବଦା ମନ୍ଦିର ମଧ୍ୟରେ ରହି ପରମପିତା ପରମାତ୍ମାଙ୍କ ପୂଜାରେ ମଗ୍ନ ରହିବ । ଏହାହିଁ ଚରମ ଲକ୍ଷ୍ୟ । ମନ୍ଦିର ଭିତରେ ନିରନ୍ତର ନିଜର ଚରମ ଲକ୍ଷ୍ୟକୁ ନିଜ ସମକ୍ଷରେ ଦେଖି, ସତ୍ୟର ଉପଲବ୍ଧି କରି ସେ ନିଜ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଏ ।

**(୩)** ଚରିତ୍ର ନିର୍ମାଣର ପ୍ରକ୍ରିୟା ମନ୍ଦିର ଭିତରକୁ ଗଲା ପରେ ସମ୍ପନ୍ନ ହେଉଥିଲେ ହେଁ, ବାହାରେ ଥିଲାବେଳେ ତାହା ଆରମ୍ଭ କରିବାକୁ ପଡ଼ିବ । ନିଜର ଲକ୍ଷ୍ୟକୁ ଚିହ୍ନି, ଯେଉଁ ଚାରିତ୍ରିକ ଆଦର୍ଶ ନିର୍ମାଣ କରିବାକୁ ଅଛି ତା'ର ସ୍ପଷ୍ଟ ଓ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବାକୁ ହେବ, କର୍ମର ଯୋଜନା କରିବାକୁ ହେବ ।

ବେଢ଼ା ଭିତରେ ପ୍ରବେଶ କରିଥିବା ଯାତ୍ରୀଙ୍କର କୌଣସି ବି ଦୁର୍ଗୁଣ ସହିତ ସାମାନ୍ୟତମ ସଂପର୍କ ରହିବା ତ ଉଚିତ୍ ନୁହେଁ, କୌଣସି ଭୁଲ୍ ବାଟରେ ପାଦ ରଖିବା ବି ଉଚିତ ନୁହେଁ । ବରଂ ନିଜ ଭିତରେ ମାନବତାର ସେବକ ଓ ଉଦ୍ଧାରକମାନଙ୍କ ପାଇଁ ଆବଶ୍ୟକ ସଦ୍‌ଗୁଣସମୂହର ଗଠନ ପାଇଁ ସକାରାତ୍ମକ ପ୍ରୟାସ କରିବାକୁ ହେବ । ନିର୍ଦ୍ଦିଷ୍ଟ ଲକ୍ଷ୍ୟର ପ୍ରାପ୍ତି ନିମିତ୍ତ ବୁଦ୍ଧିମତ୍ତା ଓ ଉତ୍ସାହର ସହ ପ୍ରଯତ୍ନ କରିବାକୁ ହେବ । ଗନ୍ତବ୍ୟ ପଥ ମିଳି ଯାଇଥିବାରୁ ମାର୍ଗଭ୍ରଷ୍ଟ ନ ହୋଇ ସାହସର ସହିତ ଅଗ୍ରସର ହେବାକୁ ପଡ଼ିବ ।

ସାଧକ ବା ଯାତ୍ରୀ ପ୍ରକୃତିର ଦୁଇଟି ନିୟମକୁ ବୁଝିପାରେ । ପ୍ରଥମତଃ, ଯାହା ବୁଣିବ ତାହା କାଟିବ, ଅର୍ଥାତ୍ ଯେପରି କର୍ମ କରିବ ସେହିପରି ଫଳ ଅବଶ୍ୟ ପାଇବ । ଦ୍ୱିତୀୟତଃ, କିଛି ହେଲେ ବାସ୍ତବରେ ନଷ୍ଟ ହୁଏ ନାହିଁ ।

ଏକମୁହାଁ ରାସ୍ତାରେ ଥରେ ଆଗେଇଲା ପରେ ଫେରିବାର ଉପାୟ ନ ଥାଏ । କରିଥିବା କର୍ମ ଓ ପ୍ରାପ୍ତ ହୋଇଥିବା ଅନୁଭବ ଜନ୍ମଜନ୍ମାନ୍ତର ଧରି ସାଙ୍ଗରେ ରହେ । ପ୍ରାପ୍ତ ହୋଇଥିବା ଶକ୍ତି ଆତ୍ମାର ଅଂଶରେ ପରିଣତ ହୋଇ ବ୍ୟକ୍ତି ସହିତ ହିଁ ରହିଥାଏ । ଲାଭ କରିଥିବା ଜ୍ଞାନକୁ ଆଧାର କରି ସାଧକ ନିଜ ଚରିତ୍ରର ନିର୍ମାଣ କରେ । ଏହି ଦୁଇ ଅଲଂଘ୍ୟ ନିୟମ ଉପରେ ଅଟଳ ବିଶ୍ୱାସ ରଖି ନିଜ ଭିତରେ ଥିବା ମନ୍ଦ ଗୁଣକୁ ବାହାର କରିଦେଇ ଭଲଗୁଣଗୁଡ଼ିକୁ ବଢ଼ାଇବାରେ ଲାଗିଯାଏ । ଏହା ଧୀରେଧୀରେ ବଢ଼ି ଭଣ୍ଡାରରେ ପରିଣତ ହୁଏ । ଏ ଭଣ୍ଡାର ନିର୍ମାଣ, ଏ ସୁମୂର୍ତ୍ତି ଗଠନର ଯୋଜନା ବା ଛାଞ୍ଚ ପୂର୍ବରୁ ପ୍ରସ୍ତୁତ ହୋଇଥାଏ ।

ନିୟମ ଉପରେ ଦୃଢ଼ବିଶ୍ୱାସ ସଂଶୟର ବିନାଶ କରି ଚରିତ୍ରରେ ସ୍ଥିରତା ଆଣିଥାଏ । ଆଦୌ ଅଧୀର ନ ହୋଇ ସାଧକ କାର୍ଯ୍ୟ କରିଥାଏ । ଫଳ ନ ମିଳିଲେ ବି ଅବିଚଳିତ ଓ ନିଷ୍କାମ ଭାବରେ କର୍ମ କରି ଚାଲେ । ଯାହା ସମସ୍ତଙ୍କ ପାଇଁ କଲ୍ୟାଣପ୍ରଦ, ତାହା ହିଁ ହେବ ବୋଲି ସେ ନିଶ୍ଚିତ ଥାଏ । ଧୀରେଧୀରେ ନିଜ ସଦ୍‌ଗୁଣର ସମ୍ପତ୍ତିକୁ ବଢ଼ାଇ ସେ କ୍ରମେକ୍ରମେ ଉଚ୍ଚକୁ ଉଚ୍ଚକୁ ଉଠିଚାଲେ ।

ମନୁଷ୍ୟର ବ୍ୟକ୍ତିତ୍ୱ ଓ ଚରିତ୍ର ତାର ବିଚାରାଧାରା ବା ଚିନ୍ତାଧାରା ଅନୁସାରେ ହିଁ ଗଠିତ ହୋଇଥାଏ । ବିଚାର ବା ଭାବନାର ମହତ୍ତ୍ୱ ଜାଣିଯାଇଥିବାରୁ ସେ

ସର୍ବପ୍ରଥମେ ନିଜର ଭାବନାମାନଙ୍କୁ ନିୟନ୍ତ୍ରିତ କରେ, ଚରିତ୍ରର ନିର୍ମାଣ ପାଇଁ ସମ୍ୟକ୍ ଭାବନାଗୁଡ଼ିକୁ ବାଛିନିଏ । ସମ୍ୟକ୍ ଭାବନା ହିଁ ଚରିତ୍ରରୂପୀ ଭବନ ନିର୍ମାଣର ପ୍ରଥମ ସୋପାନ । ମଣିଷର ଭାବନା କେବଳ ନିଜର ଚରିତ୍ର ନିର୍ମାଣ କରେ ନାହିଁ, ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ । ମାନବର ସେବା, ମାନବର କଲ୍ୟାଣସାଧନ ସାଧକର ଲକ୍ଷ୍ୟ ହୋଇଥିବାରୁ ଅନ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସେ ସେହିପରି ଭାବନାସବୁ ପ୍ରେରଣ କରେ, ଯାହା ମନୁଷ୍ୟମାତ୍ରେ ସମସ୍ତଙ୍କ ପାଇଁ ଉପକାରୀ ଓ ଉନ୍ନତି ବିଧାୟକ ହେବ । ଏହିପରି ଭାବନା ଚରିତ୍ରକୁ ଚୁମ୍ବକୀୟ ଶକ୍ତିସମ୍ପନ୍ନ କରିଦିଏ, ଯାହା ଚାରିପଟୁ ଉତ୍ତମ ଓ ଉପଯୋଗୀ ଭାବନାମାନଙ୍କୁ ଆକର୍ଷି ଆଣେ, ପୁଣି ସେସବୁକୁ ପରିପୋଷଣଦ୍ୱାରା ଅଧିକ ଶକ୍ତିଶାଳୀ କରି ଟ୍ରାନ୍ସମିଟର ପରି ବାହାରକୁ ପଠାଇଦିଏ । ଅସତ୍ ଭାବନାମାନ ତା' ସଂସ୍ପର୍ଶରେ ଆସିଲେ ନଷ୍ଟ ହୋଇଯା'ନ୍ତି । ଏହିପରି ତା'ର ଚରିତ୍ର ଦୃଢ଼ରୁ ଦୃଢ଼ତର ହେବାକୁ ଲାଗେ ।

ତା'ପରେ ସାଧକ ନିଜର ବଚନ ବା ବାଣୀକୁ ନିୟନ୍ତ୍ରଣ କରେ । ସତ୍ୟ ତା'ର ବାଣୀର ସବୁଠାରୁ ବଡ଼ ଗୁଣ ହୋଇଥାଏ । କାୟମନୋବାକ୍ୟରେ ସତ୍ୟର ଅଭ୍ୟାସ ହିଁ ଆଧ୍ୟାତ୍ମିକ ଦୃଷ୍ଟିକୁ ଜାଗରିତ କରାଏ, ଯାହା ସକଳ ଭ୍ରମର ଆବରଣକୁ ଭେଦ କରିପାରେ । ବାହ୍ୟଆଡ଼ମ୍ବର ଓ ପ୍ରବଞ୍ଚନାର ପ୍ରଭାବକୁ ସତ୍ୟର କବଚ ହିଁ ପ୍ରତିହତ କରିପାରେ । ସତ୍ୟର ଅଭାବ ପତନର କାରଣ ହୋଇଥାଏ । ତେବେ ସତ୍ୟ କଟୁ ଓ ଅପ୍ରୀତିକର ହେବା ଉଚିତ୍ ନୁହେଁ । ତେଣୁ ବଚନ ସତ୍ୟ ସହିତ ମଧୁର, ବିନୟସୂଚକ ହେବା ମଧ୍ୟ ଆବଶ୍ୟକ । ପରମତତ୍ତ୍ୱକୁ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ ବାକ୍ୟ ଅସତ୍ୟ କି ପୀଡ଼ାଦାୟକ ହେବା ଅବାଞ୍ଛନୀୟ । ପ୍ରତ୍ୟେକ ସାଧକ ବାଣୀର ଏହି ସଂଯମ ଓ ମୌନର ଅଭ୍ୟାସ କରିଥା'ନ୍ତି ।

ଭାବନା ଓ ବଚନ ସତ୍ୟନିଷ୍ଠ ହୋଇଗଲେ କାର୍ଯ୍ୟ ସ୍ୱତଃ ଠିକ୍ ବା ସତ୍ ହୋଇଯାଏ । ଶୁଦ୍ଧ ଅନ୍ତଃକରଣ ଓ ମସ୍ତିଷ୍କ ଉତ୍କୃଷ୍ଟ କର୍ମର ପ୍ରେରଣା ହୋଇଥାଏ । ସାଧକର ମନ, ବଚନ ଓ କର୍ମର ତ୍ରିଗୁଣ ରଜ୍ଜୁ ଅତି ଦୃଢ଼ଭାବରେ ଏକ ଦିଗରେ ମାନବତାର ପ୍ରକୃତ ସେବା ବା କଲ୍ୟାଣ ସାଧନରେ ଓ ଅନ୍ୟ ଦିଗରେ ଗୁରୁଦେବଙ୍କ ଚରଣରେ ବନ୍ଧା ହୋଇଥାଏ ।

ସାଧକ ନିଜର କଳ୍ପନା ଶକ୍ତି ଓ ମହତ୍ତ୍ୱାକାଂକ୍ଷାର ଆଧାରରେ ସଦ୍‌ଗୁଣମାନଙ୍କର ସମାହାରସ୍ୱରୂପ ଏକ ଆଦର୍ଶର ଛାଞ୍ଚ ଗଢ଼ିଥାଏ । ନିଜ ଅଜ୍ଞାତସାରରେ ହେଉପଛେ, କୌଣସି ଗଭୀର ମଗ୍ନ ଅନୁଭବର ମୁହୂର୍ତ୍ତରେ ଆତ୍ମା ମନକୁ ପଠାଇଥିବା ଉଚ୍ଚସ୍ତରର ଅନୁଭୂତି ବା ସତ୍ୟର ପ୍ରତିବିମ୍ବସ୍ୱରୂପ ଏହି ଛାଞ୍ଚ ଅନୁଯାୟୀ ତା'ର ଚରିତ୍ରର ନିର୍ମାଣ ହୋଇଥାଏ । ସେହି ଛାଞ୍ଚରେ ନିହିତ ସଦ୍‌ଗୁଣସମୂହର ଚିନ୍ତନ କରିବାଦ୍ୱାରା ସେସବୁ ଗୁଣ ସାଧକ ଭିତରେ ସ୍ୱତଃ ପ୍ରକାଶିତ ହୁଏ । ଏଥିପାଇଁ ନିର୍ଦ୍ଦିଷ୍ଟ ଆଦର୍ଶ ଗୁଣକୁ ଲକ୍ଷ୍ୟ ରୂପେ ଧାର୍ଯ୍ୟ କରି ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ସେ ବିଷୟରେ ଚିନ୍ତନ ବା ମନନ କରିବାକୁ ପଡ଼େ । ଏହି ଆଦର୍ଶର ଝଲକ ପ୍ରଥମେ ସାଧକର ଅନ୍ତରକୁ ଆଲୋକିତ କରିଦିଏ, ତା'ପରେ ପୁଣି ବାହାରେ ବିଚ୍ଛୁରିତ ହୋଇପଡ଼େ, ଅନ୍ୟମାନଙ୍କୁ ପ୍ରଭାବିତ କରେ ।

ଏକାଗ୍ରତାର ଅଭ୍ୟାସ, ଛୋଟ ହେଉ ବା ବଡ଼ ହେଉ ପ୍ରତ୍ୟେକ କାର୍ଯ୍ୟକୁ ଏକନିଷ୍ଠ ଓ ନିର୍ଦ୍ଦିଷ୍ଟ ଭାବରେ ସମ୍ପନ୍ନ କରିବାର ଆତ୍ମପ୍ରଶିକ୍ଷଣ, ନିଜ ପାଇଁ ନିଜେ ଗଢ଼ିଥିବା ନିୟମକୁ ପାଳନ କରିବାରେ ନିଷ୍ଠା, ଅନ୍ୟମାନଙ୍କର ପ୍ରଶଂସା ବା ଦୃଷ୍ଟି ଆକର୍ଷଣ ପାଇଁ ନୁହେଁ, ବରଂ ନିଜର ଆନ୍ତରିକ ପ୍ରେରଣା ହେତୁ ଭାବିଚିନ୍ତି ଉଚିତ କାର୍ଯ୍ୟ ସଂପାଦନ ଚରିତ୍ର ନିର୍ମାଣର ଗୋଟିଏ ଗୋଟିଏ ସୋପାନ । ଗୀତାରେ ଯେଉଁ ଦୈବୀସଂପଦର କଥା କୁହାଯାଇଛି, ସେହି ସଦ୍‌ଗୁଣରୂପକ ସଂପଦମାନଙ୍କର ସଞ୍ଚୟ ପାଇଁ ପ୍ରଯତ୍ନ କରିବା ଆବଶ୍ୟକ । ପ୍ରଥମେ ସଫଳତା ନ ମିଳିଲେ ବି ହତାଶ ନ ହୋଇ ଧୀର ଅଥଚ ଦୃଢ଼ ପଦକ୍ଷେପରେ ଆଗକୁ ବଢ଼ିବାକୁ ହୁଏ । ପରିଣାମରେ ବଜ୍ରଠାରୁ କଠୋର ଅଥଚ ଫୁଲଠାରୁ କୋମଳ ଚରିତ୍ରର ନିର୍ମାଣ ହୁଏ, ଯାହା ପ୍ରେମ, ଅହିଂସା, ସଂଯମ ଓ ଶାନ୍ତିରେ ସମାଯୁକ୍ତ; ଆତ୍ମନିର୍ଭର, ଶକ୍ତିଶାଳୀ, ପୁଣି ଦୟାଳୁ, ଦୁର୍ବଳର ସହାୟକ । ଗୀତାରେ ସ୍ଥିତପ୍ରଜ୍ଞତାର ଯେଉଁ ସ୍ୱରୂପ ନିରୂପିତ ହୋଇଛି, ତାହା ହିଁ ସକଳ ସଦ୍‌ଗୁଣ, ସକଳ ଆଦର୍ଶର ସାରତତ୍ତ୍ୱ । ଆତ୍ମାର ଜୀବନ ଅନନ୍ତ ବୋଲି ଜ୍ଞାନ ହେଲା ପରେ ମଣିଷ ଆଉ ସୁଖରେ ଉତ୍‌ଫୁଲ୍ଲ କି ଦୁଃଖରେ ଉଦ୍‌ବିଗ୍ନ ହୁଏ ନାହିଁ । ତା'ର ଅନୁଭବଶକ୍ତି ସାଧାରଣ ମଣିଷଠାରୁ ତୀବ୍ର ହେଲେ ହେଁ ସେ ତାହାଦ୍ୱାରା ପ୍ରଭାବିତ ହୁଏ ନାହିଁ । ଏହା ସଂଘର୍ଷର ସମାପ୍ତି ଓ ଶାନ୍ତିର ଆଧିପତ୍ୟ ସୂଚିତ କରେ । ଏ ଅବସ୍ଥାରେ ବ୍ୟକ୍ତି ଉଦାସୀନ ଓ ସୁଖ-ଦୁଃଖ,

ସଂପଦ-ବିପଦରେ ସମବୁଦ୍ଧି ହୋଇଯାଏ । ଏ ଉଦାସୀନତା ନିଷ୍କ୍ରିୟତା ନୁହେଁ, ବରଂ ଅସାଧାରଣ, ଅକଳ୍ପନୀୟ ଶକ୍ତି, ଯାହା ବ୍ୟକ୍ତିକୁ ସାଧାରଣ ସ୍ତରରୁ ଉଚ୍ଚକୁ ଉଠାଇଥାଏ । ଗୀତାର ଦ୍ୱାଦଶ ଅଧ୍ୟାୟ ଷୋଡ଼ଶ ଶ୍ଳୋକରେ କୁହାଯାଇଛି–

"ଅନପେକ୍ଷଃ ଶୁଚିର୍ଦକ୍ଷଃ ଉଦାସୀନଃ ଗତବ୍ୟଥଃ ।
ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍‌ଭକ୍ତଃ ସ ମେ ପ୍ରିୟଃ ।।"

କାହାରିଠାରୁ କିଛି ଅପେକ୍ଷା ବା ପ୍ରତ୍ୟାଶା ନ ରଖି ସୁଖଦୁଃଖ ପ୍ରତି ନିରପେକ୍ଷ ରହି ପବିତ୍ର ଜୀବନଯାପନ କରୁଥିବା, ଉଦାସୀନ ବା ନିଃସ୍ପୃହ, ଦୁଃଖ ବା ଆଘାତରେ ବ୍ୟଥିତ ହେଉ ନ ଥିବା; ପ୍ରତିକାର, ପ୍ରତିରୋଧ ବା ପ୍ରତିଶୋଧ ପାଇଁ ଉଦ୍ୟମ କରୁ ନ ଥିବା ଭକ୍ତ ହିଁ ଭଗବାନଙ୍କର ପ୍ରିୟ । ବାହ୍ୟ ଅନୁଭୂତିଗୁଡ଼ିକୁ କଠୋର, ଅବିଚଳ ଅନ୍ତରରେ ନିରପେକ୍ଷଭାବେ ସମ୍ମୁଖୀନ ହେବା ହିଁ ଏହାର ମୂଳତତ୍ତ୍ୱ ।

ସାଧକ ନିରନ୍ତର ଅଭ୍ୟାସ ଫଳରେ ଜୀବନର ଏକତ୍ୱକୁ ଅନୁଭବ କରିବାକୁ ଲାଗେ । ଏ ଅନୁଭବ ସ୍ପଷ୍ଟ ହେବା ସହିତ ଭେଦର ପ୍ରାଚୀର ସ୍ୱତଃ ନଷ୍ଟ ହୋଇଯାଏ । ପ୍ରତ୍ୟେକ ବସ୍ତୁ ଓ ସତ୍ତାରେ ନିହିତ ଆନନ୍ଦର ଭାବ ତା' ଭିତରେ ପ୍ରବାହିତ ହେବାକୁ ଲାଗେ । ସେ ଦୁଃଖକୁ ପୀଡ଼ାର କାରଣ ନ ମଣି ଜୀବନର ଏକ ଅଙ୍ଗ ବୋଲି ଧରିନିଏ । ତା' ଜୀବନରେ ଆସୁଥିବା ପ୍ରତ୍ୟେକ ସୁଖ-ଦୁଃଖରେ ନିର୍ଲିପ୍ତ ରହି ସେଥିରୁ ଶିକ୍ଷା ଗ୍ରହଣ କରେ । ଡକ୍ଟର ବେସାନ୍ତଙ୍କ 'Pain, its Meaning and Use' ପୁସ୍ତିକାରେ ଏ ସଂପର୍କରେ ବିଶଦ ଆଲୋଚନା ହୋଇଛି । ଅପୂର୍ଣ୍ଣତାର ସ୍ତରରେ ଥିବା ଜୀବତ୍ମାର ପ୍ରତ୍ୟେକ ଦୁଃଖ ପରିପୂର୍ଣ୍ଣ ଆତ୍ମା ରୂପକ ମନ୍ଦିର ଗଠନ ପାଇଁ ବ୍ୟବହୃତ ଶିଳାଖଣ୍ଡ ତୁଲ୍ୟ ବୋଲି ସେଥିରେ କୁହାଯାଇଛି ।

ଗୀତାରେ ଏହାକୁ 'ଜ୍ଞାନଯୋଗ ବ୍ୟବସ୍ଥିତି' ବୋଲି କୁହାଯାଇଛି, ଯାହା ଆନ୍ତରିକ ଶାନ୍ତି ଓ ଶକ୍ତିର କ୍ରମବର୍ଦ୍ଧନ କରିଥାଏ । 'ଶାନ୍ତି' ହିଁ ଆଧ୍ୟାତ୍ମିକ-ଜୀବନର ପ୍ରଥମ ଫଳ, ଯାହା କ୍ରମେ ଆନନ୍ଦରେ ପରିଣତ ହୁଏ; ସାଧକକୁ ଉପରକୁ ଉଠାଇ, ଅନ୍ତର୍ଲୋକର ଭିତରକୁ ଭିତରକୁ ପ୍ରବେଶ କରାଇ ସ୍ୱାଭାବିକ ପ୍ରେମମୟ ସ୍ୱରୂପରେ ପ୍ରତିଷ୍ଠିତ କରିଦିଏ । ଆତ୍ମସଂଯମ, ସତ୍ତ୍ୱସଂଶୁଦ୍ଧି ଓ ସମବୁଦ୍ଧିର ଉଦୟରେ ପୃଥିବୀରେ ଭେଦଭାବ, ଘୃଣା, ବିତୃଷ୍ଣା, ବିରାଗ, ଦ୍ୱେଷ ଆଦି ଦୂର ହୋଇଯାଏ । ପ୍ରତ୍ୟେକ

ସତ୍ତାରେ ସେହି ଏକ ହିଁ ଜୀବନ ଓ ପ୍ରେମର ସ୍ଥିତିକୁ ଅନୁଭବ କରି ସେ ସମସ୍ତଙ୍କ ପାଇଁ 'ଅଦ୍ରୋହୀ' ମିତ୍ର ହୋଇଯାଏ । କେହିହେଲେ ବା କିଛି ହେଲେ ତା'ର ଦୟା, ପ୍ରେମ ଓ ସହାନୁଭୂତି ଭାବର ପରିସର ବାହାରେ ରହେ ନାହିଁ । ମନେରଖିବାକୁ ହେବ ଯେ ଏହି ଦୟାଯୁକ୍ତ, କରୁଣାସିକ୍ତ ସହାନୁଭୂତି ହିଁ ଆତ୍ମାର ଯଥାର୍ଥ ଅନ୍ତର୍ଦୃଷ୍ଟି । ଏହା ବ୍ୟତିରେକେ ଶକ୍ତିର ପ୍ରୟୋଗ ଅନିଷ୍ଟକର ହୋଇପାରେ । ହୃଦୟରେ କରୁଣା ନ ଥିଲେ ସାହାଯ୍ୟ କରିବାକୁ ଯାଇ ଆଘାତ ଦେବା, ଉଠାଇବାକୁ ଯାଇ ଖସାଇ ପକାଇବା ଓ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦେବା ସମ୍ଭବ ହୋଇପାରେ ।

'ଅଭୟ' ବା ଭୟହୀନତା ଚରିତ୍ର ନିର୍ମାଣର ଏକ ବିଶିଷ୍ଟ ଦିଗ । ଘୃଣା, ଦ୍ୱେଷ, ଅସୂୟା, ଶତ୍ରୁତାର ଭାବ ହିଁ ଅନ୍ୟର କ୍ଷତିସାଧନ କରିବାର ଇଚ୍ଛା ଜାଗ୍ରତ କରାଇବା ସହିତ ନିଜେ କ୍ଷତିଗ୍ରସ୍ତ ବା ଆହତ ହେବାର ଭୟକୁ ଜନ୍ମ ଦେଇଥାଏ । ନିଜ ଭିତରୁ ଶତ୍ରୁଭାବ ଦୂର କରିଦେଲେ, ସେଥିସହିତ ଅନ୍ୟ କେହି ଆମ ପ୍ରତି ଶତ୍ରୁତା କଲେ, ଆମର କ୍ଷତି କଲେ, ଆମକୁ ଆଘାତ ଦେଲେ ତାହା ପୂର୍ବକୃତ କର୍ମର ପରିଶୋଧ ଭାବି ଅପ୍ରତିକାର ପୂର୍ବକ ସହିଗଲେ ଭୟ ଦୂର ହୁଏ । ଅଜ୍ଞାନ ଓ ସନ୍ଦେହ ମଧ୍ୟ ଭୟର କାରଣ ହୋଇଥାଏ । ଧୀର ଓ ସୁଚିନ୍ତିତ ପଦକ୍ଷେପ ଧକ୍କା ଖାଇବା ଓ ଆଘାତ ପାଇବାର ଭୟକୁ ଦୂର କରିଦିଏ । ଏହି ଅଭୟରୁ 'ଅଚାପଲ୍ୟ' ବା ନିଶ୍ଚଳ ଇଚ୍ଛାଶକ୍ତି ଉତ୍ପନ୍ନ ହୁଏ, ଯାହା ଜ୍ଞାନ ଓ ପ୍ରେମ ଉପରେ ଆଧାରିତ ।

କାମନା-ବାସନାର ଦିଗ କ୍ରମେକ୍ରମେ ପରିବର୍ତ୍ତିତ ହୁଏ ଓ ତାହା ଆଧ୍ୟାତ୍ମିକ ସଂକଳ୍ପ ଓ ଦୃଢ଼ ଇଚ୍ଛାଶକ୍ତିରେ ରୂପାନ୍ତରିତ ହୋଇଯାଏ । ଏହିପରି କ୍ରମେକ୍ରମେ ଚରିତ୍ରର ନିର୍ଦ୍ଦିଷ୍ଟ ରୂପରେଖ ପ୍ରସ୍ତୁତ ହୋଇଯାଏ । ଫଳରେ ପୁନର୍ଜନ୍ମର ନିୟାମକ କାମନା-ବାସନାର ଅନ୍ତ ଘଟିଥାଏ । ସାଧକ କେବଳ ପ୍ରେମଭାବର ବଶବର୍ତ୍ତୀ ହୋଇ ମାନବତାର ସେବାକୁ ଧର୍ମ ରୂପେ ଗ୍ରହଣ କରେ । ସେ ଜନ୍ମ ନେବାକୁ ବାଧ୍ୟ ନ ହେଲେ ହେଁ ପଛରେ ପଡ଼ିଥିବା ମଣିଷମାନଙ୍କର ସହାୟତା ପାଇଁ ସ୍ୱେଚ୍ଛାରେ ଜନ୍ମ ନେଇଥାଏ । ନିଃସ୍ୱାର୍ଥ ଆତ୍ମବିଶ୍ୱାସ ବଳରେ ସେ ନିଜର ଆତ୍ମାକୁ ସମସ୍ତଙ୍କର ଆତ୍ମାଠାରୁ ଅଭିନ୍ନ ବୋଲି ବୁଝିଥାଏ; ସମସ୍ତଙ୍କର କଲ୍ୟାଣରେ ତା'ର କଲ୍ୟାଣ ଓ ତା'ର କଲ୍ୟାଣରେ ସମସ୍ତଙ୍କର କଲ୍ୟାଣ ବୋଲି ଜାଣିଥାଏ । ଏହା ଆତ୍ମସାକ୍ଷାତକାର ଆଡ଼କୁ ଅଗ୍ରସର ହେବାର ପର୍ଯ୍ୟାୟ ।

ଚରିତ୍ରନିର୍ମାଣର ପ୍ରକ୍ରିୟା ଅନେକ ଜନ୍ମ ପର୍ଯ୍ୟନ୍ତ ଚାଲିଥାଏ । ଚରିତ୍ରର ପୂର୍ଣ୍ଣତା ବା ପୂର୍ଣ୍ଣ ମାନବତାର ଆଦର୍ଶ ଦୟା ଓ ଶକ୍ତିର ଏକ ସମ୍ମିଶ୍ରଣ । ସେ ଦୟାରୁ କେହି ବଞ୍ଚିତ ହୁଏ ନାହିଁ, ସେ ଶକ୍ତିକୁ କେହି ପରାହତ କରି ପାରେ ନାହିଁ । ତହିଁରୁ ଯେଉଁ ଆନନ୍ଦ ମିଳେ, ତାହା ଦୁଃଖ ଭିତରେ ବି ଶାନ୍ତିମୟ ପରିଣାମର ସମ୍ଭାବନା ଦେଖେ । ଦୟାଳୁତା, ଶକ୍ତି, ଶାନ୍ତି ଓ ଆନନ୍ଦର ସମନ୍ୱୟରେ ନିର୍ମିତ ଆଦର୍ଶ ଚରିତ୍ରର ଅଧିକାରୀ ପୂର୍ଣ୍ଣମାନବ ନିଜେ ଉପରକୁ ଉଠିଯାଇଥିଲେ ମଧ୍ୟ ନିଜର ସାନଭାଇମାନଙ୍କ କଥା ଭୁଲି ନଥା'ନ୍ତି । ବରଂ ସେମାନଙ୍କର ସହାୟତା ପାଇଁ ସବୁବେଳେ ତତ୍ପର ଥା'ନ୍ତି । ଗୁରୁଦେବଙ୍କ ହୃଦୟରେ ସମଗ୍ର ମାନବ ଜାତି ପାଇଁ ଅନୁକମ୍ପା ଭରି ରହିଥିବାରୁ ଶିଷ୍ୟ ମଧ୍ୟ ତାଙ୍କର ଦାୟିତ୍ୱ ନେଇଥା'ନ୍ତି ।

ଏ ଅବସ୍ଥା ପ୍ରାପ୍ତ ହୋଇଥିବା ସାଧକମାନଙ୍କର ସ୍ଥୂଳଶରୀର ଓ ଭୌତିକବସ୍ତୁ ସମ୍ବନ୍ଧୀ ବାସନା ତଥା ବ୍ୟକ୍ତିସ୍ୱାତନ୍ତ୍ର୍ୟବୋଧ ନଷ୍ଟ ହୋଇ ସାରିଥାଏ । I.K.Taimni 'Self Culture' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ମଣିଷର ସର୍ବୋଚ୍ଚ ଇଚ୍ଛାଶକ୍ତିର ମୂଳ ଆତ୍ମିକସ୍ତର (Atmic plane) ରେ ନିହିତ । ସାଧାରଣ ମଣିଷର ବିଚାରବୁଦ୍ଧି ଭୌତିକ ସ୍ତରର ଚେତନା ମଧ୍ୟରେ ସୀମିତ ହୋଇଥିବାରୁ ଆତ୍ମିକ ସ୍ତରର ମହାଶକ୍ତିକୁ ବୁଝିବା ଓ ନିୟନ୍ତ୍ରଣ କରିବା ତା'ର ସାଧ୍ୟାତୀତ । ଉଚ୍ଚତର ଆଧ୍ୟାତ୍ମିକ ସ୍ତରକୁ ନ ଉଠିଲେ ସେ ଶକ୍ତି ସଂପର୍କିତ ଅବବୋଧ ଆସେ ନାହିଁ । ଚେତନାର କେନ୍ଦ୍ରକୁ ଅହଂବୋଧର ସ୍ତର (Personality level) ରୁ ଉତ୍ତୀର୍ଣ୍ଣ କରାଇ individuality ବା ଜୀବାତ୍ମାର ସ୍ତରରେ ପହଞ୍ଚାଇବା ଏ ଦିଗରେ ପ୍ରଥମ ସୋପାନ । ଅହଂପ୍ରବଣ ଅଧିକାରବୋଧ, ମୋହମମତା, ମାୟାଛନ୍ନତା ଓ ବାସନାର ବଶବର୍ତ୍ତୀ ଥିବା ପର୍ଯ୍ୟନ୍ତ ପ୍ରକୃତ ଆଧ୍ୟାତ୍ମିକ ଅଭୀପ୍ସାର ଜାଗରଣ ସମ୍ଭବ ହୁଏ ନାହିଁ । ଜ୍ଞାନ, ଶକ୍ତି ଓ ପ୍ରେମର ଉନ୍ମୁକ୍ତ ପ୍ରବାହ ନିମନ୍ତେ ନିମ୍ନଚେତନା ଓ ଉଚ୍ଚତର ଚେତନା ମଧ୍ୟରେ ଥିବା ବାଧାକୁ ଦୂର କରିବା ଏକାନ୍ତ ଆବଶ୍ୟକ । ଶ୍ରୀମତୀ ବେସାନ୍ତ୍ ସ୍ପଷ୍ଟ କହି ରଖିଛନ୍ତି— "The passage between the lower and the higher has to be cleared for the continuous inflow of the Divine life, which brings with it true wisdom, power and love."

ତେବେ ଏଥିପାଇଁ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସାଂସାରିକ ସୁଖ ପ୍ରତି ବୀତସ୍ପୃହ, ସାଂସାରିକତା ପ୍ରତି ଅନାସକ୍ତ ସାଧକ ଅତଳ ଅନ୍ଧକାର ଗହ୍ୱରର ଧାରରେ ଅସହାୟ, ଅବଲମ୍ବନହୀନ ଅବସ୍ଥାରେ ଏକାକୀ ଠିଆ ହୋଇଥିବା ପରି ଆତଙ୍କିତ ବୋଧ କରୁଥିବା ବେଳେ ସାହସର ସହିତ ଆଗକୁ ଡେଇଁ ପଡ଼ିଲେ, ଅର୍ଥାତ୍ ନିମ୍ନସ୍ତରର ଭାବନା, ସନ୍ଦେହ, ଭୟ, ଭ୍ରାନ୍ତି ଇତ୍ୟାଦିକୁ ସଂପୂର୍ଣ୍ଣ ରୂପେ ଛାଡ଼ି ଉଚ୍ଚତର ଚେତନା ପ୍ରତି ପୂର୍ଣ୍ଣ ଆଗ୍ରହର ସହିତ ଉନ୍ମୁଖ ହେଲେ ଅଲୌକିକ ସହାୟତା ମିଳିଗଲା ପରି ବୋଧକରେ । ସମସ୍ତ ନିମ୍ନ ପ୍ରବୃତ୍ତିରୁ ମୁକ୍ତ ହୋଇ ସେସବୁ ଅସତ୍ୟ ଥିଲା ବୋଲି ବୁଝିପାରେ।

**(୪)** ନିର୍ବାଣ ପ୍ରାପ୍ତ ହେବା ବା ପରମସତ୍ତାରେ ବିଲୀନ ହୋଇଯିବା କୌଣସି ବିନଷ୍ଟି (Destruction) କୁ ବୁଝାଏ ନାହିଁ । ନିର୍ବାଣକୁ ବୌଦ୍ଧ ସହଜଯାନରେ 'ନୈରାମଣି ଦାରୀ' ବୋଲି କୁହାଯାଇଛି, ଯାହାକୁ ଆଲିଙ୍ଗନ କଲେ ମହାସୁଖ ପ୍ରାପ୍ତ ହୋଇଥାଏ । ବ୍ୟକ୍ତିସ୍ୱାତନ୍ତ୍ର୍ୟବୋଧକୁ ପରମ ସତ୍ତାର ଶାଶ୍ୱତ ସ୍ଥିତିରେ ମିଶାଇ ଦେବା ପାଇଁ ପ୍ରକ୍ରିୟା ହିଁ ଆଧ୍ୟାତ୍ମିକ ରୂପାନ୍ତରଣ । ଏଥିପାଇଁ ନିଜ ମଧ୍ୟରେ ନିହିତ ସ୍ୱାଭାବିକ ଶକ୍ତିସମୂହର ଶୁଦ୍ଧୀକରଣ ଆବଶ୍ୟକ । ଏ ପ୍ରକ୍ରିୟା ପ୍ରତ୍ୟେକ ଧାର୍ମିକ ଓ ବିଚାରଶୀଳ ବ୍ୟକ୍ତିଙ୍କ ଜୀବନ ଓ ଚିନ୍ତନରେ ଅଜ୍ଞାତସାରରେ ଚାଲିଥାଏ । କିନ୍ତୁ ସାଧକ ସଂପୂର୍ଣ୍ଣ ସଚେତନ, ସଜାଗ ଓ ସତର୍କ ଭାବରେ ଏଥିରେ ନିୟୋଜିତ ହୋଇଥା'ନ୍ତି । ଉଲ୍ଲେଖନୀୟ ବିଷୟଟି ହେଲା ଏ ଶୁଦ୍ଧୀକରଣ କେବଳ ମଳ ନିଷ୍କାସନ ନୁହେଁ, ଚାଉଳରୁ ଗୋଡ଼ି ବାଛିବା, ଅଟାରୁ ଚୋକଡ଼ ଅଲଗା କରିବା, ପାଣି କି ତେଲରୁ ମଇଳା ଛାଣିବା ପରି ପ୍ରକ୍ରିୟା ନୁହେଁ, ବରଂ ତମ୍ବାକୁ ସୁନାରେ ପରିଣତ କରିଦେବା ପରି ରୂପାନ୍ତରଣ (Transformation) । ଏଥିପାଇଁ ସାଧକ ନିଜର ପ୍ରାଣଶକ୍ତି, ଇଚ୍ଛାଶକ୍ତି, କ୍ରିୟାଶକ୍ତି ଆଦି ସକଳ ଶକ୍ତିର ଉପଯୋଗିତା ସଂପର୍କରେ ବୁଝି ସେସବୁକୁ ସ୍ଥୂଳରୁ ନିବର୍ତ୍ତାଇ ସୂକ୍ଷ୍ମତା ଆଡ଼କୁ ଅଗ୍ରସର କରାଇଥାଏ । ବର୍ତ୍ତମାନ ଏହି ଅଗ୍ରଗତିର ଧାରାଟିକୁ ବୁଝିବା ଆବଶ୍ୟକ ।

ସାଧାରଣ ମଣିଷର କାର୍ଯ୍ୟ କରିବାର ପ୍ରେରଣା କାମନାରୁ ହିଁ ଆସିଥାଏ । କୌଣସି ଜୀବିତ ବ୍ୟକ୍ତି କର୍ମ ନ କରି ରହିପାରିବା ସମ୍ଭବ ନୁହେଁ ।

"ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।।"

(ଶ୍ରୀମଦ୍‌ଭଗବଦ୍‌ଗୀତା, ୩/୫)

ପ୍ରକୃତିଜ ତ୍ରିଗୁଣର ବଶବର୍ତ୍ତୀ ହୋଇ ସମସ୍ତେ କାର୍ଯ୍ୟ କରିଥା'ନ୍ତି । ତେବେ କାର୍ଯ୍ୟ କରିବାର ମୂଳରେ ନିହିତ କାମନା ହିଁ ବନ୍ଧନ ଓ ପୁନର୍ଜନ୍ମର କାରଣ ହୋଇଥାଏ । ଏହି ବନ୍ଧନରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଉଛି ଆଧ୍ୟାତ୍ମିକ ରୂପାନ୍ତରଣ । ଏହାକୁ ଗୀତାରେ 'ଯଜ୍ଞ' ବୋଲି କୁହାଯାଇଛି ।

ଯଜ୍ଞର ସ୍ଥୂଳ ଦିଗଟି ସାଂସାରିକ, ଯାହା ସୃଷ୍ଟିର ପ୍ରତ୍ୟେକ ସ୍ତରକୁ ପାରସ୍ପରିକ ଆଦାନପ୍ରଦାନର ସଂପର୍କରେ ବାନ୍ଧିଥାଏ । ଜୀବନଚକ୍ରର ଗଠନତନ୍ତ୍ରରେ ପ୍ରତ୍ୟେକ ବସ୍ତୁ ଓ ଜୀବର ସ୍ଥାନ ତଥା ଯୋଗଦାନକୁ ଏହା ସୁନିରୂପିତ କରିଥାଏ । ଏହି ପାରସ୍ପରିକ ସହଯୋଗ ବିନା ସୃଷ୍ଟିର ସୁପରିଚାଳନା ସମ୍ଭବ ନୁହେଁ । ଯଜ୍ଞ କର୍ମସମୁଦ୍‌ଭବ ବୋଲି କୁହାଯାଇଛି । ପୁଣି କୁହାଯାଇଛି–

"କର୍ମ ବ୍ରହ୍ମୋଦ୍‌ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍‌ଭବମ୍ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।।"

ପ୍ରାଣୀମାନଙ୍କର ଜୀବନଧାରଣ ପାଇଁ ଆବଶ୍ୟକ ଖାଦ୍ୟ ଯେଉଁ ବୃଷ୍ଟି ଉପରେ ନିର୍ଭର କରିଥାଏ, ତାହା ଯଜ୍ଞ ଉପରେ ନିର୍ଭର କରେ । ଯଜ୍ଞ କର୍ମ ଉପରେ ନିର୍ଭର କରେ । କର୍ମର ଉତ୍ପତ୍ତି ବ୍ରହ୍ମରୁ ଓ ବ୍ରହ୍ମ ଅକ୍ଷର ପରବ୍ରହ୍ମଙ୍କଠାରୁ ଉଦ୍‌ଭୂତ । ଯଜ୍ଞପୁରୁଷ ଭାବେ ଅଭିହିତ ପରବ୍ରହ୍ମ ସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ହୋଇଥା'ନ୍ତି । ଗୀତାରେ ଯଜ୍ଞର ପ୍ରକୃତ ତାତ୍ପର୍ଯ୍ୟ ଓ ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ଆଦି ଭେଦ ସଂପର୍କରେ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଇଛି ।

ସମୟକ୍ରମେ ଲୋକେ ଯଜ୍ଞର ମୌଳିକ ତତ୍ତ୍ୱକୁ ଭୁଲି ନିଜର ସ୍ୱାର୍ଥସିଦ୍ଧି ଓ କାମନାର ପୂର୍ତ୍ତି ପାଇଁ ନିର୍ଦ୍ଦିଷ୍ଟ ଦେବତାଙ୍କୁ ସନ୍ତୁଷ୍ଟ କରାଇବା ଉଦ୍ଦେଶ୍ୟରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଗ୍ନିରେ ଆହୂତି ଦେବା ହିଁ ଯଜ୍ଞ ବୋଲି ବୁଝୁଛନ୍ତି । ପ୍ରାଚୀନ କାଳରେ ସମସ୍ତ କାର୍ଯ୍ୟକୁ ଯଜ୍ଞ ରୂପେ ନିଷ୍ଠାର ସହ ବିଧିପୂର୍ବକ ସମ୍ପାଦନ କରିବାକୁ

ଶିକ୍ଷା ଦିଆଯାଉଥିଲା । ନିୟମର ଅନୁବର୍ତ୍ତନ ତଥା ମନ୍ତ୍ରର ଶୁଦ୍ଧ ଉଚ୍ଚାରଣଦ୍ୱାରା ଦେବତାମାନଙ୍କର ସନ୍ତୋଷବିଧାନ କରି ବୃଷ୍ଟି ଆଦି କଲ୍ୟାଣକର ଉଦ୍ଦେଶ୍ୟ ପୂରଣ କରାଯାଉଥିଲା ।

କର୍ମକୁ ଯଜ୍ଞରେ ପରିଣତ କରୁଥିବା ନିଷ୍କାମଭାବ ହିଁ ଆଧ୍ୟାତ୍ମିକତାର ମୂଳତତ୍ତ୍ୱ । ଏହା କାମନା ବା ଇଚ୍ଛାର ବନ୍ଧନ-ରଜ୍ଜୁକୁ ଜାଳି ଭସ୍ମୀଭୂତ କରିଦିଏ ଓ ଯଜ୍ଞକାରୀ ସାଧକକୁ ମୁକ୍ତ କରେ । ଏପରି ସାଧକର ଆତ୍ମା ଦୈବୀପ୍ରକୃତିର ଅଙ୍ଗୀଭୂତ ହୋଇ ତାହାର ସହଯୋଗୀ ଭାବରେ କର୍ମ କରୁଥିଲେ ବି ବନ୍ଧନରେ ପଡ଼େ ନାହିଁ । ସେ ସ୍ୱାର୍ଥଭାବନା ଓ କାମନାବାସନାର ଊର୍ଦ୍ଧ୍ୱରେ ରହି ମାନବଜାତିର ଉନ୍ନତି, ସୃଷ୍ଟିର ଐକ୍ୟ ପାଇଁ କାର୍ଯ୍ୟ କରିବାଦ୍ୱାରା ଉଦ୍‌ବର୍ତ୍ତନ ବା ବିକାଶର ଯୋଜନାରେ ସହାୟକ ହୋଇଥାଏ । ଏହିପରି କାର୍ଯ୍ୟ ସାଧନ ପାଇଁ ନିଜକୁ ପ୍ରଶିକ୍ଷିତ କରାଇବା ପ୍ରତ୍ୟେକ ସାଧକର କର୍ତ୍ତବ୍ୟ ।

ଯଜ୍ଞରେ ଆହୂତି ଦେବାର ପ୍ରକୃତ ଅର୍ଥ ଅର୍ପଣ କରିଦେବା, ଯାହା ତ୍ୟାଗର ଭାବନା ଉପରେ ଆଧାରିତ । ଏହା ହିଁ ଯଜ୍ଞର ସୂକ୍ଷ୍ମ ଦିଗ । କୌଣସି ପ୍ରାପ୍ତିର ପ୍ରତ୍ୟାଶା ନ ରଖି ଦେବା, ସହାୟତା କରିବା, ଅନ୍ୟମାନଙ୍କର ସୁଖ ଓ ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେବା, ତାହା ପୁଣି ଦୁଃଖରେ ନୁହେଁ, ଆନନ୍ଦରେ । ଏହା ହିଁ ପ୍ରକୃତ ଆଧ୍ୟାତ୍ମିକ ଯଜ୍ଞ ।

ସୃଷ୍ଟିର ପ୍ରାରମ୍ଭ ମଧ୍ୟ ଯଜ୍ଞରୁ, ଅର୍ଥାତ୍ ସେହି କାର୍ଯ୍ୟରୁ, ଯାହାଦ୍ୱାରା ସଚ୍ଚିଦାନନ୍ଦସ୍ୱରୂପ 'ଏକମେବାଦ୍ୱିତୀୟମ୍' ପରଂବ୍ରହ୍ମ ନିଜକୁ ସୀମିତ କରି ନିଜର ଅନନ୍ତ ଅବ୍ୟକ୍ତ ସତ୍ତାକୁ ଅସଂଖ୍ୟ ବ୍ୟକ୍ତ ରୂପରେ ପ୍ରକାଶ କରିବାର ଇଚ୍ଛା କଲେ ଓ ତାହାକୁ କାର୍ଯ୍ୟରେ ପରିଣତ କଲେ । ଏହା ହିଁ ସୃଷ୍ଟି-ପ୍ରକ୍ରିୟାର ଆରମ୍ଭ। ସୃଷ୍ଟି ହୋଇଥିବା ପ୍ରତ୍ୟେକ ସତ୍ତାର ପରମଲକ୍ଷ୍ୟ ହେଉଛି ପରମସତ୍ତାର ପରମ ଆନନ୍ଦରେ ଭାଗ ନେବା, ପରମାନନ୍ଦର ଆଲୋକରେ ଉଦ୍‌ଭାସିତ ହେବା । ନିଜର ବାସ୍ତବ ସ୍ୱରୂପକୁ ଆଚ୍ଛାଦିତ କରି ରଖିଥିବା ଆବରଣଗୁଡ଼ିକୁ ଧୀରେଧୀରେ ଅପସାରିତ କରିବା ପରେ କେବଳ ଆନନ୍ଦ ହିଁ ବାକି ରହିଯାଏ । ସାଧକ ଯେତେଯେତେ ଆବରଣ ହଟାଇ ପରଂବ୍ରହ୍ମଙ୍କର ସମୀପବର୍ତ୍ତୀ ହେଉଥାଏ, ତା'ର ଆନନ୍ଦ ସେତେ ଅଧିକ

ହେଉଥାଏ । ଅଜ୍ଞାନଦ୍ୱାରା ଆବୃତ ନିମ୍ନତର ପ୍ରକୃତି ସହ ସଂଘର୍ଷ କରିବାର କ୍ଲେଶ ଓ ଯନ୍ତ୍ରଣାକୁ ସହ୍ୟ କରିବା ଓ ଅଜ୍ଞାନର ଦୂରୀକରଣ ଦ୍ୱାରା ହିଁ ଏହି ଅଗ୍ରଗତି ବା ବିକାଶ ସମ୍ଭବ ହୋଇଥାଏ । ସାଂସାରିକ ଆକର୍ଷଣ ମନୁଷ୍ୟକୁ ମୃଗତୃଷ୍ଣା ପରି ପ୍ରଲୁବ୍ଧ କରି ଦଉଡ଼ାଇଥାଏ । ଦଉଡ଼ିଦଉଡ଼ି ନୟାନ୍ତ ମଣିଷ ବ୍ୟର୍ଥତାର ଦୁଃଖରେ ସନ୍ତୁଳି ହୋଇଥାଏ । ସେହି ମୃଗତୃଷ୍ଣାର ରହସ୍ୟ ବୁଝିବାରେ ସମର୍ଥ ହେବା ହିଁ ଜ୍ଞାନର ଉଦୟ ।

ସାଂସାରିକ ଦୃଷ୍ଟିରେ ସୁଖ ଓ ଦୁଃଖ ରୂପେ ପ୍ରତିଭାତ ହେଉଥିବା ସମସ୍ତ ଅନୁଭବ ମୃଗତୃଷ୍ଣା ତୂଲ୍ୟ ଅସାର । ସେସବୁ ଅନୁଭବକୁ ଜ୍ଞାନରେ ଓ ଜ୍ଞାନକୁ ବୁଦ୍ଧିରେ ପରିଣତ କରି ମାର୍ଗଦର୍ଶନ ନେଉଥିବା ସାଧକର ଜୀବାତ୍ମା କ୍ରମେ ବିକଶିତ ହୋଇଥାଏ । ସେହି ବିକଶିତ ଜୀବାତ୍ମାର ଦୃଷ୍ଟି ଶାନ୍ତି ଓ ଶକ୍ତିର ଅଧିକାରୀ ହୋଇ ଦୁଃଖକୁ ମଧ୍ୟ ଆନନ୍ଦରେ ସ୍ୱାଗତ କରେ । 'Pain, its Meaning and Use' ରେ ଡକ୍ଟର ବେସାନ୍ତ ଏ ତତ୍ତ୍ୱକୁ ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା କରିଛନ୍ତି ।

ମଣିଷର ଉଚ୍ଚତର ସତ୍ତା ବା ଉଚ୍ଚପ୍ରକୃତିକୁ ନିଜର ଲକ୍ଷ୍ୟ ସିଦ୍ଧି ପାଇଁ ନିମ୍ନପ୍ରକୃତି ମାଧ୍ୟମରେ କାର୍ଯ୍ୟ କରିବାକୁ ପଡ଼ିଥାଏ । କେତେବେଳେ ତାକୁ କୌଣସି କାର୍ଯ୍ୟରୁ ନିବୃତ୍ତ କରାଇବାକୁ ପଡ଼ିଥାଏ, ତ କେତେବେଳେ ଆଗକୁ ବଢ଼ିବା ପାଇଁ ବା କୌଣସି ମହତ୍ତର କାର୍ଯ୍ୟ କରିବା ପାଇଁ ଅନୁପ୍ରେରିତ କରିବାକୁ ପଡ଼ିଥାଏ । ନିମ୍ନପ୍ରକୃତି ଏପରି ଲକ୍ଷ୍ୟକୁ ବୁଝି ନ ପାରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥାଏ । ଉଚ୍ଚପ୍ରକୃତିକୁ ମଧ୍ୟ ଏସବୁ କାର୍ଯ୍ୟ ବନ୍ଧନ ପରି ବୋଧ ହୋଇଥାଏ । ତେବେ ଧୀରେଧୀରେ ଉଭୟଙ୍କ ମଧ୍ୟରେ ପରିବର୍ତ୍ତନ ଘଟି ଏକମୁଖିତା ଆସିବାକୁ ଲାଗେ । ନିମ୍ନପ୍ରକୃତି ମଧ୍ୟ ଅନୁଭବ କରିପାରେ ଯେ ଉଚ୍ଚପ୍ରକୃତିର ଲକ୍ଷ୍ୟ ହିଁ ଯଥାର୍ଥ ଲକ୍ଷ୍ୟ । ସେହି ଲକ୍ଷ୍ୟକୁ ପ୍ରାପ୍ତ ହେବାପାଇଁ ପ୍ରଯତ୍ନ ବେଶ୍ କଷ୍ଟକର; ମାତ୍ର ପ୍ରାପ୍ତିର ସୁଖ ନିକଟରେ ସେ କଷ୍ଟ ଭୁଲି ହୋଇଯାଏ ।

ସାଧକ ସଂପୂର୍ଣ୍ଣ ସଚେତନ ଭାବରେ କଠିନ ଓ କ୍ଲେଶପୂର୍ଣ୍ଣ ମାର୍ଗ ବାଛିଥାଏ, ଯେଉଁଥିରେ ଅଗ୍ରସର ହେଲାବେଳେ ତାକୁ ନିଜର ନିମ୍ନତର ବାସନା ଓ ଇଚ୍ଛା ସମୂହକୁ ବଳି ଦେବାକୁ ପଡ଼ିବ । ସେ ପ୍ରସନ୍ନତା ପୂର୍ବକ ସେସବୁକୁ ଜ୍ଞାନର ଅଗ୍ନିରେ

ଜାଳିଦିଏ । ସେଥିସହିତ ତାକୁ ସାଂସାରିକ ବନ୍ଧନରେ, ଜନ୍ମ-ମୃତ୍ୟୁଚକ୍ରରେ ବାନ୍ଧି ରଖିଥିବା ଶୃଙ୍ଖଳ ଭସ୍ମୀଭୂତ ହୋଇଯାଇଥିବାର ଅନୁଭବ କରେ । ଭଗବାନ ଅର୍ଜୁନଙ୍କୁ ବୁଝାଇଥିଲେ–

"ଯଥୈଧାଂସି ସମୀଧୋଽଗ୍ନିର୍ଭସ୍ମସାତ୍ କରୁତେଽର୍ଜୁନ ।

ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥"

(ଶ୍ରୀମଦ୍‌ଭଗବଦ୍‌ଗୀତା, ୪/୩୭)

ଏହା ହିଁ 'ଜ୍ଞାନଯଜ୍ଞ' ।

ବନ୍ଧନ-ମୁକ୍ତିରେ ମିଳିଥିବା ସ୍ୱଚ୍ଛନ୍ଦତାର ଆନନ୍ଦ ଦୁଃଖକୁ ବି ସୁଖରେ ପରିଣତ କରିଦିଏ । ଏହା ହିଁ ଆଧ୍ୟାତ୍ମିକ ରୂପାନ୍ତରଣ । ପୃଥକତାର ଭାବନାରୁ ସୃଷ୍ଟି ହେଉଥିବା ବନ୍ଧନ ହିଁ ଦୁଃଖର କାରଣ ବୋଲି ବୁଝିବା ସହିତ ସାଧକ ବନ୍ଧନର ମିଥ୍ୟାତ୍ୱକୁ ମଧ୍ୟ ଅନୁଭବ କରିପାରେ । ତା'ପରେ ନିଜ ନିମ୍ନପ୍ରକୃତିର ଶକ୍ତିମାନଙ୍କୁ କ୍ରମେକ୍ରମେ ରୂପାନ୍ତରିତ କରିବାରେ ଲାଗିପଡ଼େ ।

ନିମ୍ନଚେତନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିର ସୁଖ ଅନ୍ୱେଷଣ ଦୁଃଖଦାୟକ ହୋଇଥାଏ । ମାତ୍ର ପୃଥକତ୍ୱର ଭାବନାକୁ ଦୂର କରି ପ୍ରାପ୍ତ ହୋଇଥିବା ସୁଖକୁ ଅନ୍ୟମାନଙ୍କ ଭିତରେ ବାଣ୍ଟି ଦେଲେ, ଅର୍ଜନ କରିଥିବା ଜ୍ଞାନକୁ ନିଜ ପାଖରେ ସଞ୍ଚିତ ନ ରଖି ବିତରଣ କଲେ ସେ ସମସ୍ୟାର ସମାଧାନ ହୋଇଯାଏ । ସୁଖ ପ୍ରାପ୍ତ ହେବାର ଆକାଂକ୍ଷାକୁ ସୁଖ ଦେଇ ପାରିବାର ଶକ୍ତିରେ ପରିବର୍ତ୍ତିତ କରି ପାରିବା ହିଁ ଆଧ୍ୟାତ୍ମିକ ରୂପାନ୍ତରଣ ବା ପ୍ରକୃତ ଯଜ୍ଞ ।

ଆତ୍ମସୁଖକେନ୍ଦ୍ରୀ ପ୍ରେମରୁ ସ୍ୱାର୍ଥର ଭାବନାକୁ ନିଷ୍କାସିତ କରି, ପାଇବା ପରିବର୍ତ୍ତେ ଦେବାରେ ସୁଖ ଅନୁଭବ କଲେ, ପ୍ରେମର ପରିସରକୁ ବ୍ୟାପକ କରି ପତି-ପତ୍ନୀ ମଧ୍ୟରେ ଥିବା ପ୍ରେମକୁ କ୍ରମେ ପରିବାର ପ୍ରତି, ଜାତି ପ୍ରତି, ଦେଶ ପ୍ରତି ଓ ସମଗ୍ର ବିଶ୍ୱର ସକଳ ଜୀବ ଓ ବସ୍ତୁ ପ୍ରତି ପ୍ରସାରିତ କରିଦେଲେ ମଣିଷ କରୁଣାର ସାଗର ପାଲଟିଯାଏ । ଅନ୍ତର୍ନିହିତ ସକଳ ପ୍ରବୃତ୍ତିର ଏହିପରି ଧୀରେଧୀରେ ବିସ୍ତାର ଓ ଆଧ୍ୟାତ୍ମିକ ରୂପାନ୍ତରଣ କରୁକରୁ ସାଧକ ବୁଝିଯାଏ ଯେ ଏହି ରୂପାନ୍ତରଣ ପୃଥକତ୍ୱର

ଭାବନାରୁ ଉତ୍ପନ୍ନ ବନ୍ଧନମାନଙ୍କୁ ତତ୍ତ୍ୱଜ୍ଞାନର ଅଗ୍ନିରେ ଜଳାଇଦେବା ଛଡ଼ା ଅନ୍ୟ କିଛି ନୁହେଁ । ଏକଥା ଜାଣିଗଲା ପରେ ଦୁଃଖ ଆପେଆପେ ସୁଖରେ ରୂପାନ୍ତରିତ ହୋଇଯାଏ । ନିମ୍ନପ୍ରକୃତି ବି ଉଚ୍ଚତର ସତ୍ତାର ଲକ୍ଷ୍ୟକୁ ଭଲ ଭାବରେ ଦେଖିବାକୁ ଓ ବୁଝିବାକୁ ଲାଗେ ।

ଏହି ଖଣ୍ଡନାତ୍ମକ ପ୍ରକ୍ରିୟା ସହିତ ଗଠନାତ୍ମକ କ୍ରିୟା ମଧ୍ୟ ସମାନ୍ତରାଳ ଭାବେ ଚାଲେ । କାମନା-ବାସନା, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ପୃଥକତାବୋଧ ଇତ୍ୟାଦି ଭସ୍ମୀଭୂତ ହେବା ସହିତ ଆଧ୍ୟାତ୍ମିକ ଶକ୍ତି ଅଙ୍କୁରିତ ଓ ପରିବର୍ଦ୍ଧିତ ହୋଇଥାଏ । ନିମ୍ନପ୍ରକୃତି ବିନଷ୍ଟ ହେବା ସହିତ ଉଚ୍ଚପ୍ରକୃତିର ଶକ୍ତିମାନଙ୍କର ସ୍ରୋତ ହୋଇ ପଡ଼େ; ବ୍ୟକ୍ତିର ଆଧ୍ୟାତ୍ମିକ ଜୀବନ ପରିସ୍ଫୁଟ ହୋଇ କାର୍ଯ୍ୟ କରିବାରେ ଲାଗିଯାଏ । ସେ ଅନ୍ୟ ଜୀବାତ୍ମାଙ୍କ ସହିତ ଏକାତ୍ମତାବୋଧବଶତଃ ସେମାନଙ୍କ ସହିତ ନିଜର ସୁଖ ବାଣ୍ଟିବାରେ ଓ ସହାୟତା କରିବାରେ ଲାଗେ । ଏପରିକି କଠୋର ସାଧନାରୁ ଲବ୍ଧ ଦେବାଚନ ଓ ନିର୍ବାଣକୁ ବି ସଂସାରର କଲ୍ୟାଣ ପାଇଁ ଅକୁଣ୍ଠିତ ଭାବରେ ପ୍ରସନ୍ନଚିତ୍ତରେ ଉତ୍ସର୍ଗ କରିଦିଏ । ସେ ନିଜେ ମାନବଜାତିର ଅଭିନ୍ନ ଅଙ୍ଗ ବୋଲି ବୁଝିପାରିବାରୁ ତା'ର ବିକାଶ ପାଇଁ ସବୁକିଛି ତ୍ୟାଗ କରିବା ହିଁ ତା' ପାଇଁ ଚରମ ସୁଖ ଓ ଶ୍ରେଷ୍ଠ ପ୍ରାପ୍ତି ବୋଲି ମନେକରେ ।

କୌଣସି ମଣିଷ ପୂର୍ବକର୍ମର ଫଳସ୍ୱରୂପ ଦୁଃଖ ଭୋଗୁଥିଲେ ସାଧକ ଜ୍ଞାନର ସହାୟତା ଦେଇ ତା' ଭିତରେ ଦୁଃଖ ସହିବା ପାଇଁ ସାହସ ଓ ଶକ୍ତିର ସଞ୍ଚାର କରାଏ । କର୍ମଫଳକୁ ଭୋଗ କରି ସେହି କର୍ମର ବନ୍ଧନରୁ ମୁକ୍ତ ହେବାର ଆଶାରେ ଦୁଃଖକୁ ଖୁସିରେ ସହିଯିବାର ଦୃଢ଼ ମନୋବଳ ହିଁ ସାଧକ ପକ୍ଷରୁ ସେହି ମଣିଷ ଭାଇ ପାଇଁ ସର୍ବୋତ୍ତମ ଉପହାର ହୋଇଥାଏ । ଏ ଉପହାର କେବଳ ଆତ୍ମ-ପର ଭେଦ ଭାବନାରୁ ଊର୍ଦ୍ଧ୍ୱକୁ ଚାଲିଯାଇଥିବା ଆଧ୍ୟାତ୍ମିକଶକ୍ତିସମ୍ପନ୍ନ ସାଧକ ପକ୍ଷରେ ସମ୍ଭବ । ସେ ପ୍ରେମଭାବପୂର୍ଣ୍ଣ ଉଦାର ହୃଦୟ ନେଇ ନିଜେ ପ୍ରାପ୍ତ ହୋଇଥିବା ଆଲୋକ ଆଡ଼କୁ ମଣିଷଭାଇମାନେ ଅଗ୍ରସର ହେଉଥିବାର ଦେଖି ଆନନ୍ଦିତ ହୁଏ ।

ଅନେକ ସମୟରେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେଉଥିବା ସତ୍‌ସ୍ୱଭାବସମ୍ପନ୍ନ ପରୋପକାରୀ ମଣିଷମାନେ ଦୁଃଖ-କଷ୍ଟ ଭୋଗ କରୁଥିବାର ଦେଖି ଅନ୍ୟ ସାଧାରଣ

ମଣିଷମାନେ ସଂଶୟରେ ପଡ଼ିଥାନ୍ତି । ସତ୍‌ପଥରେ ଚାଲିବା ନିରର୍ଥକ ବୋଲି ମନେକରିଥା'ନ୍ତି । ମାତ୍ର ଏ ରହସ୍ୟ ପୂର୍ବପୂର୍ବ ଜନ୍ମମାନଙ୍କର କର୍ମରେ ନିହିତ ଥାଏ, ଯାହାର ଫଳ ଭୋଗ ନ କଲେ ତାହା କ୍ଷୟ ହେବ ନାହିଁ । ଆଧ୍ୟାତ୍ମିକ ସାଧନାର ମାର୍ଗରେ ପାଦ ଦେଇ ଶୀଘ୍ରଶୀଘ୍ର ଅଗ୍ରସର ହେବାକୁ ଚାହୁଁଥିବା ସାଧକ ତା'ର କର୍ମ ଶୀଘ୍ରଶୀଘ୍ର ଭୋଗ ହୋଇଯାଉ ବୋଲି ପ୍ରାର୍ଥନା କରିଥାଏ । ତେଣୁ ତାକୁ ଅଳ୍ପକାଳ ମଧ୍ୟରେ, ଗୋଟିଏ ଗୋଟିଏ ଜନ୍ମରେ ଅଜସ୍ର ଦୁଃଖ, ବିପଦ ଓ କ୍ଳେଶ ଭୋଗ କରିବାକୁ ପଡ଼ିଥାଏ । ତା'ର ନିମ୍ନପ୍ରକୃତି ଯନ୍ତ୍ରଣାରେ ଥରି ଉଠିଥାଏ । ଏସବୁ ସାଧକ ପାଇଁ ପରୀକ୍ଷା ବା ଆହ୍ୱାନ ବୋଲି ମଧ୍ୟ କୁହାଯାଇପାରେ । ତା'ର ଜୀବାତ୍ମା ଏସବୁର ସମ୍ମୁଖୀନ ହୁଏ, ସହିଯାଏ । ଦୁଃଖକ୍ଳେଶର ଅଗ୍ନିରେ ତା'ର ପୂର୍ବାର୍ଜିତ କର୍ମର ମଳ ଶୀଘ୍ରଶୀଘ୍ର ଜଳିଯିବ ଓ ଶୁଦ୍ଧ ସୁବର୍ଣ୍ଣ ହୋଇଯିବ, ଏହି ସମ୍ଭାବନାରେ ସେ ଧୀର, ଅବିଚଳ, ଶାନ୍ତ ଓ ପ୍ରସନ୍ନ ଥାଏ ।

ସାଧକ ସାଂସାରିକ ସୁଖସମ୍ପଦ ପ୍ରତି ନିଃସ୍ପୃହ ହୋଇପଡ଼ିଥାଏ । ତା'ର ସଂଭୋଗବର୍ଜିତ, ଅଧିକନ୍ତୁ କଠିନ, କ୍ଳେଶପୂର୍ଣ୍ଣ ଜୀବନ ସାଧାରଣ ଲୋକଙ୍କ ବିଚାରରେ ଦୁଃଖମୟ । ମାତ୍ର ପ୍ରକୃତରେ ସାଧକ କ୍ଷଣିକ ଓ ଅଳୀକ ସୁଖ ପରିବର୍ତ୍ତେ ଶାଶ୍ୱତ ପରମାନନ୍ଦର ପ୍ରାପ୍ତି ଦିଗରେ ଅଗ୍ରସର ହେଉଥାଏ । ଏହି ମାର୍ଗରେ ସେ ଯେତେ ଆଗକୁ ବଢ଼େ, ତା'ର ଆନନ୍ଦ ମଧ୍ୟ ସେତିକି ବୃଦ୍ଧି ପାଇଥାଏ ।

ବସ୍ତୁତଃ ଅଜ୍ଞାନ ହିଁ ଦୁଃଖର ମୂଳ । ସମ୍ବେଦନଶୀଳ, ଦୟାର୍ଦ୍ରହୃଦୟ ସାଧକ ତା'ର ମଣିଷଭାଇମାନଙ୍କୁ ଦୁଃଖର ପଙ୍କକୁ ସୁଖ ମନେକରି ସେଥିରେ ବୁଡ଼ି ରହିଥିବାର ଦେଖେ; ଜନ୍ମ-ମୃତ୍ୟୁର ଚକ୍ରରେ ବାରମ୍ବାର ଘାଣ୍ଟି ହେଉଥିବାର ଲକ୍ଷ୍ୟ କରେ । ସେମାନଙ୍କ ପ୍ରତି ସଦୟ ଭାବ ନେଇ ସେମାନଙ୍କ ଦୁଃଖର ଅନ୍ତ ଘଟାଇବା ପାଇଁ ସାଧକ ସେହି ଦୁଃଖର କାରଣ ଓ ତାକୁ ଦୂର କରିବାର ଉପାୟ ଖୋଜିବାକୁ ସଂକଳ୍ପବଦ୍ଧ ହୁଏ । ପୂର୍ଣ୍ଣବିକଶିତ ମାନବ ରୂପେ ବିବେଚିତ ବୁଦ୍ଧଙ୍କ ଜୀବନ ଓ ସାଧନା ଏହାର ସାକ୍ଷ୍ୟ ଦିଏ । ବୋଧି ଲାଭ କରି ସେ କେବଳ ନିଜେ ମୁକ୍ତି ବା ନିର୍ବାଣର ଅଧିକାର ପାଇ ନ ଥିଲେ; ସମଗ୍ର ମାନବଜାତିକୁ ନିର୍ବାଣର ମହାସୁଖ ଆସ୍ୱାଦନ କରାଇବାର ମାର୍ଗ ଦେଖାଇଥିଲେ । ସେ ମାନବଜାତିକୁ ବୁଝାଇଦେଲେ

ଯେ ନିଜ ଭିତରେ ଥିବା କାମନା-ବାସନା ହିଁ ଦୁଃଖର କାରଣ । ବାହାରେ ଦୁଃଖର ମୂଳ ଦେଖିବା କେବଳ ଭ୍ରାନ୍ତି । ନିଜ ଭିତରର ଦୁଃଖକୁ ସୁଖରେ ପରିଣତ କରିଦେବା ହିଁ ଆଧ୍ୟାତ୍ମିକ ରୂପାନ୍ତରଣ ।

**୫.** ଆଧ୍ୟାତ୍ମିକ ରୂପାନ୍ତରଣ ମଣିଷକୁ ମନ୍ଦିରର ସୁବର୍ଣ୍ଣ-ଦ୍ୱାର ସମ୍ମୁଖରେ ପହଞ୍ଚାଇଦିଏ, ଯାହାକୁ ଅତିକ୍ରମ କରି ଭିତରେ ପ୍ରବେଶ କଲା ପରେ ଆଉ ଫେରିବାକୁ ହୁଏ ନାହିଁ। ତେଣିକି ସେ ସେବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିବା, ମାନବଜାତିର ଉଦ୍ଧାର ପାଇଁ କାର୍ଯ୍ୟ କରୁଥିବା ଅଳ୍ପସଂଖ୍ୟକ ସିଦ୍ଧସାଧକଙ୍କ ଗୋଷ୍ଠୀରେ ସାମିଲ ହୋଇଯାଏ ।

ବେଢ଼ା ମଧ୍ୟରେ ପ୍ରବେଶ କରିଥିବା ବ୍ୟକ୍ତିମାନଙ୍କର ମାନସିକ ତଥା ନୈତିକ ବିଶେଷତ୍ୱ, ଆଧ୍ୟାତ୍ମିକ ଉନ୍ନତିର ସ୍ତର ଓ ଯୋଗ୍ୟତା ଭିନ୍ନଭିନ୍ନ ହୋଇଥିଲେ ହେଁ ଗୋଟିଏ ବିଶେଷତ୍ୱ ସମସ୍ତଙ୍କ ଭିତରେ ଥାଏ । ତାହା ହେଲା ଅଦମ୍ୟ ଉତ୍ସାହ । ଆଳସ୍ୟ ଓ ଅସାବଧାନତାକୁ ପୂର୍ଣ୍ଣତଃ ପରିହାର କରିଥିବା ଉତ୍ସାହୀ ସାଧକର ପ୍ରଭାମଣ୍ଡଳରେ ତାହା ପ୍ରକାଶ ପାଇଥାଏ ।

ପ୍ରାରମ୍ଭିକ ଅବସ୍ଥାରେ ଜୀବାତ୍ମାର ସ୍ୱରୂପ କୁହୁଡ଼ି ପରି ଅସ୍ପଷ୍ଟ ଓ ପରିବର୍ତ୍ତନଶୀଳ ହୋଇଥାଏ । ତା'ର ପ୍ରଭାମଣ୍ଡଳ ମଧ୍ୟ ଅସ୍ପଷ୍ଟ ଥାଏ । ଜୀବାତ୍ମା ଯେତେଯେତେ ବିକଶିତ ହେଉଥାଏ, ବ୍ୟକ୍ତିତ୍ୱ ଓ ଗୁଣର ବିକାଶ ସଙ୍ଗେସଙ୍ଗେ ତା'ର ସ୍ୱରୂପ ଓ ପ୍ରଭାମଣ୍ଡଳ ମଧ୍ୟ ଅଧିକରୁ ଅଧିକ ସ୍ପଷ୍ଟ ଓ ବିସ୍ତୃତ ହେବାରେ ଲାଗିଥାଏ । ବିପୁଳ ଉତ୍ସାହ ଓ ଦୃଢ଼ ମନୋବଳ ସହିତ କଠୋର ସାଧନା କରି ବେଢ଼ା ଭିତରେ ପ୍ରବେଶ କରିପାରିଥିବା ମଣିଷମାନଙ୍କର ବିକଶିତ ପ୍ରଭାମଣ୍ଡଳ ସେମାନଙ୍କର ଆନ୍ତରିକ ଦୃଢ଼ତାର ପରିଚୟ ଦେଇଥାଏ । ଏହା ଆତ୍ମାକୁ ବିକଶିତ କରାଇବା ପାଇଁ କରାଯାଇଥିବା ସାଧନାର ଫଳ । ମନ୍ଦିରର ବାହାର ପ୍ରାଙ୍ଗଣ ମଧ୍ୟରେ ବିତୁଥିବା ସମୟ ବା ଜୀବନକାଳରେ ଯେଉଁ ଦୁଃଖ-କ୍ଲେଶମାନ ପରୀକ୍ଷା ସ୍ୱରୂପ ଆସିଥାଏ, ସେସବୁ ତା'ର ସାହସ, ଶକ୍ତି, ଉତ୍ସାହ ଓ ଗୁଣମାନଙ୍କୁ ଅଧିକ ବିକଶିତ ଓ ସୁଦୃଢ଼ କରିଦିଏ ।

ଭ୍ରାତୃତ୍ୱର ପ୍ରତ୍ୟେକ କକ୍ଷରେ ପ୍ରବେଶ କରିବା ପୂର୍ବରୁ ସାଧକକୁ କକ୍ଷ ବାହାରେ ଚାରିଟି ନିୟମ ଲେଖିବାକୁ ହୁଏ ବୋଲି ଆନି ବେସାନ୍ତ୍ କହିଛନ୍ତି । ଏହାର ତାତ୍ପର୍ଯ୍ୟ ଚାରିଗୋଟି ସଂକଳ୍ପ ନେବା । ଏହି ସଂକଳ୍ପ ବିଷୟରେ 'Light on the Path'

ର ଆରମ୍ଭରେ ହିଁ ଉଲ୍ଲେଖ କରାଯାଇଛି ଓ ପ୍ରତ୍ୟେକ ଶିଷ୍ୟଙ୍କୁ ସେଥିପ୍ରତି ସଚେତନ ହେବାର ନିର୍ଦ୍ଦେଶ ଦିଆଯାଇଛି । ସେଗୁଡ଼ିକ ହେଲା–

(୧) ଦେଖିବାରେ ସକ୍ଷମ ହେବା ପୂର୍ବରୁ ଚକ୍ଷୁକୁ ଲୋତକଶୂନ୍ୟ କରିବାକୁ ହେବ ।

(୨) ଶୁଣିବାରେ ସକ୍ଷମ ହେବା ପୂର୍ବରୁ କର୍ଣ୍ଣକୁ ଭାବପ୍ରବଣତାଶୂନ୍ୟ କରିବାକୁ ହେବ ।

(୩) ଗୁରୁଦେବଙ୍କ ସମକ୍ଷରେ କହିବାକୁ ସକ୍ଷମ ହେବା ପୂର୍ବରୁ ବଚନକୁ କଟୁତାରହିତ କରିବାକୁ ହେବ ।

(୪) ଜୀବାତ୍ମା ଗୁରୁଦେବଙ୍କ ନିକଟରେ ଠିଆ ହେବା ପୂର୍ବରୁ ତା'ର ପାଦକୁ ହୃଦୟର ରକ୍ତରେ ଧୋଇବାକୁ ହେବ ।

ଏହି ଚାରି ସଂକଳ୍ପ ଗୂଢ଼ ଅର୍ଥବ୍ୟଞ୍ଜକ । ଆତ୍ମାର ଗବାକ୍ଷସ୍ୱରୂପ ଚକ୍ଷୁ ସୁଖ କିମ୍ବା ଦୁଃଖରେ ହୃଦୟର ଉଚ୍ଛ୍ୱାସ ହେତୁ ବାହାରି ଆସୁଥିବା ଅଶ୍ରୁରେ ଭିଜିଗଲେ ଦୃଷ୍ଟି କୁହେଳିକାଚ୍ଛନ୍ନ ଓ ଅସ୍ୱଷ୍ଟ ହୋଇଯାଏ । ନେତ୍ରକୁ ଅଶ୍ରୁଶୂନ୍ୟ କରିବାର ଅର୍ଥ ହୃଦୟକୁ ଭାବୋଚ୍ଛ୍ୱାସର ପ୍ରଭାବରୁ ମୁକ୍ତ କରିବା, ସୁଖରେ ଉତ୍‌ଫୁଲ୍ଲ ଓ ଦୁଃଖରେ ବିଚଳିତ ନ ହେବା, ଅର୍ଥାତ୍ ସ୍ଥିତପ୍ରଜ୍ଞ ହେବା । ଦୃଷ୍ଟି କୁହେଳିମୁକ୍ତ, ସ୍ୱଷ୍ଟ ନ ହେଲେ ସତ୍ୟର ଦର୍ଶନ ସମ୍ଭବ ହେବ ନାହିଁ । 'The Voice of the Silence' ରେ ଏହି ମର୍ମରେ କୁହାଯାଇଛି– "Before the soul can see, the harmony within must be attained, the fleshly eyes be rendered blind to all illusions."

କର୍ଣ୍ଣକୁ ଭାବୁକତାବିହୀନ କରିବାର ଅର୍ଥ ଦୁଃଖୀ ବା ପୀଡ଼ିତର ଆକୁଳ କ୍ରନ୍ଦନ ବା ଆର୍ତ୍ତନାଦ ପ୍ରତି, ବଧିର, ସମ୍ବେଦନାହୀନ ହୋଇଯିବା ନୁହେଁ । ତାହା ତ ସେବା ମନୋଭାବର ବିରୁଦ୍ଧାଚରଣ ହେବ । ଏହାର ତାତ୍ପର୍ଯ୍ୟ ସ୍ଥୂଳଜଗତର କୋଳାହଳମୟତା ପ୍ରତି ନିଃସ୍ପୃହ ହେବା । ଅଯଥା ଶବ୍ଦସବୁ ପ୍ରତି ଆକର୍ଷଣ ହରାଇ, ନିଜ ଅଭ୍ୟନ୍ତରର ଦ୍ୱାରକୁ ସେଥିପ୍ରତି ରୁଦ୍ଧକରି ଶୂନ୍ୟରେ ନିନାଦିତ ନିଃଶବ୍ଦ ଧ୍ୱନିକୁ ଅନ୍ତରରେ ଅନୁଭବ କରିବା । 'The Voice of the Silence' ରେ ମଧ୍ୟ

କୁହାଯାଇଛି– "Before the soul can hear, the image (man) has to become as deaf to roarings as to whispers, to cries of bellowing elephants as to the silvery buzzing of the golden firefly." କାରଣ ବାହ୍ୟ ଧ୍ୱନିମାନଙ୍କରେ ଅଭ୍ୟସ୍ତ କାନ ଗୁରୁଦେବଙ୍କ ମୁଖରୁ ଅବିରାମ ନିଃସୃତ ହେଉଥିବା ସୂକ୍ଷ୍ମ କୋମଳ ବାଣୀକୁ ଶୁଣିବାରେ ସକ୍ଷମ ହୁଏ ନାହିଁ । ଅନାହତ ନାଦକୁ ଅନ୍ତଃକରଣରେ ଅନୁଭବ କରିବା ପୂର୍ବରୁ ଧ୍ୱନିଶୂନ୍ୟ (ଅନୁଭୂତିଶୂନ୍ୟ) ଅବସ୍ଥା ମଧ୍ୟ ଦେଇ ଗତି କରିବାକୁ ହୋଇଥାଏ ।

ବାଣୀକୁ କଟୁତାବିହୀନ କରିବାର ଅର୍ଥ ଜୀବମାତ୍ରେ ସମସ୍ତଙ୍କ ପ୍ରତି ଦ୍ୱେଷଶୂନ୍ୟ ହେବା; କାହାକୁ ବି ଆଘାତ ନ ଦେବା, କାହାରି କ୍ଷତି ନ କରିବା । ଗୁରୁଦେବଙ୍କ ନିକଟରେ ଜ୍ଞାନର ଦୀକ୍ଷା ପାଇଁ ପ୍ରାର୍ଥନା କରିବା ପୂର୍ବରୁ ସାଧକ ସମସ୍ତଙ୍କର ସେବା ଓ କଲ୍ୟାଣସାଧନର ବ୍ରତରେ ନିଷ୍ଠାପର ଓ ସମର୍ଥ ହୋଇଥିବା ଆବଶ୍ୟକ । ସାଧକର ଜିଜ୍ଞାସୁ ଆତ୍ମାର ପ୍ରାର୍ଥନା ଗୁରୁଦେବଙ୍କଠାରେ ପହଞ୍ଚିଲା ପରେ ଯେଉଁ କଲ୍ୟାମଣମୟ ବାଣୀ ଉତ୍ତର ରୂପେ ପ୍ରତିଧ୍ୱନିତ ହୁଏ, ତାହା ସାଧକ ମାଧ୍ୟମରେ ସାରା ସଂସାରରେ ବ୍ୟାପିଯାଏ । ଅର୍ଥାତ୍ ସେ ଯେଉଁ ଜ୍ଞାନ ଗୁରୁଦେବଙ୍କଠାରୁ ପ୍ରାପ୍ତ ହୁଏ, ତାକୁ ତା'ଠାରୁ ନିମ୍ନସ୍ତରରେ ଥିବା ମଣିଷମାନଙ୍କ ଭିତରେ ପହଞ୍ଚାଇବାର ସଂକଳ୍ପ କରିଥାଏ । ଏଠାରେ ବଚନର ଅର୍ଥ ମୌଖିକ ବଚନ ନୁହେଁ; ଆତ୍ମାର ବାଣୀ ଆତ୍ମା ନିକଟରେ ପହଞ୍ଚାଇବାର ଶକ୍ତି, ଯାହା ଉଚ୍ଚତର ସ୍ତର ସହିତ ନିମ୍ନତର ସ୍ତରକୁ ଯୋଡ଼ିବାର, ଉଚ୍ଚସ୍ତରରୁ ପ୍ରାପ୍ତ ଜ୍ଞାନର ସଂପଦକୁ ନିମ୍ନବର୍ତ୍ତୀ ସଂସାରରେ ବିତରଣ କରିବାର ସାମର୍ଥ୍ୟକୁ ବୁଝାଏ ।

ପୁଣି 'ହୃଦୟର ରକ୍ତରେ ପାଦକୁ ଧୋଇବା'ର କଥା କୁହାଯାଇଛି । ହୃଦୟର ରକ୍ତ ଜୀବନର ପ୍ରତୀକ । ସମସ୍ତ ସାଂସାରିକ କାମନା-ବାସନା ସହିତ ଜୀବନର ମୋହ ବା ଜୀବନ ପାଇଁ କାମନାକୁ ମଧ୍ୟ ପରିତ୍ୟାଗ କଲେ, ତ୍ୟାଗ ଓ ସେବାର ବିମୂର୍ତ୍ତବିଗ୍ରହ ଗୁରୁଦେବଙ୍କ ସମ୍ମୁଖରେ ଛିଡ଼ା ହୋଇପାରିବାର ଯୋଗ୍ୟତା ଆସେ । ତେଣିକି ସାଧକ ନିଜର କୌଣସି କାମନାର ପୂର୍ତ୍ତି ବା ସୁଖପ୍ରାପ୍ତି ପାଇଁ ଜୀବନ ପାଇବାକୁ ବା ଜନ୍ମ ନେବାକୁ ଚାହେଁ ନାହିଁ । ବରଂ ମାନବଜାତିର ସେବା, ମାନବତାର କଲ୍ୟାଣ ସାଧନ ପାଇଁ ଆବଶ୍ୟକ ହେଲେ ଜନ୍ମ ନେଇ ପାରେ । ଏହି

ଜ୍ଞାନର ଦିଗ୍‌ଦର୍ଶନରେ ଅଗ୍ରସର ହୋଇ ସାଧକ ମନ୍ଦିର ମଧ୍ୟରେ ପ୍ରବେଶ କଲାପରେ ଏ ଜ୍ଞାନର ବାସ୍ତବ ପ୍ରୟୋଗ କରିଥାଏ ।

ମନ୍ଦିରର ଦ୍ୱାର ପାର ହେବାକୁ ଉଦ୍ୟତ ସାଧକଙ୍କର ଚରିତ୍ର ଦୃଢ଼ ଓ ସଂଯତ ହୋଇଯାଇଥାଏ । ଜୀବନ ସାତ୍ତ୍ୱିକ ହୋଇଯାଇଥାଏ, ଲକ୍ଷ୍ୟ ବି ନିଶ୍ଚିତ ହୋଇଥାଏ । ମାତ୍ର ଲକ୍ଷ୍ୟ ପୂର୍ଣ୍ଣତଃ ପ୍ରାପ୍ତ ହୋଇ ନ ଥାଏ । ମନ୍ଦିର ଭିତରେ ଚାରିଟି ସୋପାନ; ତଥାପି ଚଢ଼ିବାକୁ ବାକି ଥାଏ ।

ମନ୍ଦିର ଦ୍ୱାରର ଚୌକାଠ ଉପରେ ପ୍ରଥମ ମହାଦୀକ୍ଷା ପ୍ରାପ୍ତ ହେବାପରେ ସାଧକ ମନ୍ଦିର ମଧ୍ୟରେ ଅର୍ଥାତ୍ ଆଧ୍ୟାତ୍ମିକ ପ୍ରବାହରେ ପ୍ରବେଶ କରେ । ଏ ଅବସ୍ଥା ପ୍ରାପ୍ତ ହୋଇଥିବା ସାଧକଙ୍କୁ ବୌଦ୍ଧଧର୍ମରେ 'ସୋତାପତ୍ତି' ବୋଲି କୁହାଯାଏ । ସ୍ରୋତରେ ପ୍ରବେଶ କଲେ ବ୍ୟକ୍ତି ସ୍ରୋତର ଅନୁକୂଳରେ ଭାସି ଚାଲେ, ଆଉ ପଛକୁ ଫେରେ ନାହିଁ । ତେଣିକି ସେ ସଂସାରରେ ଜନ୍ମ ନେଇ ସେବା ଓ କଲ୍ୟାଣର କାର୍ଯ୍ୟ କରୁଥିଲେ ହେଁ ସବୁବେଳେ ମନ୍ଦିର ମଧ୍ୟରେ ରହିଥାଏ । ସୋତାପତ୍ତି ହୋଇଥିବା ସାଧକଙ୍କୁ ଆଉ ସାତଟି ଜନ୍ମ ନେବାକୁ ପଡ଼ିଥାଏ । ତେବେ ସାଧକଙ୍କର ବ୍ୟକ୍ତିଗତ ପ୍ରଯତ୍ନରେ ଆଧିକ୍ୟ ଅଥବା ଶିଥିଳତା ତାକୁ କମ୍ ବା ବେଶି କରିପାରେ । ଏହି ଅବସ୍ଥାରେ ବେଢ଼ା ଭିତରେ ଥିବା ସମୟର ଅପୂର୍ଣ୍ଣତାକୁ ଦୂର କରି ସଦାସଚେତନ ଭାବରେ ନିଜ ଭିତରେ ସୁପ୍ତ ଅବସ୍ଥାରେ ଥିବା ଦୈବୀଚେତନାକୁ ପୂର୍ଣ୍ଣତଃ ଅଭିବ୍ୟକ୍ତ କରିବାକୁ ପଡ଼ିଥାଏ ।

ଦ୍ୱିତୀୟ ମହାଦୀକ୍ଷା ପ୍ରାପ୍ତ ସାଧକଙ୍କୁ 'ସକଦାଗାମିନ୍' କୁହାଯାଏ । ତାଙ୍କପାଇଁ ଆଉ ଗୋଟିଏ ମାତ୍ର ଜନ୍ମ ନେବାକୁ ବାକି ଥାଏ । ତେବେ କାମନା ଓ କର୍ମର ବନ୍ଧନ ଛିଣ୍ଡାଇ ସ୍ୱତନ୍ତ୍ର ହୋଇପାରିଥିବା ଜୀବାତ୍ମା ସେବାକାର୍ଯ୍ୟ ପାଇଁ ସ୍ୱେଚ୍ଛାରେ ଏକାଧିକ ଜନ୍ମ ନେଇପାରେ ।

ତୃତୀୟ ଦୀକ୍ଷା ନେଇ 'ଅନଗାମିନ୍' ହେଲା ପରେ ଆଉ ଜନ୍ମ ନେବାର ଆବଶ୍ୟକତା ନ ଥାଏ । ସେହି ଜନ୍ମରେ ସେ ଚତୁର୍ଥ ମହାଦୀକ୍ଷା ପ୍ରାପ୍ତ ହୋଇ 'ଅର୍ହତ' ହୋଇପାରେ, ନିର୍ବାଣ ପଦ ପ୍ରାପ୍ତ ହୋଇପାରେ । ତା'ର ଆଉ ସଂସାରକୁ ଫେରିବା ଆବଶ୍ୟକ ନ ଥାଏ ।

ଏଠାରେ କହିରଖିବା ଆବଶ୍ୟକ ଯେ ଆତ୍ମଶୋଧନ, ଚରିତ୍ରନିର୍ମାଣ ଇତ୍ୟାଦି କ୍ରିୟା ଯେ ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ପୂର୍ଣ୍ଣାଙ୍ଗ ହୋଇଯାଇଥାଏ, ତାହା ନୁହେଁ ବେଢ଼ାର ପରିସର ଅତିକ୍ରମ କରି ମନ୍ଦିର ମଧ୍ୟରେ ପ୍ରବେଶ କଲା ପରେ ମଧ୍ୟ ପୂର୍ଣ୍ଣତାପ୍ରାପ୍ତ ହେବାପାଇଁ ଆହୁରି ଦଶଟି ଦୁର୍ବଳତା ଦୂର କରିବାକୁ, ଦଶଟି ଶୃଙ୍ଖଳ ଛିନ୍ନ କରିବାକୁ ବାକି ଥାଏ । ଯେପରିକି ସୂକ୍ଷ୍ମ ଶରୀରରେ ପ୍ରଥମ ମହାଦୀକ୍ଷା ଗ୍ରହଣ ପରେ, ଆଧ୍ୟାତ୍ମିକ ସାଧନାର ପ୍ରକୃତ ମାର୍ଗରେ ବା ପବିତ୍ର ସ୍ରୋତରେ ପ୍ରବେଶ କରି 'ସୋତାପତ୍ତି' ହେଲା ପରେ ନିଜର ପୃଥକ୍ ସତ୍ତା ବିଷୟକ ଭ୍ରାନ୍ତି, ସଂଶୟ ବା ଅନିଶ୍ଚୟତା, କୁସଂସ୍କାର ବା ଭ୍ରାନ୍ତ ପାରମ୍ପରିକ ବିଶ୍ୱାସ ଆଦି ତିନୋଟି ଶୃଙ୍ଖଳକୁ; ନିମ୍ନମାନସ ସ୍ତରରେ ଦ୍ୱିତୀୟ ମହାଦୀକ୍ଷା ପରେ 'ସକଦାଗାମିନ୍' ଅବସ୍ଥାରେ ଗର୍ବ, ଅହଂକାର, ସ୍ୱାର୍ଥପରତା, ଭ୍ରମାତ୍ମକ ଧାରଣା ଇତ୍ୟାଦିକୁ; ତୃତୀୟ ମହାଦୀକ୍ଷା ଗ୍ରହଣ କରି ଉଚ୍ଚମାନସ ସ୍ତରରେ କାର୍ଯ୍ୟ କରିବାକୁ ଉପଯୁକ୍ତ ହେଲା ପରେ (ଅନଗାମିନ୍ ଅବସ୍ଥାରେ) 'କାମରାଗ' ବା ସାଂସାରିକ ରାଗ-ଦ୍ୱେଷ ଓ 'ପତିଘ' ବା ମନରେ ଥିବା କ୍ରୋଧ-ଘୃଣା ଆଦି ଦୁଇଟି ଶୃଙ୍ଖଳକୁ; ଚତୁର୍ଥ ମହାଦୀକ୍ଷା ଲାଭକରି 'ଅରହତ' ବା 'ପରମହଂସ' ହେଲା ପରେ ମଧ୍ୟ 'ରୂପରାଗ' (ସୁନ୍ଦର ରୂପ ପାଇଁ କାମନା), 'ଅରୂପରାଗ' (ରୂପ ବା ଆକୃତି ବିହୀନ ଜୀବନ ପାଇଁ କାମନା), 'ମାନ' (ବା ଗର୍ବ), 'ଉଦଚ୍ଛା' (ଉଦ୍‌ବେଗ, କ୍ରୋଧ, ବିଚଳିତ ଭାବ) ଓ 'ଅଭିଜ୍ଜା' (ଅବିଦ୍ୟା ବା ଅଜ୍ଞାନ) ଆଦି ପାଞ୍ଚଟି ଶୃଙ୍ଖଳକୁ ଛିନ୍ନ କରିବାକୁ ପଡ଼ିଥାଏ ।

ମନ୍ଦିରରେ ପ୍ରବେଶ କରିବା ପରେ ସାଧକଙ୍କ ଜୀବନ ବଦଳି ଯାଇଥାଏ, ନୂତନ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଇଥାଏ । ଅନ୍ୟ ମଣିଷଙ୍କ ଗହଣରେ ରହି ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ, ତାଙ୍କର ଦୃଷ୍ଟିକୋଣ, ଜ୍ଞାନ ଓ ଶକ୍ତି ସବୁକିଛି ସେମାନଙ୍କଠାରୁ ଭିନ୍ନ ହୋଇଥାଏ । ସାଧକଙ୍କ ଭିତରେ କୌଣସି ଦୁର୍ବଳତା ଅବଶିଷ୍ଟ ଥିଲେ ସେ ସେହି ଶକ୍ତିର ଦୁରୁପଯୋଗ କରି ଭୟାନକ ଅହିତକର ଶକ୍ତିରେ ପରିଣତ ହେବାର ସମ୍ଭବନା ଥାଏ । ସେଥିପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ସାଧକଙ୍କୁ ଅନେକ କଠିନ ସର୍ତ୍ତ ପୂରଣ କରିବାକୁ ପଡ଼ିଥାଏ । ସମସ୍ତ ଦୁର୍ଗୁଣ, ଦୁଷ୍ପ୍ରବୃତ୍ତି, ସ୍ୱାର୍ଥଚିନ୍ତା ଆଦିକୁ ସଂପୂର୍ଣ୍ଣ ପରିତ୍ୟାଗ କରିବା ଓ ସଦ୍‌ଗୁଣଆଧାରିତ ଚରିତ୍ର ନିର୍ମାଣ କରିବାର ଆବଶ୍ୟକତା ଥାଏ । ନିଜର ଅତୀତ କାଳର ଅବସ୍ଥାକୁ ସ୍ମରଣ କରି ପଛରେ

ପଡ଼ିଥିବା ଅପରିପକ୍ୱ ବା ନିମ୍ନସ୍ତରର ମଣିଷଭାଇମାନଙ୍କ ପ୍ରତି ସହାନୁଭୂତି ପୋଷଣ କରିବାର ଆବଶ୍ୟକତା ଥାଏ । ମନ୍ଦିର ଭିତରେ କେବଳ ମାନବଜାତିର ସେବକ ଓ ଉଦ୍ଧାରକର୍ତ୍ତାମାନଙ୍କର ସ୍ଥାନ ଥାଏ ।

ଅର୍ହତ ସ୍ତରର ସାଧକ ଜ୍ଞାନସିଦ୍ଧ ହୋଇଥା'ନ୍ତି ଓ ଇଚ୍ଛା ମାତ୍ରେ ସୌରମଣ୍ଡଳ ଭିତରେ ଘଟୁଥିବା ଯେକୌଣସି ବିଷୟରେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ କରିପାରନ୍ତି । ଦୁଃଖର କାରଣ ଓ ତାକୁ ଦୂର କରିବାର ଉପାୟ ସଂପର୍କରେ ସେ ଜାଣିଥା'ନ୍ତି । ଏହି ଜ୍ଞାନ ହିଁ ସାଧକର ଚରମ ଧ୍ୟେୟ । ଏହି ଜ୍ଞାନ ପ୍ରାପ୍ତ ହେବା ପରେ ମାର୍ଗର ସବୁ କ୍ଲେଶ ସହଜ ବୋଧହୁଏ; ନିରାଶା ଦୂର ହୋଇଯାଏ, ସଂସାର ପ୍ରତି ତାଙ୍କର ଦୃଷ୍ଟିକୋଣ ବଦଳିଯାଏ; ତେଣୁ ତାଙ୍କପାଇଁ ସଂସାର ମଧ୍ୟ ବଦଳିଯାଏ ।

ମହାଦୀକ୍ଷା ଲାଭର ଅନ୍ୟ ଏକ ବିଶେଷତ୍ୱ ହେଉଛି ଅବିନଶ୍ୱର (ଯାହା କେବେ ନଷ୍ଟ ହୁଏନାହିଁ) ଚେତନାର ନିରନ୍ତର ପ୍ରବାହ, ଯାହା ଜନ୍ମ-ମୃତ୍ୟୁଦ୍ୱାରା ପ୍ରଭାବିତ ହୁଏ ନାହିଁ । ଚେତନାର ସ୍ଥିରତା, ଜୀବନର ଅନନ୍ତ ପ୍ରବାହ ଓ ଆତ୍ମାର ଅମରତ୍ୱର ଧାରଣା ସ୍ୱଷ୍ଟ ହୋଇଯିବାରୁ ସାଧକ ବିଚ୍ଛେଦ ଓ ମୃତ୍ୟୁର ମହାଦୁଃଖକୁ ଜୟ କରିବାରେ ସମର୍ଥ ହୁଏ । ଏହି ଅନତିକ୍ରମ୍ୟ ଦୁଃଖ ତ ସାର୍ବଜନୀନ ଓ ସାଧାରଣ । ତେବେ ସାଧକ ଉପରେ ଏ ମହାଦୁଃଖର କ୍ଷଣିକ ପ୍ରଭାବ ଅନୁଭୂତ ହେଉଥିଲେ ହେଁ ତାହା ତା'ର ଜୀବନ ଓ ଚିନ୍ତନକୁ ପ୍ରଭାବିତ କରିପାରେ ନାହିଁ, କି ତାକୁ ମାର୍ଗଭ୍ରଷ୍ଟ କରିପାରେ ନାହିଁ । ତା'ର ମିତ୍ରତା ଓ ସୌହାର୍ଦ୍ଦ୍ୟର ଭାବନାରୁ କେହି ଦୂରବର୍ତ୍ତୀ ହୁଅନ୍ତି ନାହିଁ, କାରଣ ଆତ୍ମାର ସର୍ବବ୍ୟାପିତା ଓ ସର୍ବଶକ୍ତିସମ୍ପନ୍ନତା ଭିତରେ ସ୍ଥାନ ଓ କାଳର ଦୂରତା ବିଲୀନ ହୋଇଯାଏ ।

ତେଣିକି ଆଉ ପଛକୁ ଫେରିବା ବା ତଳକୁ ଖସିବାର ଭୟ ନ ଥାଏ । ସଂସାରକୁ ଆସିଲେ ବି ସେ ଆଉ ଅଜ୍ଞାନ ବା ଅଚେତନ ଅବସ୍ଥାରେ ଆସନ୍ତି ନାହିଁ କି ଜୀବନର ଲକ୍ଷ୍ୟ ଅନ୍ୱେଷଣରେ ତାଙ୍କର ଆଉ ସମୟ ନଷ୍ଟ ହୁଏ ନାହିଁ । ସଂପୂର୍ଣ୍ଣ ନିଷ୍କାମଭାବ ନେଇ କେବଳ ବିକାଶ ଉଦ୍ଦେଶ୍ୟରେ ହିଁ ସଂସାରକୁ ଆସନ୍ତି । ବିକାଶ ତ୍ୱରାନ୍ୱିତ ନ ହୋଇ ମନ୍ଥର ହେଲେ ନିଶ୍ଚୟ ନିଜର ପ୍ରଯତ୍ନରେ କେଉଁଠି ଶିଥିଳତା ଅଥବା ଭ୍ରାନ୍ତି ରହିଯାଉଛି ବୋଲି ବୁଝିପାରନ୍ତି ।

ତାଙ୍କୁ ଗୁରୁଦେବଙ୍କ ଦର୍ଶନ ମିଳିଯାଇଥାଏ । ଅର୍ହତତ୍ୱ ପ୍ରାପ୍ତ ହୋଇଥିବା ମହାନ୍ ଆତ୍ମାମାନେ ତାଙ୍କ ସମୀପରେ ହିଁ ଥା'ନ୍ତି । ଏହିପରି ମହାନ୍ ସାହଚର୍ଯ୍ୟ ସାଧକର ଜୀବନକୁ ରୂପାନ୍ତରିତ କରିଦିଏ । ଏ ସାହାଚର୍ଯ୍ୟରେ ସନ୍ଦେହ କି ପ୍ରବଞ୍ଚନାର ସ୍ଥାନ ନ ଥାଏ, ଅନ୍ଧକାରମୟ ଭୌତିକ ସଂସାରର ଊର୍ଦ୍ଧ୍ୱରେ ଉପଲବ୍ଧ ଏ ସାହଚର୍ଯ୍ୟର ଧାରା କେବେ ରୁଦ୍ଧ କି ଛିନ୍ନ ହୁଏ ନାହିଁ କି ସଂସାରର କଦର୍ଯ୍ୟ ପରିସ୍ଥିତିମାନ ତାଙ୍କ ଆତ୍ମାକୁ ବ୍ୟସ୍ତ-ବିଚଳିତ କରି ପାରନ୍ତି ନାହିଁ । ଏହି ପରିବର୍ତ୍ତିତ ପରିସ୍ଥିତିରେ ପୂର୍ବରୁ କଠିନ ମନେ ହେଉଥିବା କାର୍ଯ୍ୟକୁ ସମ୍ପନ୍ନ କରିବା ସହଜ ହୋଇଯାଏ । ଆତ୍ମାର ଶକ୍ତିସମୂହର ବିକାଶ ହୋଇଯାଇଥାଏ । ଅଜ୍ଞାନର ଅନ୍ଧକାର ଦୂର ହୋଇ ଫିଟି ପଡ଼ିଥିବା ଉଜ୍ଜ୍ୱଳ ଆଲୋକରେ ସେହି ଶକ୍ତି ବଳରେ କାର୍ଯ୍ୟ ସହଜରେ ଓ ଶୀଘ୍ର ସଂପାଦିତ ହୋଇପାରେ ।

ଅନ୍ତିମ ସୋପାନକୁ ଉଠିବା ବେଳକୁ ସାଧକର ସମସ୍ତ ଦୁର୍ବଳତା ଗୋଟିଗୋଟି ହୋଇ ଦୂର ହୋଇଯାଇଥାଏ । ଆତ୍ମା ଶାନ୍ତ, ପବିତ୍ର ଓ ତେଜସ୍ୱୀ ହୋଇଯାଇଥାଏ । ନିମ୍ନପ୍ରକୃତିର ଅଜ୍ଞାନ ଦୂର ହୋଇଯିବାରୁ ଅଜ୍ଞାନରୁ ଉତ୍ପନ୍ନ ପୃଥକତାର ଭାବନା ନଷ୍ଟ ହୋଇ ଆତ୍ମାର ଏକତ୍ୱର ଅନୁଭବ ଆସିଥାଏ । ସଂଶୟର ନିରସନ ଓ ଜ୍ଞାନର ଉଦୟ ହେବାରୁ ଧର୍ମର ନିଗୂଢ଼ ଅର୍ଥ ଓ ଏକମର୍ମିତାର ଅବବୋଧ ହୁଏ; ଗୋଟିଏ ଧର୍ମକୁ ଅନ୍ୟ ଧର୍ମଠାରୁ ପୃଥକ୍ ବୋଲି ଦର୍ଶାଇ ମଣିଷ-ମଣିଷ ଭିତରେ ଭେଦଭାବର ମିଥ୍ୟା ପ୍ରଚାର ସୃଷ୍ଟି କରୁଥିବା ବାହ୍ୟାଚାରଗୁଡ଼ିକ ଅଯଥାର୍ଥ ଓ ଅଳୀକ ବୋଲି  ହୃଦୟଙ୍ଗମ ହୁଏ। ଆତ୍ମାର ଶକ୍ତିସମୂହର ବିକାଶ ହେବାରୁ ଦର୍ଶନ ଓ ଶ୍ରବଣଶକ୍ତି ବ୍ୟାପକ ହୋଇଯାଏ। ଚାରିଆଡୁ ଆତ୍ମା ମଧ୍ୟକୁ ପ୍ରବେଶ କରୁଥିବା ଜ୍ଞାନକୁ ଗ୍ରହଣ କରିବା ପାଇଁ ତା'ର ସମସ୍ତ ଶକ୍ତି କ୍ରିୟାଶୀଳ ହୋଇଯାଏ। ତାକୁ ସଂସାର ସହିତ ଜଡ଼ାଇ ରଖିଥିବା ବାସନାସମୂହ ନଷ୍ଟ ହୋଇଯାଏ । ସେ 'ଅର୍ହତ' ହେବାପାଇଁ ଯୋଗ୍ୟ ହୋଇଯାଏ ।

ଆକାଶର ଅପରିମେୟ ଉଚ୍ଚତାରେ ଉଡୁଥିବା ପକ୍ଷୀ ପରି କୌଣସିଠାରେ ନିଜର ପାଦଚିହ୍ନ ନ ଛାଡ଼ି, କାହାରି ସହ ଛନ୍ଦି ନ ହୋଇ, କାହାକୁ ସ୍ପର୍ଶ ନ କରି ନିର୍ଲିପ୍ତ ଭାବରେ ଆଗକୁ ବଢ଼ି ଚାଲିଥିବା ସାଧକ କୌଣସି ବି ଝଡ଼ଝଞ୍ଜା ବା ପ୍ରତିକୂଳ ପରିସ୍ଥିତିର ଆଘାତରେ ବିଚଳିତ ହୁଏ ନାହିଁ, ଆତଙ୍କିତ ହୁଏ ନାହିଁ । ବରଂ ନିଜେ ପ୍ରାପ୍ତ ହୋଇଥିବା ଶାନ୍ତିକୁ ସଂସାରରେ ବାଣ୍ଟିଚାଲେ ।

---

ଏ ଅବସ୍ଥାରେ ଉପନୀତ ହୋଇଥିବା Adept ବା ସିଦ୍ଧପୁରୁଷ ପୃଥିବୀ ପରି ସହନଶୀଳ, ବଜ୍ର ପରି କଠୋର, ଶାନ୍ତ ହ୍ରଦ ପରି ନିର୍ମଳ ହୋଇଥା'ନ୍ତି । ଯଥାର୍ଥ ଜ୍ଞାନରୁ ପ୍ରାପ୍ତ ମୁକ୍ତିର ଅନୁଭବ ତାଙ୍କର ଚିନ୍ତା, ବଚନ ଓ କାର୍ଯ୍ୟ ସବୁକିଛିକୁ ଶାନ୍ତ କରିଦିଏ । ନିଜର ଯାତ୍ରା ସମ୍ପନ୍ନ କରି ନିଜକୁ ଚାରିପଟୁ ସ୍ୱତନ୍ତ୍ର କରିଦେଇଥିବା ସାଧକର ଆଉ ବନ୍ଧନ ଓ ଦୁଃଖର ଅସ୍ତିତ୍ୱ ହିଁ ନ ଥାଏ ।

ସାଧନା-ମାର୍ଗର ଶେଷପ୍ରାନ୍ତରେ ପହଞ୍ଚି ଅର୍ହତ ଆଉ ମାତ୍ର ପାଦଟିଏ ଆଗକୁ ପକାଇ ମାନବତାର ସୀମା ଲଂଘି ଦିବ୍ୟମାନବରେ ପରିଣତ ହୋଇଯା'ନ୍ତି, 'ଅଶେଖ' ହୋଇଯା'ନ୍ତି । ତାଙ୍କର ଆଉକିଛି ଶିଖିବାକୁ ବାକି ନ ଥାଏ । ଏହାହିଁ ସବୁ ସଂଘର୍ଷର ଅନ୍ତ ଓ ଅଖଣ୍ଡ ପରମ ଶାନ୍ତି । ଏହା ହିଁ ପ୍ରତ୍ୟେକ ମାନବତ୍ମାର ଚରମ ଲକ୍ଷ୍ୟ ।

ଏହି ଚରମ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସାଧନାର ମାର୍ଗରେ ଅନେକ କଷ୍ଟ, ଅନେକ ବାଧାବିଘ୍ନ ଆସିଥାଏ । ମାତ୍ର ଥରଟିଏ ମନ୍ଦିର ଭିତରେ, ଏପରିକି ବେଢ଼ା ମଧ୍ୟରେ ପ୍ରବେଶ କରିପାରିଥିବା ସାଧକକୁ କୌଣସି ପାର୍ଥିବ ପ୍ରଲୋଭନ ଆକର୍ଷିତ କରିପାରେ ନାହିଁ । କାରଣ ଏ ସ୍ତରରେ ମିଳୁଥିବା ଦୁଃଖ ବି ସମସ୍ତ ପାର୍ଥିବ ସୁଖଠାରୁ ଭଲ । ଏ ସ୍ତରର ଗୋଟିଏ ମାତ୍ର ଆଲୋକରେଖା ପୃଥିବୀର ସମସ୍ତ ଆଲୋକଠାରୁ ଅଧିକ ଉଜ୍ଜ୍ୱଳ । ଏ ସ୍ତରରେ ଉପଲବ୍ଧ ଶାନ୍ତି ଓ ଆନନ୍ଦ ଅନାହତ । ଏସବୁ ସାଧାରଣ ମଣିଷଙ୍କ ଧାରଣା ଓ ଅବବୋଧର ଅତୀତ । ଏ ସ୍ତରରେ ପହଞ୍ଚିଥିବା ସାଧକଙ୍କର ସ୍ଥିତି ଏତେ ଦୃଢ଼ ହୋଇଥାଏ ଯେ କୌଣସି ଭୂକମ୍ପ କି ବାତ୍ୟା ତାକୁ ହଲାଇ ପାରେ ନାହିଁ । ସେ ମନ୍ଦିର ମଧ୍ୟବର୍ତ୍ତୀ ଶାଶ୍ୱତ ଆନନ୍ଦର ସାମ୍ରାଜ୍ୟରେ ପହଞ୍ଚି ଯାଇଥାଏ ।

ସନାତନ ଧର୍ମରେ ଏହାକୁ 'ଜୀବନ୍ମୁକ୍ତ' ଅବସ୍ଥା ବୋଲି କୁହାଯାଇଛି । ବ୍ୟକ୍ତିତ୍ୱବୋଧ ବା ପୃଥକସ୍ଥିତିର ଭାବନାରୁ ମୁକ୍ତ ହୋଇ ନିଜର ବ୍ୟକ୍ତିଗତ ଇଚ୍ଛାକୁ ଅଦ୍ୱିତୀୟ ପରମସତ୍ତା ବା ପରଂବ୍ରହ୍ମଙ୍କ ଇଚ୍ଛା ସହିତ ମିଶାଇ ଦେଇଥିବା ଜୀବନ୍ମୁକ୍ତ ସିଦ୍ଧପୁରୁଷ ସଦାସର୍ବଦା ନିର୍ବାଣର ଅନିର୍ବାଣ-ଜ୍ୟୋତିରେ ଦେଦୀପ୍ୟମାନ ହୋଇ ରହିଥା'ନ୍ତି । ଏହି ଜ୍ୟୋତିଷ୍ମନ୍ତ ସ୍ୱରୂପ ହିଁ ମନ୍ଦିରର କେନ୍ଦ୍ରରେ ସ୍ଥାପିତ ପବିତ୍ରତମ ମୂର୍ତ୍ତି, ଜୀବର ନିର୍ମଳ ବିଶୁଦ୍ଧ ମହୋଜ୍ଜ୍ୱଳ ସତ୍ତା । ❖❖❖

# ଭାରତର ସ୍ୱତନ୍ତ୍ରତା ଓ ଦ୍ରଷ୍ଟା ଆନି ବେସାନ୍ତ୍

"May I live untill Indians rule India." ଏହା ଥିଲା ବୟସ୍କା ଡକ୍ଟର ଆନି ବେସାନ୍ତଙ୍କର ବକ୍ତବ୍ୟରେ ପ୍ରକାଶିତ ତାଙ୍କର ଆନ୍ତରିକ ବାସନା । ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ଜନ୍ମିଥିବା; ପତ୍ନୀତ୍ୱ, ମାତୃତ୍ୱ ଓ କର୍ମମୟ ଜୀବନର ଅନେକ ଚଳଚଞ୍ଚଳ ଉତ୍‌ଥାନ-ପତନମୟ ବର୍ଷ ବିତାଇଥିବା ଆନି ଛୟାଳିଶ ବର୍ଷ ବୟସରେ ୧୮୯୩ ମସିହା ନଭେମ୍ବର ୧୬ ତାରିଖରେ ଭାରତର ପବିତ୍ର ମାଟିରେ ପାଦ ରଖିଥିଲେ । ମାତ୍ର ଭାରତ ହିଁ ତାଙ୍କର ପ୍ରକୃତ ଜନ୍ମଭୂମି ବୋଲି ସେ ସ୍ୱୀକାର କରିଥିଲେ । ଇଂଲଣ୍ଡର ମାଟିରେ ଆରମ୍ଭ କରିଥିବା ଜନହିତକର କାର୍ଯ୍ୟ, ନିଷ୍ପେଷିତଙ୍କ ନେତୃତ୍ୱ, କୁସଂସ୍କାର ଦୂରୀକରଣ କ୍ଷେତ୍ରରେ ପଦକ୍ଷେପ, ସୁଶିକ୍ଷା ବିତରଣ ଇତ୍ୟାଦିକୁ ସେ ଭାରତଭୂମିରେ ହିଁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବାର ଦାୟିତ୍ୱ ସ୍ୱତଃପ୍ରବୃତ୍ତ ଭାବରେ ବହନ କରିଥିଲେ । ପ୍ରାଚୀନତମ ସଂସ୍କୃତି, ମହତ୍ତମ ଧର୍ମୀୟ ପରମ୍ପରାର ସମୁଜ୍ଜ୍ୱଳ ଭୂଖଣ୍ଡ ଦୀର୍ଘ ପରାଧୀନତା, ଶୋଷଣ-ପେଷଣର କବଳରେ ରହି ଘନଘୋର ଅନ୍ଧକାର ଭିତରେ ଦିଗହରା ହୋଇପଡ଼ିଥିବାର ଲକ୍ଷ୍ୟକରି ସେ ମର୍ମାହତ ହୋଇଥିଲେ ।

ଆନି ବେସାନ୍ତ୍ ପାଶ୍ଚାତ୍ୟ ପରିମଣ୍ଡଳରୁ ପ୍ରାଚ୍ୟ ଭୂଖଣ୍ଡକୁ ଆସିଥିବା ସାଧାରଣ ପରିଭ୍ରମଣକାରୀ ମହିଳା ନ ଥିଲେ । ଲଣ୍ଡନରେ ଥାଇ ୧୮୯୨ ମସିହା ଅକ୍ଟୋବର ୨୧ ତାରିଖରେ ସେ ଭାରତର ବ୍ରହ୍ମବିଦ୍ୟା ସମିତିର ସଭ୍ୟମାନଙ୍କୁ ଯେଉଁ ପତ୍ର ଲେଖିଥିଲେ, ସେଥିରେ ଉଲ୍ଲେଖ ଥିଲା, " x x x India is to me, as to every

theosophist, the 'sacred land' x x x ବ୍ରହ୍ମବିଦ୍ୟା ସମିତିର ପ୍ରସାର ଉଦ୍ଦେଶ୍ୟରେ ହିଁ ସେ ଭାରତକୁ ଆସିଥିଲେ । କିନ୍ତୁ ବ୍ରହ୍ମବିଦ୍ୟାର ଆଧ୍ୟାତ୍ମିକ ଜ୍ଞାନ ବିତରଣ ସଙ୍ଗେସଙ୍ଗେ ଏହି ମହାନ୍ ଐତିହ୍ୟସମ୍ପନ୍ନ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରୋତ୍ସାହନ ଓ ପ୍ରୟାସ ତାଙ୍କ ଜୀବନର ବ୍ରତ ହୋଇଯାଇଥିଲା ।

ଊନବିଂଶ ଶତକର ଶେଷାଂଶ ଓ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଭାରତରେ ସାମାଜିକ ସଂସ୍କାର ଓ ରାଜନୀତିକ ସ୍ୱାତନ୍ତ୍ର୍ୟ ପାଇଁ ଆନ୍ଦୋଳନର ଧାରା କ୍ରମେ ବୃଦ୍ଧି ପାଉଥିଲା । ଶ୍ରୀମତୀ ବେସାନ୍ତ୍ ସେହି ଧାରା-ପ୍ରବାହକୁ ପରିପୁଷ୍ଟ କରି ମହାପ୍ରବାହରେ ପରିଣତ କରିବା ପାଇଁ କୃତସଂକଳ୍ପ ଥିଲେ । ଏ ଦେଶର ଜନ-ଜୀବନକୁ ସୁସ୍ଥ, ସୁନ୍ଦର, ଶକ୍ତିମନ୍ତ କରିବା ତାଙ୍କର ଲକ୍ଷ୍ୟ ଥିଲା । ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପୁନର୍ଜାଗରଣଦ୍ୱାରା ଭାରତୀୟମାନେ ଆତ୍ମସଚେତନ ଓ ଆତ୍ମୋନ୍ନତିରେ ପ୍ରୟାସୀ ହେଲେ ପରାଧୀନତା ଦୂର ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା । ଭାରତର ଐତିହ୍ୟ ଓ ପରମ୍ପରା ସଂପର୍କରେ ତାଙ୍କର ସମ୍ୟକ୍ ଧାରଣା ଥିଲା । ଭାରତୀୟ ଜୀବନଶୈଳୀ ଓ ପୋଷାକ-ପରିଚ୍ଛଦକୁ ଆଦରି ନେବା ସଙ୍ଗେସଙ୍ଗେ ସେ ଏ ଦେଶର ପ୍ରାଚୀନ ଶାସ୍ତ୍ରୀୟ ଭାଷା ସଂସ୍କୃତ ଶିକ୍ଷାକରି ପ୍ରାଚୀନ ଶାସ୍ତ୍ର ଓ ସାହିତ୍ୟ ଅଧ୍ୟୟନ କରିଥିଲେ । ସେଥିରେ ନିହିତ ଆଧ୍ୟାତ୍ମିକ ତତ୍ତ୍ୱ ଓ ଉଚ୍ଚାଙ୍ଗ ଦର୍ଶନ ଭିତରେ ସେ ବ୍ରହ୍ମବିଦ୍ୟାର ମୌଳିକ ନିର୍ଯ୍ୟାସର ସନ୍ଧାନ ପାଇଥିଲେ । ଉପନିଷଦ, ରାମାୟଣ ଓ ଶ୍ରୀମଦ୍‌ଭଗବଦ୍‌ଗୀତା ସଂପର୍କରେ ତାଙ୍କର ବ୍ୟାଖ୍ୟାତ୍ମକ ପୁସ୍ତକମାନ ଭାରତୀୟ ଆଧ୍ୟାତ୍ମିକତାବାଦୀ ଚିନ୍ତନଧାରାକୁ ଉଜ୍ଜୀବିତ କରିଥିଲା । ଏ ଦେଶର ଅତୀତ ସଂପର୍କରେ ସଚେତନ ଥାଇ ସେ ମନ୍ତବ୍ୟ ରଖିଥିଲେ– "India in the past has shown that highest spirituality does not prevent, but ensures, the greatness of achievement in the many-aspected splender of a nation's life; under the shelter of her sublime religion she developed a literature of unparalleled intectual power, philosophical and metaphysical; her Art flowered into exquisite beauty; her dramas still purify and inspire.

Her physical prosperity endured millenium after millenium and her wealth was the envy of the world. Let her have freedom to develop on her own lines and she will again revive her ancient glory and even excel it in the future."

ଧର୍ମ ଥିଲା ପ୍ରାଚୀନ ଭାରତୀୟ ସମାଜ-ବ୍ୟବସ୍ଥାର ଆଧାର । ପ୍ରତ୍ୟେକ ବର୍ଣ୍ଣ, ପ୍ରତ୍ୟେକ ସ୍ତରର ମଣିଷ ଧର୍ମର ଅନୁସରଣ କରି କର୍ତ୍ତବ୍ୟ ନିର୍ବାହ କରୁଥିବାରୁ ଶୃଙ୍ଖଳିତ, ସୁସମୃଦ୍ଧ ଜୀବନଯାପନ ସମ୍ଭବ ହୋଇଥିଲା । ସେହି ଧର୍ମାନୁକୂଳ ଭାବଚେତନା ଓ ଆଧ୍ୟାତ୍ମିକ ସଚେତନତାର ଅବକ୍ଷୟ ହିଁ ଭାରତବାସୀଙ୍କ ପତନ ଓ ଦୁର୍ଦ୍ଦଶାର କାରଣ ହୋଇଛି ବୋଲି ସୂଚାଇ ଆଧ୍ୟାତ୍ମିକ ପୁନର୍ଜାଗରଣ ପାଇଁ ସେ ଆହ୍ୱାନ ଦେଇଥିଲେ । ଦୀର୍ଘକାଳର ବୈଦେଶିକ ଶାସନ ଅଧୀନରେ ଅସୁରକ୍ଷିତ, ଅସହାୟ ଜୀବନ ବଞ୍ଚିଥିବା ଭାରତୀୟ ଜନସାଧାରଣ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ ହରାଇ ବସିଥିଲେ । ବ୍ୟକ୍ତିଜୀବନର ଗୁରୁତ୍ୱ ମଧ୍ୟ ବିସ୍ମୃତ ହୋଇଥିଲା । ସେହି ରସର ସଞ୍ଚାର ହିଁ ଏ ଦେଶର ଜୀବନୀଶକ୍ତି, ପ୍ରାଣସ୍ଫୂର୍ତ୍ତି ଓ ଅଗ୍ରଗତିକୁ ତ୍ୱରାନ୍ୱିତ କରିପାରିବ ବୋଲି ଦିବ୍ୟଚେତନାର ଅଧିକାରିଣୀ ଋଷିପ୍ରାଣା ଆନି ବେସାନ୍ତ୍ ବୁଝିପାରିଥିଲେ । ୧୮୯୮ ମସିହା ଡିସେମ୍ବର ଶେଷ ସପ୍ତାହରେ ବ୍ରହ୍ମବିଦ୍ୟା ସମିତିର ଆନ୍ତର୍ଜାତିକ ମୁଖ୍ୟାଳୟ ଅଡ୍ୟାର୍‌ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମେଳନର ଉଦ୍‌ଯାପନୀ ଅଧିବେଶନରେ 'Theosophy and the Future of India' ଶୀର୍ଷକ ଅଭିଭାଷଣରେ ଶ୍ରୀମତୀ ବେସାନ୍ତ୍ କହିଥିଲେ, " x x x While nation after nation died and was buried, India — India older than the oldest of these — is not yet dead. Her dust is not yet on the funeral pyre. India still lives, breathing faint and low. India, the ancient mother, most ancient of all, still stands as Durga stands. Eternity lies behind the Goddess, but she remains ever young; for spirit knows no age, no birth, no dying. And where a nation stands emblem of spirituality, she must live..."

ଭାରତର ମୁକ୍ତି ତାଙ୍କର କାମ୍ୟ ଥିଲା । ଏ ଦେଶର ନର-ନାରୀଙ୍କୁ ଆଧ୍ୟାତ୍ମିକତା ଓ ଧର୍ମପ୍ରାଣତାରେ ଉଦ୍‌ବୁଦ୍ଧ କରାଇବା, ଭାରତର ମୌଳିକ ସଂସ୍କୃତି, ପରମ୍ପରା, କଳା, ସାହିତ୍ୟ, ଦର୍ଶନ ଆଦି ସଂପର୍କରେ ସଚେତନ କରାଇ ଆତ୍ମଗରିମାର ଦୀପ୍ତି ଜଗାଇବାକୁ ସେ ଏ ଦିଗରେ ପ୍ରାଥମିକ ପଦକ୍ଷେପ ରୂପେ ଗ୍ରହଣ କରିଥିଲେ । ସାଂପ୍ରଦାୟିକ ଭେଦଭାବର ଦୂରୀକରଣ, ହିମାଳୟଠାରୁ କେପ୍ କାମୋରିନ୍ ଓ ବଙ୍ଗଠାରୁ କାଥିଆବାଡ଼ (ଗୁଜରାଟ) ପର୍ଯ୍ୟନ୍ତ ବିସ୍ତୃତ ଭାରତଭୂମି ଜାତୀୟ ଏକତାର ଭାବ ସଞ୍ଚାର କରିବା ପାଇଁ ସେ ଯଥାସମ୍ଭବ ଉଦ୍ୟମ କରିଥିଲେ । ପ୍ରାଚୀନ ଭାରତର 'ବସୁଧୈବକୁଟୁମ୍ବକମ୍' ଆଦର୍ଶ, ସକଳ ଜାତି-ଧର୍ମ-ବର୍ଣ୍ଣର ସହାବସ୍ଥାନର ପରମ୍ପରା, ବିବିଧ ଦର୍ଶନର ସମନ୍ୱୟାତ୍ମକ ଧର୍ମ-ଧାରାକୁ ସେ ସପ୍ରଶଂସ ଦୃଷ୍ଟିରେ ଦେଖିଥିଲେ । ଏଇ ପୁଣ୍ୟଭୂମି ହିଁ ସାଂପ୍ରଦାୟିକ ଭେଦଭାବର ଦୂରୀକରଣ ପାଇଁ ଅନୁକୂଳ ବୋଲି ସେ ଉଦାତ୍ତ ସ୍ୱରରେ ଘୋଷଣା କରିଥିଲେ । ତାଙ୍କ ବିବେଚନାରେ ଭାରତର ଆଧ୍ୟାତ୍ମିକ ମହତ୍ତ୍ୱ ହିଁ ସର୍ବୋପରି ଥିଲା, ଆଉସବୁ ତା'ପରେ । ଏହି ପରାଧୀନ ଦେଶର ଜାଗରଣ ଓ ପୁନରଭ୍ୟୁଦୟ ପାଇଁ ଆଧ୍ୟାତ୍ମିକ ଚେତନା, ଅର୍ଥାତ୍ ଯଥାର୍ଥ ଧର୍ମଭାବନାର ପୁନଃସଂସ୍ଥାପନ ସର୍ବାଗ୍ରେ ଆବଶ୍ୟକ ବୋଲି ସେ ସୂଚିତ କରିଥିଲେ । ୧୯୧୦ରେ 'India's Awakening' ଶୀର୍ଷକ ବକ୍ତୃତାରେ ସେ କହିଥିଲେ, "x x x When the spiritual life has again become potent, when the educational life has again become pervasive, then only can material prosperity safely return. To men with the knowledge of the One, with the unselfishness which grows out of the realisation of the common life, to their hands only can be safely entrusted the material guidance of the people." ଜାତୀୟତାଭାବର ବିକାଶଦ୍ୱାରା କେବଳ ରାଜନୀତିକ ସ୍ୱାଧୀନତା ପ୍ରାପ୍ତିକୁ ସେ ଚରମ ଲକ୍ଷ୍ୟ ବୋଲି ମଣୁ ନ ଥିଲେ; ଏକ ସୁସ୍ଥ ସୁନ୍ଦର ସୁବିକଶିତ ଭାରତବର୍ଷ ଗଠନ ହିଁ ତାଙ୍କର ସ୍ୱପ୍ନ ଥିଲା ।

ଅଜ୍ଞତା, ଅନ୍ଧବିଶ୍ୱାସ, କୁସଂସ୍କାରର ଦୂରୀକରଣ ବିନା ସମାଜରେ ଜାଗୃତି ସମ୍ଭବ ନୁହେଁ, ଆନିଙ୍କ ପରି ଦୂରଦୃଷ୍ଟି ଓ ସୂକ୍ଷ୍ମଦୃଷ୍ଟିସମ୍ପନ୍ନା ମନସ୍ୱିନୀ ଏ ବିଷୟରେ ପୂର୍ଣ୍ଣ ସଚେତନ ଥିଲେ । ତେଣୁ ଶିକ୍ଷାର ପ୍ରସାର ପାଇଁ ସେ ବ୍ୟାପକ ଉଦ୍ୟମ

କରିଥିଲେ । କେବଳ ମୌଖିକ ଶିକ୍ଷା, ମୁଦ୍ରିତ ପୁସ୍ତକର ପଠନ-ପାଠନକୁ ସେ ଯଥେଷ୍ଟ ମନେ କରୁ ନ ଥିଲେ; ଜୀବନ ପାଇଁ ଯଥାର୍ଥ ମାର୍ଗଦର୍ଶନ ହିଁ ଶିକ୍ଷାର ପ୍ରକୃତ ଆଭିମୁଖ୍ୟ ବୋଲି ସେ ବୁଝିଥିଲେ । ଭାରତର ପ୍ରାଚୀନ ଶିକ୍ଷା-ପରମ୍ପରା ଓ ସନାତନ ଧର୍ମର ଉଚ୍ଚାଙ୍ଗ ଆଦର୍ଶକୁ ଆଧାର କରି ସେ ଏକ ନୂତନ ଶିକ୍ଷାକ୍ରମର ପ୍ରବର୍ତ୍ତନ କରିଥିଲେ । ଏ ଦେଶର ମୌଳିକ ଜୀବନାଦର୍ଶ ଓ ଦାର୍ଶନିକ ଚେତନାର ପ୍ରବର୍ତ୍ତନ, ଧର୍ମ-ନୈତିକତା-ଜାତିପ୍ରାଣତାର ସମନ୍ୱିତ ଭାବସଞ୍ଚାର, ଧର୍ମ-ଦର୍ଶନ-ବିଜ୍ଞାନର ଆଲୋକରେ ସତ୍ୟର ଅନ୍ୱେଷଣ ତଥା ଭ୍ରାତୃତ୍ୱବୋଧର ପ୍ରତିଷ୍ଠାକୁ ଏହି ଶିକ୍ଷାର ଆଦର୍ଶ ରୂପେ ଗ୍ରହଣ କରାଯାଇଥିଲା । ତାଙ୍କଦ୍ୱାରା ପ୍ରତିଷ୍ଠିତ 'Theosophical Education Trust' ମାଧ୍ୟମରେ ଅନେକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହୋଇଥିଲା । ବନାରସଠାରେ 'Central Hindu College' ପ୍ରତିଷ୍ଠା ଭାରତର ଶିକ୍ଷାକ୍ଷେତ୍ରକୁ ତାଙ୍କର ଶ୍ରେଷ୍ଠ ଅବଦାନ । ବିନା ସରକାରୀ ଅନୁଦାନରେ ପରିଚାଳିତ ଏହି ସଂସ୍ଥାରେ ବୌଦ୍ଧିକତା ଅପେକ୍ଷା ଉନ୍ନତ ଚରିତ୍ରକୁ, ସଫଳତା ଅପେକ୍ଷା ସେବା ଓ ଦେଶପ୍ରେମକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ପରବର୍ତ୍ତୀ କାଳରେ ସେହି ମହାବିଦ୍ୟାଳୟକୁ ଅଧିଗ୍ରହଣ କରି ପଣ୍ଡିତ ମଦନମୋହନ ମାଲବ୍ୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ । ୧୯୧୪ରେ ଶ୍ରୀମତୀ ବେସାନ୍ତ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'Young Men's Indian Association' ମେଧାବୀ ଭାରତୀୟ ଛାତ୍ରମାନଙ୍କର ବିଦେଶରେ ଉଚ୍ଚଶିକ୍ଷା ପାଇଁ ସହାୟତା କରୁଥିଲା । ଯୁବକମାନଙ୍କର ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ନିମନ୍ତେ ପ୍ରଶିକ୍ଷଣ ପାଇଁ ସେ 'Sons and Daughters of India' ନାମକ ସଂଗଠନ ଗଢ଼ିଥିଲେ । ମାତୃଜାତିର ଉତ୍‌ଥାନ, ନାରୀଶିକ୍ଷାର ପ୍ରସାରଦ୍ୱାରା ଏ ଦେଶର ବାତାବରଣକୁ ପ୍ରଗତିଶୀଳ କରାଇ ମୁକ୍ତିର ମଶାଲ ଜଳାଇବାର ପ୍ରେରଣା ମଧ୍ୟ ସେ ସୃଷ୍ଟି କରିଥିଲେ ।

ଭାରତରେ ବ୍ରିଟିଶ ଶାସନର ଅତ୍ୟନ୍ତ କଦର୍ଯ୍ୟ ରୂପ ଶାସକଗୋଷ୍ଠୀର ଅନ୍ଧତାର ପରିଚୟ ବୋଲି ଏଡ୍‌ୱାର୍ଡ୍ ହଲ୍‌ଟନ୍ ନାମକ ମାର୍କିନ୍ ଚିନ୍ତାନାୟକଙ୍କ ସହ ଏକ ସାକ୍ଷାତକାରରେ ଆନି ମନ୍ତବ୍ୟ ରଖିଥିଲେ । ଏ ଦେଶର ମହନୀୟ ଧର୍ମ-ପରମ୍ପରା, ଦାର୍ଶନିକ ଉତ୍କର୍ଷ ସଂପର୍କରେ ବିଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅବଗତ କରାଇ ବିଶ୍ୱଦରବାରର ସହାନୁଭୂତି ଓ ସମର୍ଥନ ଦ୍ୱାରା ଏହାର ସ୍ୱତନ୍ତ୍ରତାର ପଥ

ପରିଷ୍କାର କରିବା ପାଇଁ ସେ ଚେଷ୍ଟିତ ଥିଲେ । ତାଙ୍କଦ୍ୱାରା ପ୍ରତିଷ୍ଠିତ 'The Brothers of Service' ସଂସ୍ଥା ଏ ଦେଶରେ ଜାତୀୟ-ସଂହତି ପ୍ରତିଷ୍ଠା ସହିତ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରୟାସ କରୁଥିଲା । ସାମାଜିକ ସଂସ୍କାର ଓ ସାଂସ୍କୃତିକ ଜାଗରଣ ସଙ୍ଗେସଙ୍ଗେ ଔପନିବେଶିକ ଶାସନର ଉଚ୍ଛେଦ ସାଧନ ପାଇଁ ପ୍ରେରଣା ସୃଷ୍ଟି କରୁଥିବା ଏହି ଅନୁଷ୍ଠାନର ଆଭିମୁଖ୍ୟକୁ ସେ 'Wake up India' ପତ୍ରିକାରେ ପ୍ରକାଶ କରୁଥିଲେ ।

ଭାରତର ସର୍ବାଙ୍ଗୀନ କଲ୍ୟାଣ ଓ ଉନ୍ନତି ସାଧନ ପାଇଁ ଆନି ବେସାନ୍ତ୍ ବିବିଧ ପ୍ରକାରେ ଚେଷ୍ଟା କରୁଥିଲେ । ସେହି ଉଦ୍ଦେଶ୍ୟ ନେଇ ୧୯୧୩ରେ ସେ ଭାରତୀୟ ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିଲେ । ବ୍ରିଟିଶ ସରକାରଙ୍କ ଅପଶାସନ ବିରୁଦ୍ଧରେ ପ୍ରବଳ ଗଣ-ଅସନ୍ତୋଷ ସଂପର୍କରେ ସେ ସଚେତନ ଥିଲେ । ଏ ଦେଶର ଦୁର୍ଦ୍ଦଶାମୋଚନ ଓ ଅବସ୍ଥାର ଉନ୍ନତି ଦିଗରେ ସରକାରଙ୍କୁ ପ୍ରଭାବିତ କରିବାର ଉଦ୍ଦେଶ୍ୟ ନେଇ ୧୯୧୪ ମସିହାରେ ସେ 'The Common Well' ନାମକ ଏକ ସାପ୍ତାହିକ ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲେ । ଭାରତବାସୀଙ୍କୁ ସ୍ୱଦେଶର ମହାନ୍ ଐତିହ୍ୟ, ସମୃଦ୍ଧ ପରମ୍ପରା ସଂପର୍କରେ ସଚେତନ କରାଇବା ସହିତ ବ୍ରିଟିଶ ଶାସନର ଶୋଷଣନୀତି ହିଁ ଏ ଦେଶର ଦୁରବସ୍ଥାର କାରଣ ହୋଇଥିବା କଥା ମଧ୍ୟ ଦର୍ଶାଇଥିଲେ । ଇଂଲଣ୍ଡରୁ ଆସିଥିବା ଏହି ମହିଳାଙ୍କର ନିରପେକ୍ଷ ଦୃଷ୍ଟିକୋଣ, ଲୋକହିତୈଷଣା କେବଳ ଭାରତବାସୀଙ୍କୁ ନୁହେଁ, ସାରା ବିଶ୍ୱର ସଚେତନ ଚିନ୍ତାନାୟକଙ୍କୁ ପ୍ରଭାବିତ କରିଥିଲା ।

ଆନି ବେସାନ୍ତ୍ ସେ ସମୟର ଦୈନିକ ସମ୍ବାଦପତ୍ର 'Madras Standard' କୁ କିଣିନେଇ 'New India' ନାମ ଦେଲେ ଓ ନିଜେ ତା'ର ସମ୍ପାଦନା ଓ ପ୍ରକାଶନର ଦାୟିତ୍ୱ ନେଲେ । ନିଜ ନିରପେକ୍ଷତା ଓ ସଦାଶୟତାର ପରିଚୟ ଦେଇ ସେ ସରକାରଙ୍କର ଜନହିତକର ଯୋଜନା ଓ ପଦକ୍ଷେପଗୁଡ଼ିକର ସମର୍ଥନ ଓ ପ୍ରଶଂସା କରୁଥିଲେ; କିନ୍ତୁ ଜନସ୍ୱାର୍ଥବିରୋଧୀ ନିୟମଗୁଡ଼ିକର ପ୍ରତିବାଦ ମୁକ୍ତସ୍ୱରରେ କରୁଥିଲେ । ସାର୍ବଜନୀନ କଲ୍ୟାଣ ସାଧନ ପାଇଁ ଆଗ୍ରହ ଓ ପ୍ରଚେଷ୍ଟାଦ୍ୱାରା ହିଁ ଭାରତରେ ଜାତୀୟ ଏକତା ସ୍ଥାପନ ସମ୍ଭବ ବୋଲି ସେ

ବୁଝାଉଥିଲେ । ବିଭିନ୍ନ ପ୍ରଦେଶର ଅଧିବାସୀ ଭିନ୍ନଭିନ୍ନ ଭାଷାଭାଷୀ ହୋଇଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ ପାଇଁ ସେମାନେ ଇଂରାଜୀ ପରିବର୍ତ୍ତେ ସେ ସମସ୍ତଙ୍କର ମାତୃଭାଷାର ମୂଳଭାଷା ସଂସ୍କୃତର ବ୍ୟବହାର କଲେ, ସେହି ଭାଷାକୁ ସର୍ବସାଧାରଣ ମାତୃଭାଷା ରୂପେ ଉପସ୍ଥାପନ କଲେ ଜାତୀୟଭାବର ବନ୍ଧନ ଦୃଢ଼ ହୋଇ ପାରିବ ବୋଲି ସେ ମତ ରଖିଥିଲେ । ମାନସିକ ବିକାଶ, ଉଚ୍ଚ ଚିନ୍ତନ ଓ ସାଂସ୍କୃତିକ ଉଦ୍‌ବର୍ତ୍ତନ କ୍ଷେତ୍ରରେ ସଂସ୍କୃତ ଭାଷାର ବଳିଷ୍ଠ ଭୂମିକା ସଂପର୍କରେ ମଧ୍ୟ ସେ ସଚେତନତା ସୃଷ୍ଟି କରୁଥିଲେ । ସେଥିସହିତ ଅକାରଣ ବ୍ୟୟବହୁଳ ବିଦେଶୀ ପୋଷାକ ପ୍ରତି ଆଗ୍ରହ ନ କରି ଭାରତୀୟ ପରିବେଶରେ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ଏ ଦେଶର ପାରମ୍ପରିକ ପୋଷାକ ପିନ୍ଧିବା, ବିଦେଶୀ ଦ୍ରବ୍ୟ ନ କିଣି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାଦ୍ୱାରା ସ୍ୱଦେଶର କଳା-କାରିଗରି ଓ ଶିଳ୍ପ-ଉତ୍ପାଦନକୁ ପ୍ରୋତ୍ସାହନ ଦେବା, ସ୍ୱଦେଶର ଆର୍ଥିକ ସ୍ଥିତିକୁ ଦୃଢ଼ କରିବାରେ ସହାୟକ ହେବାକୁ ପ୍ରବର୍ତ୍ତାଇ ଥିଲେ । ଭାରତର ଜନସାଧାରଣଙ୍କ ଦାରିଦ୍ର୍ୟ ଦୂର କରିବା ପାଇଁ ତାହାର କାରଣର ନିରାକରଣ ଦିଗରେ ପ୍ରୋତ୍ସାହିତ କରୁଥିଲେ । ଭୌତିକ ଉନ୍ନତି, ଆର୍ଥିକ ସ୍ୱଚ୍ଛଳତା ଅପେକ୍ଷା ଆଧ୍ୟାତ୍ମିକ ଜୀବନକୁ ପ୍ରାଥମିକତା ଓ ଅଧିକ ଗୁରୁତ୍ୱ ଦେବାର କାରଣ ହେଲା, ସେ ଥିଲେ ସୂକ୍ଷ୍ମଦର୍ଶିତା ଓ ଦିବ୍ୟାନୁଭବଶକ୍ତିର ଅଧିକାରିଣୀ । ସାମୂହିକ ଚିନ୍ତାର ଗୁରୁତ୍ୱ ଓ ସୁଦୂରପ୍ରସାରୀ ପ୍ରଭାବ ସଂପର୍କରେ ସେ ପୂର୍ଣ୍ଣମାତ୍ରାରେ ସଚେତନ ଥିଲେ । ପ୍ରତ୍ୟକ୍ଷ ଭାବେ କାର୍ଯ୍ୟସାଧନ କିମ୍ବା ବକ୍ତୃତା କି ଲେଖାଦ୍ୱାରା ଅନ୍ୟକୁ ପ୍ରଭାବିତ କରିବାରେ ଅସମର୍ଥ ସାଧାରଣ ମଣିଷମାନଙ୍କର ସ୍ୱରାଜ୍ୟ ପାଇଁ ପ୍ରବଳ ଆକାଙ୍‌କ୍ଷା, ଅନ୍ତରର ବ୍ୟାକୁଳତା ସ୍ୱରାଜ ପ୍ରତିଷ୍ଠାର ଲକ୍ଷ୍ୟରେ ସଂଗ୍ରାମରତ ଭାରତୀୟ ଭାଇ-ଭଉଣୀଙ୍କର ଉତ୍ସାହ ଓ ଶକ୍ତି-ସାମର୍ଥ୍ୟ ବଢ଼ାଇବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ୧୯୧୭ ମସିହା ଏପ୍ରିଲ ମାସ ୭ ତାରିଖରେ ସେ ‘Order of Brothers of Service’ ନାମକ ଏକ ଅନୁଷ୍ଠାନ ଗଢ଼ିଥିଲେ । ସେହି ଅନୁଷ୍ଠାନ ଭାରତରେ ଜାତୀୟସଂହତି ପ୍ରତିଷ୍ଠା ଓ ଏ ଦେଶର ସର୍ବାଙ୍ଗୀନ ଉନ୍ନତି ସାଧନ ଦିଗରେ ଚେଷ୍ଟିତ ଥିଲା ।

ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଲଢୁଥିବା ଜାତୀୟ କଂଗ୍ରେସରେ ୧୯୦୭ର ସୁରାଟ ଅଧିବେଶନରେ ଆରମ୍ଭ ହୋଇଥିବା ମତଭେଦକୁ ଦୂର କରି

ଲକ୍ଷ୍ୟ ସାଧନ ଦିଗରେ ତତ୍ପର ହେବାପାଇଁ ଆନି ବେସାନ୍ତ୍ ନରମପନ୍ଥୀ ଗୋପାଳକୃଷ୍ଣ ଗୋଖେଲ୍ ଓ ଚରମପନ୍ଥୀ ବାଲ୍ ଗଙ୍ଗାଧର ତିଳକଙ୍କ ଗୋଷ୍ଠୀକୁ ଏକତ୍ର କରାଇଥିଲେ । ୧୯୧୫ ଫେବୃୟାରୀ ୧୯ ତାରିଖରେ ଗୋଖେଲ୍ଙ୍କ ଇହଲୀଳା ସମାପନ ପରେ ଆନିଙ୍କ ଦାୟିତ୍ୱ ବଢ଼ି ଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ଭାରତୀୟମାନଙ୍କର ସାହାଯ୍ୟ-ସହଯୋଗର ପ୍ରତିଦାନରେ ସ୍ୱାଧୀନତା ମିଳିବା ଉଚିତ ବୋଲି ସେ ଦାବି କରିଥିଲେ । 'ଅଲ୍ ଇଣ୍ଡିଆ ହୋମ୍ ରୁଲ୍ ଲିଗ୍' ସ୍ୱରାଜ୍ୟ-ଅଭିଳାଷୀ ପରାଧୀନ ଭାରତର ରାଜନୀତି-କ୍ଷେତ୍ରକୁ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ । ଭାରତୀୟ ଲୋକଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ସ୍ୱଦେଶର ଶାସନଭାର ବହନ କରନ୍ତୁ, ଦେଶର ସୁରକ୍ଷା ବ୍ୟବସ୍ଥା, ଆର୍ଥିକ ତଥା ସାମାଜିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାର ଅଧିକାର ପାଆନ୍ତୁ ବୋଲି ସେ ଦାବୀ କରିଥିଲେ । ବାଲ୍ ଗଙ୍ଗାଧର ତିଳକ ଓ ଆନି ବେସାନ୍ତ୍ ସମଗ୍ର ଭାରତର ବିଭିନ୍ନ ସ୍ଥାନକୁ ଯାଇ ଏହି ସଂଗଠନର ଶାଖାମାନ ପ୍ରତିଷ୍ଠା କରିବାରେ ଲାଗିଲେ, ସଭାସମିତି କଲେ, ବିଭିନ୍ନ ସିଦ୍ଧାନ୍ତ ନିଆଗଲା । ସି.ପି. ରାମସ୍ୱାମୀ ଆୟାର୍, ଯମୁନା ଦାସ, ଦ୍ୱାରକା ଦାସ, ମୋତିଲାଲ ନେହେରୁ, ତେଜ ବାହାଦୁର ସାପ୍ରୁ ପ୍ରମୁଖ ଏଥିରେ ଯୋଗଦେଲେ ଓ ଆନ୍ଦୋଳନ ତେଜିବାରେ ଲାଗିଲା ।

ଭାରତରେ ଚାଲିଥିବା ସ୍ୱରାଜ୍ୟବାଦୀ ଆନ୍ଦୋଳନର ସମର୍ଥନରେ ୧୯୧୫ରେ ଇଂଲଣ୍ଡରେ ମଧ୍ୟ ଏକ ହୋମ୍ ରୁଲ୍ ଲିଗ୍ ଗଠିତ ହୋଇଥିଲା । ତାହାର ଆନୁକୂଲ୍ୟରେ ଆନି ବେସାନ୍ତ୍ଙ୍କଦ୍ୱାରା ଲିଖିତ 'India —A Nation' ପୁସ୍ତକ ପୁନଃପ୍ରକାଶିତ ହୋଇଥିଲା । ୧୯୧୬ରେ ଇଂରେଜ ସରକାର ସେହି ପୁସ୍ତକର ପ୍ରସାର ଉପରେ କଟକଣା ଲଗାଇଲେ । ଭାରତରେ ତାଙ୍କର ସ୍ୱାୟତ୍ତ ଶାସନବାଦୀ ଆନ୍ଦୋଳନ ଓ ବିଭିନ୍ନ ରାଜନୀତିକ କ୍ରିୟାକଳାପର ପ୍ରଚାର-ପ୍ରସାର ପାଇଁ ତାଙ୍କର 'The Common Weal' ଓ 'New India' ସାପ୍ତାହିକ ପତ୍ରଦ୍ୱୟ ସହାୟକ ହୋଇଥିଲେ । ହୋମ୍ ରୁଲ୍ ଲିଗ୍ର କାର୍ଯ୍ୟଧାରାରେ ବିଚଳିତ ହୋଇ ବ୍ରିଟିଶ ସରକାର ତିଳକ୍‌ଜୀଙ୍କ ବିରୁଦ୍ଧରେ ମକଦ୍ଦମା ଚଳାଇଲେ ଓ 'New India' କାଗଜର ଅଧିକାରୀ ଆନି ବେସାନ୍ତଙ୍କଠାରୁ ଅର୍ଥ ଦାବି କଲେ । ସେ ସମ୍ବାଦପତ୍ରଟିକୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ ।

ଭାରତୀୟ ଜନଗଣଙ୍କ ପ୍ରତି ହୃଦୟଭରା ସହାନୁଭୂତି ଓ ଅନୁରାଗ ନେଇ ଆନି ବେସାନ୍ତ୍ ଏ ଦେଶର ସ୍ୱତନ୍ତ୍ର ଓ ଉନ୍ନତ ରୂପ ଦେଖିବାକୁ ଚାହୁଁଥିଲେ । ଏ ଦେଶ ଜନତାଙ୍କର ସ୍ୱାୟତ୍ତଶାସନର ଦାବୀକୁ ନ୍ୟସ୍ତସ୍ୱାର୍ଥ ବ୍ରିଟିଶ ସରକାର ଭ୍ରୂକ୍ଷେପ ନ କରିବାରୁ ଆନ୍ଦୋଳନ ଚଳାଇ ସେ ସରକାରଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଆନିଙ୍କ ସଂଗଠନ ଶକ୍ତି ଓ ପ୍ରଭାବଶାଳୀ ବକ୍ତୃତା ସମ୍ବନ୍ଧରେ ସଚେତନ ଥାଇ ସରକାର ସତର୍କତାମୂଳକ ପଦକ୍ଷେପ ରୂପେ ତାଙ୍କର ଗତିବିଧିକୁ ବ୍ୟାହତ କରିବାର ଚେଷ୍ଟା କରିଥିଲେ । ବମ୍ବେ ପ୍ରେସିଡେନ୍‌ସି ଓ ମଧ୍ୟପ୍ରଦେଶର ପ୍ରଶାସନ ତାଙ୍କୁ ନିଜ ଅଞ୍ଚଳରେ ପ୍ରବେଶ କରିବାରେ ବାଧା ଦେଇଥିଲେ । ଭାରତ ଛାଡ଼ି ଚାଲିଯିବା ପାଇଁ ମଧ୍ୟ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସରକାରୀ ନିର୍ଦ୍ଦେଶ ଅବମାନନା ପାଇଁ ତାଙ୍କୁ ଉତ୍‌କାମଣ୍ଡ଼ଠାରେ ଅଟକ ରଖାଯାଇଥିଲା । ଏପରି ଦମନମୂଳକ ନୀତି ସାରା ଦେଶରେ ଝଡ଼ ସୃଷ୍ଟି କଲା । ସେ ଝଡ଼ ବ୍ରିଟେନ୍, ଫ୍ରାନ୍‌ସ, ରୁଷିଆ, ଆମେରିକା ଆଦି ଦୂର ଦେଶମାନଙ୍କରେ ମଧ୍ୟ କମ୍ପନ ସୃଷ୍ଟି କଲା । ହାଉସ୍ ଅଫ୍ କମନ୍‌ସ୍ ଓ ଭାଇସ୍‌ରୟ୍‌ଙ୍କ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ ପ୍ରଶ୍ନ ଉଠିଲା ଓ ହଇଚଇ ସୃଷ୍ଟି ହେଲା ।

ସାରା ଦେଶରେ କଂଗ୍ରେସ ନେତୃବର୍ଗଙ୍କ ପ୍ରୋତ୍ସାହନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଲା । ମାସମାସ ଧରି ଚାଲିଥିବା ଗଣଆନ୍ଦୋଳନର ଚାପ ଫଳରେ ବ୍ରିଟିଶ ସରକାର ବାଧ୍ୟ ହୋଇ ୧୯୧୭ ଅଗଷ୍ଟ ମାସ ୨୦ ତାରିଖରେ ଘୋଷଣା କଲେ ଯେ ଭାରତରେ ଏକ ଦାୟିତ୍ୱସମ୍ପନ୍ନ ସରକାର ପ୍ରତିଷ୍ଠା କରିବା ଗ୍ରେଟ୍ ବ୍ରିଟେନ୍‌ର ଲକ୍ଷ୍ୟ ଓ ଭାରତୀୟ ଜନତାଙ୍କ ମତର ଅନୁଧ୍ୟାନ ପାଇଁ ଭାରତ ପାଇଁ ନିଯୁକ୍ତ ଶାସନ-ସଚିବ ଏଠାକୁ ଆସିବେ । ଜନ-ଅସନ୍ତୋଷକୁ ଏଡ଼ାଇ ପରିସ୍ଥିତି ଶାନ୍ତ ରଖିବା ପାଇଁ ଆନି ବେସାନ୍ତ୍‌ଙ୍କ ସମେତ ତିନିଜଣ ଅଟକବନ୍ଦୀଙ୍କୁ ମୁକ୍ତ କରିଦିଆଗଲା, ଯାହା ଭାରତର ଜାତୀୟ ଏକତାର ବିଜୟ ସୂଚିତ କରିଥିଲା । ୧୯୧୭ରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଆନି ବେସାନ୍ତ୍ ନିର୍ଦ୍ୱନ୍ଦ୍ୱରେ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହେଲେ । ସେ ଥିଲେ କଂଗ୍ରେସର ପ୍ରଥମ ମହିଳା ସଭାପତି । ତାଙ୍କ ପ୍ରତି ଭାରତୀୟଙ୍କ ଶ୍ରଦ୍ଧା ଓ ବିଶ୍ୱାସର ଏହାଥିଲା ଚରମ ନିଦର୍ଶନ ।

ଭାରତ-ସଚିବ ମଣ୍ଟେଗୁ ଓ ଭାଇସ୍‌ରୟ୍ ଚେମସ୍‌ଫୋର୍ଡ୍ ସାରାଦେଶରେ ରାଜନୀତିକ ମତାମତର ଅନୁଧ୍ୟାନ କରୁଥିବା ଅବକାଶରେ ଜାତୀୟ କଂଗ୍ରେସ ଓ ମୁସଲିମ୍ ଲିଗ୍ ଦିଲ୍ଲୀଠାରେ ୧୯୧୭ ନଭେମ୍ବର ୨୬ ତାରିଖରେ ଦୁଇଟି ହୋମ୍ ରୁଲ୍ ଲିଗ୍ ଉପସ୍ଥାପନ କରିଥିଲେ । ସେତେବେଳକୁ କେବଳ ଶିକ୍ଷିତଶ୍ରେଣୀ ନୁହେଁ, ବଣିକ, କୃଷକ, ଶ୍ରମିକ, ଏପରିକି ନାରୀମାନେ ମଧ୍ୟ ହୋମ୍ ରୁଲ୍ ବା ସ୍ୱାୟତ୍ତଶାସନ ସପକ୍ଷରେ ଏକମତ ହୋଇସାରିଥିଲେ । ସାଧୁ-ସନ୍ନ୍ୟାସୀ ମଧ୍ୟ ଏହାର ପ୍ରଚାର କରିବାରେ ଲାଗିଥିଲେ ଓ ଏହା ଏକ ମନ୍ତ୍ରରେ ପରିଣତ ହୋଇଯାଇଥିଲା । Annie Besant ଙ୍କ ମତରେ, "The cry of Home Rule, Swaraj (Self-Rule), ringing from all parts of India, is really a cry for that which is most priceless in a Nations' life, for the life of its very Soul, for its right to grow, to evolve, on its own National lines." (Annei Besant in India,p.400)

ମଣ୍ଟେଗୁ-ଚେମସ୍‌ଫୋର୍ଡ୍‌ଙ୍କ ଶାସନ-ସଂସ୍କାରର ବିବରଣୀ ୧୯୧୮ରେ ପ୍ରକାଶ ପାଇଲା । ସ୍ୱାୟତ୍ତ ଶାସନର ସମର୍ଥକମାନେ, କଂଗ୍ରେସର ଚରମପନ୍ଥୀ ଓ ନରମପନ୍ଥୀ ସମସ୍ତେ ସେହି ନୈରାଶ୍ୟଜନକ ବିବରଣୀ ପାଇଁ ଅସନ୍ତୁଷ୍ଟ ହୋଇ ସେଥିରେ ସଂଶୋଧନ ଓ ପରିବର୍ତ୍ତନ ଦାବି କଲେ । ରାଉଲାଟ୍ ଆକ୍ଟ ବିରୁଦ୍ଧରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଅହିଂସାନୀତିକୁ ଆଧାର କରିଥିଲେ ହେଁ ଆଇନ-ଅମାନ୍ୟ କରିବାର ପନ୍ଥାକୁ ଆନି ସମର୍ଥନ କରି ନ ଥିଲେ । ଏହାଦ୍ୱାରା ବିଶୃଙ୍ଖଳା ଓ ଅରାଜକତା ପରି ପ୍ରତିକୂଳ ବାତାବରଣ ସୃଷ୍ଟି ହେବାର ସମ୍ଭାବନା ବିଷୟରେ ସେ ଆଶଙ୍କା ପ୍ରକାଶ କରିଥିଲେ । ଗାନ୍ଧିଜୀଙ୍କ ନୀତିକୁ ସମର୍ଥନ ଜଣାଇ ଜାତୀୟ କଂଗ୍ରେସର ସଭ୍ୟମାନେ ୧୯୧୯ରେ ତାଙ୍କୁ ସଭାପତି ରୂପେ ନିର୍ବାଚିତ କଲେ । ୧୯୧୭ରୁ ୧୯୧୯ ମଧ୍ୟରେ ସଭାପତି ଥିବା ଆନି କେବଳ ସମ୍ମିଳନୀଗୁଡ଼ିକରେ ସଭାପତିତ୍ୱ କରି ନିରସ୍ତ ହେଉ ନ ଥିଲେ । ବର୍ଷଯାକ ବିଭିନ୍ନ କାର୍ଯ୍ୟକ୍ରମ ଚଳାଉଥିଲେ ଓ ନିଜେ ସେହିସବୁ କାର୍ଯ୍ୟକ୍ରମକୁ ଦିଗ୍‌ଦର୍ଶନ ଦେଉଥିଲେ । ପରବର୍ତ୍ତୀକାଳରେ ମଧ୍ୟ ଭାରତରେ ସ୍ୱାୟତ୍ତଶାସନର ପ୍ରବର୍ତ୍ତନ ବିଷୟରେ ସେ ଏ ଦେଶର ନେତାମାନଙ୍କ ସହିତ ତଥା ବ୍ରିଟିଶ କର୍ମକର୍ତ୍ତାଙ୍କ ସହିତ ବାରମ୍ବାର

ଆଲୋଚନା କରୁଥିଲେ । ସେ ମତ ଦେଇଥିଲେ, "If India be fully admitted into the common wealth of Nations, if she possesses Dominion status at Home as well as abroad, then may a world peace brood over our seething nations." (Ibid, p.409)

ଭାରତର ସମ୍ବିଧାନ ଭାରତୀୟଙ୍କ ଦ୍ୱାରା ହିଁ ପ୍ରଣୀତ ହେବା ବିଧେୟ । ଏହି ସୁସଙ୍ଗତ ମତକୁ ଭିତ୍ତିକରି ବିଭିନ୍ନ ବର୍ଗର ୨୫୬ ଜଣ ଜନପ୍ରତିନିଧିଙ୍କୁ ନେଇ ଏକ ସମ୍ମେଳନର ଆୟୋଜନ କରାଯାଇଥିଲା । ବାରମ୍ବାର ପର୍ଯ୍ୟାଲୋଚନା ଓ ସଂଶୋଧନ ପରେ ୧୯୨୫ରେ ପ୍ରସ୍ତୁତ Common Wealth of India Bill କୁ ବ୍ରିଟିଶ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ଶ୍ରୀମତୀ ବେସାନ୍ତ୍ ଲଣ୍ଡନ୍ ଯାଇଥିଲେ । ଗ୍ରାମୀଣ ସ୍ତରରୁ ଆରମ୍ଭ କରି ତାଲୁକା, ଜିଲ୍ଲା, ପ୍ରଦେଶ ଓ ଭାରତ ଦେଶର ସାମୂହିକ ସ୍ତରରେ ଭାରତୀୟମାନେ କିପରି ସ୍ୱାୟତ୍ତଶାସନର ଅଧିକାର ପାଇବେ ଓ ଦାୟିତ୍ୱ ନିର୍ବାହ କରିବେ, ସେହି ବିଷୟରେ ଉଲ୍ଲେଖ ଥିବା ଏହି ବିଲ୍ ଶ୍ରମିକ ଦଳଦ୍ୱାରା ସମର୍ଥିତ ହୋଇଥିଲା । ଉଲ୍ଲେଖ କରିବା ଆବଶ୍ୟକ ଯେ ଆନି ବେସାନ୍ତ୍ ୧୯୨୧ ମସିହାରେ ମାଡ୍ରାସ୍‌ଠାରେ ଯେଉଁ Political Club ଆରମ୍ଭ କରିଥିଲେ, ସେହିଠାରୁ ହିଁ ଭାରତର ସମ୍ବିଧାନ ପ୍ରଣୟନ କରିବାର ଚିନ୍ତାଧାରା ଜନ୍ମ ନେଇଥିଲା । ୧୯୨୫ରୁ ୧୯୨୯ ମସିହା ଭିତରେ ସେ ବିଭନ୍ନ ମତବାଦୀ ରାଜନୀତିକ ଦଳ ଓ ନେତାଙ୍କୁ ଏକତ୍ର କରିବା ଦିଗରେ ପ୍ରୟାସ କରିଚାଲିଥିଲେ ।

ଆନି ବେସାନ୍ତ ନିଜ ଅନ୍ତର୍ଦୃଷ୍ଟି ବଳରେ ଭାରତବର୍ଷର ପ୍ରାଚୀନ ଧର୍ମସଂସ୍କୃତିର ମହତ୍ତ୍ୱ, ତା'ର ଅବକ୍ଷୟର କାରଣ ସଂପର୍କରେ ଜାଣି ପାରିଥିଲେ ଓ ତା'ର ପୁନରୁଦ୍ଧାର ପାଇଁ ଉଦ୍ୟମ କରିଥିଲେ । ଭାରତର ରାଜନୀତିକ ସ୍ୱାଧିକାର ପ୍ରାପ୍ତି ସହିତ ସର୍ବାଙ୍ଗୀନ ଉନ୍ନତି ତାଙ୍କର କାମ୍ୟ ଥିଲା । ସେ ବିଚକ୍ଷଣ ବାଗ୍ମୀ ଥିଲେ । ତାଙ୍କର ବକ୍ତବ୍ୟ ଅନ୍ତରର ବିଶ୍ୱାସକୁ ବ୍ୟକ୍ତ କରୁଥିଲା । ମୁହଁର କଥାକୁ କାର୍ଯ୍ୟରେ ପରିଣତ କରିବାର ଏକନିଷ୍ଠ ଦୃଢ଼ତା ଓ ସାହସ ମଧ୍ୟ ତାଙ୍କର ଥିଲା । ତାଙ୍କ ସଂପର୍କରେ ମହାତ୍ମାଗାନ୍ଧୀଙ୍କର ଉକ୍ତି ଉଦ୍ଧାର କରାଯାଇପାରେ, "Religion is interwoven in Dr. Besant's life and she has built a bridge between politics and

religion. Swaraj without religion is of no use. It is Dr. Besant who has awakened India from her deep slumber and I pray that she may live long to witness a free India." (New India, 2 October, 1928) କିନ୍ତୁ ୧୯୩୩ ମସିହାରେ ଆନିବେସାନ୍ତଙ୍କ ପବିତ୍ର ଆତ୍ମା ଭୌତିକ ଶରୀର ତ୍ୟାଗ କଲା । ତାଙ୍କ ମହାପ୍ରୟାଣର ୧୪ ବର୍ଷ ପୂରିବା ପୂର୍ବରୁ ଭାରତ ସ୍ୱାଧୀନ ହେଲା । ଶେଷନିଃଶ୍ୱାସ ଚାଲିଥିବା ପର୍ଯ୍ୟନ୍ତ ଭାରତର ସହାୟତା କରିବେ ବୋଲି ବ୍ରହ୍ମବିଦ୍ୟା ସମିତିର ପଞ୍ଚବିଂଶତମ ବାର୍ଷିକ ଆନ୍ତର୍ଜାତିକ ସମ୍ମେଳନରେ ଘୋଷଣା କରିଥିବା ମହୀୟସୀ ଆନି ଏ ଦେଶ ପାଇଁ କେବଳ ରାଜନୀତିକ ସ୍ୱତନ୍ତ୍ରତା ଓ ଭୌତିକ ସମୃଦ୍ଧି ଲୋଡୁ ନ ଥିଲେ । ଯଦି ଭାରତର ପୁନରୁତ୍‌ଥାନ ହୁଏ, ଯଦି ଭାରତରେ ପ୍ରାଚୀନକାଳ ପରି ପବିତ୍ର ଆଧ୍ୟାତ୍ମିକ ଭାବର ପୁନଃସଞ୍ଚାର ହୁଏ, ତେବେ ଏ ଜାତି ତା'ର ଆଧ୍ୟାତ୍ମିକ ଜ୍ଞାନ, ବୌଦ୍ଧିକ ଶକ୍ତି ଓ ଆଦର୍ଶ ସାମାଜିକ-ସଂଗଠନ ବଳରେ ସାରା ସଂସାରରେ ମହିମାମୟ ଆସନର ଅଧିକାରୀ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ ଦିଗରେ ଚେଷ୍ଟିତ ହେବା ପ୍ରତ୍ୟେକ ଭାରତ-ସନ୍ତାନଙ୍କର ନୈତିକ ଦାୟିତ୍ୱ ।

❖❖❖



## ଡକ୍ଟର ଚିନ୍ମୟୀ ମହାପାତ୍ର
(ଜନ୍ମ : ୬ ଜୁନ୍ ୧୯୬୦ ମସିହା)

## ରଚିତ ପୁସ୍ତକାବଳୀ

**ପ୍ରବନ୍ଧ ଓ ସମାଲୋଚନା :**

କବିତା ସମୀକ୍ଷା
ଓଡ଼ିଆ ଭାଷା– ଏକ ଐତିହାସିକ ଅନୁଶୀଳନ
ପ୍ରାକ୍-ସ୍ୱାଧୀନତା ଓଡ଼ିଆ କାବ୍ୟ-କବିତାରେ ବିଭିନ୍ନ ସ୍ୱର
ବିଚାର ବିଚିତ୍ରା
କାବ୍ୟକଳା: କବି ମାନସ
ସବୁଜ ସମୟ
କିଛି ତତ୍ତ୍ୱ: କିଛି ତଥ୍ୟ
ବିଦଗ୍ଧ ଚିନ୍ତାମଣି : କେତୋଟି ଦୃଷ୍ଟିପାତ
କୁମାର ସମ୍ଭବମ୍ ପଞ୍ଚମ ସର୍ଗ : ଅନୁବାଦ ଓ ଆଲୋଚନା
ଓଡ଼ିଆ କାବ୍ୟ-କବିତାରେ ମିଥ୍ ପ୍ରୟୋଗ
ଶ୍ରୀଜଗନ୍ନାଥ : ତତ୍ତ୍ୱ ଓ ସାହିତ୍ୟ
କବି-ମାନସ ଚର୍ଚ୍ଚା-ବିଚାର
କାବ୍ୟ- ବିତାନରେ ପ୍ରକୃତି
ଫକୀର ମୋହନଙ୍କ ସାହିତ୍ୟରେ ଓଡ଼ିଆ ଭାଷାର ସ୍ୱରୂପ
ନୈସର୍ଗିକା
ଚରିତ୍ର ଓ ଚିନ୍ତନ
ଶୁଭ ସକାଳର ପ୍ରତୀକ୍ଷା

Religious Tradition of Assam and Lord Jagannath
Religious Tradition of West Bengal and Lord Jagannath
Religious Tradition of Odisha and Lord Jagannath
Religious Tradition of India and Lord Jagannath

**କବିତା ସଂକଳନ :**

ନିଃସଙ୍ଗ ପଥିକ
ଈଶ୍ୱର ଉବାଚ
ଗଙ୍ଗଶିଉଳି
ମୂର୍ଚ୍ଛନା

**ଗଳ୍ପ ସଂକଳନ:**

ସୂର୍ଯ୍ୟ ଉଇଁବା ପୂର୍ବରୁ
କାହାଣୀ ମଧୁପର୍କ
ହାକୁଲୁ
ଶିଖର

**ଶିଶୁ-କିଶୋର :**

ଗୀତଟିଏ ଗପଟିଏ

ସରସ୍ୱତୀ ପ୍ରକାଶନ
ତଳ ତେଲେଙ୍ଗାବଜାର, କଟକ-୯

9 788199 679832